# ଧରିତ୍ରୀ
DHARITRI

ରାୟଗଡ଼ା, ଶୁକ୍ରବାର, ଜୁଲାଇ ୧୯ /୨୦୧୯ (୧୬ ପୃଷ୍ଠା) Rayagada, Friday, July 19 / 2019 ★

୯ମ ଭାଗ ୧୬୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ପ୍ରିୟଙ୍କା ଚୋପ୍ରାଙ୍କୁ ୩୭ ଛୁଇଁଲା**

ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ୩୭ବର୍ଷରେ ପାଦ ଦେଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ସୋସିଆଲ ମିଡିଆରେ ଶୁଭେଚ୍ଛା ବାର୍ତ୍ତା ମିଳିଛି।

୦୨

୧୫

**ସିନ୍ଧୁ କ୍ୱାର୍ଟରଫାଇନାଲରେ**

ପି. ଭି. ସିନ୍ଧୁ ଇଣ୍ଡୋନେସିଆନ ଓପନ୍ ବ୍ୟାଡ୍‌ମିଣ୍ଟନ ମହିଳା ସିଙ୍ଗଲ୍ସ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।



## ■ ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ବାଚସ୍ପତିଙ୍କ ଅବଜ୍ଞା, ବିଧାନସଭା ଦିନକ ପାଇଁ ସ୍ଥଗିତ

# ଆସ୍ଥାଭୋଟ କରାଇଦେଲେନି

**କର୍ଣ୍ଣାଟକରେ ଜଟିଳ ସଙ୍କଟ**

- ■ ରାଜ୍ୟପାଳଙ୍କୁ ହସ୍ତକ୍ଷେପ ଲାଗି ଅନୁରୋଧ କରିଥିଲା ଭାଜପା
- ■ ଗୁରୁବାର ଆସ୍ଥାଭୋଟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଭଜୁଭାଇ ଭାଲା
- ■ ରାତିସାରା ବିଧାନସଭାରେ ଭାଜପା ବିଧାୟକଙ୍କ ଧାରଣା ନିଷ୍ପତ୍ତି
- ■ କଂଗ୍ରେସ ବିଧାୟକଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ଆଣିଲା ଦଳ



ବାଚସ୍ପତି କେ.ଆର. ରମେଶ କୁମାର



ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ

ବେଙ୍ଗାଲୁରୁ,୧୮।୭ (ପି.ଟି./ଆଇଏଏନ୍ଏସ୍)

ଘଡ଼ିକେ ଘୋଡ଼ା ଛୁଟୁଛି। କର୍ଣ୍ଣାଟକ ରାଜନୀତିର ପାଣି କେତେବେଳେ କେଉଁ ଆଡ଼କୁ ବହିବ କିଛି କହି ହେଉନାହିଁ। ୧୬ ବିଦ୍ରୋହୀ ବିଧାୟକଙ୍କ ଇସ୍ତଫା ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ସରକାରଙ୍କୁ ସଂଖ୍ୟାଲଘୁରେ ପରିଣତ କରି ରାଜ୍ୟରେ ରାଜନୈତିକ ସଙ୍କଟ ସୃଷ୍ଟି କରିଛି। ଏଥିଲାଗି ବିଧାନସଭାରେ ଗୁରୁବାର ଆସ୍ଥାଭୋଟ ହେବାକୁ ଥିବାବେଳେ ଦେଖିବାକୁ ମିଳିଥିଲା ହାଇଡ୍ରାମା। ଏଥିରେ ସାମିଲ ହୋଇଥିଲେ ଉଭୟ ଶାସକ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)-କଂଗ୍ରେସ ମେଣ୍ଟ ଏବଂ ବିରୋଧୀ ଭାଜପା ବିଧାୟକମାନେ। ଫଳରେ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସେପଟେ ଭାଜପା ନେତାମାନେ ରାଜ୍ୟପାଳ ଭଜୁଭାଇ ଭାଲାଙ୍କୁ ଭେଟି ହସ୍ତକ୍ଷେପ ଲୋଡ଼ିଥିଲେ। ଗୁରୁବାର ହିଁ ଶକ୍ତିପରୀକ୍ଷା କରାଇବା ଲାଗି ବାଚସ୍ପତି କେ.ଆର୍. ରମେଶ କୁମାରଙ୍କୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିଧାନସଭାରେ ହଟ୍ଟଗୋଳ ଓ ଅଚଳାବସ୍ଥାକୁ ଆଳକରି ବାଚସ୍ପତି ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କଲେ। ଏହାର ପ୍ରତିବାଦରେ ବିରୋଧୀ ଦଳ ନେତା ବି.ଏସ୍. ୟେଦୁରପ୍ପାଙ୍କ ସମେତ ଭାଜପା ବିଧାୟକମାନେ ରାତିସାରା ବିଧାନସଭାରେ ଧାରଣାରେ ବସିବାର ନିଷ୍ପତ୍ତି ନେଲେ। ଶୁକ୍ରବାର ଆସ୍ଥାଭୋଟ କରା ନ ଗଲେ ପରବର୍ତ୍ତୀ ଦୁଇଦିନ ଶନିବାର ଓ ରବିବାର ଛୁଟି ପଡୁଥିବାରୁ ସୋମବାର ରାଜ୍ୟ ରାଜନୀତି କେଉଁ ଆଡ଼େ ମୁହାଁଇସାରିଥିବ ସେନେଇ ଆକଳନ କରିବା କଷ୍ଟକର।

ବାଚସ୍ପତିଙ୍କ ଅନୁମତି ପରେ ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ମେଣ୍ଟ ସରକାର ସପକ୍ଷରେ ଆସ୍ଥାଭୋଟ ପାଇଁ ସଂକ୍ଷିପ୍ତ ପ୍ରସ୍ତାବ ଆଗତ କରିଥିଲେ। ତାଙ୍କ ନେତୃତ୍ୱାଧୀନ ୧୪ ମାସିଆ ସରକାର ପ୍ରତି ବିଦ୍ରୋହୀ ବିଧାୟକମାନେ ସନ୍ଦେହ ବ୍ୟକ୍ତ କରିଛନ୍ତି। କର୍ଣ୍ଣାଟକର ଘଟଣାକ୍ରମକୁ ସାରା ଦେଶ ଦେଖୁଛି। ଆମକୁ ସତ କହିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରସ୍ତାବ ଆଗତ ହେବା ମାତ୍ରେ ଭାଜପା ନେତା ୟେଦୁରପ୍ପା ଛିଡ଼ାହୋଇ କହିଥିଲେ, ଆସ୍ଥାଭୋଟ ପ୍ରକ୍ରିୟା ଦିନକ ମଧ୍ୟରେ ହିଁ ଶେଷ ହେବା ଉଚିତ। ଏହାର ଜବାବରେ କୁମାରସ୍ୱାମୀ କହିଥିଲେ, ବିରୋଧୀ ଦଳ ନେତା ତରତର ହେଉଥିବା ଭଳି ମନେହେଉଛି। ସୁପ୍ରିମକୋର୍ଟ ରାୟ ପରିପ୍ରେକ୍ଷୀରେ ହୁଇପ୍ ଜାରି କରିବା ନେଇ ବାଚସ୍ପତି ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ଆସ୍ଥାଭୋଟ ଟାଳିବା ପାଇଁ କଂଗ୍ରେସ ବିଧାୟକ ଦଳ (ସିଏଲ୍‌ପି) ନେତା ସିଦ୍ଧାରାମାୟା ପ୍ରସ୍ତାବ ଦେଇଥିଲେ। ସେ କହିଥିଲେ, ୧୫ ବିଦ୍ରୋହୀ ବିଧାୟକ ସୁପ୍ରିମକୋର୍ଟଙ୍କ ରାୟ ଦ୍ୱାରା ପ୍ରଭାବିତ ହୋଇ ଅନୁପସ୍ଥିତ ଅଛନ୍ତି। ସିଏଲ୍‌ପି ନେତା ଭାବେ ସେ ଜାରି କରିଥିବା ହୁଇପ୍‌ର ଭାଗ୍ୟ ସମ୍ପର୍କରେ ବାଚସ୍ପତି ଏକ ରୁଲିଂ ଦିଅନ୍ତୁ। ଅନାସ୍ଥା ପ୍ରସ୍ତାବକୁ ଗ୍ରହଣ କରିବା ଅସାମ୍ବିଧାନିକ ବୋଲି ସିଦ୍ଧାରାମାୟା ଦର୍ଶାଇଥିଲେ। ଏସମ୍ପର୍କରେ ଆଡ୍‌ଭୋକେଟ ଜେନେରାଲଙ୍କ ପରାମର୍ଶ ନେବେ ବୋଲି କହି ବାଚସ୍ପତି ମଧ୍ୟାହ୍ନଭୋଜନ ପାଇଁ ଗୃହକୁ ସ୍ଥଗିତ ରଖିଥିଲେ। ଗୃହକାର୍ଯ୍ୟ ପୁଣି ଆରମ୍ଭ ହେବା ପରେ ଶାସକ ଓ ବିରୋଧୀ ସଦସ୍ୟ ହୁଇପ୍ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିଥିଲେ। ଭାଜପା ନେତାମାନେ ରାଜ୍ୟପାଳଙ୍କ ଦ୍ୱାରସ୍ଥ ହେବା ପରେ ଭଜୁଭାଇ ଭାଲାଙ୍କ ବାର୍ତ୍ତାକୁ ବାଚସ୍ପତି ଗୃହରେ ପଢ଼ି ଉପସ୍ଥିତ ସଦସ୍ୟଙ୍କୁ ଶୁଣାଇଥିଲେ। ସେପଟେ ସରକାର ଭାଙ୍ଗିବା ପାଇଁ ବିଧାୟକ ଶ୍ରୀମନ୍ତଙ୍କୁ ଭାଜପା ଅପହରଣ କରିଛି ବୋଲି କଂଗ୍ରେସ ଅଭିଯୋଗ ଆଣିଥିଲା। ତାଙ୍କୁ ଅପହରଣ ପରେ ଏକ ସ୍ୱତନ୍ତ୍ର ବିମାନରେ ମୁମ୍ବାଇ ନେଇ ଜବରଦସ୍ତି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହାର ପ୍ରମାଣ ଦିଆଯିବ ବୋଲି ବରିଷ୍ଠ ମନ୍ତ୍ରୀ ଡି.କେ. ଶିବକୁମାର କହିଥିଲେ। ଉଦ୍ଦେଶ୍ୟମୂଳକ ଭାବେ ଗୃହକାର୍ଯ୍ୟ ବିଳମ୍ବିତ କରାଯାଉଥିବା ଅଭିଯୋଗ ଆଣି ଭାଜପା ଅସନ୍ତୋଷ ବ୍ୟକ୍ତ କରିଥିଲା। ଏହାକୁ ନେଇ ବାଚସ୍ପତି ଓ ଭାଜପା ସଦସ୍ୟ ମଧୁସ୍ୱାମୀଙ୍କ ମଧ୍ୟରେ କଥା କଟାକଟି ହେବା ପରେ ଗୃହକୁ ଘଣ୍ଟାକ ପାଇଁ ସ୍ଥଗିତ କରାଯାଇଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ପୁଣି ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ୩ ଥର ସ୍ଥଗିତ ହେବା ପରେ ମଧ୍ୟ ସ୍ୱାଭାବିକ ଅବସ୍ଥା ନ ଆସିବାରୁ ସନ୍ଧ୍ୟାରେ ବାଚସ୍ପତି ବିଧାନସଭାକୁ ଶୁକ୍ରବାର ପୂର୍ବାହ୍ନ ୧୧ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ହେଲେ ଆସ୍ଥାଭୋଟ ନେଇ ବିତର୍କ ହୋଇପାରି ନ ଥିଲା। ନିଜ ସପକ୍ଷରେ ୧୦୫ ଏବଂ ଶାସକ ମେଣ୍ଟ ନିକଟରେ ୧୦୦ରୁ କମ୍ ବିଧାୟକଙ୍କ ସମର୍ଥନ ଥିବା ଦାବି କରୁଥିବା ୟେଦୁରପ୍ପା ଏହାକୁ ବିରୋଧ କରିଥିଲେ। ବାଚସ୍ପତିଙ୍କ ଏହି ନିଷ୍ପତ୍ତି ପ୍ରତିବାଦରେ ସେ ଓ ଭାଜପା ସଦସ୍ୟମାନେ ରାତିସାରା ବିଧାନସଭାରେ ଧାରଣା ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଇତିମଧ୍ୟରେ କଂଗ୍ରେସ ବିଧାୟକ ଶ୍ରୀମନ୍ତ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି କହିଛନ୍ତି, ତାଙ୍କୁ କେହି ଅପହରଣ କରିନାହାନ୍ତି। ଛାତିରେ ଯନ୍ତ୍ରଣା ହେବାରୁ ସେ ମୁମ୍ବାଇର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

## କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିଲମ୍ବନ ଦାବି କଲେ ବିରୋଧୀ

**ପାଟକୁରାରେ ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣା**

- ■ ଗୃହ ମୁଲତବୀ, ଧାରଣାରେ ବସିଲେ ଭାଜପା, କଂଗ୍ରେସ

ଭୁବନେଶ୍ୱର, ୧୮।୭ (ବ୍ୟୁରୋ)

ଖବରଦାତାଙ୍କୁ ଦୁର୍ବ୍ୟବହାର କରିଥିବା କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ହଟାଯାଉ, ନଚେତ୍ ଗୃହ ଚଳାଇ ଦେବୁ ନାହିଁ। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ବିଧାନସଭାରେ ହଟ୍ଟଗୋଳ କରିଥିଲେ। ପ୍ରସଙ୍ଗ ଗୋଟିଏ ହେଲେ ମଧ୍ୟ ଭାଜପା ଏବଂ କଂଗ୍ରେସ ଭିନ୍ନ ଭିନ୍ନ ଢଙ୍ଗରେ ସରକାରଙ୍କୁ ଘେରିଛନ୍ତି। ପାଳି କରି ଉଭୟ ଦଳ ଗୃହକୁ ବାରମ୍ବାର ଅଚଳ କରିଛନ୍ତି। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରେ ବିରୋଧୀଙ୍କ ହୋ ହଲ୍ଲା ଯୋଗୁ ବିଭିନ୍ନ ପର୍ଯ୍ୟାୟରେ ୧୧ଟା ୪୯ ମିନିଟ୍‌ରୁ ଅପରାହ୍ନ ୩ଟା ଯାଏ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ଶୂନ୍ୟକାଳ ଆରମ୍ଭ ମାତ୍ରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ପାଟକୁରାଠାରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତବେଳେ ଏକ ଟିଭି ଚ୍ୟାନେଲ ଖବରଦାତାଙ୍କୁ କେନ୍ଦ୍ରାପଡା ଏସ୍‌ପି ମାଡ଼ ମାରିଥିବା ବିଷୟ ଉଠାଇଥିଲେ। ସେ କହିଥିଲେ ଯେ, ରାଜ୍ୟରେ ଖବରଦାତାମାନେ ମଧ୍ୟ ସୁରକ୍ଷିତ ନୁହନ୍ତି। ଏସ୍‌ପି ଖବରଦାତାଙ୍କୁ ଦୁର୍ବ୍ୟବହାର କରିଛନ୍ତି, ମାଡ଼ ମାରିଛନ୍ତି। ତୁରନ୍ତ ଏସ୍‌ପିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଜିଲାପାଳମାନେ ବିଜେଡିର ଜିଲା ସଭାପତି ଏବଂ ଏସ୍‌ପିମାନେ ଜିଲା ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ସାମ୍ବାଦିକମାନେ ଖବର ସଂଗ୍ରହ କରିବାକୁ ଯାଇଥାନ୍ତି। ସେମାନଙ୍କୁ ଏଭଳି ବ୍ୟବହାର କରିବା କେତେଦୂର ଯଥାର୍ଥ ବୋଲି ପ୍ରଦୀପ୍ତ ପ୍ରଶ୍ନ କରିଥିଲେ। ଏସ୍‌ପିଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସେ ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ବିରୋଧୀ ଦଳ ନେତା ଉଠାଇଥିବା ପ୍ରସଙ୍ଗକୁ ସମର୍ଥନ କରି କହିଥିଲେ, ବୁଧବାର ମୁଖ୍ୟମନ୍ତ୍ରୀ ପାଟକୁରାରେ ରୋଡ୍ ଶୋ' କରୁଥିଲେ। ଗୋଟିଏ ଟିଭି ଚ୍ୟାନେଲର ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରାଗଲା, ରାଜ୍ୟରେ ଗଣତନ୍ତ୍ର ନା ରାଜତନ୍ତ୍ର ନା ପୋଲିସତନ୍ତ୍ର ନା ନବୀନତନ୍ତ୍ର ଚାଲିଛି। ଦେଶ ଓ ରାଜ୍ୟ ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ ବୋଲି ସେ କହିଥିଲେ।

ଭାଜପା ସଭ୍ୟ ବିଷ୍ଣୁଚରଣ ସେଠୀ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ଗତ ଦୁଇ ତିନି ଦିନ ପୂର୍ବରୁ ଆମେ ଆଇନଶୃଙ୍ଖଳା କଥା ଉଠାଇଥିଲୁ। ମୁଖ୍ୟମନ୍ତ୍ରୀ ଏହାର ଜବାବ ରଖିଲେ। ସେହି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଖବରଦାତାଙ୍କୁ ଧକ୍କା ମରାଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ପରିସରକୁ ଜମି ହଡ଼ପ ମାମଲାରେ ଯାଇଥିବା ସାମ୍ବାଦିକମାନଙ୍କୁ ମଧ୍ୟ ସେଠାରେ ଭଡ଼ାଟିଆ ଗୁଣ୍ଡା ଲଗାଇ ମାଡ଼ ମରାଗଲା। ସେହି ସଂସ୍ଥାର ଲୋକଙ୍କୁ ବିଜେଡି ଟିକେଟ ଦେଇଛି। ଗଣତନ୍ତ୍ରର ଚତୁର୍ଥସ୍ତମ୍ଭକୁ କାହିଁକି ସୁରକ୍ଷା ଦିଆଯାଉନାହିଁ। ମହାରାଷ୍ଟ୍ରରେ ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ଆଇନ ରହିଛି। ରାଜ୍ୟରେ ମଧ୍ୟ ସାମ୍ବାଦିକଙ୍କ ପାଇଁ ଆଇନ ହେଉ। ବାଚସ୍ପତି ଏନେଇ ରୁଲିଂ ଦିଅନ୍ତୁ ବୋଲି ସେ କହିଥିଲେ। ଏହି ସମୟରେ ଭାଜପା ସଭ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରୁଲିଂ ଦିଆଯାଉ ବୋଲି ବାଚସ୍ପତିଙ୍କ ନିକଟରେ ଦାବି କରିଥିଲେ। ମାତ୍ର ବାଚସ୍ପତି ସଭ୍ୟମାନଙ୍କୁ ନିଜ ସିଟ୍‌କୁ ଚାଲିଯିବାକୁ କହିବା ସହିତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ସହଯୋଗ ପାଇଁ ଅନୁରୋଧ କରିଥିଲେ। ଏ ବିଷୟରେ ଚିନ୍ତା କରି କହିବି ବୋଲି ବାଚସ୍ପତି କହିଥିଲେ। ମାତ୍ର ଭାଜପା ସଭ୍ୟମାନେ ବାଚସ୍ପତିଙ୍କ କଥାକୁ ଏଡ଼ାଇ ଦେଇ ନାରାବାଜି କରିବା ସହ ଗୃହରେ ଧାରଣାରେ ବସିଥିଲେ।

## କୁଳଭୂଷଣଙ୍କୁ ତୁରନ୍ତ ମୁକ୍ତ କରୁ ପାକିସ୍ତାନ: ଜୟଶଙ୍କର

ନୂଆଦିଲ୍ଲୀ, ୧୮।୭(ପି.ଟି.): କୁଳଭୂଷଣ ଯାଦବଙ୍କ ମୃତ୍ୟୁଦଣ୍ଡାଦେଶର ସମୀକ୍ଷା କରିବା ଲାଗି ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ) ପାକିସ୍ତାନକୁ ନିର୍ଦ୍ଦେଶ ଦେବାର ଦିନକ ପରେ ଇସ୍‌ଲାମାବାଦ ତାଙ୍କୁ ତୁରନ୍ତ ମୁକ୍ତକରୁ ବୋଲି ଗୁରୁବାର ଭାରତ ପକ୍ଷରୁ ଦାବି କରାଯାଇଛି। ଏହି ପୂର୍ବତନ ନୌସେନା ଅଧିକାରୀଙ୍କୁ ଫେରାଇ ଆଣିବା ଲାଗି ଭାରତ ତା'ର ଉଦ୍ୟମ ଜାରି ରଖିବ ବୋଲି ପାର୍ଲାମେଣ୍ଟର ଉଭୟ ଗୃହରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି।



ବାଂଲାଦେଶର କୁରିଗ୍ରାମ ଜିଲାରେ ବନ୍ୟାରେ ଜଳମଗ୍ନ ଘର ଓ ଚାଷଜମିର ଆକାଶମାର୍ଗରୁ ଦୃଶ୍ୟ।



ଆସାମର କାଜିରଙ୍ଗା ଜାତୀୟ ଉଦ୍ୟାନ ବନ୍ୟାଜଳରେ ବୁଡ଼ିଯାଉଥିବାବେଳେ ପ୍ରାଣ ବିକଳରେ ଏକ ଘରେ ଆଶ୍ରୟ ନେଇଛି ବାଘ।

**ଆଜିର ସମ୍ପାଦକୀୟ**

**ଭୁଲ୍ ନିଷ୍ପତ୍ତି**

**ଆଜିର ମନ୍ତବ୍ୟ**

"ତ୍ରିପୁରାକୁ ଗଣତନ୍ତ୍ର ହତ୍ୟାର କ୍ଷେତ୍ରରେ ପରିଣତ କରିଦେଇଛି ଭାଜପା।

– ମାଣିକ ସରକାର, ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

୨୦୧୮-୧୯ରେ ଦେଶରେ ୨୧୧.୬ ନିୟୁତ ଟନ ପେଟ୍ରୋଲିୟମ ସାମଗ୍ରୀ ବ୍ୟବହାର ହୋଇଛି। ଏହା ମଧ୍ୟରେ ଡିଜେଲ ୮୩.୫ ନିୟୁତ ଟନ ଏବଂ ପେଟ୍ରୋଲ ୨୮.୩ ନିୟୁତ ଟନ୍ ରହିଛି।

– ପେଟ୍ରୋଲିୟମ ମନ୍ତ୍ରଣାଳୟ

**ବନ୍ଦ ହେବ ଗରିବ ରଥ**

୧୩


NECC NATIONAL EGG CO-ORDINATION COMMITTEE 18.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 67 | 115 | 125 |
| CTC | 66 | 114 | 124 |
| DKL | 66 | 114 | 124 |
| BDK | 65 | 113 | 123 |
| BLS | 65 | 113 | 123 |
| ANG | 65 | 113 | 123 |
| BHM | 65 | 113 | 123 |

*Conditions Apply

Eggs Retail Price- 46/-Dozen

Issued in the Interest of Consumers


## ବାପାଙ୍କ ମୃତଦେହ କାନ୍ଧେଇ ଶ୍ମଶାନକୁ ନେଲେ ତିନି ଝିଅ

**ସାନ ଝିଅ ଦେଲେ ମୁଖାଗ୍ନି**

ମାଲକାନଗିରି, ୧୮।୭(ଡି.ଏନ୍.ଏ.)

ଘରେ କାହାର ମୃତ୍ୟୁ ହେଲେ ପୁରୁଷମାନେ ମୃତଦେହକୁ କୋକେଇରେ କାନ୍ଧେଇ ଶ୍ମଶାନ ପର୍ଯ୍ୟନ୍ତ ନିଅନ୍ତି। ଘରର ପୁଅ ହିଁ ମୁଖାଗ୍ନି ଦିଅନ୍ତି। ଏହା ଆମ ସମାଜରେ ପୁରୁଷ ପୁରୁଷ ଧରି ପ୍ରଚଳିତ ପ୍ରଥା। ଯଦିଓ କେଉଁଠି କେଉଁଠି ଏବେ ଝିଅମାନେ ମୁଖାଗ୍ନି ଦେବାର ବ୍ୟତିକ୍ରମ କଲେଣି, କିନ୍ତୁ ତାହା କ୍ୱଚିତ୍। ଗୁରୁବାର ମାଲକାନଗିରିରେ ଦେଖିବାକୁ ମିଳିଥିବା ଚିତ୍ର ଏସବୁରୁ ଭିନ୍ନ। ବାପାଙ୍କ ମୃତ୍ୟୁ ପରେ ତିନି ଝିଅ ମୃତଦେହକୁ କାନ୍ଧେଇ ଶ୍ମଶାନ ପର୍ଯ୍ୟନ୍ତ ନେବା ପରେ ସାନ ଝିଅ ସମସ୍ତ କର୍ମ ତୁଲାଇ ମୁଖାଗ୍ନି ଦେଇଛନ୍ତି।

ସୂଚନା ଅନୁଯାୟୀ, ମାଲକାନଗିରି ସଦର ୧୧୯ କଲୋନୀର ସୁକାନ୍ତ କୁମାର ପଟ୍ଟନାୟକ ଏକ ସାଇକେଲ ଦୋକାନ କରି ପରିବାର ଚଳାଇ ଆସୁଥିଲେ। ଗୁରୁବାର ସକାଳେ ହୃଦ୍‌ଘାତରେ ତାଙ୍କର ଆକସ୍ମିକ ମୃତ୍ୟୁ ହୋଇଥିଲା। ଖବର ପାଇ ସାହି ପଡିଶା ସୁକାନ୍ତଙ୍କ ଘରେ ଜମା ହୋଇଥିଲେ। ପୁଅ ନ ଥିବାରୁ କିଏ ମୁଖାଗ୍ନି ଦେବ ଏ ନେଇ ଚାଲିଲା ଚର୍ଚ୍ଚା। ଏହା ମଧ୍ୟରେ ତାଙ୍କର ତିନି ଝିଅ ସସ୍ମିତା, ସ୍ମିତା ଓ ସଙ୍ଗୀତା ବାପାଙ୍କ ମୃତଦେହକୁ କାନ୍ଧ ଦେବା ସହ ମୁଖାଗ୍ନି ଓ ଅନ୍ୟ ସମସ୍ତ କର୍ମ କରିବେ ବୋଲି କହି ଆଗେଇ ଆସିଥିଲେ। କୋକେଇରେ ବାପାଙ୍କ ମୃତଦେହ କାନ୍ଧେଇ ଚାଲିଥିଲେ ମାଲକାନଗିରି ରାସ୍ତାରେ। ପରେ ଶ୍ମଶାନରେ ସାନ ଝିଅ ସଙ୍ଗୀତା ପିଣ୍ଡ ଦାନ ଏବଂ କ୍ରିୟାକର୍ମ କରି ବାପାଙ୍କ ମୃତଦେହକୁ ମୁଖାଗ୍ନି ଦେଇଥିଲେ। ଏହି ଘଟଣା ମାଲକାନଗିରିବାସୀଙ୍କ ମନରେ ଆଲୋଡନ ସୃଷ୍ଟି କରିଛି।



ବାପାଙ୍କ ମୃତଦେହକୁ ଝିଅମାନେ କାନ୍ଧେଇ ନେଉଛନ୍ତି।

## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ସ୍ୟାଟ୍ ଉଚ୍ଛେଦ ମାମଲା**

କଟକ ଅଫିସ,୧୮।୭

ସ୍ୟାଟ୍ ଉଚ୍ଛେଦ ମାମଲା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟତଃ ସ୍ୟାଟ୍‌ରେ ନିଯୁକ୍ତି ସଂକ୍ରାନ୍ତରେ ସରକାର କ'ଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ସେ ସମ୍ପର୍କିତ ତଥ୍ୟ ଅଗଷ୍ଟ ୮ ତାରିଖ ମଧ୍ୟରେ ହାଇକୋର୍ଟଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର ଏବଂ କଟକ ସ୍ୟାଟ୍ ବାର୍ ଆସୋସିଏଶନ୍ ପକ୍ଷରୁ ଗୁରୁବାର ଆଗତ ଏହି ମାମଲାର ଶୁଣାଣି ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏବଂ ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ହୋଇଥିଲା। ସ୍ୟାଟ୍ ଉଚ୍ଛେଦ ନେଇ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିବା ପରେ ଏହି ମାମଲା ରୁଜୁ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ବୁଦ୍ଧଦେବ ରାଉତରାୟ ଯୁକ୍ତି ଦର୍ଶାଇଥିଲେ ଯେ, ସ୍ୟାଟ୍ ଉଚ୍ଛେଦ ନେଇ ଉଭୟ କେନ୍ଦ୍ର କିମ୍ବା ରାଜ୍ୟ ସରକାର କୌଣସି ନିଷ୍ପତ୍ତି ଗ୍ରହଣ କରିପାରିବେ ନାହିଁ। କାରଣ ଏହା ତାଙ୍କ କ୍ଷମତା ପରିସର ବାହାରେ। ତେଣୁ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେବା ସମ୍ପୂର୍ଣ୍ଣ ବେଆଇନ। ଦ୍ୱିତୀୟତଃ ଏଭଳି ନିଷ୍ପତ୍ତି ନେବା ପରେ ସ୍ୟାଟ୍‌ରେ ବିଭିନ୍ନ ପଦବୀ ପୂରଣ ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ନିଯୁକ୍ତି ନ ହେବା ଦ୍ୱାରା ଅନେକ ପଦବୀ ଫାଙ୍କା ପଡ଼ିଛି। ସାମ୍ପ୍ରତିକ ଅବସ୍ଥାରେ ସ୍ୟାଟ୍‌ରେ ୭୦ହଜାର ମାମଲା ବିଚାର ନ ହୋଇ ପଡ଼ି ରହିଥିବା ଆଡଭୋକେଟ ରାଉତରାୟ ଦର୍ଶାଇଥିଲେ।

## ■ ସୀମାନ୍ତରେ ଲାଲ୍‌ବାହିନୀର ହିଂସା

# ଇନ୍‌ଫର୍ମର ସନ୍ଦେହରେ ୨ଜଣଙ୍କୁ ହତ୍ୟା

- ■ ଅନ୍ୟ ଜଣେ ଗ୍ରାମବାସୀଙ୍କୁ ନିସ୍ତୁକ ମାଡ଼
- ■ ଘଟଣାସ୍ଥଳରେ ମାଓବାଦୀ ପୋଷ୍ଟର

ମାଲକାନଗିରି/ଚିତ୍ରକୋଣ୍ଡା, ୧୮।୭ (ଡି.ଏନ୍.ଏ. /ସ୍ୱ.ପ୍ର.)

ସୀମାନ୍ତ ଆନ୍ଧ୍ରରେ ବୁଧବାର ରାତିରେ ବର୍ବରୋଚିତ ହିଂସାକାଣ୍ଡ ଘଟାଇଛନ୍ତି ମାଓବାଦୀ। ପୋଲିସ ଇନ୍‌ଫର୍ମର ସନ୍ଦେହରେ ୨ ଜଣଙ୍କୁ ଘରୁ ଡାକି ନେଇ ଅତି ନିର୍ମମ ଭାବରେ ହତ୍ୟା କରିଛି ଲାଲବାହିନୀ। ଏଥିସହ ଅନ୍ୟ ଜଣେ ଗ୍ରାମବାସୀଙ୍କୁ ନିସ୍ତୁକ ମାଡ଼ ମାରିଥିବା ସୂଚନା ମିଳିଛି। ମୃତକମାନେ ହେଲେ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଜିଲା ଚିନ୍ତାପାଲି ଥାନା ଅଧୀନ ଭୀରାଭରମ ଗ୍ରାମର ପାଙ୍ଗି ସାତିବାବୁ, ଗାମେଲା ଭାସ୍କର।

ପ୍ରକାଶ ଯେ, ବୁଧବାର ବିଳମ୍ବିତ ରାତିରେ ୨୦ରୁ ଊର୍ଦ୍ଧ୍ୱ ମାଓବାଦୀ ଭୀରାଭରମ ଗାଁରେ ପଶିଥିଲେ। ପାଙ୍ଗି ସାତିବାବୁ, ଗାମେଲା ଭାସ୍କର ଓ ପାଙ୍ଗି ଲିଙ୍ଗାଙ୍କୁ ଘରୁ ଉଠାଇ ଆଣିବା ସହ ଗାଁ ମଝିରେ ସମସ୍ତଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ସେମାନଙ୍କୁ ଛାଡିଦେବା ପାଇଁ ପରିବାରବର୍ଗ ନେହୁରା ହୋଇଥିଲେ ମଧ୍ୟ ମାଓବାଦୀମାନେ କିଛି ଶୁଣି ନ ଥିଲେ। ପରେ ପାଙ୍ଗି ସାତିବାବୁ ଓ ଭାସ୍କରଙ୍କୁ ଅତି ନିକଟରୁ ଗୁଳିକରି ହତ୍ୟା କରିଥିଲେ ମାଓବାଦୀ। କିନ୍ତୁ ପାଙ୍ଗି ଲିଙ୍ଗାଙ୍କୁ ମାଡ଼ ମାରି ଛାଡି ଦେଇଥିଲେ। ପରେ ତେଲୁଗୁ ଭାଷାରେ ଲିଖିତ କେତେକ ପୋଷ୍ଟର ଲଗାଇ ମାଓବାଦୀମାନେ ସେଠାରୁ ଚାଲିଯାଇଥିଲେ। ପୋଲିସ ଇନ୍‌ଫର୍ମର ସନ୍ଦେହରେ ସେମାନଙ୍କୁ ହତ୍ୟା କରାଯାଇଛି ବୋଲି ଘଟଣାସ୍ଥଳରେ ଲଗାଯାଇଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ଏହାକୁ ନେଇ ସମ୍ପୃକ୍ତ ଗ୍ରାମରେ ଭୟର ବାତାବରଣ ଦେଖାଦେଇଛି। ଚିନ୍ତାପାଲି ଥାନା ପୋଲିସ ଗାଁରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।



"ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ କର୍ନାଟକ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ଅର୍ଥବଳ ଓ ବାହୁବଳ ପ୍ରୟୋଗ କରି ଗଣତନ୍ତ୍ରକୁ ସ୍ପଷ୍ଟ ଦିବାଲୋକରେ ଅପହରଣ କରିଛି ଭାଜପା।

-ରଣଦୀପ ସୁର୍ଜେଓ୍ୱାଲା, କଂଗ୍ରେସ ମୁଖପାତ୍ର

# ଷ୍ଟୁଡିଓରେ ନିଆଁ ଲଗାଇଦେଲେ: ୩୩ ଦଗ୍ଧ

**ଟୋକିଓ,୧୮।୭(ଏଏଫ୍‌ପି)**



ଜାପାନର କ୍ୟୋଟୋ ଆନିମେଶନ୍ କମ୍ପାନୀ ଉପରେ ଗୁରୁବାର ଆକ୍ରମଣ ହୋଇଛି। ଏଥିରେ ୩୩ ଜଣଙ୍କ ମୃତ୍ୟୁ ହେବା ସହ ୩୬ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। କ୍ୟୋଟୋ ସହରରେ ଥିବା ଏହି ବିଲ୍ଡିଂରେ ନିଆଁ ଲାଗିବାବେଳେ ପାଖାପାଖି ୭୦ ଜଣ ଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମ କହିଛି। କେହି ଜଣେ ବିଲ୍ଡିଂ ଚାରିପଟେ ଗ୍ୟାସୋଲିନ୍ ଭଳି ତରଳ ପଦାର୍ଥ ଢାଳି ନିଆଁ ଲଗାଇ ଦେଇଥିବା କୁହାଯାଉଛି। ବିଲ୍ଡିଂ ସମ୍ପୂର୍ଣ୍ଣ ଜଳିଯାଇଛି। ନିଆଁ ଲଗାଇବା ପଛର ସମ୍ଭାବ୍ୟ କାରଣ ଜଣାପଡିନାହିଁ। ଜାପାନରେ ଗତ କିଛି ଦଶନ୍ଧି ମଧ୍ୟରେ ଏହା ସବୁଠୁ ବଡ଼ ହିଂସାତ୍ମକ ଅପରାଧ ବୋଲି କୁହାଯାଉଛି।

ତିନି ମହଲା ବିଲ୍ଡିଂର ଝରକାଗୁଡ଼ିକରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଛି। ପ୍ରଥମ ମହଲାରେ ଶକ୍ତିଶାଳୀ ବିସ୍ଫୋରଣର ଶବ୍ଦ ପରେ ବିଲ୍ଡିଂରେ ନିଆଁ ବ୍ୟାପିଯାଇଥିଲା। ତଳ ମହଲାରୁ ୨ ଜଣ, ଦ୍ୱିତୀୟ ମହଲାରେ ୧୧ ଏବଂ ତୃତୀୟ ମହଲା ଏବଂ ସିଡି ପାହାଚରୁ ୨୦ ଜଣଙ୍କ ମୃତଦେହ ମିଳିଥିଲା ବୋଲି ଜଣେ ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି। ନିଆଁର କାରଣ ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି। ଏହା ଏକ ଅଗ୍ନିଜନିତ

**ଜାପାନର କ୍ୟୋଟୋ ଆନିମେଶନ୍ କମ୍ପାନୀକୁ ଟାର୍ଗେଟ**

ଆକ୍ରମଣ। ନିଆଁରେ ଆହତ ଜଣେ ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖି ଚିକିତ୍ସା ପାଇଁ ହସ୍ପିଟାଲ ନେଇଛି। ବିଲ୍ଡିଂ ବାହାରେ ଉକ୍ତ ବ୍ୟକ୍ତିଙ୍କୁ ଠାବ କରାଯାଇଥିଲା। ଗରୁତର ଆହତ ଏହି ବ୍ୟକ୍ତିଜଣକ ନିଆଁ ଲଗାଇଥିବା ସନ୍ଦେହ କରାଯାଉଛି। ଆକ୍ରମଣକାରୀ ସାଙ୍ଗରେ ଛୁରି ନେଇ ଆସିଥିଲା ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଘଟଣା ପାଇଁ ଜାପାନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ଦୁଃଖପ୍ରକାଶ କରିଛନ୍ତି। ଏଭଳି ମର୍ମନ୍ତୁଦ ଘଟଣାର ବର୍ବରତା ବର୍ଣ୍ଣନା କରିବା ପାଇଁ ତାଙ୍କ ପାଖରେ ଭାଷା ନାହିଁ ବୋଲି ସେ ଟୁଇଟ୍ କରିଛନ୍ତି। ପୂର୍ବରୁ ହତ୍ୟା ଧମକ ଥାଇ ଇ-ମେଲ୍ ଆସିଥିଲା ବୋଲି କ୍ୟୋଟୋ ଆନିମେଶନ୍‌ର ଅଧ୍ୟକ୍ଷ ହିଦେଆକି ହାଟ୍ଟା କହିଛନ୍ତି। କମ୍ପାନୀର ମୁଖ୍ୟ ବିଲ୍ଡିଂ ଜଳିଯାଇଛି, ଯେଉଁଥିରେ ଅନେକ ଟେଲିଭିଜନ ଆନିମେଶନ୍ ଚିତ୍ର ପ୍ରସ୍ତୁତ ହୋଇଥିଲା। ଏହି ଆକ୍ରମଣ ଆନିମେଶନ ଚଳଚ୍ଚିତ୍ର ଜଗତ ଓ ଏଥିସହ ସମ୍ପୃକ୍ତ ଲୋକମାନଙ୍କ ପାଇଁ ବଡ଼ ଝଟକା। ଜାପାନର ଆନିମେଶନ୍ ଶିଳ୍ପ ସାରା ବିଶ୍ୱରେ ଜଣାଶୁଣା।

## ସଂକ୍ଷେପରେ

### ଆବାସି ଗିରଫ



**ଲାହୋର,୧୮।୭(ପି.ଟି.):** ବହୁକୋଟି ଟଙ୍କା ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶାହିଦ ଖାକନ ଆବାସିଙ୍କୁ ଦୁର୍ନୀତି ନିବାରଣ ବିଭାଗ ଗୁରୁବାର ଗିରଫ କରିଛି। ଆବାସି ୨୦୧୭ ଅଗଷ୍ଟରୁ ୨୦୧୮ ମେ ପର୍ଯ୍ୟନ୍ତ ପାକିସ୍ତାନର ପ୍ରଧାନମନ୍ତ୍ରୀ ଥିଲେ। ଏହା ପୂର୍ବରୁ ସେ ନଓ୍ୱାଜ ଶରିଫଙ୍କ ମନ୍ତ୍ରିମଣ୍ଡଳରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଥିବାବେଳେ କୁଏଟ୍‌ରୁ ଏଲ୍‌ଏନ୍‌ଜି ଆମଦାନି ଠିକା ପ୍ରଦାନରେ ଏହି ଦୁର୍ନୀତି ହୋଇଥିଲା। ସେ ଲାହୋରକୁ ଏକ ଖବରଦାତା ସମ୍ମିଳନୀରେ ଯୋଗଦେବାକୁ ଆସୁଥିବାବେଳେ ନ୍ୟାଶନାଲ୍ ଆକାଉଣ୍ଟେବିଲିଟି ବ୍ୟୁରୋ (ଏନ୍‌ଏବି) ଟିମ୍ ପିଛା କରି ତାଙ୍କୁ ଠୋକର ନିଆଜ ବେଗ୍‌ଠାରେ ଗିରଫ କରିଥିଲା। ପୂର୍ବରୁ ଏନ୍‌ଏବି ଆବାସିଙ୍କୁ ଉକ୍ତ ଦୁର୍ନୀତି ମାମଲାରେ ତଦନ୍ତର ସମ୍ମୁଖୀନ ହେବା ଲାଗି ସମନ କରିଥିଲେ ମଧ ସେ ଏହାକୁ ଏଡାଇଯାଇଥିଲେ।

### ଭାଜପାରେ ମିଶିଲେ ୧୩ ବଙ୍ଗାଳୀ ଫିଲ୍ମଷ୍ଟାର

**ନୂଆଦିଲ୍ଲୀ,୧୮।୭(ପି.ଟି.):** ବଙ୍ଗାଳୀ ଚଳଚ୍ଚିତ୍ର ଓ ଟେଲିଭିଜନର ୧୩ ଜଣ ଅଭିନେତା ଅଭିନେତ୍ରୀ ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବ ବେଳେ ପଶ୍ଚିମବଙ୍ଗ ଭାଜପା ସଭାପତି ଦିଲୀପ ଘୋଷ ଉପସ୍ଥିତ ଥିଲେ। ପର୍ନୋ ମିତ୍ର, ଋଷି କୌଶିକ୍, କାଞ୍ଚନ ମୈତ୍ର, ରୁପାଞ୍ଜନା ମିତ୍ର, ବିଶ୍ୱଜିତ ଗାଙ୍ଗୁଲି ସମେତ ସମସ୍ତ କଳାକାରଙ୍କୁ ଦଳକୁ ସ୍ୱାଗତ କରିବା ଅବସରରେ ଦିଲୀପ କହିଥିଲେ, ପଶ୍ଚିମବଙ୍ଗର ଜନସାଧାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ବିକାଶମୂଳକ କାର୍ଯ୍ୟରେ ବେଶ୍ ପ୍ରଭାବିତ ହୋଇଛନ୍ତି। ଲୋକ ସଭା ନିର୍ବାଚନ ପରେ ପଶ୍ଚିମବଙ୍ଗରୁ ଅନେକ ଟିଏମ୍‌ସି, ସିପିଏମ୍ ଏବଂ କଂଗ୍ରେସ ନେତା ଭାଜପାରେ ଯୋଗଦେଲେଣି।

### [ଇତିହାସର ଆଇନାରେ]

### ଜୁଲାଇ ୧୯ର ପ୍ରମୁଖ ଘଟଣା

୧୯୮୦ ଜୁଲାଇ ୧୯ରେ ମସ୍କୋରେ ସମର ଅଲିମ୍ପିକ୍ସ ଆରମ୍ଭ ହୋଇଥିଲା। ୧୯୮୦ ସମର ଅଲିମ୍ପିକ୍ସ ୨୨ତମ ଅଲିମ୍ପିଆଡ ଗେମ୍‌ସ ଭାବେ ପରିଚିତ। ଏହା ଏକ ଅନ୍ତର୍ଜାତୀୟ ମଲ୍ଟି-ସ୍ପୋର୍ଟ ଇଭେଣ୍ଟ ଏବଂ ରୁଷିଆର ରାଜଧାନୀ ମସ୍କୋରେ ଅନୁଷ୍ଠିତ ହୋଇଥିଲା। ୧୯୮୦ ଗେମ୍‌ସ ପୂର୍ବ ୟୁରୋପରେ ଆୟୋଜିତ ହେବାରେ ପ୍ରଥମ ଅଲିମ୍ପିକ୍ ଗେମ।

୧୯୮୯ ଜୁଲାଇ ୧୯ରେ ୟୁନାଇଟେଡ ଏୟାରଲାଇନ୍ସ ବିମାନ-୨୩୨ ସିଓକ୍ସ ସିଟିରେ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ୧୧୧ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହି ବିମାନ ନିୟମିତ ଡେନ୍‌ଭରରୁ ଚିକାଗୋ ଯାତ୍ରା କରୁଥିଲା। ଏହାର ଟେଲ୍‌ମାଉଣ୍ଟେଡ ଇଞ୍ଜିନ୍ ସମ୍ପୂର୍ଣ୍ଣ ଅଚଳ ହୋଇପଡିବା ପରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୨୯୬ ଯାତ୍ରୀଙ୍କ ମଧ୍ୟରୁ ୧୧୧ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୧୮୫ ଜଣ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ।




କର୍ନାଟକ ରାଜ୍ୟପାଳ ଭଜୁଭାଇ ଭାଲା(ଡାହାଣ)ଙ୍କୁ ରାଜଭବନରେ ଭେଟୁଛନ୍ତି ଭାଜପା ନେତା ଜଗଦୀଶ ଶେଟ୍ଟାର(ମଝି), ଅରବିନ୍ଦ ଲିମ୍ବାଭାଇ (ବାମରୁ ତୃତୀୟ) ଓ ଅନ୍ୟମାନେ।

■ ଅଯୋଧ୍ୟା ଜମି ବିବାଦ: ମଧ୍ୟସ୍ଥ କମିଟିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ୧ ସୁଦ୍ଧା ରିପୋର୍ଟ ଦାଖଲ କର

**ନୂଆଦିଲ୍ଲୀ,୧୮।୭(ପି.ଟି.)**



ରାମ ଜନ୍ମଭୂମି -ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାରେ ମଧ୍ୟସ୍ଥତା ପ୍ରକ୍ରିୟା ଜାରି ରଖିବା ଲାଗି ସୁପ୍ରିମକୋର୍ଟ ଗୁରୁବାର ଅନୁମତି ଦେଇଛନ୍ତି। ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ଏହି ମାମଲାରେ ଅଗଷ୍ଟ ୧ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତ ଉକ୍ତ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟକୁ ଅନୁଧ୍ୟାନ କଲା ପରେ ମାମଲାରେ ଶୁଣାଣି ଆବଶ୍ୟକ କି ନୁହେଁ, ତାହା ଉପରେ ୨ ତାରିଖରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଡି.ଓ୍ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିର ରହିଛନ୍ତି।

ଜୁଲାଇ ୧୮ ସୁଦ୍ଧା ମଧ୍ୟସ୍ଥ ପ୍ରକ୍ରିୟାର କେତେ ଅଗ୍ରଗତି ହୋଇଛି ତାହା ଉପରେ ଖଣ୍ଡପୀଠ ଏକ ରିପୋର୍ଟ ମାଗିଥିଲେ। ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ଏହି ରିପୋର୍ଟକୁ ଗୁପ୍ତ ରଖାଯିବ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏଫ୍.ଏମ୍.ଆଇ. କଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ ମଧ୍ୟସ୍ଥ କମିଟି ଷ୍ଟାଟସ୍ ରିପୋର୍ଟ ଦାଖଲ କରିଥିବାବେଳେ ଜୁଲାଇ ୩୧ ସୁଦ୍ଧା ସମ୍ପୂର୍ଣ୍ଣ ମଧ୍ୟସ୍ଥତା ପ୍ରକ୍ରିୟାର ରିପୋର୍ଟ ଅଗଷ୍ଟ ୧ରେ ଦାଖଲ କରିବାକୁ ଖଣ୍ଡପୀଠ କହିଥିଲେ। ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ସୁପ୍ରିମକୋର୍ଟ ମଧ୍ୟସ୍ଥତା ପ୍ରକ୍ରିୟାର ଷ୍ଟାଟସ୍ ରିପୋର୍ଟ ମାଗିବା ସହ ଆବଶ୍ୟକ ପଡ଼ିଲେ ଜୁଲାଇ ୨୫ରୁ ମାମଲାର ଦୈନନ୍ଦିନ ଶୁଣାଣି ହେବ ବୋଲି କହିଥିଲେ।

ଅଯୋଧ୍ୟାର ରାମ ଜନ୍ମଭୂମି ଜମିକୁ ନେଇ ଦୀର୍ଘବର୍ଷ ହେଲା ବିବାଦ ଲାଗି ରହିଛି। ୧୯୯୨ ଡିସେମ୍ବର ୬ରେ ହିନ୍ଦୁ କରସେବକମାନେ ଷୋଡଶ ଶତାବ୍ଦୀରୁ ଉକ୍ତ ସ୍ଥାନରେ ନିର୍ମିତ ବାବ୍ରୀ ମସ୍‌ଜିଦକୁ ଭାଙ୍ଗିଦେଇଥିଲେ। ଉକ୍ତ ୨.୭୭ ଏକର ଜମିକୁ ତିନିପକ୍ଷ ସୁନ୍ନି ଓ୍ୱାକଫ ବୋର୍ଡ, ନିର୍ମୋହୀ ଆଖଡ଼ା ଏବଂ ରାମଲାଲାଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିଦେବା ଲାଗି ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ୧୪ଟି ପିଟିଶନ୍ ଦାଏର ହୋଇଥିଲା। ଆପୋସ ବୁଝାମଣା ମାଧ୍ୟମରେ ଦୀର୍ଘଦିନର ଏହି ମାମଲାର ତୁରନ୍ତ ସମାଧାନ ଲାଗି ସୁପ୍ରିମକୋର୍ଟ ମଧ୍ୟସ୍ଥ କମିଟି ଗଠନ କରିଥିଲେ। ଏଫ୍.ଏମ୍.ଆଇ. କଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଆର୍ଟ ଅଫ ଲିଭିଙ୍ଗ୍‌ର ପ୍ରତିଷ୍ଠାତା ଶ୍ରୀଶ୍ରୀ ରବିଶଙ୍କର ଏବଂ ଜଣାଶୁଣା ମଧ୍ୟସ୍ଥ ଶ୍ରୀରାମ ପଞ୍ଚୁ ସଦସ୍ୟ ରହିଛନ୍ତି। ଉତ୍ତରପ୍ରଦେଶର ଫୈଜାବାଦ୍‌ଠାରେ ମଧ୍ୟସ୍ଥ କମିଟି ବିଭିନ୍ନ ପକ୍ଷଙ୍କର ଶୁଣାଣି କରିଥିଲା।

# ୨୨ରେ ଚନ୍ଦ୍ରୟାନ-୨ ଉତ୍‌କ୍ଷେପଣ

**ଶ୍ରୀହରିକୋଟା,୧୮।୭**



ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦ୍ୱାରା ପ୍ରସ୍ତୁତ ଚନ୍ଦ୍ରୟାନ-୨ର ପରବର୍ତ୍ତୀ ଉତ୍‌କ୍ଷେପଣ ଜୁଲାଇ ୨୨କୁ ଧାର୍ଯ୍ୟ କରାଯାଇଛି। ସେଦିନ ଅପରାହ୍ନ ୨ଟା ୪୩ରେ ଏହାକୁ ଚନ୍ଦ୍ର ଅଭିମୁଖେ ଛଡାଯିବ। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାଓ୍ୱନ ମହାକାଶ କେନ୍ଦ୍ରରୁ ଜୁଲାଇ ୧୫ରେ ଚନ୍ଦ୍ରୟାନ-୨ ଉତ୍‌କ୍ଷେପଣ କରାଯିବାକୁ ସମସ୍ତ ପ୍ରସ୍ତୁତି ସରିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଏଥିରେ ଯାନ୍ତ୍ରିକ ତ୍ରୁଟି ଥିବା ଦର୍ଶାଇ ଏହାକୁ ସ୍ଥଗିତ ରଖାଯାଇଥିଲା। 'ବାହୁବଳୀ' ନାମକ ଜିଏସ୍‌ଏଲ୍‌ଭି-ମେକ୍ ୩ ରକେଟରେ ଥିବା ତ୍ରୁଟିକୁ ସ୍ପେସ୍ ଏଜେନ୍ସି ସଂଶୋଧନ କରିପାରିଛି। ଏଥିପାଇଁ 'ଇସ୍ରୋ' ଏକ ବିଶେଷଜ୍ଞ କମିଟି ଗଠନ କରିବା ସହିତ ତ୍ରୁଟି ପଛରେ ଥିବା ମୂଳକାରଣ ଖୋଜାଯାଇଥିଲା। ରକେଟରେ ଥିବା ହିଲିୟମ୍ ଟ୍ୟାଙ୍କରେ ଯଥେଷ୍ଟ ଚାପ ସୃଷ୍ଟି କରାଯାଇ ପାରୁ ନ ଥିବାରୁ ଉତ୍‌କ୍ଷେପଣର ଘଣ୍ଟାଏ ପୂର୍ବରୁ ଉତ୍‌କ୍ଷେପଣ ସ୍ଥଗିତ ରଖାଯାଇଥିଲା। ବର୍ତ୍ତମାନ ରକେଟ ସିଷ୍ଟମ୍ ସ୍ୱାଭାବିକ ରହିଥିବାରୁ ଆସନ୍ତା ୨୨ରେ ଏହାକୁ ଲଞ୍ଚ୍ କରିବା ଯଥେଷ୍ଟ ସମ୍ଭାବନା ଅଛି।

## ଭାଜପାରେ ମିଶିଲେ ଅଳ୍ପେଶ ଠାକୁର

**ଗାନ୍ଧୀନଗର, ୧୮।୭ (ପି.ଟି.)**

ଗୁଜରାଟରେ କଂଗ୍ରେସର ପୂର୍ବତନ ବିଧାୟକ ଅଳ୍ପେଶ ଠାକୁର ଓ ଧବଳସିଂ ଜାଲା ଭାଜପାରେ ସାମିଲ ହୋଇଛନ୍ତି। ଦଳର ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏମାନେ ଗୁଜରାଟ ଭାଜପା ଅଧ୍ୟକ୍ଷ ଜିତୁ ଭଗାନୀଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ରାଜ୍ୟ ସଭା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ବିରୋଧରେ ଭୋଟଦେବା ପରେ ଠାକୁର ଓ ଜାଲା ଜୁଲାଇ ୫ରେ



ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। କଂଗ୍ରେସରେ ଏମାନେ ଖୁସି ନ ଥିବା ପୂର୍ବରୁ ପ୍ରକାଶ କରିଥିଲେ। ସାଧାରଣ ନିର୍ବାଚନ ପୂର୍ବରୁ ଠାକୁର କଂଗ୍ରେସର ସବୁ ପଦବୀରୁ ଇସ୍ତଫା ଦେଇଥିଲେ।

ହନୁମାନ ଚାଳିଶା କାର୍ଯ୍ୟକ୍ରମରେ ଯୋଗଦେବାରୁ

# ଇଶ୍‌ରତ ଜହାନ୍‌ଙ୍କୁ ଧମକ

**ହାଓଡ଼ା, ୧୮।୭**

ହିନ୍ଦୁଧର୍ମର ଏକ କାର୍ଯ୍ୟକ୍ରମରେ ଯୋଗଦେବାରୁ ଭାଜପା ନେତ୍ରୀ ଇଶ୍‌ରତ ଜହାନ୍‌ଙ୍କୁ ଧମକ ଦିଆଯିବା ସହ ତୁରନ୍ତ ଭଡ଼ାଘର ଖାଲି କରିବାକୁ ସ୍ଥାନୀୟ ଲୋକମାନେ ନିର୍ଦ୍ଦେଶ ଦେଇଥିବା ପୋଲିସ କହିଛି। ପୋଲିସରେ ଜହାନ୍ କରିଥିବା ଅଭିଯୋଗରେ ଦର୍ଶାଯାଇଛି ଯେ, ହାଓଡ଼ାର ଏସି ମାର୍କେଟ ଅଞ୍ଚଳରେ ଭାଜପାର ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମରେ ସେ ବୁର୍ଖା ପିନ୍ଧି ଯୋଗ ଦେଇଥିଲେ। ଧାର୍ମିକ କାର୍ଯ୍ୟ ଶେଷହେବା ପରେ ସେ ଘରକୁ ଆସିଥିଲେ। ପରେ ନିଜ ସମ୍ପ୍ରଦାୟର ଲୋକମାନେ ଘରକୁ ଆସି ତାଙ୍କୁ ଗାଳିଗୁଲଜ କରି ସେଠାକୁ କାହିଁକି ଯାଇଥିଲ ବୋଲି ପ୍ରଶ୍ନ କରିଥିଲେ। ଘର ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ମୋତେ ଜୋର୍‌ଜବରଦସ୍ତ ଘରୁ ତଡ଼ିଦେବା ଓ ହତ୍ୟା କରାଯିବା ଭଳି ଧମକ ଦିଆଯାଉଥିବା ଜହାନ୍ ଅଭିଯୋଗ କରିଛନ୍ତି। ପୁଅ ସହ ଏକୁଟିଆ ରହୁଥିବାରୁ ସେ ପୋଲିସର ସୁରକ୍ଷା ଲୋଡ଼ିଛନ୍ତି। ଏନେଇ ତଦନ୍ତ ଜାରି ରହିଥିବା ହାଓଡ଼ା ଏସିପି ପ୍ରତୀକ୍ଷା ଝରକାରିଆ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ଦୁବାଇରେ ଥିବା ସ୍ୱାମୀଙ୍କଠାରୁ ୨୦୧୪ରେ ତଲାକ୍ ପାଇ ଏବେ ଅଲଗା ରହୁଥିବା ଜହାନ୍ ତିନି ତଲାକ୍ ମାମଲାର ଆବେଦନକାରୀ ଅଟନ୍ତି।

## ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ

**ରାଞ୍ଚି, ୧୮।୭ (ପି.ଟି.) :** ଝାଡ଼ଖଣ୍ଡର ଲେହାରଦାଗା ଜିଲାରେ ୩ ମାଓବାଦୀ ଏନ୍‌କାଉଣ୍ଟରରେ ଗୁରୁବାର ନିହତ ହୋଇଛନ୍ତି। ଜିଲାର ବାଗ୍‌ରୁ ଅନ୍ତର୍ଗତ ବାହେଗରା ଗ୍ରାମରେ ମାଓବାଦୀ ଥିବା ଜାଣି ମିଳିତ ଅପରେଶନ ଆରମ୍ଭ ହୋଇଥିଲା। ସିଆର୍‌ପିଏଫ୍, ରାଜ୍ୟ ପୋଲିସ ମିଳିତଭାବେ ଚଢାଉ କରିଥିଲେ। ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା। ଶେଷରେ ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଥିବାବେଳେ ସେମାନଙ୍କଠାରୁ ୨ଟି ଏକେ-୪୭ ରାଇଫଲ ଓ କେତେକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ଜଣାପଡ଼ିଛି। ଅଧିକ ମାଓବାଦୀ ଲୁଚିଥିବା ସନ୍ଦେହରେ ସୁରକ୍ଷା କର୍ମୀଙ୍କ ସର୍ଚ୍ଚ ଅପରେଶନ ଜାରି ରହିଥିବା ପ୍ରକାଶ।



ପଶ୍ଚିମବଙ୍ଗର ନଦୀୟାରେ ବରଗଛରେ ଚଢ଼ି ଫଳ ଖାଉଛି ଗୁଣ୍ଡୁଚି ମୂଷା।

# ଦାଉଦ ଇବ୍ରାହିମଙ୍କ ପୁତୁରା ଗିରଫ

**ମୁମ୍ବାଇ, ୧୮।୭ :** ଜୋର ଜବରଦସ୍ତ ଟଙ୍କା ଅସୁଲ କରିବା ମାମଲାରେ ଅଣ୍ଡର ଓ୍ୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମଙ୍କ ପୁତୁରା ରିଜ୍‌ଓ୍ୱାନ କସ୍କରଙ୍କୁ ମୁମ୍ବାଇ ପୋଲିସ ଗିରଫ କରିଛି। ଦାଉଦଙ୍କ ଭାଇ ତଥା ଇକ୍‌ବଲ କସ୍କରଙ୍କ ପୁଅ ରିଜ୍‌ଓ୍ୱାନ ଦେଶଛାଡ଼ି ଚାଲିଯିବାକୁ ଉଦ୍ୟମ କରୁଥିବାବେଳେ ଅନ୍ତର୍ଜାତୀୟ ବିମାନବନ୍ଦରରୁ ତାଙ୍କୁ ଏବଂ ତାଙ୍କ ୨ ସହଯୋଗୀଙ୍କୁ ବୁଧବାର ରାତିରେ ଗିରଫ କରାଯାଇଥିଲା। ଦୁଇଦିନ ପୂର୍ବରୁ ଦାଉଦ ଗ୍ୟାଙ୍ଗ୍‌ର ସଦସ୍ୟ ଫହିମ୍ ମଚ୍‌ମଚ୍‌ଙ୍କ ସହଯୋଗୀ ଅହମଦ ରାଜା ଓ୍ୱାଧାରିଆଙ୍କୁ ଗିରଫ କରାଯାଇଥିଲା। ଜେରାବେଳେ ରିଜ୍‌ଓ୍ୱାନଙ୍କ ନାମ ପଦାକୁ ଆସିଥିଲା। ପରେ ତାଙ୍କ ସମ୍ପର୍କରେ ସୂଚନା ସଂଗ୍ରହ କରାଯାଇ ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦର ଠାରେ ଗିରଫ କରାଯାଇଥିଲା।


# ୩୭ ବର୍ଷରେ ପାଦ ଦେଲେ ପ୍ରିୟଙ୍କା



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ୍ ଗୁରୁବାର ୩୭ବର୍ଷରେ ପାଦ ଦେଇଛନ୍ତି। ତାଙ୍କ ଜନ୍ମଦିନରେ ଅନିଲ କପୁର, ବରୁଣ ଧାଓ୍ୱନ, ଆଲିଆ ଭଟ୍ଟ, ମାଧୁରୀ ଦୀକ୍ଷିତ ନେନେଙ୍କ ଭଳି ବହୁ ବଲିଉଡ ସେଲିବ୍ରିଟି ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ପ୍ରିୟଙ୍କାଙ୍କ ବନ୍ଧୁ ଏବଂ ସହ-କଳାକାରମାନେ ସୋସିଆଲ ମିଡିଆରେ ଶୁଭେଚ୍ଛା ବାର୍ତ୍ତା ପୋଷ୍ଟ କରିଛନ୍ତି। ଅନିଲ କପୁର 'ହାପି ବାର୍ଥ ଡେ' ଜଣାଇବା ସହିତ ଆପଣଙ୍କ ସହିତ କାର୍ଯ୍ୟ କରିବା ଖୁବ୍ ଖୁସି ଲାଗେ ବୋଲି ଉଲ୍ଲେଖ କରିଛନ୍ତି। ମାଧୁରୀ ଦୀକ୍ଷିତ ନେନେ ଦେଶୀ ଗର୍ଲ ପ୍ରିୟଙ୍କାଙ୍କୁ ହାପି ବାର୍ଥଡେ ଜଣାଇ ପରଦାରେ ଓ ପରଦା ବାହାରେ ସବୁବେଳେ ଆନନ୍ଦ ଓ ଖୁସିରେ ଥାଅ ବୋଲି କାମନା କରିଛନ୍ତି। ଆଲିଆ ଭଟ୍ଟ ଲେଖିଛନ୍ତି, 'ସାରା ବିଶ୍ୱର ବାଳିକାଙ୍କ ପାଇଁ ସବୁବେଳେ ପ୍ରେରଣାର ଉତ୍ସ ହୋଇ ରୁହ।' ସୋନମ କପୁର ଇନ୍‌ଷ୍ଟାଗ୍ରାମ୍‌ରେ ଏକ ବାର୍ତ୍ତା ଦେଇଛନ୍ତି, 'ତୁମ ପାଇଁ ଆଗାମୀ ବର୍ଷଗୁଡିକ ଚମତ୍କାର ହେଉ।' ପ୍ରିୟଙ୍କା ମିସ୍ ଓ୍ୱାର୍ଲଡ ୨୦୦୦ ପ୍ରତିଯୋଗିତାରେ ବିଜୟୀ ହୋଇ ବିଶ୍ୱ ସୁନ୍ଦରୀ ମାନ୍ୟତା ପାଇଥିଲେ। ନ୍ୟାଶନାଲ ଫିଲ୍ମ ଆଓ୍ୱାର୍ଡ ସମେତ ଅନେକ ପୁରସ୍କାର ସେ ଲାଭ କରିଛନ୍ତି। ୨୦୧୬ରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ଉପାଧି ପ୍ରଦାନ କରିଛନ୍ତି। ୨୦୦୩ରେ ପ୍ରଥମ କରି 'ଦି ହିରୋ: ଲଭ୍ ଷ୍ଟୋରି ଅଫ୍ ଏ ସ୍ପାଏ'ରେ ସେ ଅଭିନୟ କରିଥିଲେ। ଏହାପରେ 'ଅନ୍ଦାଜ୍' ଏବଂ 'ମୁଝ୍‌ସେ ଶାଦି କରୋଗୀ' ଭଳି ଅନେକ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ଭାଜନ ହୋଇପାରିଥିଲେ। ୨୦୧୮ରେ ଆମେରିକୀୟ ପପ୍ ଗାୟକ ତଥା ଅଭିନେତା ନିକ୍ ଜୋନାସ୍‌ଙ୍କୁ ସେ ପ୍ରେମବିବାହ କରିଛନ୍ତି।

## ନେପାଳରେ ୫ ବୁଦ୍ଧମୂର୍ତ୍ତି ଭାଙ୍ଗିଦେଲେ

**କାଠମାଣ୍ଡୁ, ୧୮।୭ (ପି.ଟି.):** ନେପାଳର ରୁପନ୍‌ଦେହୀ ଜିଲାର ତିଲୋତ୍ତମା ମ୍ୟୁନିସିପାଲିଟି ଅଞ୍ଚଳ ଅନ୍ତର୍ଗତ ଲୁମ୍ବିନୀ ନିକଟରେ ଦୁର୍ବୃତ୍ତମାନେ ୫ଟି ବୁଦ୍ଧମୂର୍ତ୍ତିକୁ ଭାଙ୍ଗିଦେଇଛନ୍ତି। ବାଲି, ସିମେଣ୍ଟ ଓ ଚୂନପଥରରେ ନିର୍ମିତ ବୁଦ୍ଧଙ୍କ ବସିଥିବା ପ୍ରତିମୂର୍ତ୍ତି ଭାଙ୍ଗିଦିଆଯିବାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପ୍ରତ୍ୟେକ ମୂର୍ତ୍ତି ୧୨୦ କେଜିରୁ ଊର୍ଦ୍ଧ୍ୱ ଓଜନର ଥିଲା। ଏହାକୁ ନେଇ ନେପାଳୀ କଂଗ୍ରେସର ନେତା ବାଳକ୍ରିଷ୍ଣ ଖଣ୍ଡ୍ ସ୍ୱର ଉଠାଇବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମ୍ୟୁନିସିପାଲିଟି ମେୟର ବାସୁଦେବ ହିମିରେ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।



# କୁଳଭୂଷଣଙ୍କୁ ଧରିଥିବା କ୍ୟାପ୍‌ଟେନ୍‌ଙ୍କୁ ପାକ୍‌ରେ ପ୍ରଶଂସା

**ଇସ୍‌ଲାମାବାଦ୍,୧୮।୭**

ପାକିସ୍ତାନର ସାମରିକ ଗୋଇନ୍ଦା ସଂସ୍ଥାର ଜଣେ କ୍ୟାପଟେନ୍‌ଙ୍କୁ ଭିକାରି ବେଶରେ ଅଶାନ୍ତ ବେଲୁଚିସ୍ତାନ ପ୍ରଦେଶରେ ମୁତୟନ କରାଯାଇଥିଲା। ଗୁପ୍ତଚର ବୃତ୍ତି ଅଭିଯୋଗରେ ପୂର୍ବତନ ନୌସେନା ଅଫିସର କୁଳଭୂଷଣ ଯାଦବଙ୍କୁ ଗିରଫ କରିବାରେ ଭିକାରି ବେଶଧାରୀ କ୍ୟାପଟେନ୍‌ଙ୍କୁ ପାକିସ୍ତାନ ପ୍ରଶଂସା କରିବା ସହିତ ତାଙ୍କର ଭାବଭଙ୍ଗୀ ଓ କାର୍ଯ୍ୟକଳାପ ସୋସିଆଲ ମିଡିଆରେ ପୋଷ୍ଟ କରିଛି। ଏହି ବ୍ୟକ୍ତି ହେଉଛନ୍ତି କ୍ୟାପ୍‌ଟେନ୍ କାଦିର ଅହମଦ୍। ସେ ଆଇଏସ୍‌ଆଇ ପାଇଁ ବେଲୁଚିସ୍ତାନରେ କାର୍ଯ୍ୟ କରୁଥିଲେ।

ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ ଜୁଲାଇ ୧୭ରେ ଯାଦବଙ୍କ ଫାଶୀଦଣ୍ଡ ଉପରେ ରୋକ ଲଗାଇବା ସହିତ ତାଙ୍କୁ ଦୂତାବାସ ସହାୟତା ଯୋଗାଇଦେବା ପାଇଁ ରାୟ ଦେଇଥିଲେ। ଏହାର ଦିନକ ପରେ ପାକିସ୍ତାନ କ୍ୟାପ୍‌ଟେନ୍



କାଦିର ଅହମଦ୍


କାଦିର ଅହମଦ୍‌ଙ୍କୁ 'ଶହୀଦ' ବର୍ଣ୍ଣନା କରିବା ସହିତ ୨୦୧୬ରେ ଯାଦବଙ୍କ ଗିରଫଦାରି ପାଇଁ ତାଙ୍କୁ ପ୍ରଶଂସା କରିଛି। ଅପରପକ୍ଷରେ ଭାରତ କହିଆସୁଛି, କୁଳଭୂଷଣ ଯାଦବ ହେଉଛନ୍ତି ଅବସରପ୍ରାପ୍ତ ସେନା ଅଫିସର। ସେ ଇରାନ୍‌ରେ ନିଜ ବ୍ୟବସାୟ ଚଳାଉଥିବାବେଳେ ତାଙ୍କୁ ପାକିସ୍ତାନୀ ଅପହରଣ କରିନେଇଛନ୍ତି। ରିପୋର୍ଟ ଅନୁଯାୟୀ, କାଦିର ଅହମଦ୍ ଏକ ଧନୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। କିନ୍ତୁ ନିଜ ପରିବାର ଇଚ୍ଛା ବିରୋଧରେ ସେ ମିଲିଟାରି କ୍ୟାରିୟରକୁ ବାଛି ନେଇଥିଲେ। ତାଙ୍କ ଦକ୍ଷତା ଦେଖି ଆଇଏସ୍‌ଆଇ ନିଜ ଓ୍ୱିଙ୍ଗ୍‌ରେ ସାମିଲ କରିବା ସହିତ ବେଲୁଚି ନେତାଙ୍କ ସ୍ୱାଧୀନତା ସପକ୍ଷବାଦୀ ଆନ୍ଦୋଳନ ଉପରେ ପ୍ରତ୍ୟକ୍ଷ ନଜର ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାଦିର ଭିକାରି ବେଶରେ ବେଲୁଚିସ୍ତାନରେ ୩ବର୍ଷ ରହିଥିଲେ। ଏହି ସମୟ ମଧ୍ୟରେ ସେ ମଇଳା, ଚିରା ପୋଷାକ ପିନ୍ଧି ଡଷ୍ଟବିନ୍ ଖେଳାଇବା ସହିତ ରାସ୍ତାକଡର ବାରଣ୍ଡାରେ ଶୋଇପଡୁଥିଲେ। ଏହି ଯୁବ କ୍ୟାପଟେନ୍‌ଙ୍କ ଭିକାରି ବେଶର ଅଭିନୟ ଏବେ ସୋସିଆଲ ମିଡିଆରେ ଘୂରିବୁଲୁଛି। ସେ ୨୦୧୮ ଜୁନ୍‌ରେ କ୍ୱେଟାରୁ ଖୁଜ୍‌ଦାର ନିଜ କାର୍‌ରେ ଆସୁଥିବାବେଳେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।




## ଶୀତଳ ଭଣ୍ଡାର ପ୍ରସଙ୍ଗକୁ ନେଇ ମହାରଥୀଙ୍କ କ୍ଷୋଭ

# ମୋତେ ଭାରି ବାଧୁଛି, କାଲିଠାରୁ ଖାଇନି

**ଭୁବନେଶ୍ୱର,୧୮।୭(ବ୍ୟୁରୋ):** କାଲିଠୁ ମୁଁ ଖାଇନି। ଆପଣ ମନ୍ତ୍ରୀ ହୋଇଥିଲେ କ'ଣ ଏ କଥା ସହିପାରିଥାନ୍ତେ। ମୋର ସବୁ ସମ୍ମାନ ଆପଣଙ୍କ ପାଖରେ। ବୁଧବାର ମୋହନ ମାଝିଙ୍କ ପ୍ରଶ୍ନର ଉତ୍ତର ଦେଲା ବେଳେ ଅର୍ଥମନ୍ତ୍ରୀ ମୋ ସମ୍ପର୍କରେ ଯେଉଁ ମନ୍ତବ୍ୟ ଦେଲେ, ତାହା ମୋତେ ବହୁତ ବାଧୁଛି। ଏ ନେଇ ଗଣମାଧ୍ୟମରେ ପ୍ରକାଶ ପାଇଛି। ଆପଣ ଏ ସବୁକୁ ଗୃହର ବିବରଣୀରୁ ବାଦ୍ ଦିଅନ୍ତୁ। ନଚେତ ବିଧାନସଭା ଶେଷ ହେବାଯାଏ ମୁଁ ଆଉ ଗୃହକୁ ଆସିବି ନାହିଁ। ପୂର୍ବତନ କୃଷିମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀ ଗୁରୁବାର ବିଧାନସଭାରେ ଏଭଳି ଶାଣିତ ଢଙ୍ଗରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶୂନ୍ୟକାଳରେ ମହାରଥୀ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ମୁଁ କୃଷିମନ୍ତ୍ରୀ ଥିଲାବେଳେ ରାଜ୍ୟରେ ମାତ୍ର ୨୪ଟି ଶୀତଳଭଣ୍ଡାର ଚାଲୁଥିଲା। ମୋ ସମୟରେ ଏହା ୪୮କୁ ବୃଦ୍ଧି ପାଇଲା। ମୁଁ କୃଷିମନ୍ତ୍ରୀ ଥିବାବେଳେ ରାଜ୍ୟକୁ ୪ଥର କୃଷିକର୍ମଣ ପୁରସ୍କାର ମିଳିଛି। ବୁଧବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଲେ, ମୋ' ସମୟରେ ଶୀତଳଭଣ୍ଡାର ଓ ଆଳୁ ମିଶନ ବନ୍ଦ ହୋଇଛି। ଏହାକୁ ତୀବ୍ର ବିରୋଧ କରୁଛି। ସାତଥର ବିଧାୟକ ହେଲିଣି, ଏମିତି ମୋତେ କେବେ ବାଧି ନ ଥିଲା। ରାତିରେ ମୋତେ ନିଦ ହୋଇନାହିଁ। ମୁଁ ଆପଣଙ୍କୁ ହାତ ଯୋଡୁଛି ମନ୍ତ୍ରୀ ମୋ ବିଷୟରେ କହିଥିବା ବକ୍ତବ୍ୟକୁ ଗୃହର ବିବରଣୀରୁ ବାଦ୍ ଦିଅନ୍ତୁ। ବାଚସ୍ପତି ମହାରଥୀଙ୍କ ଉଦ୍‌ବେଗକୁ ଦେଖି କହିଥିଲେ ଯେ, ବିବରଣୀରେ ଯଦି କୌଣସି ଆପତ୍ତି ଥାଏ, ତେବେ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ। ବାଚସ୍ପତିଙ୍କ ଏଭଳି ଆଶ୍ୱାସନା ବାଣୀ ଭାଜପା ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ହଜମ ହେଲାନାହିଁ। ସେ ଠିଆହୋଇ ବିରୋଧ କରିବା ସହ କହିଥିଲେ ଯେ, ଯେତେବେଳେ ଯାହା ଚାହିଁବେ ବିବରଣୀରୁ ବାଦ୍ ଦେଇଦେବେ। ଗୃହ ଏଭଳି ଚାଲେନାହିଁ। ଗୃହ ବାହାରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ନିଆଁରେ ଘିଅ ଢାଳିଥିଲେ। ସେ କହିଥିଲେ ଯେ, ମହାରଥୀ ରାଗିନାହାନ୍ତି। ତାଙ୍କ କହିବା ଷ୍ଟାଇଲ ସେମିତି।




# ବ୍ଲକ୍, ପଞ୍ଚାୟତରେ ଲାଗିବ ବୃଷ୍ଟିମାପକ ଯନ୍ତ୍ର

ଭୁବନେଶ୍ୱର, ୧୮।୭ (ବ୍ୟୁରୋ)

ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ଚିର ସହଚର। ବନ୍ୟା, ବାତ୍ୟା, ମରୁଡ଼ି, ବଜ୍ରପାତ, ଅଂଶୁଘାତ ଭଳି ପ୍ରାକୃତିକ ବିପତ୍ତି ରାଜ୍ୟବାସୀଙ୍କୁ ଅସ୍ତବ୍ୟସ୍ତ କରୁଛି। ପ୍ରାକ୍ ସୂଚନା ଅଭାବରୁ ଅନେକ ଧନଜୀବନ ନଷ୍ଟ ହେଉଛି। ତେଣୁ ରାଜ୍ୟ ସରକାର ପ୍ରାକ୍ ସତର୍କତା ସୂଚନା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ଏହାକୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏଥିସହିତ ପ୍ରତ୍ୟେକ ବ୍ଲକରେ ସ୍ୱୟଂଚାଳିତ ପାଣିପାଗ ମାପକ ଯନ୍ତ୍ର ଏବଂ ପ୍ରତ୍ୟେକ ପଞ୍ଚାୟତରେ ସ୍ୱୟଂଚାଳିତ ବୃଷ୍ଟିମାପକ ଯନ୍ତ୍ର ଲଗାଯିବାକୁ ବ୍ୟବସ୍ଥା କରୁଛନ୍ତି। ଫଳରେ ପ୍ରତ୍ୟେକ ଅଞ୍ଚଳର ତାପମାତ୍ରା, ବାୟୁର ଚାପ ଓ ଆର୍ଦ୍ରତା, ପବନର ଦିଗ ଓ ବେଗ, ସୂର୍ଯ୍ୟତାପର ପରିମାଣ, ଉତ୍ତାପ, ବୃଷ୍ଟିର ପରିମାଣ ଇତ୍ୟାଦି ପ୍ରତି ଘଣ୍ଟାରେ ମିଳିପାରିବ। ଏହିସବୁ ତଥ୍ୟକୁ ବୈଜ୍ଞାନିକ ପଦ୍ଧତିରେ ବିଶ୍ଳେଷଣ କରାଯିବ। ଚାଷୀମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ କୃଷିବୀମା ଆଦି କ୍ଷେତ୍ରରେ ଏହା ବିଶେଷ ଭାବେ ସହାୟକ ହେବ। ପ୍ରଥମ ପର୍ଯ୍ୟାୟରେ ଜାତୀୟ ବାତ୍ୟା ପ୍ରଶମନ ପ୍ରକଳ୍ପ ଅଧୀନରେ ୬ଟି ଉପକୂଳବର୍ତ୍ତୀ ଜିଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ ଓ ଗଞ୍ଜାମ ଜିଲାରେ ପ୍ରାକ୍ ସତର୍କତା ସୂଚନା ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଅନ୍ୟ ସମସ୍ତ ଜିଲାରେ ପ୍ରାକ୍ ସୂଚନା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି ରାଜ୍ୟ ସରକାର ୨୦୧୯-୨୦ ବଜେଟରେ ୧୦କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏଥିସହିତ ବାତ୍ୟାର ପ୍ରାକ୍ ସୂଚନା ପାଇଁ ପାରାଦୀପ ଓ ଗୋପାଳପୁରରେ ଡପ୍‌ଲର ରାଡାର ସ୍ଥାପନ କରାଯାଇଥିବା ବେଳେ ସମ୍ବଲପୁର ଏବଂ ବାଲେଶ୍ୱରଠାରେ ପରେ ଲଗାଯିବ। ଗୁରୁବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହି ସୂଚନା ଦେଇଛନ୍ତି।

**ପ୍ରାକ୍ ସତର୍କତା ସୂଚନା ଉପରେ ଗୁରୁତ୍ୱ**

- ୧୦ କୋଟି ବ୍ୟୟବରାଦ
- ପ୍ରାକୃତିକ ବିପର୍ଯ୍ୟୟ ସୂଚନା ଦେଉଛି 'ସତର୍କ' ଆପ୍

ବିଜେଡି ସଭ୍ୟ ଅଶ୍ୱିନୀ କୁମାର ପାତ୍ର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବାକୁ ସରକାର କି ପ୍ରକାର ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ବିଭାଗୀୟ ମନ୍ତ୍ରୀ କହିଥିଲେ ଯେ, ବାତ୍ୟା ଫନୀ ପୂର୍ବରୁ ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ୧କୋଟି ୮୦ଲକ୍ଷ ଲୋକଙ୍କୁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ପ୍ରାକ୍ ସୂଚନା ଦିଆଯାଇଥିଲା। ଏଥିସହିତ ଆଲର୍ଟ ସାଇରନ ଟାୱାର ଜରିଆରେ ମଧ୍ୟ ବାତ୍ୟା ସମ୍ବନ୍ଧୀୟ ସୂଚନା ଲୋକଙ୍କ ନିକଟରେ ପହଞ୍ଚା ଯାଇଥିଲା। ବଜ୍ରପାତ ଯୋଗୁ ରାଜ୍ୟରେ ବହୁ ଅମୂଲ୍ୟ ଜୀବନ ଚାଲିଯାଉଛି। ଏଥିରୁ ଲୋକଙ୍କୁ ସୁରକ୍ଷା ଦେବା ସକାଶେ ବଲାଙ୍ଗୀର, କେନ୍ଦୁଝର, ବ୍ରହ୍ମପୁର, ଜୟପୁର, ରାଉରକେଲା ଏବଂ ପାଣିକୋଇଲି ଆଦି ୬ଟି ସ୍ଥାନରେ ଲାଇଟିଂ ଡେଟେକ୍ସନ୍ ସେନ୍ସର ଲଗାଯାଇଛି। ୩୦ରୁ ୪୦ ମିନିଟ୍ ପୂର୍ବରୁ ବଜ୍ରପାତ ସମ୍ପର୍କରେ ସୂଚନା ଦିଆଯାଉଛି। ଏହାଛଡ଼ା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଜନସାଧାରଣଙ୍କୁ ବିପର୍ଯ୍ୟୟ ସମ୍ପର୍କରେ ପ୍ରାକ୍ ସୂଚନା ଦେବା ଲାଗି 'ସତର୍କ' ନାମରେ ଏକ ମୋବାଇଲ ଆପ୍ ପ୍ରସ୍ତୁତ କରାଯାଇଛି। ଏହି ଆପ୍ ଜରିଆରେ ବନ୍ୟା, ବାତ୍ୟା, ଗ୍ରୀଷ୍ମପ୍ରବାହ, ବଜ୍ରପାତ, ମରୁଡ଼ି, ସୁନାମି, ସଡ଼କ ଦୁର୍ଘଟଣା ଭଳି ବିପର୍ଯ୍ୟୟର ପ୍ରାକ୍ ସୂଚନା ମିଳିପାରିବ। ଏଥିସହିତ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଏକ ଜିଓଗ୍ରାଫିକ୍ ଇନ୍‌ଫର୍ମେଶନ ସିଷ୍ଟମ ସ୍ଥାପନ କରାଯାଇଛି, ଏହାକୁ ବ୍ୟବହାର କରି ବାତ୍ୟା ଗତିପଥର ନିରୂପଣ କରାଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ, ନୃସିଂହ ଚରଣ ସାହୁ, ଅନନ୍ତ ଦାସ, ମୁକେଶ ପାଲ, ରଘୁନାଥ ଗମାଙ୍ଗ ଏବଂ ଭାଜପା ସଭ୍ୟ ବିଷ୍ଣୁଚରଣ ସେଠୀ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ବାତ୍ୟାର ଗତି ଓ ବେଗ ବଦଳାଇବା ପାଇଁ ରାଜ୍ୟ ସରକାର କିଛି ଆଧୁନିକ ଜ୍ଞାନକୌଶଳ ଆପଣାଇଛନ୍ତି କି? ଧାମରାରେ ଏକ ଡପ୍‌ଲର ରାଡାର ସ୍ଥାପନ କରିବା, ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ଦୂରତ୍ୱ ୧୦ କିମି ବ୍ୟବଧାନକୁ ହଟାଇବା ଓ ବଜ୍ରପାତ ସମ୍ପର୍କରେ ପୂର୍ବ ସୂଚନା ଦେବା ପାଇଁ ବ୍ୟବସ୍ଥା କରିବାକୁ କ'ଣ ପଦକ୍ଷେପ ନିଆଯାଇଛି ବୋଲି ପ୍ରଶ୍ନ କରିଥିଲେ। ମନ୍ତ୍ରୀ ଉତ୍ତରରେ କହିଛନ୍ତି ଯେ, ଅନ୍ୟ ଦେଶର ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଲୋକମାନଙ୍କୁ ବନ୍ୟା ବାତ୍ୟାରୁ ରକ୍ଷା କରିବା ସକାଶେ ବ୍ୟବସ୍ଥା କରାଯାଉଛି।



For Institutional and Bulk Sales please write to Kolkata@heromotocorp.com

**ଅଥରାଇଜ୍‌ଡ ଡିଲର: ବ୍ରହ୍ମପୁର:** ଲକ୍ଷ୍ମୀ ହୀରୋ - 7799766350. **ଜୟପୁର:** ସୁପ୍ରିମ ହୀରୋ - 7799766340. **ଫୁଲବାଣୀ:** ନାରାୟଣୀ ହୀରୋ - 7799766373. **ରାୟଗଡ଼ା:** ଅଜୀତ ହୀରୋ - 7799766358. **ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ଆସିକା:** ଅଶୋକ ମୋଟର୍ସ - 273226. **ପାରଳାଖେମୁଣ୍ଡି:** ପ୍ରୀତମ ଏଣ୍ଟରପ୍ରାଇଜ - 224656. **ମାଲକାନଗିରି:** କନିଷ୍କ ଅଟୋମୋବାଇଲ୍‌ସ - 9437181980, 230514. **ନବରଙ୍ଗପୁର:** ଅରୁଣ ସେଲ୍‌ସ ଆଣ୍ଡ ସର୍ଭିସ - 223970. **ସିମିଳିଗୁଡା:** କେ.ପି.ଏଣ୍ଟରପ୍ରାଇଜ - 225222. **ଦେବଗଡ଼ :** ଜିନ୍ଦଲ ମୋଟର୍ସ : 9337774624.

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସ୍ରିଷ୍ଟି
ପରିବାରବର୍ଗ


ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ପାଇଁ ଦାବି କଲା ଭାଜପା

**ପାଟକୁରା ନିର୍ବାଚନ**

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

ପାଟକୁରା ବିଧାନସଭା ଆସନ ପାଇଁ ଆସନ୍ତା ଶନିବାର ଭୋଟ ହେବ। ଏହି ଆସନ ପାଇଁ ଗୁରୁବାର ପ୍ରଚାର ଶେଷ ହୋଇଛି। ଭୋଟ୍‌ର ଦୁଇଦିନ ପୂର୍ବରୁ ଶାସକ ଦଳ ବିରୋଧରେ ବୁଥ୍ କ୍ୟାପଚରିଂ ଏବଂ ରିଗିଂର ଅଭିଯୋଗ ଆଣିଛି ଭାଜପା। ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି, ନିର୍ବାଚନମଣ୍ଡଳୀର ସମ୍ବେଦନଶୀଳ ଏବଂ ଅତିସମ୍ବେଦନଶୀଳ ବୁଥ୍‌ଗୁଡିକରେ ଶାସକ ଦଳ ବୁଥ୍ କ୍ୟାପଚରିଂ ଓ ରିଗିଂ କରିବାର ଆଶଙ୍କା ରହିଛି। ବିଜେଡି ଟଙ୍କାର ପ୍ରଲୋଭନ ଦେଖାଇ ଭୋଟ ହାତେଇବା ଘଟଣା ଗତ ନିର୍ବାଚନରେ ନଜରକୁ ଆସିଥିଲା। ପାଟକୁରାରେ ବିଜେଡି ପ୍ରାର୍ଥିନୀ ସାବିତ୍ରୀ ଅଗ୍ରୱାଲ ଟଙ୍କା ବାଣ୍ଟିବା ନେଇ ଫଟୋ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଶାସକ ଦଳ ସରକାରୀ କଳ ଲଗାଇ ନିର୍ବାଚନକୁ ନିଜ ସପକ୍ଷରେ କରିବା ଲାଗି ଅପଚେଷ୍ଟା ଚଳାଇଛି। ସରକାରୀ ଅଫିସରମାନେ ମଧ୍ୟ ବିଜେଡି ପାଇଁ ପ୍ରଚାର କରୁଛନ୍ତି। ନିର୍ବାଚନ ସମୟରେ ବୁଥ୍‌ଗୁଡିକ ଉପରେ ତୀକ୍ଷ୍ଣ ନଜର ରଖିବା ସହ ସୁଚାରୁରୂପେ ଭୋଟ କରିବା ପାଇଁ ଗୁରୁବାର ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଅନନ୍ତ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୮୨ଟି ସମ୍ବେଦନଶୀଳ ଓ ୬୦ଟି ଅତି ସମ୍ବେଦନଶୀଳ ବୁଥ୍‌ର ତାଲିକା ଦେବା ସହ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରିବା ଓ ସିସିଟିଭି କ୍ୟାମେରା ଲଗାଇବାକୁ ଦାବି କରିଛନ୍ତି। ଏଥିସହ ସମସ୍ତ କ୍ଷେତ୍ରୀୟ ଅଧିକାରୀ ଏବଂ ନିର୍ବାଚନ ଅଧିକାରୀମାନଙ୍କୁ ମୁକ୍ତ, ନିରପେକ୍ଷ ଏବଂ ଅବାଧ ନିର୍ବାଚନ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେବାକୁ ଭାଜପା ପ୍ରତିନିଧି ଦଳ ଦାବି କରିଛି।

**ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ଧର୍ମେନ୍ଦ୍ର**

# ତୈଳ, ଗ୍ୟାସ ଭିତ୍ତିଭୂମି ମଜଭୁତ କରିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସଙ୍କୁ ସାକ୍ଷାତ କରିଛନ୍ତି। ରାଜ୍ୟରେ ତୈଳ ଏବଂ ଗ୍ୟାସର ଭିତ୍ତିଭୂମିକୁ ମଜଭୁତ କରିବା ସହ ମହାରାଷ୍ଟ୍ରର ବିକାଶ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିବା ସାମାଜିକ ଗଣମାଧ୍ୟମରେ ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି । ଏହି ଆଲୋଚନା ସମୟରେ ମହାରାଷ୍ଟ୍ର ବିକାଶ, ରୋଜଗାର ଏବଂ ରାଜ୍ୟର ସାମଗ୍ରିକ ବିକାଶର ବୃଦ୍ଧି କରିବା ପାଇଁ ତୈଳ ଏବଂ ଗ୍ୟାସର ଭିତ୍ତିଭୂମିକୁ ମଜଭୁତ କରିବା ଉପରେ ଧର୍ମେନ୍ଦ୍ର ଗୁରୁତ୍ୱାରୋପ କରିଥିବା ଦର୍ଶାଇଛନ୍ତି।

**ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରି କ୍ଷମା ମାଗିଲେ କେନ୍ଦ୍ରାପଡ଼ା ଏସ୍‌ପି**

# ଅନୁଧ୍ୟାନ ପାଇଁ କେନ୍ଦ୍ରାଞ୍ଚଳ ଆଇଜିଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

କେନ୍ଦ୍ରାପଡା ଜିଲା ବାରିମୂଳଠାରେ ବୁଧବାର ମୁଖ୍ୟମନ୍ତ୍ରୀ ପ୍ରଚାର ପାଇଁ ଯାଇଥିବାବେଳେ ଏକ ଘରୋଇ ଟିଭି ଚ୍ୟାନଲର ଖବରଦାତାଙ୍କୁ କେନ୍ଦ୍ରାପଡା ଏସ୍‌ପି ନୀତି ଶେଖର ନାଲି ଆଖି ଦେଖାଇବା ସହ ହାତ ଉଠାଇଥିଲେ। ଏହି ଘଟଣାକୁ ନେଇ ଗୁରୁବାର ବିଧାନସଭା ହୁଲୁସ୍ଥୁଲୁ ହେବା ସହ ବହୁ ସଂଗଠନ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ କରାଯାଇଛି। ପରିସ୍ଥିତି କ୍ରମଶଃ ଜଟିଳ ହେଉଥିବାବେଳେ ଶେଷରେ ଏସ୍‌ପି କ୍ଷମା ପ୍ରାର୍ଥନା କରିଛନ୍ତି। ସେ କହିଛନ୍ତି ଯେ, ଅଧିକ ଭିଡ଼କୁ ନିୟନ୍ତ୍ରଣ କରିବାକୁ ଯାଇ ଉଚ୍ଚ ଗଳାରେ କଥା ହୋଇଥିଲି। ମୁଁ କୌଣସି ଉଦ୍ଦେଶ୍ୟ ମୂଳକଭାବେ ଏପରି କରି ନ ଥିଲି। ମୁଁ ସାମ୍ବାଦିକଙ୍କୁ ଯଥେଷ୍ଟ ସମ୍ମାନ ଦିଏ। କେବେବି ଖରାପ ବ୍ୟବହାର କରିନାହିଁ। କେନ୍ଦ୍ରାପଡାର ସ୍ଥାନୀୟ ସାମ୍ବାଦିକମାନେ ମୋତେ ଭଲଭାବେ ଜାଣନ୍ତି। ଯଦି ମୋ ବ୍ୟବହାର କାହାକୁ ଆଘାତ ଦେଇଥାଏ ତେବେ ମୁଁ କ୍ଷମା ପ୍ରାର୍ଥନା କରୁଛି ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ସେପଟେ ଏହି ପ୍ରସଙ୍ଗକୁ ନେଇ ବିଧାନସଭା ବାରମ୍ବାର ମୁଲତବି ହେବାପରେ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଘଟଣାର ଅନୁଧ୍ୟାନ ପାଇଁ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶିନୀଙ୍କୁ ଦାୟିତ୍ୱ ଦେଇଛନ୍ତି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି।

ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଛି। ମାନବାଧିକାର କର୍ମୀ ସୁଜିତ ସାହୁ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ୩ସପ୍ତାହ ମଧ୍ୟରେ ଏସ୍‌ପିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଉ। ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ଜିଲାରେ ଥିବା ସାମ୍ବାଦିକ ସଂଘ ଏହାକୁ ବିରୋଧ କରି ପ୍ରତିବାଦ କରିଛନ୍ତି। ଏସ୍‌ପିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଭୁବନେଶ୍ୱରରେ କଳିଙ୍ଗ ସାମ୍ବାଦିକ ସଂଘ ପିଏମ୍‌ଜିରେ ଧାରଣା ଦେବା ସହ ଡିଜିପି ଡା. ଶର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ଭାଜପା ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ

ଭୁବନେଶ୍ୱର, ୧୮।୭ (ବ୍ୟୁରୋ)

ଗତ ଜୁଲାଇ ୬ରୁ ଦେଶବ୍ୟାପୀ ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସମାନ ଭାବେ ଓଡିଶାରେ ମଧ୍ୟ ଦଳର ଏହି କାର୍ଯ୍ୟକ୍ରମ ଚାଲିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଦଳର ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଯୁବ ମୋର୍ଚ୍ଚାର ସଦସ୍ୟତା ଅଭିଯାନ କର୍ମଶାଳା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଆଗାମୀ ଦିନରେ ରାଜ୍ୟର ଯୁବତୀଯୁବକଙ୍କ ସହ ନୂତନ ଭୋଟରଙ୍କୁ ନେଇ ସଦସ୍ୟତା ଅଭିଯାନକୁ ଆହୁରି ସୁଦୃଢ଼ କରାଯିବ ବୋଲି ଏହି କର୍ମଶାଳାରେ ଆଲୋଚନା କରାଯାଇଛି। ଏହି ଅଭିଯାନରେ ସମାଜର ବିଭିନ୍ନ ବର୍ଗର ଯୁବପିଢିଙ୍କୁ ସଦସ୍ୟ କରି ଭାଜପାକୁ ସର୍ବବ୍ୟାପି- ସର୍ବସ୍ପର୍ଶୀ କରିବାର ଲକ୍ଷ୍ୟ ସ୍ଥିର କରାଯାଇଛି ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ରାଶ୍ୟାଧିପତିଙ୍କ ନକ୍ଷତ୍ରରେ ଚନ୍ଦ୍ର ଅବସ୍ଥାନ କରୁଥିବାରୁ ଅଭିଳଷିତ କାର୍ଯ୍ୟ ହାସଲ କରିପାରିବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ପାରିବାରିକ ଜୀବନରେ ସ୍ନେହ, ସହାନୁଭୂତିର ଅଭାବ ରହିବ ନାହିଁ। ଧାର କରଜ କରିବାକୁ ପଡିପାରେ। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଦେଖାଦେବାର ଆଶଙ୍କା ରହିଛି ।

**ବୃଷ** ଶନିଙ୍କ ଦୃଷ୍ଟିରେ ଶୁକ୍ର ରହିଥିବାରୁ କୌଣସି ଜଣେ ବ୍ୟକ୍ତିଙ୍କ ଦ୍ୱାରା ଅର୍ଥହାନିର ଯୋଗ ରହିଛି। ବନ୍ଧୁମାନଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରି ଅପ୍ରିୟତା ଅର୍ଜନ କରିବେ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ କରିବାକୁ ପଡିବ। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** ଧନାଧିପତି ଧନସ୍ଥାନକୁ ଦେଖୁଥିବାରୁ ଅର୍ଥଲାଭ ହେଲେ ମଧ୍ୟ ପାପଗ୍ରହ ପ୍ରଭାବରୁ ଝିନଝଟ୍ ଭିତରେ ଗତି କରିବାକୁ ପଡିବ। ସାଧାରଣ କଥାରେ ଉତ୍ତେଜିତ ହେବା ଦ୍ୱାରା ପାଖ ପଡୋଶୀ ମାନଙ୍କ ସହ ସମ୍ପର୍କରେ ହ୍ରାସ ଘଟିବ। କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ। ମାଲିମକଦ୍ଦମାରେ ବିଚାର ବିଳମ୍ବ ହୋଇପାରେ।

**କର୍କଟ** ରାଶିକୁ ଏକାଧିକ ଗ୍ରହ ପ୍ରଭାବିତ କରୁଥିବାରୁ ଅତୀତ ଘଟଣା, ବନ୍ଧୁଙ୍କ ଅବିବେକୀ କାମ, ସହକର୍ମୀଙ୍କ କୂଟନୀତି ଓ ଆତ୍ମୀୟଙ୍କ ବେଖାତିର କଥା ସକାଶେ ଅନୁତାପ କରିପାରନ୍ତି। କର୍ମକ୍ଷେତ୍ରସ୍ଥ ବନ୍ଧୁମାନଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ।

**ସିଂହ** ଆଜି ଆପଣ କୌଣସି କାମ କରିସାରିବାରେ ଅନୁତାପ କରିବାକୁ ପଡିପାରେ। ଆବଶ୍ୟକୀୟ ଟଙ୍କା ପଇସା ଯୋଗାଡ କରିବା ସକାଶେ ବିଭିନ୍ନ ପ୍ରକାରର ଯୋଜନା କରିପାରନ୍ତି। ସହକର୍ମୀଙ୍କ ସହ କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ଗଣ ଯୋଗାଯୋଗ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ସାମାନ୍ୟ କଥାରୁ ମତାନ୍ତର ଘଟିଥିବାରୁ ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ତରବର ନ ହୋଇ କାମ କଲେ ସମସ୍ୟାର ସରଳ ସମାଧାନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ତୁଳା** ସ୍ଥଗିତ କାମଟି ଆଜି ହିଁ ଶେଷ କରିବାକୁ ଭାବୁଥିଲେ ମଧ୍ୟ ତାହା ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇପାରେ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ପରିବାରରେ ଝଗଡା ଲାଗିପାରେ। କର୍ମକ୍ଷେତ୍ରରେ, ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** ତୃତୀୟସ୍ଥ ଚନ୍ଦ୍ର ମାନସିକ ସ୍ତରକୁ ଶିଥିଳ କରି ରଖିପାରେ। କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ପ୍ରଶାସନିକ ସ୍ତରରେ ଅନ୍ୟମାନଙ୍କୁ ନିଜ କାମରେ ସହଭାଗିତା କରାଇପାରିବେ। ଅତୀତର ବିବାଦକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ବାକ୍‌ବିତଣ୍ଡା ସୃଷ୍ଟି ହେବାର ସୂଚନା ରହିଛି।

**ଧନୁ** କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ଭାବୁଥିବା କଥାଟି ଆଜି ଯଥା ସମୟରେ ହୋଇଯିବ। ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତି ଓ ଆନୁଷ୍ଠାନିକ କାମରୁ ମନ ଖୁସୀ ରହିବ।

**ମକର** ସ୍ଥଗିତ ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ କରିବା ସକାଶେ ବନ୍ଧୁଙ୍କ ସହ ଯୋଗର ଆବଶ୍ୟକତା ଅନୁଭବ କରିବେ। ବନ୍ଧୁମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ। କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ରରେ ଉନ୍ନତି କରିବେ । ପ୍ରତ୍ୟାବର୍ତ୍ତନ ପଥରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ଜମା ଭଲ ସମ୍ପର୍କ ନ ଥିବା ନିଜ ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ କିଛି କରିପାରିବେ ନାହିଁ । ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଏକ ଭିନ୍ନ ପରିସ୍ଥିତିରେ ଦୀର୍ଘ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ପାରିବାରିକ ସମସ୍ୟା ସମାଧାନ ହୋଇଯିବ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହା କି ବ୍ୟସ୍ତତାର କାରଣ ହୋଇପାରେ। ଆଗାମୀ ମାଙ୍ଗଳିକ କାମ ସକାଶେ ଆତ୍ମୀୟମାନଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି।

ଆଜି ଶ୍ରାବଣ କୃଷ୍ଣ ତୃତୀୟା ଶୁକ୍ରବାର, ଜୁଲାଇ ୧୯ ତାରିଖ, ରାଶି ନକ୍ଷତ୍ର- ଧନିଷ୍ଠା/ମକର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ ଦିବା ଘ.୬।୫୦ମି. ମଧ୍ୟେ ଘ.୪ ।୩୫ ଗତେ, ଘ.୬ ।୧୭ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୬ ।୫୦ମି. ଗତେ ଘ.୮ ।୨୨ମି. ମଧ୍ୟେ, ଘ.୧୧ ।୫୩ମି. ଗତେ ଘ.୧ ।୨୦ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ.୧୦ ।୧୪ମି. ଗତେ ଘ.୧୧ ।୫୩ମି. ମଧ୍ୟେ ରାହୁ କାଳ।

# classifieds Everyday 0674-2580101, 2549302




## SALE

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

ଭୁବନେଶ୍ୱର ଗୀତା କଲେଜରୁ 4k.m ମେଣ୍ଢାଶାଳ ମୌଜାରେ satellitecity ପାଖରେ Demarcated Plot sqft.300/-ରେ ମିଳୁଅଛି। 9439857581. D-66733

Bhubaneswar- Pitapalli Chhaka ଠାରୁ 100 ମିଟର ଦୂରରେ BDA Plot, Road, Electric, ପାଚେରି ସହିତ ଶସ୍ତାରେ କିଣନ୍ତୁ। Contact: 9438115383, 9937837967. D-13423

Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267. D-67305

1BHK simplex 15,00,000/- finishing Hanspal, duplex Nakhara Road- 8093465134, 9668194157. D-67013

Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363. D-66927

2400sqft. BDA plot for sale at K9/A Patrapada. Contact: 8114860043. D-64987

2400sqft. commercial plot at Bomikhal near Ekamratalkies, Bhubaneswar: 9861066949, 8018595307. D-67201

Conversion demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରୋଡ଼ sideରେ 1200sqft. 6,60,000/-. 9437306208. D-66728

645sqft. commercial space in Basudha tradecentre, Mastercanteen, Bhubaneswar: 9861066949, 8018595307. D-67202

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508. D-66729

Corporate office space in DLF, Patia and Esplanade, Rasulgarh, Bhubaneswar: 9861066949, 8018595307. D-67203

ଭୁବନେଶ୍ୱର ତମାଣ୍ଡୋ କେନ୍ଦ୍ରିୟ ବିହାର ନିକଟରେ BDA yellowzone plot 30'road, ଇଲେକ୍ଟ୍ରିସିଟି ଥାଇ sqft 999/-, ପିପିଲି bypass ପାଖରେ 399/- ରେ ବିକ୍ରିହେବ। 8917502591. D-66732

SUM hospital କ୍ରିଷ୍ଣାପୁରି କଲୋନି, Patrapada NH ପାଖରେ yellowzone plot ତୁରନ୍ତ ବିକ୍ରିହେବ। 9938991256, 8917502591. D-66731

3storied commercial building for sale at Canal Road, Laxmisagar. Present rental income 1,30,000/- Construction area 4610 sqft., land 2200sqft. 6371449544. D-13466

SUM hospital ନିକଟରେ ଏବଂ Tamando ବଜାର Infocity- 2 ପାଖରେ plot ମିଳୁଅଛି। 9439864322. D-66715

Bhubaneswar Pitapalliର BDA plot sqft. 549/-ରେ ମିଳୁଅଛି। 9090963952, 9937605788. D-66737

ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ Viswass +2 Science କଲେଜକୁ ଲାଗି yellowzone ପ୍ଲଟ ମିଳୁଅଛି। 9348261968. D-66738

ଉତ୍ତରାସ୍ଥିତ ଘରବାରି ପ୍ଲଟ ୩୦ଫୁଟ ରୋଡକୁ ଲାଗି ଇଲେକ୍ଟ୍ରିଫିକେସନ୍ ବାଉଣ୍ଡରିୱାଲ ସହିତ। 9938663762. D-59935

## LEASE

Offering 8000 sqft. open land for lease @ Nuagaon Square, Puri Road, adjacent to NH-203, suitable for warehouse/ garage. Contact: 9611131676, 9437081529. D-13302




3500sqft. godown space with an outhouse at Nayapalli, Bhubaneswar: 9861066949, 8018595307. D-67204

Open space with boundary for rent of 30000 sqft. for godown/ stockyard available opposite Synergy College, Nakhara, Bhubaneswar. Call: 9337122452. D-13476

1000 sqft ଅଫିସ୍ ପାଇଁ ୪୮୧, ସହିଦ ନଗରରେ ଭଡା ଦିଆଯିବ। SBI ମାର୍କେଟ ବ୍ରାଞ୍ଚ ପାଖ: 9078675838, 9937298412. D-66261

3000 sqft. 3rd floor and 1300 sqft. 4th floor adjacent to BMC mall, Sahid Nagar, Bhubaneswar for rent to Bank/ Office/ Corporates. Call: 9337122452. D-13477

Fully furnished room with attached toilet, AC, LED, fridge, bed, sofa, working executives preferred. Also furnished office space of 150 & 100 sqft AC, CCTV, Wifi: 9437030054, 7978988326. D-66260




Fully refreshed/ relaxed body massage by expert therapist, Shastri Nagar. 7377984773. D-67312

Rejuvenate and ayurvedic full body massage by smart therapist: 9114402304. D-67311

Full body herbal massage with refreshment, expert therapist. 7381239385, 0674-2540855. D-67313

Experience full body massage with us (expert). Call: 7377048581, 0674-2597822. D-67314

Summer special mesmerizing offer expert therapeutic refreshing massage appointment: 9668374480. D-67307

Ayurvedic full body massage ladies & gents smart therapist. 9040900385. D-66926

Herbal full body massage by smart/expert therapist. Contact: 8338067247. D-67315

## AFFIDAVIT

By virtue of an affidavit before Notary, Bhubaneswar, I Abdul Zakir Khan changed my name to Zakir Khan vide affidavit dated 17-07-2019 for all future purposes. D-13479

## LEGAL NOTICE

**ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ, ଓଡ଼ିଶା, କଟକ ମହୋଦୟଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ**

ଓ.ଏସ୍.ଏସ୍. କେସ୍ ନମ୍ବର ୭୫/୨୦୧୬
(ଓଡ଼ିଶା ବନ୍ଦୋବସ୍ତ ଆଇନ ଧାରା- ୧୫-ବି-ଅନୁଯାୟୀ)

**ସଂଘମିତ୍ରା ନାୟକ**, ବୟସ ୨୭ ବର୍ଷ, ପିତା- ଶ୍ରୀ ସରତ ଚନ୍ଦ୍ର ନାୟକ, ଠିକଣା: ସା- ଖଇରାବାଦ, ପୋ- ଗୁଲନଗର, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ବର୍ତ୍ତମାନ ଠିକଣା- ସା- କ୍ୱାର୍ଟର ନଂ- ଜେ/୭୧, ଇ.ପି.ଏଫ୍ ଷ୍ଟାଫ୍ କଲୋନୀ, ଫେଜ୍-୨, ପୋ/ଥାନା- ସହୀଦନଗର, ଭୁବନେଶ୍ୱର- ୭୫୧୦୦୭, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। .........ବାଦୀ

**ବନାମ**

**ନଂ-୩: ଶ୍ରୀମତୀ କମଳା ମହାକୁଡ**, ବୟସ ୬୫ ବର୍ଷ, ପିତା- ସ୍ୱର୍ଗତ ଜଗା ଦାସ, ସ୍ୱାମୀ- ସ୍ୱର୍ଗତ ରାଧୁ ମହାକୁଡ, ଠିକଣା: ସା- ମଧୁପୁର, ପୋ.ଅ- ଅଙ୍ଗାରପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। **ନଂ-୪: ଶ୍ରୀ ପ୍ରେମାନନ୍ଦ ମହାକୁଡ଼**, ବୟସ ୪୬ ବର୍ଷ, ପିତା- ସ୍ୱର୍ଗତ ରାଧୁ ମହାକୁଡ଼, ଠିକଣା: ସା- ମଧୁପୁର, ପୋ.ଅ- ଅଙ୍ଗାରପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। **ନଂ-୫: ମେସର୍ସ ସ୍ମାର୍ଟ ଲାଇଫ୍ ଷ୍ଟାଇଲ୍ ମଲ୍ଟିଟ୍ରେଡ୍ ପ୍ରା.ଲି.** ତରଫ ମ୍ୟାନେଜିଂ ଡାଇରେକ୍ଟର/ଚେୟାରମ୍ୟାନ, ଶ୍ରୀ ଶିବ ଶଙ୍କର ଦାଶ, ବୟସ ୪୧ ବର୍ଷ, ପିତା- ଶ୍ରୀ ଦେବେନ୍ଦ୍ରନାଥ ଦାଶ, ଅଫିସ୍ ସା-ବି-୧୯୦, ପ୍ରଜ୍ଞା ବିହାର, ପୋ- ବରମୁଣ୍ଡା, ବି.ଡି.ଏ ଡୁପ୍ଲେକ୍ସ, ଭୁବନେଶ୍ୱର- ୭୫୧୦୦୩, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ... ପ୍ରତିବାଦୀ।

ଏତଦ୍ୱାରା ଉପରୋକ୍ତ ନଂ. ୫ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକଯୋଗେ ନୋଟିସ୍ ପଠାଯାଇଥିଲା, କିନ୍ତୁ ଏହି ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାୟର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି। **ଜମିର ତଫସିଲ:** ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଜଟଣୀ, ଥାନା-ଜଟଣୀ, ଥାନା ନଂ୨୪, ମୌଜା- ମଙ୍ଗରାଜପୁର, ସାବିକ ଖାତା ନଂ- ୧୮୮/୨ମ୍ବର, ସାବିକ ପ୍ଲଟ ନଂ- ୪୬୯ମ୍ବର, ରକବା ଏ୦.୪୫୫ଡି. ସ୍ୱଧରୁ ଏ୦.୦୫୭.୩୯ଡି. ଯାହାର ହାଲ ଖାତା ନଂ- ୨୨୦ମ୍ବର, ହାଲ ପ୍ଲଟ ନଂ୫୯୫ମ୍ବର, ରକବା ଏ୦.୪୫୫ଡି. ସ୍ୱଧରୁ ଏ୦.୦୫୭.୩୯ଡି. ଅଟେ। ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ଼, ଓଡ଼ିଶା କଟକଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଦାଲତ କେଶରୀ ନଗର, ୟୁନିଟ-୫ ରେ ଆସନ୍ତା ତା.୦୬।୦୮।୨୦୧୯ରିଖ ଦିବା ଘ.୧୧.୩୦ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଉଅଛି। ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଯଦି ପ୍ରତିବାଦୀ ମୃତ ଥିବେ, ତେବେ ତାଙ୍କର ଉତ୍ତରାଧିକାରୀ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବୀର କରିବେ, ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫଏସଲା କରାଯିବ।

**ଅଦାଲତଙ୍କ ଆଦେଶକ୍ରମେ**
**ଅତିରିକ୍ତ ସଚିବ (ବିଚାର)**
**ସ୍ୱା: ବି. ରଞ୍ଜନ ଦାଶ**
ଧ-୧୩୪୪୧

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଓଡିଶାର ପ୍ରଥମ ତଥା ଏକମାତ୍ର କୁଇଜ୍ ମହାକୁମ୍ଭ 'ମେଟଲ୍ ମିଟ୍– ୨୦୧୯' ଏଥର ପ୍ରତିଯୋଗୀଙ୍କ ପାଇଁ ନେଇଆସୁଛି ଏକ ଭିନ୍ନ ଓ ନିଆରା ପ୍ରତିଯୋଗିତା। ପୂର୍ବବର୍ଷ ଅପେକ୍ଷା ଏହି ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଚଳିତବର୍ଷ ଆହୁରି ଆକର୍ଷଣୀୟ ଓ ବଡ଼ଧରଣର ଆୟୋଜିତ ହେବାକୁ ଯାଉଛି। ଅଗଷ୍ଟ ୩ ଓ ୪ ତାରିଖରେ ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ହେବାକୁ ଥିବା ମେଟଲ୍ ମିଟ୍‌ର ଏହି ସଂସ୍କରଣକୁ ହୋଷ୍ଟ କରିବାକୁ ଯାଉଛନ୍ତି ଲୋକପ୍ରିୟ ହୋଷ୍ଟ ତଥା ଖ୍ୟାତନାମା କୁଇଜ୍ ମାଷ୍ଟର ଅଜୟ ପୁନିଆ। ଜାତୀୟସ୍ତରରେ ଦକ୍ଷ କୁଇଜ୍ ମାଷ୍ଟରଭାବେ ପରିଚିତ ପୁନିଆ ନିଜର ପ୍ରଶ୍ନ ପଚାରିବା ଶୈଳୀ ଓ ନିଆରା ପରିଚାଳନା ଦକ୍ଷତା ପାଇଁ ବେଶ୍ ପରିଚିତ। ମେଟଲ୍ ମିଟ୍ ପୂର୍ବରୁ ପୁନିଆଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ।

**ଧରିତ୍ରୀ ଆଳାପ**

# ରିସ୍କ ନିଅ
# ସବୁ ପ୍ରଶ୍ନକୁ ସାମ୍ନା କର



**କୁଇଜ୍ ମାଷ୍ଟର ଅଜୟ ପୁନିଆ**

**● ଭାରତରେ ଏବେ କୁଇଜିଂର ଲୋକପ୍ରିୟତା କିଭଳି ରହିଛି? ବିଶେଷକରି ପୂର୍ବ ଭାରତରେ କୁଇଜିଂ କଲଚରକୁ ନେଇ କିଭଳି ଆଗ୍ରହ ଦେଖିବାକୁ ମିଳୁଛି ?**

➡ କୁଇଜିଂ କଲଚର୍ ବେଶ୍ ଆଗକୁ ଯାଇଛି। ବିଗତ କିଛିବର୍ଷ ମଧ୍ୟରେ କୁଇଜିଂ ଏକ ଟ୍ରେଣ୍ଡରେ ପରିଣତ ହୋଇଛି। ହେଲେ ଏହାକୁ ସ୍ପନ୍‌ସର୍ କରିବା ପାଇଁ ଅଧିକରୁ ଅଧିକ ସଂସ୍ଥା ଆଗେଇ ଆସିବା ଉଚିତ। ମୁଁ ଏହାସହ ଜଡ଼ିତ ଅଛି ବୋଲି କହୁନି, ବରଂ ଅଧିକ ଦକ୍ଷ ଓ କୁଶଳୀ ହ୍ୟୁମାନ୍ ରିସୋର୍ସ ପାଇବା ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ। ବିଶ୍ୱ ଏବେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛି, ତାହାର ସମାଧାନ ଲାଗି ଅଧିକ ଜ୍ଞାନୀ ଓ ଦକ୍ଷ ମାନବସମ୍ବଳର ଆବଶ୍ୟକତା ରହିଛି। ମୋ ମତରେ କୁଇଜିଂ ସେଭଳି ଏକ ପ୍ଲାଟଫର୍ମ ଯୋଗାଇଦେବାର କ୍ଷମତା ରଖୁଛି। ସୁଯୋଗ ରହିଛି। ଜଣେ କେବଳ ଉଚିତ ମାର୍ଗ ଖୋଜି ନିଜ ପ୍ରତିଭାକୁ ଲୋକଙ୍କ ସାମ୍ନାକୁ ଆଣିବାର ଅଛି।

**● ପ୍ରତିଯୋଗିତାରେ ଭାଗନେବାକୁ ଥିବା ପ୍ରତିଯୋଗୀଙ୍କୁ କ'ଣ ପରାମର୍ଶ ଦେବେ ?**

➡ ଭଲରେ ପ୍ରସ୍ତୁତ ହୁଅ। କେବଳ ଭାଗ୍ୟ ଉପରେ ସବୁ ଛାଡ଼ିଦିଅ ନାହିଁ। ଶ୍ରେଷ୍ଠ ପ୍ରଦର୍ଶନ କର। ଭୟ କରନି। ଦୃଢ ପରିଶ୍ରମର କୌଣସି ବିକଳ୍ପ ନାହିଁ। କୁଇଜିଂ ଭଳି ପ୍ଲାଟ୍‌ଫର୍ମରେ କଠିନ ପରିଶ୍ରମ ଓ ଭଲ ପ୍ରସ୍ତୁତି ହିଁ ସବୁଠାରୁ ଅଧିକ ଜରୁରୀ।

**● ଏକ ପ୍ରଶ୍ନକୁ ସାମ୍ନା କରିବାକୁ କିଛି ନିର୍ଦ୍ଦିଷ୍ଟ ରୁଲ୍ କିମ୍ବା କୌଶଳ ଅଛି କି ?**

➡ ସବୁ ପ୍ରଶ୍ନକୁ ସାମ୍ନା କରିବା ଆବଶ୍ୟକ। ରିସ୍କ ଓ ଚାନ୍ସ ନେବା ଜରୁରୀ। ରିସ୍କ ନ ନେଲେ ଜିତିବାର ସମ୍ଭାବନା ବି କମିଯିବ। ଯଦି ଏକ ପ୍ରଶ୍ନ ବା ସୁଯୋଗ ସାମ୍ନାକୁ ଆସୁଛି ତା'ହେଲେ ତାକୁ ନିଶ୍ଚୟ ସାମ୍ନା କରିବା ଆବଶ୍ୟକ। ଭାବିଚିନ୍ତି ସତର୍କତାର ସହ ଉତ୍ତର ଦିଅ। ନିଜ ଦକ୍ଷତାକୁ ବିଶ୍ୱାସ କର ଓ ଯାହା ମନ କହୁଛି ତାହାସହ ଯାଅ। ଯାହା ଜାଣିଛ ସେଥିରେ ପ୍ରଥମେ ନିଜେ ନିଶ୍ଚିତ ହୁଅ, ତା'ପରେ ଟିମ୍ ସଦସ୍ୟଙ୍କୁ କୁହ। ନ ହେଲେ ନିଜ ସହ ତୁମେ ନିଜ ଟିମ୍‌କୁ ବି ଦ୍ୱନ୍ଦ୍ୱରେ ପକାଇବ।

**● 'ମେଟଲ୍ ମିଟ୍' ଦେଶର ବଡ଼ କୁଇଜ୍ ଇଭେଣ୍ଟ। ଆପଣ ପ୍ରଥମଥର ପାଇଁ ଏହାକୁ ହୋଷ୍ଟ କରିବାକୁ ଯାଉଛନ୍ତି। ପ୍ରତିଯୋଗିତା ଓ ପ୍ରତିଯୋଗୀଙ୍କଠାରୁ କ'ଣ ଆଶା ରହିଛି ?**

➡ ସମସ୍ତେ ଉପଭୋଗ କଲାଭଳି ଏକ ଭଲ କୁଇଜ୍ ଇଭେଣ୍ଟ ମୁଁ ଆଶା କରୁଛି। ପ୍ରତି ଟିମ୍ ଯେମିତି ପରସ୍ପରକୁ କଡ଼ା ଟକ୍କର ଦେବେ, ସେଭଳି ଏକ ଦୃଢ଼ ପ୍ରତିଯୋଗିତା ହେବ ବୋଲି ଭାବୁଛି। ଗୋଟିଏ ଟିମ୍ ଦକ୍ଷ ଓ ଆଉ ଗୋଟିଏ ଟିମ୍ ଦୁର୍ବଳ ହେଲେ ପ୍ରତିଯୋଗିତା ନିଶ୍ଚୟ ବୋରିଂ ଲାଗିବ। ଯଦି ଏକ ଟିମ୍ ଆରାମରେ ଜିତିଲା ତା'ହେଲେ କୁଇଜ୍‌ର ମଜା ଆସିବନି। ସବୁ ଟିମ୍ ପରସ୍ପରକୁ ଯେମିତି କଡ଼ା ଚ୍ୟାଲେଞ୍ଜ ଦେବେ ସେଥିପାଇଁ ମୁଁ ଅଶାବାଦୀ। ଶେଷ ପ୍ରଶ୍ନରେ ହିଁ ଜଣାପଡୁ କିଏ ବିଜେତା ହେବ। ଆଶାକରୁଛି ବହୁ ଉତ୍ସାହୀ ଟିମ୍ ଓ ପ୍ରତିଯୋଗୀଙ୍କୁ ମେଟଲ୍ ମିଟ୍ ମଞ୍ଚରେ ଦେଖିବାକୁ ମିଳିବ।

**● ବର୍ତ୍ତମାନର ଗ୍ଲାମର ଦୁନିଆରେ କୁଇଜିଂର ସ୍ଥିତି କିଭଳି ରହିଛି? ଜଣେ ଏଥିରେ କ୍ୟାରିୟର କରିପାରିବ କି ?**

➡ କୁଇଜିଂ ସମସ୍ତଙ୍କ ପାଇଁ କ୍ୟାରିୟର ହୋଇପାରିବ ବୋଲି ମୁଁ କହିପାରିବିନି। କାରଣ ଏହା ବହୁତ ବିରଳ। କିନ୍ତୁ କୁଇଜିଂ ଏବଂ ଗ୍ଲାମର ଦୁନିଆ ସମାନ୍ତରାଳଭାବେ ଗତିକରେ। ନାଚ, ଗୀତ ଭଳି କାର୍ଯ୍ୟକ୍ରମ ଲୋକଙ୍କୁ ମନୋରଞ୍ଜନ କରିବାର କ୍ଷମତା ରଖେ। କୁଇଜିଂ ଜଣଙ୍କର ଜ୍ଞାନ, ଦକ୍ଷତା ବୃଦ୍ଧି ଓ ପ୍ରଦର୍ଶନରେ ସହାୟକ ହୁଏ। ସମାନ୍ତରାଳ ଭାବେ ଆଗକୁ ବଢିବାକୁ ଏଥିରେ

**● ମେଟଲ୍ ମିଟ୍ ସମ୍ପର୍କରେ କ'ଣ କହିବେ ?**

➡ ମୁଁ ଗତ ୩ବର୍ଷ ହେଲା ମେଟଲ୍ ମିଟ୍‌କୁ ଅନୁସରଣ କରୁଛି। ଏହା ବର୍ଷକୁ ବର୍ଷ ଆଗକୁ ବଢୁଛି। କୁଇଜ୍‌ର ଷ୍ଟାଣ୍ଡାର୍ଡ ଓ କୁଇଜର୍‌ଙ୍କ ଦକ୍ଷତା ମୋତେ ଆକର୍ଷିତ କରିଛି। 'ଓଡ଼ିଶା ପୋଷ୍ଟ' ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ଏକ ଉଦାହରଣ ସୃଷ୍ଟିକରିଛି। ଏଭଳି ଏକ କାର୍ଯ୍ୟକ୍ରମର ଅଂଶ ହେବାକୁ ଯାଉଥିବାରୁ ଏହାକୁ ନେଇ ମୁଁ ବହୁତ ଉତ୍ସାହିତ ଅଛି। ଆଶାକରୁଛି ସମସ୍ତେ ମୋ ସହ ଏହି ଇଭେଣ୍ଟକୁ ଉପଭୋଗ କରିବେ। ମୁଁ ସବୁ ଟିମ୍‌କୁ ଗୁଡ୍ ଲକ୍ ୱିଶ୍ କରୁଛି।

**● ଓଡ଼ିଶାର କ'ଣ ଆପଣଙ୍କୁ ଆକୃଷ୍ଟ କରେ ?**

➡ ମୁଁ ପୂର୍ବରୁ ଅନେକଥର ଓଡ଼ିଶା ଆସିଛି। ଯେତେଥର ଏଠାକୁ ଆସିଛି ଏଠାକାର ଲୋକେ ଓ ଏଠାକାର ପରିବେଶ ମୋତେ ଆକୃଷ୍ଟ କରିଛି। ଓଡ଼ିଶା ଏକ ଭାଇବ୍ରାଣ୍ଟ ଓ କଲାରଫୁଲ ରାଜ୍ୟ। ନିକଟରେ ଓଡ଼ିଶା ଅନେକଗୁଡ଼ିଏ ଆଖିଦୃଶିଆ ପଦକ୍ଷେପ ହାତକୁ ନେଇଛି। ବିଶେଷକରି କ୍ରୀଡା କ୍ଷେତ୍ରରେ ଆଗକୁ ବଢ଼ିଛି। ଦେଶର କ୍ରୀଡା ରାଜଧାନୀରେ ପରିଣତ ହୋଇଛି। ଏଠାକାର ଲୋକେ, ଏଠାକାର ଖାଦ୍ୟ, କଳା ସଂସ୍କୃତି ସବୁକିଛି ଭିନ୍ନ ଓ ସ୍ୱତନ୍ତ୍ର।

**–ସାକ୍ଷାତ୍: ସସ୍ମିତା ପାଇକରାୟ**

METTLE MEET 2019
Reviving Quizzing
A Quiz Extravaganza

## ଜିଲା ଚିଠି
## ଯାଜପୁର



# ପ୍ୟାକ୍ସ କେଲେଙ୍କାରୀ

ଜିଲାରେ ୧୨୨ସେବା ସମବାୟ ସମିତି(ପାକ୍ସ) କାର୍ଯ୍ୟ କରୁଛି। ତେବେ ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ସମିତି ଦୁର୍ନୀତିରେ ବୁଡ଼ି ରହିଛି। ଗତ ୫ବର୍ଷ ମଧ୍ୟରେ ଚାଷୀଙ୍କ ନାଁରେ ଧାନ ବିକ୍ରି ଟଙ୍କା, କୃଷି ବୀମା, ଋଣ, ସାର ଆଦି ସୁବିଧାସୁଯୋଗ ହଡ଼ପ କରିଥିବା ଅଭିଯୋଗ ହୋଇଛି ପ୍ୟାକ୍ସ କର୍ତ୍ତୃପକ୍ଷ ସହଜରେ ଖସି ଯାଉଛନ୍ତି। ଏଭଳି ଦୁର୍ନୀତିରେ ସହଯୋଗୀ ପାଲଟିଥିବା ପ୍ୟାକ୍ସ, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ଡିଆର୍‌ସିଏସ୍ କାର୍ଯ୍ୟାଳୟର ବହୁ ଅଧିକାରୀ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସେମାନଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। କେବଳ ଚଳିତ ମାସରେ ଦଶରଥପୁର ବ୍ଲକ ମଙ୍ଗଳପୁର ଓ ଯାଜପୁର ବ୍ଲକ ମାର୍କଣ୍ଡପୁର ପ୍ୟାକ୍ସରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ପର୍ଦ୍ଦାଫାଶ ହୋଇଛି। ମଙ୍ଗଳପୁର ପାକ୍ସର ଦୁର୍ନୀତି ଉପରେ ଡିଆର୍‌ସିଏସ୍(ଉପ ନିବନ୍ଧକ ସମବାୟ ସମିତି ସମୂହ, କଟକ) ପକ୍ଷରୁ ତଦନ୍ତ ଚାଲିଛି। ୨୦୧୭ ଏପ୍ରିଲରୁ ୨୦୧୯ ମାର୍ଚ୍ଚ ମଧ୍ୟରେ ପାକ୍ସ କର୍ମଚାରୀ ଓ ଦଶରଥପୁର ସମବାୟ ସମିତିର କର୍ତ୍ତୃପକ୍ଷ ଓଁକତା କରି ପ୍ରାୟ ୫୦ ଲକ୍ଷ ଟଙ୍କାର ହରିଲୁଟ କରିଛନ୍ତି। କୃଷିବୀମା ଅର୍ଥ ଚାଷୀଙ୍କ ଆକାଉଣ୍ଟକୁ ନ ଯାଇ ପାକ୍ସ କର୍ମକର୍ତ୍ତା ଓ କର୍ମଚାରୀଙ୍କ ଆକାଉଣ୍ଟରେ ଜମା ହୋଇଛି। ଏହି ବେଆଇନ କାରବାରକୁ ଦଶରଥପୁର ସମବାୟ ସମିତି ବ୍ୟାଙ୍କର କର୍ତ୍ତୃପକ୍ଷ ଅକୁଣ୍ଠ ସମର୍ଥନ ଦେଇଛନ୍ତି। ଅନ୍ୟପକ୍ଷେ ଘଟଣାରେ ମାର୍କଣ୍ଡପୁର ପ୍ୟାକ୍ସରେ ୨୦୧୫–୧୬ ବର୍ଷରେ ଏକ ପରିବାରର ୪ଜଣ ସଦସ୍ୟଙ୍କ ନାମରେ ଜମି ଜାଲିଆତି କରି ୧୧୧୨ କ୍ୱିଣ୍ଟାଲ ଧାନ କିଣାଯାଇଥିବା ଅଭିଯୋଗ ଉଠିଛି। ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହେବାପରେ ନ ଶୁଣିବାରୁ ଅଭିଯୋଗକାରୀ ୫ ଜଣ ଚାଷୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏହି ଦୁର୍ନୀତିରେ ଦାୟିତ୍ୱରେ ଥିବା ତତ୍କାଳୀନ ପ୍ୟାକ୍ସ ସମ୍ପାଦକ, କମ୍ପ୍ୟୁଟର ପ୍ରୋଗ୍ରାମର, ଏଆର୍‌ସିଏସ ପ୍ରମୁଖ ସାମିଲ ଥିବା ସନ୍ଦେହ କରାଯାଉଛି। ତେବେ ହାଇକୋର୍ଟ ମାମଲାରୁ ଖସି ଯିବାକୁ ଓଡିଶା ଫୁଡ ପୋର୍ଟାଲରୁ ଚାଷୀ ପଞ୍ଜିକରଣ ତଥ୍ୟ ଉଭାନ କରି ଦିଆଯାଇଛି। ଏପରିକି ଯୋଗାଣ ବିଭାଗ, ବ୍ୟାଙ୍କ ପକ୍ଷରୁ ଆବଶ୍ୟକ ତଥ୍ୟ ଯୋଗାଇ ଦିଆଯାଇ ପାରିନାହିଁ। ଜାଣିଶୁଣି ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାକୁ ଏଭଳି ଅପପ୍ରୟୋଗ କରାଯାଉଥିବା ମନେ ହୋଇଛି। ସେହିପରି ୨୦୧୭ ଜୁନ ୬ ତାରିଖରେ କୋରେଇ ବ୍ଲକ ବନ୍ଦାଳ ସେବା ସମବାୟ ସମିତିରେ କେତେକ ଭାଗଚାଷୀଙ୍କ ନାମରେ ମିଥ୍ୟା ଧାନ ବିକ୍ରି କରି ଲକ୍ଷାଧିକ ଟଙ୍କା ହଡପ କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ତଦନ୍ତ କରିବାକୁ ଏଆର୍‌ସିଏସ୍‌ଙ୍କୁ ନିର୍ଦ୍ଦେଶ ହୋଇଥିଲା। ହେଲେ ତାହା ତଦନ୍ତ ନିର୍ଦ୍ଦେଶରେ ସୀମିତ ରହିଛି। ୫।୧୧।୨୦୧୬ ତାରିଖରେ ରସୁଲପୁର ବ୍ଲକ ବ୍ରହ୍ମବରଦା ସେବା ସମବାୟ ସମିତିର ସମ୍ପାଦକଙ୍କ ବିରୋଧରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବାକୁ ଯାଜପୁର ଏଆର୍‌ସିଏସ୍‌ଙ୍କୁ ନିର୍ଦ୍ଦେଶ ହୋଇଥିଲା। ଏଠାରେ କର୍ମଚାରୀ ନିଯୁକ୍ତିରେ ଜାଲିଆତି, ବେନିୟମ କାର୍ଯ୍ୟ ଓ ଅର୍ଥ ତୋଷରପାତ ଭଳି ସଙ୍ଗୀନ ଅଭିଯୋଗ ହୋଇଥିଲା। ୫।୧୨।୨୦୧୭ରେ ଧର୍ମଶାଳା ବ୍ଲକ ରଣିବେଇପୁର ସେବା ସମିତି ଉପରେ ହୋଇଥିବା ଅଭିଯୋଗ ଉପରେ ଅତିରିକ୍ତ ନିବନ୍ଧକ ତଦନ୍ତ କରିବାକୁ କଟକ ଉପନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ମାସ ୨୦ ତାରିଖରେ ଭିଜିଲାନ୍ସ କାଗଜପତ୍ର ଜବତ କରି ଏହାର ତଦନ୍ତ ଆରମ୍ଭ କରିଛି।

**– ହର୍ଷବର୍ଦ୍ଧନ ବେହେରା**


श्रम एवं रोजगार मंत्रालय
Ministry of Labour & Employment
भारत सरकार (Government of India)
National Career Service
ODISHA SKILL DEVELOPMENT AUTHORITY

# MEGA JOB FAIR

Organised by
ODISHA STATE OPEN UNIVERSITY, SAMBALPUR
in association with
MODEL CAREER CENTRE
DISTRICT EMPLOYMENT EXCHANGE, SAMBALPUR

Age 18-40 Yrs.
Eligibility 8th Pass to Post Graduate/ Experienced

Wednesday, the 24th July 2019 @ 9 AM - 2 PM

Employer Registration upto 22.7.2019 (4 PM)
Student Registration upto 23.7.2019 (2 PM)

Venue: Netaji Subhash Chandra Bose College, Dhanupali, Putibandh, Sambalpur-768005
Please visit our website for online registration & further details
www.osou.ac.in
Registrar







# ପାଟକୁରା ନିର୍ବାଚନ ପାଇଁ ପ୍ରଚାର ଶେଷ
## ଆଜି ଫେରିବେ ମାଲମାଲ ନେତା

**ଭୁବନେଶ୍ୱର, ୧୮।୭ (ବ୍ୟୁରୋ):** ପାଟକୁରା ବିଧାନସଭା ଆସନ ପାଇଁ ଆସନ୍ତା ଶନିବାର ଭୋଟ ହେବ। ଏହାର ୪୮ ଘଣ୍ଟା ପୂର୍ବରୁ ଅର୍ଥାତ୍ ଗୁରୁବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ପାଟକୁରା ଆସନ ହାସଲ କରିବାକୁ ବିଜେଡି ପୂରା ଦମ୍ଭରେ ଲାଗିପଡିଥିଲା ବେଳେ ଦଳର ମାଲମାଲ ବିଧାୟକ, ମନ୍ତ୍ରୀ ଏବଂ ନେତାମାନେ ପ୍ରଚାରରେ ସାମିଲ ହୋଇଥିଲେ। କିଛିଦିନ ହେବ ବିଧାନସଭାରେ ଉପସ୍ଥିତ ନ ରହି ଶାସକ ଦଳ ବିଧାୟକମାନେ ପାଟକୁରାରେ ଡେରାପକାଇ ରହିଛନ୍ତି। ଭାଜପାର ବହୁ ନେତା ବିଜୟ ମହାପାତ୍ରଙ୍କ ପାଇଁ ମଧ୍ୟ ପ୍ରଚାର କରୁଛନ୍ତି। କଂଗ୍ରେସ ପ୍ରଚାରରେ ବିଜେଡି ଓ ଭାଜପାଠାରୁ ପଛରେ ଥିବା ଶୁଣିବାକୁ ମିଳୁଛି। ଅନ୍ୟପଟେ ପ୍ରଚାରର ଶେଷଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଟକୁରା ଗସ୍ତ କାର୍ଯ୍ୟ ଶେଷକରି ଫେରି ଆସିଛନ୍ତି। ପାଟକୁରାରେ ଡେରା ପକାଇଥିବା ନେତାମାନେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ରାଜଧାନୀ ଫେରିବେ ବୋଲି ଜଣାପଡିଛି।

# ୨୧ରେ ସ୍ୱତନ୍ତ୍ର ଓଜେଇଇ

**ଭୁବନେଶ୍ୱର,୧୮।୭(ବ୍ୟୁରୋ):** ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ବା ସ୍ପେଶାଲ ଓଜେଇଇ ୨୦୧୯ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ବି.ଟେକ୍ ସହ ଲାଟେରାଲ ଏଣ୍ଟ୍ରି ବି.ଟେକ୍(ଡିପ୍ଲୋମା), ଲାଟେରାଲ୍ ଏଣ୍ଟ୍ରି ବି.ଟେକ୍(ବିଏସ୍‌ସି), ଏମ୍‌ବିଏ, ଏମ୍‌ସିଏ, ଲାଟେରାଲ୍ ଏଣ୍ଟ୍ରି ଏମ୍‌ସିଏ, ବି ଫାର୍ମା ଓ ଏମ୍ ଫାର୍ମା ପାଠ୍ୟକ୍ରମରେ ନାମଲେଖା ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହେବ। ମୋଟ ୧୭,୬୭୯ ଛାତ୍ରଛାତ୍ରୀ ଏଥର ସ୍ପେଶାଲ ଓଜେଇଇ ଦେବାକୁ ଯିବାବେଳେ ଏଥିପାଇଁ ରାଜ୍ୟର ୨୦ଟି ସହରରେ ୩୧ ପରୀକ୍ଷା କେନ୍ଦ୍ର ହୋଇଛି। ୨ଟି ସିଫ୍ଟରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ପୂର୍ବାହ୍ନ ୯ଟା ୩୦ରୁ ୧୧ଟା ୩୦ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରଥମ ସିଫ୍ଟରେ ବି.ଟେକ୍ ଓ ବି. ଫାର୍ମା ପାଇଁ ପରୀକ୍ଷା ହେବ। ମଧ୍ୟାହ୍ନ ୧୨ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଦ୍ୱିତୀୟ ସିଫ୍ଟରେ ଅନ୍ୟ ପାଠ୍ୟକ୍ରମଗୁଡ଼ିକ ଲାଗି ପରୀକ୍ଷା ହେବ। ଛାତ୍ରଛାତ୍ରୀମାନେ ojee.nic.in ୱେବ୍‌ସାଇଟରୁ ସେମାନଙ୍କ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ୨୫ ତାରିଖରେ ପରୀକ୍ଷା ଫଳ ପ୍ରକାଶ ପାଇବ। ୨୫ରୁ ୨୭ ତାରିଖ ମଧ୍ୟରେ ଛାତ୍ରଛାତ୍ରୀ ର୍‌ୟାଙ୍କକାର୍ଡ ଡାଉନ୍‌ଲୋଡ୍ କରିବା ସହ ଅନ୍‌ଲାଇନ୍ ଚଏସ୍ ଫିଲିଂ କରିପାରିବେ। ଆସନ୍ତା ୩୦ ତାରିଖରେ ପ୍ରଥମ ପର୍ଯ୍ୟାୟ ଆଲଟ୍‌ମେଣ୍ଟ ଓ ଅଗଷ୍ଟ ୩ରେ କଲେଜରେ ପିଲାମାନେ ରିପୋର୍ଟ କରିପାରିବେ। ମିଳିଥିବା ସୂଚନା ମୁତାବକ, ବି.ଟେକ୍‌ରେ ସର୍ବାଧିକ ୭,୭୭୧ ଜଣ ଛାତ୍ରଛାତ୍ରୀ ରହିଥିବାବେଳେ ଲାଟେରାଲ ଏଣ୍ଟ୍ରି ବି.ଟେକ୍(ଡିପ୍ଲୋମା)ରେ ୪,୩୧୨ଜଣ, ଲାଟେରାଲ୍ ଏଣ୍ଟ୍ରି ବି.ଟେକ୍(ବିଏସ୍‌ସି)ରେ ୧୨୦, ଏମ୍‌ବିଏ ପାଇଁ ୩,୪୦୪, ଏମ୍‌ସିଏରେ ୬୧୪, ଲାଟେରାଲ ଏଣ୍ଟ୍ରି ଏମ୍‌ସିଏରେ ୨୪୭, ବି.ଫାର୍ମାରେ ୧୧୬୨ ଓ ଏମ୍. ଫାର୍ମାରେ ୪୯ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଛନ୍ତି।




ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ- ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। -ଶ୍ରୀମା



# ଭୁଲ୍ ନିଷ୍ପତ୍ତି

ଜୁଲାଇ ୫ ତାରିଖର କେନ୍ଦ୍ର ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୁନା ଉପରେ ଆମଦାନୀ ଶୁଳ୍କ ୨.୫ ପ୍ରତିଶତ ବୃଦ୍ଧି କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ଅଧିକ ସୁନା କିଣିବାରୁ ନିରୁତ୍ସାହିତ କରିବା। ଭାରତ ହେଉଛି ବିଶ୍ୱର ସର୍ବବୃହତ୍ ସୁନା ଆମଦାନିକାରୀ। ଏହା ବର୍ଷକୁ ହାରାହାରି ୬୫୦ ଟନ୍ ସୁନା ଆମଦାନି କରିଥାଏ। ତେବେ ସୁନା ପ୍ରତି ଆମର ଏତେ ଆକର୍ଷଣ ମୂଳରେ କେବଳ ସାଂସ୍କୃତିକ କାରଣ ନାହିଁ ବା ପର୍ଯ୍ୟାପ୍ତ ସୁନାର ମାଲିକ ହୋଇ ଗହଣାରେ ନିଜକୁ ସଜେଇ ଦେଖେଇହେବାର ପ୍ରଲୋଭନ ନାହିଁ। ଭାରତୀୟମାନଙ୍କ ସୁନା ପ୍ରତି ମୋହ ଏକ ପ୍ରକାର ମାନସିକ ରୋଗ ପରି। ଭାରତ ବ୍ୟାପକ ପରିମାଣର ସୁନା ଅମାଦାନି କରିବାର ଆଉ ଏକ କାରଣ ହେଉଛି ଭାରତରେ ବହୁ କମ୍ ପରିମାଣର ସୁନା ଉତ୍ପାଦନ ହୁଏ। ହଜାର ହଜାର ବର୍ଷ ଭିତରେ ପୃଥିବୀର ବହୁ ପରିମାଣର ସୁନା ଭାରତକୁ ଆସିଛି। ବିଦେଶୀମାନେ ଆମ ଦେଶରୁ ଏହାର ବହୁଳାଂଶ ଲୁଣ୍ଠନ କରି ନେଇଛନ୍ତି। ବର୍ତ୍ତମାନ ଆମ ପାଖରେ ଯାହା କିଛି ବି ସୁନା ଅଛି, ତାହା ବାହାର ଦେଶରୁ ଆସୁଛି। ବର୍ତ୍ତମାନ ଆମଦାନୀ ଶୁଳ୍କ ବୃଦ୍ଧି କରାଯିବା ଯୋଗୁ ସୁନା ମୂଲ୍ୟରେ କିଛିଟା ବୃଦ୍ଧି ଘଟିଛି। ବର୍ତ୍ତମାନ ଘରୋଇ ବଜାରରେ ୧୦ ଗ୍ରାମ୍ ସୁନାର ମୂଲ୍ୟ ପ୍ରାୟ ୩୫,୦୦୦ ଟଙ୍କା। ତେବେ ଦାମ୍ ବଢ଼ିଗଲା ବୋଲି କ'ଣ ଭାରତୀୟମାନେ ସୁନା କିଣିବା ବନ୍ଦ କରିଦେବେ? ବାସ୍ତବରେ କେବେ ନୁହେଁ।

ଭାରତୀୟମାନଙ୍କର ସୁନା ଏତେ ପ୍ରିୟ ହେବାର ଗଭୀରତର କାରଣ ଏହାର ସାଂସ୍କୃତିକ ଚେତନା ଭିତରେ ରହିଛି। ଜାତି, ବର୍ଣ୍ଣ, ଧର୍ମ, ମତ, ଗୋଷ୍ଠୀ, ସମ୍ପ୍ରଦାୟ ନିର୍ବିଶେଷରେ ଭାରତୀୟମାନେ ସୁନା କିଣନ୍ତି। କୌଣସି ପର୍ବପର୍ବାଣି ହେଉ ବା ପାରିବାରିକ ଉତ୍ସବ ଅବସରରେ ସୁନା ଗହଣା କିଣିବା, ପିନ୍ଧିବା ଓ ପ୍ରଦର୍ଶନ କରିବାର ଏକ ନିଆରା ଆକର୍ଷଣ ଥାଏ।

ଭାରତୀୟ ପରିବାରଗୁଡ଼ିକ ପାଖରେ ବିଶ୍ୱର ମୋଟ ସୁନା ଭଣ୍ଡାରର ପ୍ରାୟ ୧୧ ପ୍ରତିଶତ ଅଛି ବୋଲି ବିଶ୍ୱାସ କରାଯାଏ, ଯାହା ପ୍ରାୟ ୨୪,୦୦୦ ଟନ୍ ଓଜନର ଓ ପାଖାପାଖି ୧ ଟ୍ରିଲିୟନ (ଲକ୍ଷ କୋଟି) ଡଲାର ମୂଲ୍ୟର ହେବ। ଏଥି ସହ ଭାରତର ମନ୍ଦିରଗୁଡ଼ିକରେ ମହଜୁଦ ଥିବା ସୁନାକୁ ମିଶାନ୍ତୁ, ଯାହା ୪୦୦୦ ଟନରୁ ଅଧିକ ହେବ। ଭାରତୀୟ ରିଜର୍ଭ ବ୍ୟାଙ୍କ ପାଖରେ ୬୧୫ ଟନ୍ ସୁନା ଗଚ୍ଛିତ ଅଛି। ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ପାଖରେ ୮,୧୩୩ ଟନରୁ ଅଧିକ ସୁନା ମହଜୁଦ ଅଛି, ଯାହା ବିଶ୍ୱର ଅନ୍ୟ ପ୍ରତ୍ୟେକ ଦେଶ ମହଜୁଦ ରଖିଥିବା ସୁନାର ପରିମାଣଠାରୁ ଅଧିକ। ଏହି ତାଲିକାରେ ଆମ ଦେଶର ସ୍ଥାନ ୧୦ ନମ୍ବରରେ ରହିଛି। ବିଶ୍ୱର ସୁନା ସମାଲୋଚକ ଓ କେତେକ ପାଶ୍ଚାତ୍ୟ ଅର୍ଥନୀତିଜ୍ଞଙ୍କ ମତରେ ସୁନାରେ ଅର୍ଥ ନିବେଶ କରିବା ମୂଲ୍ୟହୀନ କାରଣ ଏଥିରୁ କିଛି ସୁଧ ମିଳି ନ ଥାଏ। ସେମାନେ ଚାହାନ୍ତି ଟିକସ ବୃଦ୍ଧି ସମେତ ଯେକୌଣସି ଉପାୟରେ ସୁନାରେ ନିବେଶ ହାର କମାଇବାକୁ। ତେବେ ଏକଥା ସତ ଯେ, ସୁନାରେ ଟଙ୍କା ନିବେଶ କଲେ ସେଥିରୁ କିଛି ସୁଧ ମିଳେ ନାହିଁ ଓ ସେହି ଟଙ୍କା ଅବରୁଦ୍ଧ ହୋଇ ରହିଯାଏ। ଅର୍ଥନୀତିରେ ଏହା ସଚଳ ହୁଏ ନାହିଁ, ଯେପରି ବ୍ୟାଙ୍କରେ ଟଙ୍କା ଜମା କଲେ ହୁଏ। ତଥାପି ସୁନାର କିଣାବିକା ଦ୍ୱାରା ଅର୍ଥନୀତିକୁ ଲାଭ ମିଳେ। ରତ୍ନପଥର ଓ ଗହଣା ଶିଳ୍ପ ଲକ୍ଷ ଲକ୍ଷ ଗହଣା କାରିଗର ଓ ବେପାରୀଙ୍କୁ ନିଯୁକ୍ତି ଦିଏ, ଯେଉଁମାନେ ଏହା ଉପରେ ନିର୍ଭର କରି ବଞ୍ଚନ୍ତି। ଦେଶକୁ ଆମଦାନି କରାଯାଉଥିବା ସୁନାର ଏକ ବୃହତ୍ ଅଂଶରେ ମୂଲ୍ୟଯୁକ୍ତ ହୋଇ ତାହା ପୁଣି ବିଦେଶକୁ ରପ୍ତାନି ହୁଏ। ସାରା ବିଶ୍ୱରେ ଅର୍ଥନୈତିକ ଅନିଶ୍ଚିତତାକୁ ରୋକିବାରେ ସୁନାକୁ ଏକ ବାଡ଼ ଭାବେ ବିବେଚନା କରାଯାଏ। ଭାରତୀୟ ପରିବାରଗୁଡ଼ିକ ଏହା ଭଲଭାବେ ବୁଝିଛନ୍ତି। ତେଣୁ ସରକାର ସୁନା ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରିବା ଏକ ଉତ୍ତମ ଚିନ୍ତାଧାରା ନୁହେଁ। ଆମଦାନୀ ଶୁଳ୍କ ବୃଦ୍ଧି ଯୋଗୁ ଘରୋଇ ବଜାରରେ ସୁନାର ମୂଲ୍ୟ ବୃଦ୍ଧି ପାଇଥିଲେ ମଧ୍ୟ ଚାଇନା-ଆମେରିକା ବାଣିଜ୍ୟ ଯୁଦ୍ଧ ଯୋଗୁ ସୁନାର ଅନ୍ତର୍ଜାତୀୟ ମୂଲ୍ୟ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି କାରଣ ସୁନା ହିଁ ଅର୍ଥନୈତିକ ଅସ୍ଥିରତାରୁ ମୁକ୍ତି ଦେଇପାରିବ ବୋଲି ଲୋକେ ବିଶ୍ୱାସ କରୁଛନ୍ତି। ସୁନାର ଆମଦାନି ହ୍ରାସ କରିବା ଲାଗି ସରକାର ଚେଷ୍ଟା କରିବା ଯେ ଅନୁଚିତ, ତା'ର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ଅନ୍ତର୍ଜାତୀୟ ବଜାର ତୁଳନାରେ ଘରୋଇ ବଜାରରେ ସୁନାର ମୂଲ୍ୟ ବୃଦ୍ଧି ପାଇଲେ ସୁନାର କଳାବଜାର ବୃଦ୍ଧି ପାଇବ, ଯାହା ଅଣ୍ଡରୱାର୍ଲ୍ଡ ଦ୍ୱାରା ନିୟନ୍ତ୍ରିତ ହେବ। ଏକ ସର୍ବେକ୍ଷଣ ଅନୁସାରେ ଏହି ବେଆଇନ କାରବାର ଆଇନାନୁମୋଦିତ କାରବାରର ପ୍ରାୟ ୨୦ ପ୍ରତିଶତ। ଆମଦାନୀ ଶୁଳ୍କ ବୃଦ୍ଧି ମାଧ୍ୟମରେ ସରକାର ଆପଣାଉଥିବା ସଂରକ୍ଷଣବାଦ (Protectionism) ଭଲ ଅପେକ୍ଷା ସ୍ଥାନୀୟ ଶିଳ୍ପର ଅଧିକ କ୍ଷତିସାଧନ କରିବ। ତେଣୁ ସରକାର ଏ ପ୍ରକାର ସଂରକ୍ଷଣବାଦ ତ୍ୟାଗ କରିବା ଉଚିତ, କାରଣ ଏହା ଏକ ଭୁଲ୍ ନିଷ୍ପତ୍ତି।

## ଆଜିର ଅର୍ଥନୀତି

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଜୁଲାଇ ୧୯୯୪

- ଦ୍ୱୈତ ଟିକସ ବ୍ୟବସ୍ଥାକୁ ଦୂର କରିବା ଏବଂ ଟିକସ ଫାଙ୍କି କାରବାରକୁ ରୋକିବା ପାଇଁ ଚାଇନା ଓ ଭାରତ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଶ୍ରୀଲଙ୍କାର ଜାଫନା ଅଞ୍ଚଳରେ ନିର୍ବାଚନକୁ ସ୍ଥଗିତ ରଖିବା ଆବେଦନକୁ ଦେଶର ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 2 | | | | 4 | | C | | | | 6 | | 7 |
| | B | 7 | | | 9 | | | D | 0 | | 1 | 5 | | |
| | | | | | | | | | | 3 | A | 2 | 1 | D |
| 9 | | | | | 3 | | | E | | C | | | | |
| | | | | 6 | | | | A | | 4 | D | | 8 | |
| 2 | | | 0 | | | C | | | | | 5 | 9 | 4 | |
| | | 0 | | | 6 | | | | | 9 | | | | |
| | | | | A | | B | 5 | | | 0 | | | | |
| C | | | | | 7 | E | | | | | 4 | D | 2 | |
| | D | A | 4 | | 8 | | | | | | 6 | 7 | 3 | |
| | | | 2 | | 0 | 5 | | | 7 | | 3 | | C | 6 |
| | | 3 | | 9 | | | | | E | | 8 | | | 1 |
| | | | 5 | | 4 | | A | | | | | | 9 | 2 |
| | | 5 | | 7 | | | 1 | | | A | | 0 | | |
| | | D | A | 8 | 1 | | 9 | | 5 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | B | 6 | 2 | 7 | C | D | 8 | 3 | 5 | 9 | 0 | 4 | A | E |
| E | 2 | C | 8 | 0 | 6 | A | 4 | 5 | 1 | B | D | 9 | 3 | 7 |
| D | 0 | 5 | 3 | E | 4 | C | 9 | 2 | 6 | 7 | A | 1 | B | 8 |
| 7 | A | 8 | 9 | B | D | 0 | E | 1 | C | 3 | 4 | 2 | 6 | 5 |
| 4 | 3 | 9 | 1 | 5 | A | B | 7 | 6 | 2 | E | 8 | 0 | C | D |
| 5 | E | D | A | 2 | 8 | 6 | 3 | C | B | 0 | 9 | 7 | 4 | 1 |
| 3 | 8 | 2 | 6 | 1 | B | 7 | 5 | D | 4 | C | E | A | 9 | 0 |
| 0 | 4 | B | 5 | 3 | 9 | 2 | A | 8 | 7 | D | 1 | 6 | E | C |
| 6 | 7 | A | C | 4 | 0 | 9 | 1 | E | 3 | 5 | 2 | D | 8 | B |
| C | 9 | 1 | E | D | 7 | 4 | 0 | B | 8 | A | 6 | 5 | 2 | 3 |
| 2 | 1 | 0 | 7 | C | E | 5 | B | 9 | A | 6 | 3 | 8 | D | 4 |
| A | D | 3 | 4 | 6 | 5 | E | 2 | 7 | 0 | 8 | C | B | 1 | 9 |
| B | 5 | E | D | 8 | 2 | 1 | C | A | 9 | 4 | 7 | 3 | 0 | 6 |
| 9 | 6 | 7 | 0 | A | 3 | 8 | D | 4 | E | 1 | B | C | 5 | 2 |
| 8 | C | 4 | B | 9 | 1 | 3 | 6 | 0 | D | 2 | 5 | E | 7 | A |

ଗତକାଲିର ଉତ୍ତର

# ଚୌକି ମୋତେ ଚାହେଁ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଗତ ନିର୍ବାଚନ ଫଳ ଘୋଷିତ ହେବା ପରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଲେ, ''ମୁଁ ଚୌକି ଚାହୁଁ ନାହିଁ, ଚୌକି ମୋତେ ଚାହେଁ।'' ତାଙ୍କର ଏହି କଥା ପଦକ ମନେ ପକାଇ ଦେଉଥିଲା ପଞ୍ଜାବର ଏକ ଲୋକକଥା। ଦୁଇଜଣ ପଥିକ ଏକ ନିର୍ଜନ ନଈକୂଳରେ ଯାଉଥାନ୍ତି। ନଈରେ ଆସିଥାଏ ବନ୍ୟା। ନଈରେ ଭାସିଯାଉଥାଏ କଳାରଙ୍ଗର ଏକ ଦ୍ରବ୍ୟ। ଜଣେ ପଥିକକୁ ମନେହେଲା ତାହା ଏକ କମ୍ବଳ। ତା'ର ଇଚ୍ଛା ହେଲା କମ୍ବଳଟିକୁ ସଂଗ୍ରହ କରିବା ପାଇଁ ଓ ସେ ସଙ୍ଗେ ସଙ୍ଗେ ଡେଇଁ ପଡିଲା ନଈ ଭିତରକୁ। ତଥାକଥିତ ସେହି କମ୍ବଳଟିକୁ ସେ ଧରିଲା। ମାତ୍ର ସେ ଆଉ କମ୍ବଳଟିକୁ ଧରି ନଈକୂଳକୁ ଫେରିପାରିଲା ନାହିଁ। ଦ୍ୱିତୀୟ ପଥିକ ତାକୁ ନଈକୂଳରେ ଅପେକ୍ଷା କରିଥାଏ। ମାତ୍ର ସେ ଆଶ୍ଚର୍ଯ୍ୟ ହୋଇ ଦେଖିଲା ତା'ର ସହଯାତ୍ରୀ କମ୍ବଳଟିକୁ ଧରି ଫେରିବା ପରିବର୍ତ୍ତେ କମ୍ବଳ ସହ ନିଜେ ଭାସିଯାଉଛି। ଦ୍ୱିତୀୟ ପଥିକ ନଈକୂଳରେ ଠିଆ ହୋଇ କହିଲା, ମୂର୍ଖ! କମ୍ବଳ ଦରକାର ନାହିଁ। ତାକୁ ଛାଡିଦେଇ ନଈକୂଳକୁ ଚାଲିଆ। ପ୍ରଥମ ପଥିକ କହିଲା, ''ଆରେ ଭାଇ, ମୁଁ କମ୍ବଳକୁ ଛାଡିବାକୁ ଚେଷ୍ଟା କରୁଛି, ମାତ୍ର କମ୍ବଳଟି ମୋତେ ଛାଡୁନାହିଁ।'' କ୍ରମେ ପ୍ରବଳ ସ୍ରୋତରେ ସେ କମ୍ବଳ ସହ ଭାସିଯାଇ ଅଦୃଶ୍ୟ ହୋଇଗଲା। ପ୍ରକୃତରେ ତାହା କମ୍ବଳ ନ ଥିଲା, ଥିଲା କମ୍ବଳ ଭଳି ଦିଶୁଥିବା ଏକ ଭାଲୁ। ଠିକ୍ ସେହି ଢଙ୍ଗରେ ମମତା ବାନାର୍ଜୀ କହିଲେ, ମୁଁ ମୁଖ୍ୟମନ୍ତ୍ରୀ ପଦ ଛାଡିବାକୁ ପ୍ରସ୍ତୁତ, ମାତ୍ର ଏହି ପଦ ମୋତେ ଛାଡୁନାହିଁ। ସତରେ କ୍ଷମତାର କି ପ୍ରଚଣ୍ଡ ଆକର୍ଷଣ। ମଣିଷ ଥରେ କ୍ଷମତାର ସ୍ୱାଦ ଚାଖିଲେ, ସେ ଆଉ କ୍ଷମତାକୁ ଛାଡିପାରେ ନାହିଁ। କେବଳ ଛଳନା କରି ସେ କହେ ''କ୍ଷମତା ମୋତେ ଛାଡୁନାହିଁ''।

ଜୀବଜଗତରେ ଆମେ ଦେଖୁ ଦୁଇପ୍ରକାର କ୍ଷମତାପ୍ରବଣତା- ଗୋଟିଏ ସହଜାତ ଓ ଅନ୍ୟଟି ଅହମିକାପ୍ରଣୋଦିତ। ପଶୁ ଜଗତରେ ଦେଖାଯାଏ ସହଜାତ କ୍ଷମତାପ୍ରବଣତା। ଗୋଟିଏ ସିଂହ ବା ବାଘ ଅନ୍ୟ ପ୍ରାଣୀମାନଙ୍କ ଉପରେ ପ୍ରାକୃତିକ ନିୟମର ବଶବର୍ତ୍ତୀ ହୋଇ କ୍ଷମତା ସାବ୍ୟସ୍ତ କରେ। ମାତ୍ର ମଣିଷ ଅହମିକା ପ୍ରଣୋଦିତ ହୋଇ କ୍ଷମତା ସାବ୍ୟସ୍ତ କରେ। ଆଜି ଯେଉଁ ରାଜନେତାମାନେ କହୁଛନ୍ତି, ଚୌକି ମୋତେ ଚାହେଁ, ମୁଁ ଚୌକି ଚାହୁଁ ନାହିଁ, ସେମାନେ ଅହଂ-କବଳିତ। ଜଣେ ସାଧାରଣ ମଣିଷ କ୍ଷମତା ଓ ପଦ ପାଇବା ପରେ କ୍ରମେ ଅହଂଗ୍ରସ୍ତ ହୋଇଯାଏ। ଏହି ପ୍ରସଙ୍ଗରେ ମନେପଡ଼େ ଏକ କାହାଣୀ। ଜଣେ ରାଜପୁତ୍ର ନିଜର ବିବାହ ପାଇଁ ଜଣେ ରାଜକୁମାରୀ ସନ୍ଧାନରେ ଥାନ୍ତି। ତାଙ୍କର ଧାରଣା ହେଲା ରାଜକୁମାରୀ ମାତ୍ରେ ଉଦ୍ଧତ ଓ ଅହଂକାରୀ। ଏଣୁ ସେ ମନେ ମନେ ଖୋଜିଲେ ଜଣେ ସୌମ୍ୟା ନମ୍ର ବଧୂ ଯିଏ କି ରାଜ ପରିବାରରେ ଜନ୍ମଗ୍ରହଣ କରି ନ ଥିବ। ରାଜକୁମାର ତାଙ୍କର ଜଣେ ଶିକ୍ଷକଙ୍କ ସୁନ୍ଦରୀ କନ୍ୟା ପ୍ରତି ଆକର୍ଷିତ ହେଲେ, କାରଣ ସେ ଥିଲା ଅତ୍ୟନ୍ତ ବିନୟୀ। ଦିନେ ରାଜକୁମାର ଶିକ୍ଷକଙ୍କ ନିକଟକୁ ଯାଇ କହିଲେ, ''ଗୁରୁଦେବ ! ଯଦି ଆପଣ ଆପଣଙ୍କ ବିନୟୀ କନ୍ୟାକୁ ମୋତେ ଅର୍ପଣ କରନ୍ତେ ମୁଁ ତାକୁ ବିବାହ କରି ନିଜକୁ ଭାଗ୍ୟବାନ୍ ମଣନ୍ତି।'' ଶିକ୍ଷକ ଆଶ୍ଚର୍ଯ୍ୟ ହେଲେ। କାରଣ କେତେ ଉଚ୍ଚବଂଶଜ ସୁନ୍ଦରୀ ରାଜକୁମାରୀଙ୍କୁ ପ୍ରତ୍ୟାଖ୍ୟାନ କରି ରାଜକୁମାର ଜଣେ ସାଧାରଣ ଶିକ୍ଷକଙ୍କ କନ୍ୟାକୁ ସ୍ତ୍ରୀରୂପେ ବାଛିଛନ୍ତି। ତେଣୁ ସେ କହିଲେ, ''ଦେଖ ପୁଅ! ତୁମେ ମୋ କନ୍ୟାକୁ ବିବାହ କଲେ ମୁଁ ଓ ମୋ କନ୍ୟା ଉଭୟେ ନିଜକୁ ଭାଗ୍ୟଶାଳୀ ମଣିବୁ। ମାତ୍ର ତୁମେ ପ୍ରକୃତରେ ଭାଗ୍ୟବାନ୍ ହୋଇପାରିବ କି ନାହିଁ ସେ କଥା ମୁଁ କହିପାରିବି ନାହିଁ।'' ମାତ୍ର ରାଜକୁମାର ତାଙ୍କ ସିଦ୍ଧାନ୍ତରେ ଅଟଳ ରହିଲେ ଓ ଶିକ୍ଷକଙ୍କ କନ୍ୟାକୁ ବିବାହ କଲେ।

ଅନେକ ବର୍ଷ ଅତିକ୍ରାନ୍ତ ହେଲା। ପିତାଙ୍କ ନିକଟରେ ଥିବାବେଳେ ଯେଉଁ କନ୍ୟା ଅତ୍ୟନ୍ତ ବିନୟୀ ଥିଲା ସେ ରାଜକୁମାରଙ୍କୁ ବିବାହ କରିବା ପରେ କ୍ରମେ ଉଦ୍ଧତ ଓ ଅହଂକାରୀ ହୋଇଗଲା। ରାଜକୁମାର ତା'ର ପରିବର୍ତ୍ତିତ ବ୍ୟବହାରରେ ବିସ୍ମିତ ହେଲେ ଓ ଶିକ୍ଷକଙ୍କୁ ଏହାର କାରଣ ପଚାରନ୍ତେ ଶିକ୍ଷକ କହିଲେ, ''ପୁଅ ! ତୁମେ ତା'ର ପରିବର୍ତ୍ତିତ ବ୍ୟବହାରରେ ବିସ୍ମିତ ହୋଇଥାଇ ପାର, ମାତ୍ର ମୁଁ ବିସ୍ମିତ ନୁହେଁ। ତୁମେ ଅନେକ ସୁନ୍ଦରୀ ରାଜକୁମାରୀଙ୍କ ବିବାହ ପ୍ରସ୍ତାବକୁ ଅଗ୍ରାହ୍ୟ କରି ମୋ କନ୍ୟାକୁ ପସନ୍ଦ କଲ। ଫଳରେ ସେ ଭାବିନେଲା ଯେ ସେ ନିଶ୍ଚୟ ଅସାମାନ୍ୟା ହୋଇଥିବ, ନ ହେଲେ ତୁମେ ତାକୁ ବିବାହ କରି ନ ଥାନ୍ତ। ସେ ଏହି ଧାରଣା ଦ୍ୱାରା କବଳିତ ହୋଇ ବନିଗଲା ଅହଂକାରୀ। ନିର୍ବାଚନ ସମୟରେ ନେତାମାନେ ଯେତେବେଳେ ଘର ଘର ବୁଲି ଭୋଟ ଭିକ୍ଷା କରନ୍ତି, ସେତେବେଳେ ସେମାନେ ଅତ୍ୟନ୍ତ ବିନୟୀ ଜଣାପଡନ୍ତି। ସେମାନଙ୍କ ବିନୟ ଭାବରେ ପ୍ରଭାବିତ ହୋଇ ଜନସାଧାରଣ ସେମାନଙ୍କୁ ଭୋଟ ଦିଅନ୍ତି। ନିର୍ବାଚନ ସରେ, ସେମାନେ କ୍ଷମତାରେ ଅଧିଷ୍ଠିତ ହୁଅନ୍ତି। ଶିକ୍ଷକଙ୍କ କନ୍ୟା ଭଳି ସେମାନଙ୍କ ଭାବାନ୍ତର ଘଟେ। ଅନେକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଅଗ୍ରାହ୍ୟ କରି ଭୋଟରମାନେ ଯେତେବେଳେ ତାଙ୍କୁ ମନୋନୀତ କରି ଶାସନ ଗାଦିରେ ବସାଇଛନ୍ତି ସେମାନେ ନିଶ୍ଚୟ ଅସାମାନ୍ୟ ବ୍ୟକ୍ତିତ୍ୱ ହୋଇଥିବେ ବୋଲି ସେମାନଙ୍କ ଧାରଣା ସୃଷ୍ଟି ହୁଏ। କ୍ରମେ ସେମାନଙ୍କ ପ୍ରାକ୍-ନିର୍ବାଚନ ସମୟର ବିନୟଭାବ ଉଭେଇଯାଏ ଓ ସେମାନେ ପାଲଟିଯାଆନ୍ତି କ୍ଷମତାଶାଳୀ ଅହଂକାରୀ ବ୍ୟକ୍ତି। ଆଜି ଅଧିକାଂଶ ରାଜନେତାଙ୍କ ଆଚରଣରେ ଏହାହିଁ ପ୍ରତିଫଳିତ ହେଉଛି।

ଲର୍ଡ ଏକ୍ଟନ ତାଙ୍କର Historical Essays and Studies ପୁସ୍ତକରେ କହିଛନ୍ତି କ୍ଷମତା ଦୁର୍ନୀତିପରାୟଣ କରାଏ, ସୀମାହୀନ କ୍ଷମତା ସୀମାହୀନ ମାତ୍ରାରେ ଦୁର୍ନୀତିପରାୟଣ କରାଏ (Power corrupts and absolute power corrupts absolutely)। ମାତ୍ର ଜର୍ଜ ବର୍ଣ୍ଣାଡ୍ ଶ ଏକ ଭିନ୍ନ କଥା କହିଛନ୍ତି। ତାଙ୍କ ମତରେ କ୍ଷମତା ବ୍ୟକ୍ତିକୁ ଦୁର୍ନୀତିପରାୟଣ କରେ ନାହିଁ, କିନ୍ତୁ ନିର୍ବୋଧମାନେ ଯଦି କ୍ଷମତାସୀନ ହୁଅନ୍ତି, ସେମାନେ ହିଁ କ୍ଷମତାକୁ ଦୁର୍ନୀତିମୟ କରିପକାନ୍ତି (Power does not corrupt man; but fools, if they get into position of power, corrupt power)। ବର୍ଣ୍ଣାଡ୍ଙ୍କ ମତରୁ ଆମେ ଆଶା କରିପାରିବା ଅଣନିର୍ବୋଧମାନେ କ୍ଷମତାସୀନ ହେଲେ କିଛି ବିପଦ ନାହିଁ। ମାତ୍ର ଆଜି ଅନେକ ଗୁଣୀ, ଜ୍ଞାନୀ ଓ ଶିକ୍ଷିତ ବ୍ୟକ୍ତି ଶାସନର ମଙ୍ଗ ଧରିଲେଣି। ମାତ୍ର ପରବର୍ତ୍ତୀ ସମୟରେ ସେମାନେ ବି ଦୁର୍ନୀତିରେ ବୁଡି ରହୁଛନ୍ତି। ଦୁର୍ନୀତି ପଛରେ ରହିଥାଏ ସେହି କ୍ଷମତାର ଆକର୍ଷଣ। ଏହି ପ୍ରସଙ୍ଗରେ ସାହିତ୍ୟିକ ଜନ ଷ୍ଟେଇନ୍‌ବେକ୍ କହିଛନ୍ତି, କ୍ଷମତା ଦୁର୍ନୀତିପରାୟଣ କରେନାହିଁ, ଦୁର୍ନୀତିପରାୟଣ କରାଏ ଭୟ, ସମ୍ଭବତଃ କ୍ଷମତା ଚାଲିଯିବାର ଭୟ (Power does not corrupt, Fear corrupts, perhaps the fear of loss of power)। ଭୋଟ ପାଇ ଶାସନ ଗାଦିରେ ପାଞ୍ଚବର୍ଷ ସିନା ବସିହୁଏ, ତା'ପରେ ପୁଣି ଭୋଟ ମିଳିବ କି ନା ସେହି ଆଶଙ୍କା ରହିଥାଏ। କ୍ଷମତା ଚାଲିଯିବା ପରେ ତାଙ୍କ ଅବସ୍ଥା କ'ଣ ହେବ ସେହି ଭୟ ନେତାଙ୍କୁ ଗ୍ରାସ କରେ। ଫଳରେ ଆହୁରି ନିର୍ମମ ଭାବରେ ସେମାନେ କ୍ଷମତାକୁ ଜାବୁଡି ଧରିବା ପାଇଁ ତା'ର ଅପପ୍ରୟୋଗ କରନ୍ତି ଓ ଦୁର୍ନୀତି କରନ୍ତି। ତା' ସତ୍ତ୍ୱେ ଛଳନା କରି ସେମାନେ କହନ୍ତି, ''ମୁଁ ଶାସନ ଗାଦି ଚାହୁଁନାହିଁ, ହେଲେ ମୋର ଦେଶପ୍ରେମ ମୋତେ ବାଧ୍ୟ କରୁଛି।''

ସେଦିନ ନିଜର ଅଜ୍ଞାନତାବଶତଃ ପଥିକ ଜଣକ ଭାଲୁକୁ କମ୍ବଳ ଭାବି ଧରିଥିଲା। ମାତ୍ର ଭାଲୁଟି ତାକୁ ଜାବୁଡି ଧରିଲା ଓ ଉଭୟେ ପ୍ରବଳ ସ୍ରୋତରେ ଭାସିଗଲେ। ଆଜି ମଣିଷ ସଚେତନ ଭାବରେ କ୍ଷମତାକୁ ଜାବୁଡି ଧରୁଛି। ତା'ର ଅପପ୍ରୟୋଗ କରୁଛି। ସେ ଭୁଲିଯିବା ଉଚିତ ନୁହେଁ ଯେ ଭାଲୁଟି ପଥିକକୁ ଭସାଇନେବା ଭଳି ସେ ଅପପ୍ରୟୋଗ କରିଥିବା କ୍ଷମତା ତାକୁ ମଧ୍ୟ ଭସାଇନେବ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ,
ମୋ-୯୪୩୭୩୨୯୨୬୩

# ଏଜେଣ୍ଟଙ୍କ ଦୁଃଖ



ରୁଦ୍ର ପ୍ରସନ୍ନ ରଥ

ଗତ କିଛି ବର୍ଷ ହେଲା ଦେଶର ପୂର୍ବାଞ୍ଚଳର ରାଜନୀତିକୁ ଚିଟ୍ ଫଣ୍ଡ ବେଶ୍ ସରଗରମ କରି ରଖିଛି। ଖାସ୍ କରି ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ହଜାର ହଜାର ଲୋକଙ୍କର କୋଟି କୋଟି ଟଙ୍କା ଚିଟ୍ ଫଣ୍ଡରେ ଫସିରହିଛି। ଅନେକଙ୍କର କଷ୍ଟଲବ୍ଧ ଧନକୁ ନେଇ ଚିଟ୍ ଫଣ୍ଡ କମ୍ପାନୀଗୁଡ଼ିକ ଛୁ' ମାରିଥିବା ବେଳେ ସାଧାରଣ ଲୋକ ନିଜର ସର୍ବସ୍ୱ ହରାଇଛନ୍ତି। କିଏ ଧାନ ଜମି ବିକି ରଖିଥିବା ପଇସାକୁ ଚିଟ୍ ଫଣ୍ଡ କମ୍ପାନୀ ହାତକୁ ଟେକିଦେଇଛି ତ ଆଉ କିଏ ଝିଅ ବାହାଘର ପାଇଁ ରଖିଥିବା ଅର୍ଥକୁ ଚିଟ୍ ଫଣ୍ଡ କମ୍ପାନୀ ଟାଣିନେଇଛି। ଆଉ କାହାର ଅବସରକାଳୀନ ଅର୍ଥ ଚିଟ୍ ଫଣ୍ଡ କମ୍ପାନୀଙ୍କ ଲୋଭିଲା ଆଁ ଭିତରେ ଗଳିଯାଇଛି। ଲୋକମାନେ ପଇସା ଫେରିପାଇବାକୁ ଅନେଇ ରହିଥିବା ବେଳେ ଚିଟ୍ ଫଣ୍ଡ କମ୍ପାନୀର ମାଲିକମାନେ ଜେଲରେ ଅଛନ୍ତି।

ଏ ଭିତରେ କିନ୍ତୁ ଆଉ ଦଳେ ଫସିଛନ୍ତି ଯେଉଁମାନେ ଏହିସବୁ କମ୍ପାନୀରେ ଏଜେଣ୍ଟ ହୋଇ ନିଜର ଗୁଜୁରାଣ ମେଣ୍ଟାଉଥିଲେ। କମ୍ପାନୀଗୁଡ଼ିକ ଗାଁରୁ ଅଳ୍ପ ଶିକ୍ଷିତ ଯୁବକ, ଘରୋଇ ମହିଳା କିମ୍ବା ଅବସରପ୍ରାପ୍ତ ବ୍ୟକ୍ତିମାନଙ୍କୁ ଏ ନେଇ ଏଜେଣ୍ଟଭାବେ ନିଯୁକ୍ତି ଦେଇଥିଲେ। ଦରମା ୫ରୁ ୭ ହଜାର ସହ ବିଭିନ୍ନ ଭତ୍ତା ଏବଂ ପ୍ରୋତ୍ସାହନ ରାଶିର ଲୋଭ ଦେଖାଇ ଏହି ଏଜେଣ୍ଟମାନଙ୍କୁ ବଳିର ବୋଦା ଭାବେ ବ୍ୟବହାର କରାଯାଇଥିଲା। ଲୋକଙ୍କଠାରୁ ଅଣାଯାଇଥିବା ପଇସା କେଉଁଠି ବିନିଯୋଗ ହେଉଛି, କେମିତି ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍‌ଠୁ ଅଧିକ ସୁଧ ଲୋକଙ୍କୁ ଦେବା ସମ୍ଭବ ହେଉଛି, ଚିଟ୍‌ଫଣ୍ଡ ଚଳାଉଥିବା ଅନୁଷ୍ଠାନ କେଉଁ ଆଇନ ବଳରେ ଏହି ବ୍ୟବସାୟ କରୁଛି ତାହା ଏମାନଙ୍କ ପକ୍ଷରେ ବୁଝିବା ସମ୍ଭବ ହୋଇ ନ ଥିଲା। କିଛି ବୁଝିବାକୁ ଚାହିଁ ନ ଥିଲେ ଆଉ କିଛି ବୁଝିବାକୁ ଚାହିଁଥିଲେ ବି ସେମାନଙ୍କ ଆଖି ଆଗରେ ସ୍ୱପ୍ନର ଅଟ୍ଟାଳିକା ଠିଆକରାଇ ଦିଆଯାଇଥିଲା। ଅଧିକ ପଇସାର ଲୋଭ, ବିଦେଶ ଯିବାର ପ୍ରଲୋଭନ ଏବଂ କମ୍ ଦିନରେ ବଡ଼ଲୋକ ହେବା ମୋହରେ ଏମାନଙ୍କୁ ଏମିତି ବାନ୍ଧି ଦିଆଯାଇଥିଲା ଯେ ସେମାନେ ଚାହିଁଲେ ବି ସେଥିରୁ ବାହାରିପାରି ନ ଥିଲେ। ଏପରି ଭାବେ କମ୍ପାନୀ ଏହି ଏଜେଣ୍ଟଙ୍କୁ ମାଧ୍ୟମ କରି ବିଭିନ୍ନ ଅଞ୍ଚଳରୁ ଗୋଟାଇ ନେଇଥିଲା କୋଟି କୋଟି ଟଙ୍କା। ଅଧାବୁଝି କାମ କଲେ ଯାହା ହୁଏ ତାହା ହିଁ ହେଲା। କମ୍ପାନୀ ପଇସା ନେଇ ଛୁ' ମାରିଲା ପରେ ଏଜେଣ୍ଟଙ୍କ ଘର ଆଗରେ ଜମାକାରୀଙ୍କ ଭିଡ଼ ଦେଖାଗଲା। ଜମାକାରୀ ଯଦିଓ ଚିଟ୍ ଫଣ୍ଡ ଯୋଜନାର ଲାଭ ଦେଖି ପ୍ରଲୋଭିତ ହୋଇ ପଇସା ଦେଇଥିଲେ, ପଇସା ବୁଡ଼ିଲା ବେଳକୁ ଏଜେଣ୍ଟକୁ ଭରସାକରି ଦେଇଥିଲେ ବୋଲି କହିଲେ। ଅବଶ୍ୟ ଜମାକାରୀଙ୍କ ପାଖରେ ଅନ୍ୟ ବାଟ ନ ଥିଲା। ଅଶିକ୍ଷିତ ଏବଂ ଅଳ୍ପ ଶିକ୍ଷିତ ଜମାକାରୀ ଏଜେଣ୍ଟଙ୍କ ଛଡ଼ା ଆଉ କାହାକୁ ଚିହ୍ନି ନ ଥିଲେ। କମ୍ପାନୀଙ୍କ ଚତୁର ତାଲିମଦାତାମାନେ ଏଜେଣ୍ଟମାନଙ୍କୁ ଏପରି କହିବାକୁ ତାଲିମ ଦେଇଥିଲେ।

ଏହାର ପରବର୍ତ୍ତୀ ଅବସ୍ଥା ଏଜେଣ୍ଟମାନଙ୍କ ପାଇଁ ସତରେ କରୁଣ। ଓଡ଼ିଶାରେ ୨୦ରୁ ଊର୍ଦ୍ଧ୍ୱ ଜମାକାରୀ ଆତ୍ମହତ୍ୟା କରିସାରିଲାବେଳେ ପଶ୍ଚିମବଙ୍ଗରେ ଏହାର ସଂଖ୍ୟା ପଚାଶ ଟପିଲାଣି। ଏବେ ବି ସଂଖ୍ୟାଧିକ ଏଜେଣ୍ଟ ଆତ୍ମଗୋପନ କରିଛନ୍ତି। ଆଉ କିଛି ଏଜେଣ୍ଟ ନିଜ ଘରବାଡ଼ି ବିକି କିସ୍ତି କିସ୍ତି କରି ପଇସା ଫେରାଉଛନ୍ତି। ପୁଣି ଆହୁରି ଅନେକ ଜାଗାରେ ଏଜେଣ୍ଟମାନଙ୍କ ଉପରେ ତୁରନ୍ତ ପଇସା ଫେରାଇବାକୁ ଚାପ ବଢୁଛି। ପଇସା ଫେରାଇବାକୁ ଯାଇ ଅନେକେ ଏବେ ରୋଗଗ୍ରସ୍ତ। ପଇସା ଫେରାଇ ନ ପାରିବାରୁ ଅନେକେ ବିଟ୍ ବଜାରରେ ନିୟମିତ ବେଜିତ୍ ହେଉଛନ୍ତି। ଏଥିରେ ଅନେକ ଏଜେଣ୍ଟଙ୍କର ନିଜର ପଇସା ନେଇ କମ୍ପାନୀ ଛୁ ମାରିଛି ବୋଲି କହିଲେ ବି ଲୋକେ ଏକଥା ମାନିବାକୁ ପ୍ରସ୍ତୁତ ନାହାନ୍ତି। ଏହି ଚାପରେ ଅନେକେ ଏବେ କତରାଲଗା ହୋଇଗଲାଣି। କେତେକ ନିଜ ବିକଳ୍ପ ରୋଜଗାର ଅର୍ଥରୁ କିସ୍ତିରେ ଲୋକଙ୍କୁ ପଇସା ଫେରାଇଲେ ବି ଏହା କମ୍ ପଡୁଛି।

ଚିଟ୍ ଫଣ୍ଡ କାରବାର ଯୋଗୁ ଅନେକ ଲୋକ ଯେ ବାରଦୁଆର ହେଉଛନ୍ତି ତାହା କହିବାରେ ଦ୍ୱିଧା ନାହିଁ। ମାତ୍ର ଏଜେଣ୍ଟମାନେ ଯେ ଏଥିରେ ସବୁମତେ ଦାୟୀ ତାହା କହିବା ଭୁଲ୍ ହେବ। ଅନେକ ଏଜେଣ୍ଟଙ୍କ ପାଠ ଏତେ କମ୍ ଯେ ସେମାନଙ୍କୁ ସବୁ ଜିନିଷ ପ୍ରାଞ୍ଜଳଭାବେ ବୁଝାଇଥିଲେ ଯେ ସେମାନେ ବୁଝିପାରିଥାନ୍ତେ ତା' କହିବା ସତ୍ୟର ଅପଳାପ ହେବ। ପୁଣି ଏମାନଙ୍କ ଉପରେ ମାସିକ ଜମାକାରୀ ଯୋଗାଡ଼ କରିବାର ଆଗୁଆ ଲକ୍ଷ୍ୟ ଦିଆଯାଉଥିଲା ଯାହାକୁ ପୂରଣ କରି ନ ପାରିଲେ ପାଇଥିବା ସେଇ ଛୋଟିଆ ଚାକିରି ଚାଲିଯିବାର ବି ଭୟ ରହିଥିଲା।

ଏପରି ପରିସ୍ଥିତି ଯେ ଆଗକୁ ନ ଆସିବ ତାହା କହିହେବ ନାହିଁ। ଅଳ୍ପ ପରିଶ୍ରମରେ ଅଧିକ ପଇସା ରୋଜଗାର କରିବାର ନିଶା ଯେପର୍ଯ୍ୟନ୍ତ ମଣିଷ ମନରୁ ନ ଯାଇଛି ସେ ଯାଏ ଚିଟ୍ ଫଣ୍ଡ କମ୍ପାନୀ ପରି ଭିନ୍ନ ଭିନ୍ନ ବାଟରେ କମ୍ପାନୀଗୁଡ଼ିକ ବାଟ ଖୋଜି ଚାଲିବେ। ଅଧାବୁଝି କିମ୍ବା ଆଦୌ ନ ବୁଝି କମ୍ପାନୀର କାର୍ଯ୍ୟକୁ ଲାଭଦାୟକ କହି ଗୋଷ୍ଠୀରେ ପ୍ରଚାର ପ୍ରସାର କରୁଥିବା ଏଜେଣ୍ଟମାନେ ହିଁ ଏମାନଙ୍କ ବଳିର ବୋଦା ହେବେ। ଏପରି ସ୍ଥଳରେ ସରକାର ଏହିପରି କମ୍ପାନୀଗୁଡ଼ିକ ଉପରେ ନଜର ରଖିବା ଆବଶ୍ୟକ। ଏଜେଣ୍ଟମାନଙ୍କର ପଞ୍ଜୀକରଣ କରାଯିବା ସହ କମ୍ପାନୀଗୁଡ଼ିକ ଏମାନଙ୍କ ପାଇଁ ସାମାଜିକ ସୁରକ୍ଷା ବନ୍ଦୋବସ୍ତ କରିବା ଆବଶ୍ୟକ। ଆଉ ଲୋକମାନେ ମଧ୍ୟ ଏହିପରି ଏଜେଣ୍ଟମାନଙ୍କ ସହ କାରବାର କରିବା ପୂର୍ବରୁ ନିଜକୁ ସଚେତନ କରିନେବା ଆବଶ୍ୟକ। ଆବଶ୍ୟକତାଠାରୁ ଅଧିକ ଏବଂ ସମୟଠାରୁ ଶୀଘ୍ର ପାଇବାର ଆଶା ସବୁବେଳେ ବିନାଶର କାରଣ ସାଜେ- ଏ କଥାକୁ ଯେଉଁ ବ୍ୟକ୍ତି ବୁଝିଛି ସେ କେବେ ବି ପ୍ରବଞ୍ଚକ କମ୍ପାନୀ ଏବଂ ତା' ପ୍ରଲୋଭନର ଶିକାର ହେବ ନାହିଁ।

ଧବଳଗିରି, ଯାଜପୁର ରୋଡ୍,
ମୋ-୭୯୭୮୬୭୧୭୭୬

## ଏଇ ଭାରତରେ

ହସ୍ପିଟାଲରେ ସ୍ଥାନର ଅଭାବ ଯୋଗୁ ଚିକିତ୍ସା ପାଇଁ ଆସିଥିବା ୧୦୦ ଶିଶୁଙ୍କୁ ନିଜ ବଙ୍ଗଳାକୁ ନେଲେ ଜିଲାପାଳ। ଏବେ ତାଙ୍କର ମହତ୍‌ପଣିଆ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେ ହେଉଛନ୍ତି ମଧ୍ୟପ୍ରଦେଶ ସିଦ୍ଧି ଜିଲାର ଜିଲାପାଳ ଅଭିଷେକ ସିଂ। ସ୍ଥାନୀୟ ସିହାୱାଲ ଅଞ୍ଚଳରେ ଥିବା ଏକ ସରକାରୀ ହସ୍ପିଟାଲକୁ ଡାଇରିଆ ନିରାକରଣ ଅଭିଯାନରେ ବହୁ ଶିଶୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କଠାରେ ରକ୍ତହୀନତା ଲକ୍ଷଣ ଚିହ୍ନଟ ହୋଇଥିଲା। ଏତେସଂଖ୍ୟକ ଶିଶୁଙ୍କୁ ହସ୍ପିଟାଲରେ ରଖିବା ପାଇଁ ସ୍ଥାନର ଅଭାବ ଦେଖାଦେଇଥିଲା। ତେବେ ଏଥିରେ ବିଚଳିତ ନ ହୋଇ ଜିଲାପାଳ ଅଭିଷେକ ୧୦୦ ଶିଶୁଙ୍କୁ ଚିକିତ୍ସା ପାଇଁ ନିଜ ସରକାରୀ ବଙ୍ଗଳାକୁ ନେଇଯାଇଥିଲେ। ସେଠାରେ ଶିଶୁଙ୍କ ପରିବାର ସଦସ୍ୟଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା ମଧ୍ୟ କରିଥିଲେ। ଏନେଇ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ପ୍ରଶଂସା କରିଛନ୍ତି।

## ଚିରନ୍ତନୀ

ନିରାଟ ନିର୍ଜୀବ ଆହେ ନିରୁପମ
ରୂପବାନ୍ ଧାତୁ!
ପ୍ରକଟିଲା ଧରା ପରେ ଜ୍ୟୋତି ତବ
ସେ କେଉଁ ପ୍ରଭାତୁଁ?
ଖେଳାଇଲ ହାସ୍ୟ କେତେ ବୁହାଇଲ
ଲୋତକ ଯମୁନା
ଭୁବନ ବାଞ୍ଛିତ ଚିର ହେ ବିଜୟୀ
ହେ ମହାନ୍ ସୁନା!
ସାଧନାର ଶ୍ରେଷ୍ଠ ସିଦ୍ଧି ଦୁନିଆର
ଉଚ୍ଚତମ ଆଶା
ମାନବର ଅଗ୍ରଚିନ୍ତା, ଶେଷ ଶିକ୍ଷା
ଶ୍ରେଷ୍ଠତମ ଭାଷା!
ନୀତି ଧର୍ମ ସ୍ନେହ ପ୍ରେମ ତଳେ ଯେତେ
ଭଣ୍ଡାମି ଛଳନା
କରିଛ ପ୍ରକାଶ ସବୁ, ମୂଲ୍ୟ ତା'ର
କରିଛ କଳନା।

(ସୁନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମାର୍କ ବଦଳରେ ଲିଖିତ ପରୀକ୍ଷା କରାଯାଉ

ମହାଶୟ,

ବିଭିନ୍ନ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଭିନ୍ନ ଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ ପାଇଁ ଆୟୋଜିତ ହେଉଛି ପ୍ରତିଯୋଗିତାମୂଳକ ପରୀକ୍ଷା। ତେବେ କେତେକ କ୍ଷେତ୍ରରେ ଲିଖିତ ପରୀକ୍ଷା ମାଧ୍ୟମରେ ପ୍ରାର୍ଥୀ ଚୟନ କରାଯାଉଥିବା ବେଳେ ଆଉ କେତେକ କ୍ଷେତ୍ରରେ ୧୦ମ, +୨ କିମ୍ବା +୩ ଶ୍ରେଣୀରେ ରଖିଥିବା ନମ୍ବରକୁ ଭିତ୍ତିକରି ନିଯୁକ୍ତି ଦିଆଯାଉଛି। ପୁଣି କିଛି ନର୍ଦ୍ଦିଷ୍ଟ କୋର୍ସ ବା ଶ୍ରେଣୀରେ ନାମ ଲେଖାଇବା ବେଳେ ପୂର୍ବ ଶ୍ରେଣୀରେ ହାସଲ କରିଥିବା ନମ୍ବରକୁ ଆଧାର କରି ନାମ ଲେଖାଯାଉଛି। ତେଣୁ ଅନେକ ମେଧାବୀ ଛାତ୍ରୀଛାତ୍ରଙ୍କର ଶତପ୍ରତିଶତ ଦକ୍ଷତା ଥିଲେ ମଧ୍ୟ କୌଣସି କାରଣବଶତଃ ଅଧିକ ନମ୍ବର ରଖିପାରି ନ ଥିବାରୁ ସେମାନେ ଚାକିରି କରିବା ବା ନାମ ଲେଖାରୁ ବଞ୍ଚିତ ହେଉଛନ୍ତି। ଅନେକ ଛାତ୍ରୀଛାତ୍ର ବିନା ପରିଶ୍ରମରେ କପିକରି ବି ଅଧିକ ନମ୍ବର ରଖିବାରେ ସମର୍ଥ ହେଉଛନ୍ତି। ଏହା ସେମାନଙ୍କୁ ମାର୍କକୁ ଆଧାରକରି ଚୟନ କରାଯାଉଥିବା ପଦପଦବୀ ପାଇଁ ବେଶ୍ ସହାୟକ ହୋଇପାରୁଛି। ତେଣୁ ପ୍ରତ୍ୟେକ ଚାକିରି ଓ ନାମଲେଖା ପାଇଁ ଶିକ୍ଷାଗତ ଯୋଗ୍ୟତା କେବଳ ୧୦ମ, ଯୁକ୍ତ୨ କିମ୍ବା ଯୁକ୍ତ୩ ପାସ ରଖାଯାଉ ଏବଂ ଲିଖିତ ପରୀକ୍ଷାକୁ ସବୁଥିରେ ବାଧ୍ୟତାମୂଳକ କରାଯାଉ।

ସୁଶାନ୍ତ କୁମାର ଖଟୁଆ, ଉତ୍କଳମଣି ସେବା ସଂଗଠନ, ଜେନାପୁର, ଯାଜପୁର

### ପିଲା ଜୋତା ମୁଣ୍ଡାଇ ଫେରୁଛନ୍ତି

ଗତବର୍ଷ ସରକାରୀ ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କୁ ସରକାରଙ୍କ ତରଫରୁ ଜୋତା ଓ ମୋଜା ମିଳିଛି। ପୂର୍ବରୁ ପୋଷାକ ମିଳୁଥିଲା। ଘରୋଇ ବିଦ୍ୟାଳୟଗୁଡ଼ିକ ଭଳି ପିଲାମାନେ ଏକାଭଳି ପୋଷାକ ପିନ୍ଧି ବିଦ୍ୟାଳୟ ଯିବେ। ବହୁତ ଭଲ କଥା। କିନ୍ତୁ ପ୍ରାଥମିକ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପ୍ରାୟତଃ ଚଟାଣ କିମ୍ବା ସତରଞ୍ଜିରେ ବସନ୍ତି। ସେଠାରେ ଜୋତା ପିନ୍ଧି ବସିବା ସମ୍ଭବ ନୁହେଁ। ୧ମରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଜୋତା ପିନ୍ଧି ଆସୁନି। କୌଣସି ପ୍ରକାର ସ୍କୁଲ ବାରଣ୍ଡାରେ ଜୋତା ଖୋଲି ଘରେ ବସନ୍ତି। ଫେରିଲା ବେଳକୁ ଆଉ ଜୋତା ପିନ୍ଧିବା ସମ୍ଭବ ହେଉନି। ଫଳରେ ଏକାଭଳି ବାରଣ୍ଡାରେ ଗଦା ହୋଇଥିବା ଜୋତାରୁ ୨ଟି ବ୍ୟାଗ୍‌ରେ ପୂରାଇ ଆସୁଛନ୍ତି। ଫଳରେ କାହାର ୨ଟି ଡାହାଣ ହେଲା ବେଳେ ଆଉ କାହାର ୨ଟି ବାମ ହେଉଛି। ତେଣୁ ୧ମ ଶ୍ରେଣୀଠାରୁ ଛୋଟ ପିଲା ବସିବା ଭଳି ଡେସ୍କବେଞ୍ଚ ବ୍ୟବସ୍ଥା କରିବାକୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ। ନଚେତ୍ ଛୋଟ ପିଲା ସ୍କୁଲରୁ ଜୋତା ମୁଣ୍ଡାଇ ଫେରୁଥିବେ।

ନାରାୟଣ ପରିଡ଼ା, ଦଣ୍ଡାସାହି, ତିର୍ତ୍ତୋଲ, ଜଗତ୍‌ସିଂହପୁର

### ଶିଶୁ ଶ୍ରମିକଙ୍କ ଦୁରବସ୍ଥା

ଆଜିର ଶିଶୁ କାଲିର ଭବିଷ୍ୟତ। କିନ୍ତୁ ପ୍ରତିଦିନ ଆଖିରେ ପଡୁଛି ଶିଶୁ ଶ୍ରମିକଙ୍କ ଦୁରବସ୍ଥା। କିଏ ରିକ୍ସା ଟାଣୁଛି ତ କିଏ ଭାରି ଜିନିଷ ବୋହୁଛି। ସରକାର ଏ ଦିଗରେ କଡ଼ା ପଦକ୍ଷେପ ନିଅନ୍ତୁ।

ସନ୍ନ୍ୟାସୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

କାଲିମେଲା,୧୮।୭(ଡି.ଏନ.ଏ)

ମୋଟୁ ଥାନା ଅଧୀନ ନାଲାଗୁଣ୍ଡି ପଞ୍ଚାୟତର ଏମପିଭି-୩୭ ଗାଁରେ ବୁଧବାର ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକଜଣଙ୍କ ହେଲେ ଉକ୍ତ ଗ୍ରାମର ସପନ ମଣ୍ଡଳ। ପ୍ରକାଶ ଯେ, ସପନ ବୁଧବାର ମଧ୍ୟାହ୍ନରେ ଗାଁ ନିକଟ ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କିନ୍ତୁ ସନ୍ଧ୍ୟା ସୁଦ୍ଧା ସେ ଘରକୁ ଫେରି ନ ଥିଲେ। ପରିବାର ଲୋକ ତାଙ୍କୁ ବହୁତ ଖୋଜାଖୋଜି କରିବାପରେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବାର ଦେଖିବାକୁ ପାଇଥିଲେ। ସପନ ମୂର୍ଚ୍ଛା ରୋଗରେ ଆକ୍ରାନ୍ତ ଥିଲେ। ଗାଧୋଇବା ବେଳେ ତାଙ୍କୁ ଫିଡ଼ିସ ମାରି ଥାଇପାରେ ବୋଲି ଅନୁମା କରାଯାଉଛି।

### ଗଞ୍ଜେଇ ଜବତ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୧୮।୭: ବଡବଜାର ଥାନା ପୋଲିସ ଗୁରୁବାର ଜଣେ ଲୋକଙ୍କ ଘରୁ ୧୩.୪୦୦ କେଜି ଗଞ୍ଜେଇ ଜବତ କରିଛି। ବେପାରୀ ଷଣ୍ଢ ମହାନ୍ତି ସାହିର ଜଳନ୍ଧର ସାହୁ (୫୭)ଙ୍କୁ ମାମଲା ନଂ. ୧୧୭/୧୯ରେ ଗିରଫ କରାଯାଇଛି ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ■ 'ଧରିତ୍ରୀ' ଖବରକୁ ନେଇ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଟୁଇଟ୍

# ଦୁଇ ଗ୍ରାମର ସମସ୍ୟା ତୁରନ୍ତ ସମାଧାନ କର

ମାଲକାନଗିରି, ୧୮।୭(ଡି.ଏନ୍.ଏ.)–

ମାଲକାନଗିରି ଜିଲ୍ଲାରେ ଗତ ୧୨ ତାରିଖ ଦିନ ଧରିତ୍ରୀ ଖବର କାଗଜରେ ପ୍ରକାଶ ପାଇଥିବା ମାଲକାନଗିରି ଜିଲା କାଲିମେଳା ବ୍ଲକ କାମାରଗୁଡା ଗାଁ ଓ କୋରୁକୋଣ୍ଡା ବ୍ଲକ ଜାମୁଗୁଡା ଗ୍ରାମର ବିଭିନ୍ନ ସମସ୍ୟା ନେଇ ୧୨ ଓ ୧୫ ତାରିଖରେ ଯଥାକ୍ରମେ ଖବର ପ୍ରକାଶ ପାଇଥିଲା। ଏହି ଖବରର ପେପର କଟିଙ୍ଗକୁ ବିଜେପୁରର ସାମାଜିକ କର୍ମୀ ଦିବାସ ସାହ ଟୁଇଟ୍ କରିଥିଲେ। ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଜାଣିଲା ପରେ ମାଲକାନଗିରି ଜିଲ୍ଲାପାଳଙ୍କୁ ଦୁଇଟି ଗାଁର ସମସ୍ୟା ସମାଧାନ କରିବାକୁ ଟୁଇଟ୍ କରିଛନ୍ତି। କାମାରଗୁଡା ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିବା ସହ ସମସ୍ୟା ସମାଧାନ କରିବାକୁ ଜିଲାପାଳ କାଲିମେଳା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କମାରଗୁଡା ଗ୍ରାମଟି ତାଣ୍ଡବାଇ ପଞ୍ଚାୟତ କାଳଦାପାଲ୍ଲୀ ରାଜସ୍ୱ ଗ୍ରାମର ଏକ ପଡା ଗାଁ। ମୁଖ୍ୟ ରାସ୍ତାକୁ ସଂଯୋଗ କରିବା ପାଇଁ ଗାଁକୁ ୬୦୦ ମିଟର ରାସ୍ତାର ଆବଶ୍ୟକତା ରହିଛି। ସେହି ଅଞ୍ଚଳରେ ଭୂତଳ ଜଳ ଅଭାବ ରହିଥିବା ସର୍ଭେରୁ ଜଣାଯାଇଛି। ପରେ ନିକଟସ୍ଥ ଏକ ନଦୀରୁ ଜଳ ସଂଗ୍ରହ କରାଯାଇ କମାରପାଲ୍ଲୀଗ୍ରାମବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ବ୍ୟବସ୍ଥା କରାଯାଉଛି। ଏଥିସହ ଗାଁର ଅନ୍ୟ ସମସ୍ୟାଗୁଡ଼ିକୁ ଖୁବ ଶୀଘ୍ର ଦୂର କରାଯିବ ବୋଲି ଜିଲାପାଳଙ୍କୁ ବିଡିଓ ଜଣାଇଛନ୍ତି। ସେହିପରି କୋରୁକୋଣ୍ଡା ବ୍ଲକ ଜାମୁଗୁଡା ଗାଁ ସମସ୍ୟା ନେଇ ବିଡିଓ ତଦନ୍ତ କରିଛନ୍ତି। ଜାମୁଗୁଡା ଗାଁ ତାର୍ଲାକୋଟା ପଞ୍ଚାୟତ ମହୁଲପୁଟ ଗାଁରୁ ୨ କିଲୋମିଟର ଦୂରରେ। ଏହି ଗ୍ରାମକୁ ବହୁ ବର୍ଷ ପୂର୍ବରୁ ମୋରମ ରାସ୍ତା କରାଯାଇଥିଲା। କିନ୍ତୁ କ୍ରମାଗତ ପ୍ରବଳ ବର୍ଷାରେ ଏହି ରାସ୍ତା ଧୋଇ ନଷ୍ଟ ହୋଇ ଯାଇଛି। ଚଳିତ ବର୍ଷ ଏହି ରାସ୍ତା କାମ ନିମନ୍ତେ ଯୋଜନା ପ୍ରସ୍ତୁତ କରା ଯାଇଛି। ଏଥିସହ ଏହି ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟ ନ ଥିବାରୁ ଗ୍ରାମର ପିଲାମାନେ ଜିଲାର ବିଭିନ୍ନ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ଆଗାମୀ ଦିନରେ ଏହି ଗ୍ରାମର ସମସ୍ତ ସମସ୍ୟା ସମାଧନ କରିବା ପାଇଁ ପ୍ରସ୍ତାବ ଅଛି ବୋଲି ଜିଲାପାଳଙ୍କୁ ବିଡିଓ ଜଣାଇଛନ୍ତି। ଜିଲାପାଳ ଏହି ଦୁଇଟି ଗ୍ରାମର ସ୍ଥିତି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଜଣାଇଛନ୍ତି।


COLLECTOR MALKANGIRI
@dm_malkangiri
Replying to @DibasKumarSahu @CMO_Odisha and 5 others
Kamarguda has better connectivity to Tandabai GP instead of Pusuguda as earlier its comes under Tandbai GP. One PMGSY road is 600 mtr distance from Kamarguda.As kamarguda is recognised as dry area, steps are being taken to supply water under SCA-2019. Report enclosed.
OFFICE OF THE PANCHAYAT SAMITI, KALIMELA
Letter No: 1550 /2019 Date: 15/07/2019
To,
The Collector and District Magistrate
Malkangiri
Subject: Compliance report on the Newspaper Clipping
Sir,
With reference to the subject cited above, I would like to put forth the following lines for your kind consideration.
Tweet your reply

ଜିଲାପାଳ ମୁଖ୍ୟମନ୍ତ୍ରୀଙ୍କୁ କରିଥିବା ଟୁଇଟ୍।

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କାଲିମେଳା,୧୮।୭(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଳା ଥାନା ଅଧୀନ କର୍କଟପାଲୀ ପଞ୍ଚାୟତ ଏମଭି-୧୨୧ ଗ୍ରାମରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମହିଳା ଜଣଙ୍କ ଆତ୍ମହତ୍ୟା କରିଥିବା ନେଇ ମୃତକଙ୍କ ସ୍ୱାମୀ କହୁଥିବା ବେଳେ ବାପଘର ଲୋକେ କିନ୍ତୁ ଏହାକୁ ଖଣ୍ଡନ କରିଛନ୍ତି। ଯୌତୁକ ପାଇଁ ଝିଅଙ୍କୁ ହତ୍ୟା କରାଯାଇଥିବା ନେଇ ମୃତ ରମାଙ୍କ ବଡ଼ବାପା ପ୍ରେମାଂଶୁ ମଜୁମଦାର ଗୁରୁବାର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି। ପ୍ରକାଶଯେ, ରମା ଓ ତାଙ୍କ ସ୍ୱାମୀ ପବନ ଉମରକୋଟରେ ରହୁଥିଲେ। ପବନ ସେଠାରେ ଏକ ଗ୍ୟାରେଜରେ କାମ କରୁଥିଲେ। କିଛି ଦିନ ତଳେ ତାଙ୍କର ଏକ ପୁଅର ମୃତ୍ୟୁ ହୋଇଯିବା ପରେ ସେମାନେ ସପରିବାର ନିଜ ଗାଁକୁ ଚାଲି ଆସିଥିଲେ। ତେବେ ବୁଧବାର ରାତିରେ କୌଣସି କାରଣରୁ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ରମା ରାତିରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ଖବରପାଇ କାଲିମେଳା ଥାନାଧିକାରୀ ଚନ୍ଦ୍ରଶେଖର ଶବର ଗାଁକୁ ଘଟଣାର ତଦନ୍ତ କରିବା ସହ ମୃତଦେହ ଜବତ କରି କାଲିମେଳା ଆଣିଥିଲେ। ପରେ ରମାଙ୍କ ବଡ଼ବାପାଙ୍କ ଏତଲାକୁ ଭିତ୍ତିକରି ପୋଲିସ ପବନଙ୍କୁ ଥାନାରେ ଅଟକ ରଖି ଅଧିକ ପଚରାଉଚରା କରୁଛି। ଏ ନେଇ ପୋଲିସ ୧୧୦/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଆଇନ ସଚେତନତା ଶିବିର




ଶିବିରରେ ମଞ୍ଚାସୀନ ଅତିଥି।

ପାଣ୍ଡ୍ରିପାଣି, ୧୮।୭(ଡି.ଏନ୍.ଏ.)

ମାଲକାନଗିରି ବ୍ଲକ ପାଣ୍ଡ୍ରିପାଣି ପଞ୍ଚାୟତ ପୁଜାରୀମୁଣ୍ଡାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲା ଆଇନ ପ୍ରାଧିକରଣ ସଚିବ ଅମରେଶ ନାୟକ ମୁଖ୍ୟ ଅତିଥି, ଜିଲା ପରଷିଦ ସଭ୍ୟ ଦହନା ତାଙ୍ଗୁଲ, ପାଣ୍ଡ୍ରିପାଣି ସରପଞ୍ଚ ଶିବ ଖେମୁଡୁ, ଜିଲା ଆଇନସେବା ପ୍ରାଧିକରଣ ସଦସ୍ୟା ଚୁମୁକି ବେହେରା, ଦିନବନ୍ଧୁ ଦାସ, ସାମାଜିକ କର୍ମୀ ରାମଗୋବିନ୍ଦ ପଣ୍ଡା ଓ ପ୍ରଧାନ ଶିକ୍ଷୟିତ୍ରୀ ଗଳ୍ପ ପୂଜାରୀ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମାଗଣାରେ ଆଇନ ସେବା ପାଇବା ଆମ ସାମ୍ବିଧାନିକ ଅଧିକାର ବୋଲି ଅତିଥିମାନେ କହିଥିଲେ। ନିଜର ଆଇନଗତ ସମସ୍ୟା ସମ୍ବନ୍ଧରେ ଜିଲା ଆଇନସେବା ପ୍ରାଧିକରଣ କିମ୍ବା ତାଲୁକା ଆଇନସେବା ସମିତିରେ ନିର୍ଦ୍ଦିଷ୍ଟ ଫର୍ମରେ ସମସ୍ୟା ଲେଖି ଆବେଦନ କରିବାକୁ ହେବ ବୋଲି ଅତିଥିମାନେ କହିଛନ୍ତି। ଶିବିରକୁ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅଧ୍ୟାପକ ଡ. ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଣ୍ଡ୍ରିପାଣି ପଞ୍ଚାୟତର ସମସ୍ତ ଅଙ୍ଗନବାଡି କର୍ମୀ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ଗଳ୍ପ ପୂଜାରୀ ଧନ୍ୟବାଦ ଦେଇଛନ୍ତି।

## ■ ସଚେତନତା ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

# ପଲିଥିନ ବ୍ୟବହାର ବନ୍ଦ କର

### ପଲିଥିନ ବିକ୍ରିବେଳେ ଧରାପଡିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ

ମାଲକାନଗିରି, ୧୮।୭(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ପଲିଥିନ ବ୍ୟବହାର ବର୍ଜନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ସଚେତନ କରାଯାଇଛି। ପଲିଥିନ ବ୍ୟାନ ନ କଲେ ବ୍ୟବସାୟୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ମଧ ଦିଆଯାଇଛି। ଗୁରୁବାର ଜିଲାପ୍ରଶାସନ ପକ୍ଷରୁ ପଲିଥିନ ବର୍ଜନକୁ ନେଇ ସ୍ଥାନୀୟ ବସ୍‌ଷ୍ଟାଣ୍ଡରୁ ଏକ ସଚେତନତା ଶୋଭାଯାତ୍ରା ବାହରିଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ସ୍କୁଲ ଛାତଅୀଛାତ୍ରଙ୍କ ସମେତ ମାଲକାନଗିରି ଜିଲାପାଳ ମନିଷ ଅଗ୍ରୱାଲ, ଏସ୍‌ପି ଜଗମୋହନ ମୀନା, ଡିଏଫ୍‌ଓ ପ୍ରଦୀପ ଦେବଦାସ ମିରାସେ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ଏସ୍‌ଡିପିଓ ହୃଷିକେଶ ଡି. କିଲାରି, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ତହସିଲଦାର ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୁଣନିଧି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପଲିଥିନ ବ୍ୟବହାର ନ କରିବାକୁ ଡାକବାଜି ଯନ୍ତ୍ର ଦ୍ୱାରା ଲୋକମାନଙ୍କୁ ସଚେତନ କରାଯାଇଥିଲା। ଯଦି କୌଣସି ବ୍ୟବସାୟୀଙ୍କ ନିକଟରୁ ପଲିଥିନ ବାହାରେ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି, ଜିଲାପାଳ ଓ ଡିଏଫ୍‌ଓ କହିଛନ୍ତି। ଏକ ସ୍ୱତନ୍ତ୍ର ସ୍କାଡ ଆଗାମୀ ଦିନରେ ସଦର ମହକୁମା ସହ ଜିଲାର ବିଭିନ୍ନ ବ୍ଲକ ଏବଂ ବଜାରଗୁଡିକ ଉପରେ ଚଢାଉ କରିବ ବୋଲି ଜିଲା ପରିବେଶ ସମିତି ସୂଚନା ଦେଇଛି। ଏଥିସହ ବିଭିନ୍ନ ଦୋକାନରେ ଚଢାଉ କରାଯାଇ ପ୍ରାୟ ୨ କୁଇଣ୍ଟାଲ ପଲିଥିନ ଜବତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ଶୋଭାଯାତ୍ରାରେ ଆଇନସେବା ପ୍ରାଧୀକରଣ ସଚିବ ଅମରେଶ ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ଏମ୍. ନୀଳକଣ୍ଠ ରାଓ, ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର, ରେଡକ୍ରସ୍ ସଂଯୋଜକ ରଞ୍ଜନ କୁମାର ସ୍ୱାଇଁଙ୍କ ସମେତ ସମସ୍ତ ବିଭାଗର ପଦାଧିକାରୀ, ପୋଲିସ, ପୌର ପରିଷଦ କର୍ମଚାରୀ, ବନ କର୍ମଚାରୀ ଉପସ୍ଥିତ ଥିଲେ।





ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା



ସାନ୍‌ଭି ସଲୋନୀ (ପିହୁ)
ଆପଟ ସାହି, ପ୍ରତାପରୁଦ୍ରପୁର, ବାଲିଅନ୍ତା
ଆଜି ତୁମର ଜନ୍ମଦିବସରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋର ଚଲାପଥ ପୁଷ୍ପିତ ହେବା ସଙ୍ଗେ ସଙ୍ଗେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ, ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ ହେଉ।
ଶୁଭେଚ୍ଛାସହ:
ବାବା, ମାମା, ଅଜା, ଆଇ, ଜେଜେ, ଜେଜେ ମା', ମାମୁ, ମାଇଁ, ବନ୍ଧୁ ଓ ପରିବାରବର୍ଗ
ଧ-୬୭୩୧୬

ଜନ୍ମଦିନ ଶୁଭେଚ୍ଛା



ପ୍ରିୟ ସାଜୀ (SAJEE)
ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ତଥା ଭଲପାଇବା।
"ହରିଶ୍"
ଧ-୧୩୪୭୮

**VEER SURENDRA SAI UNIVERSITY OF TECHNOLOGY**
*(A Unitary University Established by Govt. of Odisha)*
P.O.: ENGINEERING COLLEGE BURLA, DIST.: SAMBALPUR, ODISHA-768018,
www.vssut.ac.in

No. VSSUT/Estt/5880 Dated: 16.07.2019

**ADVERTISEMENT FOR RECRUITMENT OF TEACHERS AND OFFICERS**

Applications in prescribed format along with required documents are invited from eligible Indian Nationals for recruitment to the posts of Teachers and Officers for Veer Surendra Sai University of Technology, Burla. The details of the number of posts including required qualifications, eligibility criteria, specialisation, scales of pay, reservations, application form and other general information are available at **www.vssut.ac.in**. The applicants for the post of **Dean, Students' Welfare, Professor and Associate Professor** are required to submit Evaluation of Academic Research Score in the prescribed format along with the application forms. The last date for the receipt of applications at VSSUT,Burla is **30.08.2019** during office hours by **Registered/Speed Post** only. University will not be responsible for any kind of postal delay. The qualifications, eligibility criteria, experience, publications and age limit etc. as on the last date of submission of application only will be considered. Incomplete application or applications received after the last date will not be considered. Consequently, the University advertisement **No.VSSUT/Estt/1813** dated **19.05.2018** hereby stand cancelled. However, the candidates who have applied earlier in pursuant to the aforesaid advertisement are required to submit their applications afresh without any application fees. The authority reserves the right to reject any or all the applications or cancel the entire selection process without assigning any reason thereof.

**Sd/-**
**REGISTRAR**

**RAMA DEVI WOMEN'S UNIVERSITY**
**Vidya Vihar, Bhubaneswar - 751022**
**www.rdwuniversity.nic.in**

**WALK-IN-INTERVIEW**

Application in the prescribed format with CV are invited from desirous organization / persons to act as trainers / counsellors / resource persons in the various programs of career counselling and placement cell of the University for the session 2019-20. Honorarium : Rs.1000/- (Rupees one thousand only/-) per class of 90 minutes duration. Last Date of submission applications is 25.07.2019. For details visit University website www.rdwuniversity.nic.in

Sd./-
Registrar

**RAMA DEVI WOMEN'S UNIVERSITY**
**Vidya Vihar, Bhubaneswar - 751022, www.rdwuniversity.nic.in**

**WALK IN INTERVIEW**

A Walk-in-Interview will be conducted for the engagement of **Project Assistant (3 Nos.)** at a fellowship of **Rs.22,000/- (Consolidated)** under the "Consolidation of University Research for Innovation and Excellence in Women Universities (CURIE)" project funded by DST, Govt. of India for a period of **3 Years.**

Date of Interview : **03.08.2019**.

Interested candidates are advised to visit Rama Devi Women's University website **www.rdwuniversity.nic.in** for details on minimum qualification and experience.

**Sd./- Prof. Sasmita Mohanty**
**Coordinator**

**ODISHA JOINT ENTRANCE EXAMINATION-2019 (OJEE - 2019)**

**No: 352/OJEE19** **Date: 18.07.2019**

**NOTICE FOR 2ND/Special OJEE FOR B.TECH, Lateral Entry TO B.TECH, MBA, MCA, Lateral Entry TO MCA, B. PHARM and M. PHARM**

**Date of Examination: 21.07.2019 (SUNDAY)**

2nd / Special OJEE for B.Tech., LE-Tech (Diploma), LE-Tech (B.Sc.), MBA, MCA, LE-MCA, B. Pharm and M. Pharm will be held on 21.07.2019 (SUNDAY) as per the following schedule.

| Date of Examination | Shift and Course | | Type of Examination |
|---|---|---|---|
| | 1st Shift (09.30 AM to 10.30 AM) | 2nd Shift (12.00 Noon to 01.00 PM) | |
| 21.07.2019 (SUNDAY) | B. Tech. B. Pharm | LE-Tech (Dip), LE-Tech (B.Sc.), MBA, MCA, LE-MCA, B.Pharm, M.Pharm | Duration – 1 Hour 60 Questions (Multiple Choice Question Type) |

Candidates are advised to download their Admit Cards for the examination from the OJEE website **(https://ojee.nic.in)**.

Candidates are also advised to refer to OJEE websites **(https://ojee.nic.in / https://odishajee.com/)** for complete schedule of activities of 2nd / Special OJEE.

**Sd/-**
**CHAIRMAN, OJEE 2019**

Form No. -13
**BEFORE THE DEBT RECOVERY TRIBUNAL : CUTTACK : ODISHA**
**C-71, SECTOR-7, CDA, CUTTACK, ODISHA**
**O.A. No.37/2019**

**Allahabad Bank, Bhubaneswar Main Branch** ............ Applicant
-Versus-
**Dr. Prangya Paramesh Swain** ........... Defendant

TO,
**Sole Defendant**
**Dr. Prangya Paramesh Swain,** S/o: Ramesh Chandra Swain, Permanent resident of Mahaveer Dental Clinic, Nimapara- 752016, Dist- Puri and at present at Village- Marthapur, PO- Bhanaragarh, PS- Balipatna, Dist- Khurda, Pin Code- 752103 .

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No 37/2019** in the court of Debt Recovery Tribunal, Cuttack for recovery of **Rs.30,91,871/- (Rupees Thirty Lakhs Ninety One Thousand Eight Hundred Seventy One only)** together with current and future interest, costs and other reliefs. The above mentioned defendant is therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within 30 days from the date of publication or on **30.08.2019** at **10.30 A.M** as to why reliefs prayed for should not be granted.

Take notice that in case of default, the application will be heard and determined in your absence.

Given under my hand and seal of this Tribunal on this 09th day of July, 2019 .

**Sd/-**
**(Manoj Kumar Patnaik)**
**Registrar**

Form No. -13
**BEFORE THE DEBT RECOVERY TRIBUNAL : CUTTACK : ODISHA**
**C-71, SECTOR-7, CDA, CUTTACK, ODISHA**
**O.A. No.38/2019**

**Allahabad Bank, Bhubaneswar Main Branch** ............ Applicant
-Versus-
**Alok Kumar Das and others** ........... Defendants

TO,
**Defendants**
(1) **Sri Alok Kumar Das,** S/o: Late Satyanarayan Das, Plot No.- N6/176, IRC Village, Nayapalli, Bhubaneswar-751015, Dist- Khordha .
(2) **Smt. Sarmistha Mandal,** W/o: Sri Alok Kumar Das, Plot No.- N6/176, IRC Village, Nayapalli, Bhubaneswar-751015, Dist- Khordha .
.......... **Principal Defendants**
(3) **M/s Basera Designs Private Limited**, Plot No.-25(P), Saheed Nagar, Bhubaneswar-751018, Dist- Khordha, represented by its Managing Director, Sri Manoj Kumar Pattnaik, S/o: Nirmal Chandra Pattnaik .
.......... **Pro-forma Defendant**

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No 38/2019** in the court of Debt Recovery Tribunal, Cuttack for recovery of **Rs.35,35,326/- (Rupees Thirty Five Lakhs Thirty Five Thousand Three Hundred Twenty Six only)** together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within 30 days from the date of publication or on **30.08.2019** at **10.30 A.M** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 09th day of July, 2019 .

**Sd/-**
**(Manoj Kumar Patnaik)**
**Registrar**

**GANGADHAR MEHER UNIVERSITY**
**SAMBALPUR-768004, ODISHA**

**RECRUITMENT OF FACULTY**

Gangadhar Meher University invites application from eligible Indian citizens for the following positions :

1. **Assistant Professor [Pay Band of Rs. 15,600-39,100 with AGP of Rs. 6,000.00] - 86 Posts.**

General conditions :

The above positions are available in the following subjects: Anthropology, Biotechnology, Botany, Chemistry, Commerce, Computer Science, Economics, Education, English, Geography, Hindi, History, Library & Information Science, Mathematics, Odia, Philosophy, Physics, Political Science, Psychology, Sanskrit, Sociology, Statistics and Zoology

(i) The Advertisement is for Regular Positions.
(ii) There is an application fee of INR 2750.00 from candidates belonging to General and SEBC Category. The application fee for SC/ST/PwD and Women candidates is INR 1750.00. Those who have applied earlier against the Advertisement No. 001/REC/GMU/FAC: Sambalpur; Dated 28.05.2018 need to pay facilitation charges of INR 250.00 only.
(iii) The link for the detailed advertisement and online application submission module is given herewith: https://recruitment.gmuniversity.ac.in
(iv) The last date for submission of online application complete in all respects is 14th August 2019 at 23.59. The last date of receipt of print copy of the applications with all supporting documents is 24th August 2019 at 17.00. Online submission of application is mandatory.
(v) Application fee is non-refundable. Seven printed copies of the application form will be accepted, when sent through Speed-Post/Registered Post/Courier only.

Advt. No. 002/REC/GMU/FAC; Sambalpur; Dated: 19th July 2019

Sd./- REGISTRAR
GANGADHAR MEHER UNIVERSITY, SAMBALPUR

## ସଂକ୍ଷେପରେ



ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ

### ଦିଲ୍ଲୀ ପ୍ରତିଯୋଗିତା ପାଇଁ ୨ ପ୍ରତିଯୋଗୀ ମନୋନୀତ

**ପାରଳାଖେମୁଣ୍ଡି, ୧୮।୭ (ସ୍ୱ.ପ୍ର.):** ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ସ୍ୱାଧାଦେବ ସିଂ ଯୋଗଦେଇଥିବାବେଳେ ନିର୍ବାଚନ ଅଧିକାରୀ ଅଚ୍ୟୁତାନନ୍ଦ ଜାନୀ, ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଅନୀତା ପାତ୍ର ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଜିଲାର ବିଭିନ୍ନ ଅଞ୍ଚଳରୁ ଅଂଶଗ୍ରହଣ କରିଥିବା ପ୍ରତିଯୋଗିମାନେ ନିଜ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ସେହିପରି 'ଏକ ସୁଦୃଢ଼ ଭାରତ ଗଠନରେ ଯୁବ ସମାଜର ଭୂମିକା, ଚିନ୍ତାଧାରା ଏବଂ କାର୍ଯ୍ୟପନ୍ଥା' ସମ୍ପର୍କିତ ଏକ ବିତର୍କ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମକୁ ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ବିଜୟ ମହାପାତ୍ର ଏବଂ ଛାତ୍ର କଲ୍ୟାଣ ଡିନ୍ ସୁଶାନ୍ତ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ । ୨ଜଣ ପ୍ରତିଯୋଗୀ ଦିଲ୍ଲୀରେ ଅନୁଷ୍ଠିତ ହେବାକୁଥିବା ଯୁବ ସଂସଦ କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି ।

ଫୋନ୍ କଲ୍‌ରେ ଆକାଉଣ୍ଟରୁ ୬୦ ହଜାର ଟଙ୍କା ଗାଏବ ଘଟଣା

### ୪୦ ହଜାର ଟଙ୍କା ଉଦ୍ଧାର

**ପାରଳାଖେମୁଣ୍ଡି, ୧୮।୭ (ସ୍ୱ.ପ୍ର.) :** ଫୋନ୍‌କଲ୍‌ରେ ବ୍ୟାଙ୍କ ଆକାଉଣ୍ଟରୁ ୬୦ ହଜାର ଟଙ୍କା ଠକେଇ ଘଟଣାରେ ପାରଳାଖେମୁଣ୍ଡି ପୋଲିସ ୪୦ ହଜାର ଟଙ୍କା ଉଦ୍ଧାର କରିଛି । ଏଠାରେ ପ୍ରକାଶଯୋଗ୍ୟ ଯେ, ପାରଳାଖେମୁଣ୍ଡିସ୍ଥିତ ଗୋପିନୀ ସାହିର ବୟସ୍କା ମହିଳା ଜାନକୀ ଅଧିକାରୀଙ୍କ ନିକଟକୁ ୪ ଦିନ ତଳେ ଏକ ଫୋନ୍ କଲ୍ ଆସିଥିଲା । ଏଥିରେ ଜଣେ ବ୍ୟକ୍ତି ତାଙ୍କୁ ଚତୁରତାର ସହ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ତଥ୍ୟ ହାସଲ କରି ୬୦ ହଜାର ଟଙ୍କା ଚୋରି କରି ନେଇଥିବା ସ୍ଥାନୀୟ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଚଳାଇଥିବାବେଳେ ଗୁରୁବାର ପୋଲିସ ଚୋରି ହୋଇଥିବା ୬୦ହଜାର ଟଙ୍କା ମଧ୍ୟରୁ ୪୦ହଜାର ଟଙ୍କା ଉଦ୍ଧାର କରିଥିବା ଜଣାପଡିଛି । ଏ ସମ୍ପର୍କରେ ଥାନା କେସ୍ ନଂ ୧୪୧/୧୯ ରେ ଏକ ମାମଲା ରୁଜୁ ହୋଇଥିବାବେଳେ ଅବଶିଷ୍ଟ ଟଙ୍କା ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଥିବା ସୂଚନା ମିଳିଛି । ତେବେ ଘଟଣାରେ ଅଭିଯୁକ୍ତ ଗିରଫ ହୋଇ ନ ଥିବାବେଳେ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି ।

### ଦିବ୍ୟାଙ୍ଗଙ୍କ ସମସ୍ୟା ସମ୍ପର୍କିତ ବୈଠକ

**ପାରଳାଖେମୁଣ୍ଡି, ୧୮।୭(ସ୍ୱ.ପ୍ର.) :** କାଶୀନଗର ବ୍ଲକ୍ ଅନ୍ତର୍ଗତ ଦିବ୍ୟାଙ୍ଗ ସଙ୍ଗଠନ ଗୁଡିକୁ ନେଇ ଗୁରୁବାର ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସି.ସି.ଡି. ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାସ୍ତରର ଶିବାନୀ ପାଣିଗ୍ରାହୀ, ଏଲ୍. ସନ୍ତୋଷୀ ଯୋଗଦେଇ ବ୍ଲକ୍‌ରେ ଥିବା ଦିବ୍ୟାଙ୍ଗମାନଙ୍କ ପାଇଁ କିପରି ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ମୁଖ୍ୟ ବିଷୟ ଗୁଡିକ ମଧ୍ୟରେ ଦିବ୍ୟାଙ୍ଗଙ୍କୁ ନେଇ ଏକ ସଂଘ ଗଠନ ଏବଂ ସଭାପତି, ସମ୍ପାଦକଙ୍କୁ ଚୟନ କରିବା, ଦିବ୍ୟାଙ୍ଗମାନେ ସେମାନଙ୍କ ଅଧିକାର ଓ ଅଧିନିୟମ ସମ୍ପର୍କରେ କିପରି ଜାଣିପାରିବେ ଏବଂ ନିଜକୁ ସଶକ୍ତ କରପାରିବେ ସେଥିପାଇଁ ଚେଷ୍ଟାକରିବା, ଦିବ୍ୟାଙ୍ଗ ଶିଶୁଙ୍କ ଯତ୍ନ, ମନରେଗା ଯୋଜନାରେ ଦିବ୍ୟାଙ୍ଗମାନେ କିପରି ନିୟୋଜିତ ହୋଇପାରିବେ ସେ ବିଷୟରେ ମଧ ବୁଝାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ସି.ସି.ଡି. ର ସଂଯୋଜକ ତପନ କୁମାର ପାଣିଗ୍ରାହୀ ପରିଚାଳନା କରିଥିବାବେଳେ ଏହାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

ଶ୍ରାବଣ ଛୁଇଁଲାଣି, ବର୍ଷା ନାହିଁ

# ଧାନ ତଳି ଶୁଖିଲା ଦେଖି ଆଶଙ୍କାରେ ଚାଷୀ

**କାଶୀନଗର, ୧୮।୭ (ଡି.ଏନ୍.ଏ.)**

ଚଳିତବର୍ଷ ମୌସୁମୀ ଓଡ଼ିଶା ଛୁଇଁବା ପରେ ଦୁର୍ବଳ ହୋଇଯାଇଛି । ଫଳରେ ଶ୍ରାବଣ ଆସି ପହଞ୍ଚିଥିଲେ ମଧ ବର୍ଷାର ଦେଖାନାହିଁ । ଗଜପତି ଜିଲାରେ ସ୍ୱାଭାବିକ ଠାରୁ ବହୁ କମ୍ ବର୍ଷା ହୋଇଥିବାରୁ ଜମିରେ ଏବେ ଧାନତଳି ପ୍ରଭାବିତ ହେବାକୁ ଯାଉଛି । ଯାହାକୁ ନେଇ ଗଜପତି ଜିଲା କାଶୀନଗର ଅଞ୍ଚଳର ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି । କାଶୀନଗର ବ୍ଲକ୍ ଅଞ୍ଚଳରେ ବହୁ ଚାଷୀ ପୂର୍ବରୁ ଧାନ ତଳି ପକାଇ ସାରିଥିବାବେଳେ ଏବେ ବର୍ଷା ପାଇଁ ଅନାଇ ବସିଛନ୍ତି । ବ୍ଲକରେ ସମୁଦାୟ ୬୫୦୦ ହେକ୍ଟର ଧାନ ଚାଷ ମଧ୍ୟରୁ ଏବେସୁଦ୍ଧା ୧୫୦୦ ହେକ୍ଟର ଧାନ ତଳି ପଡ଼ିଥିବା ଜଣାପଡ଼ିଛି । ସାଧାରଣତଃ ଜୁନ୍ ମାସରେ ୧୬୦ ମିଲିମିଟର ଏବଂ ଜୁଲାଇ ମାସରେ ୧୭୦ ମିଲିମିଟର ବର୍ଷା ହୋଇଥାଏ । କିନ୍ତୁ ଏଠାରେ ଜୁନ୍ ମାସରେ ୩୦ ମିଲିମିଟର୍ ଏବଂ ଜୁଲାଇ ମାସରେ ମାତ୍ର ୭୦ ମିଲିମିଟର ବର୍ଷା ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି । ସେହିପରି କେତେକ ଚାଷୀଙ୍କ କହିବାନୁଯାୟୀ, ତଳି ଲଗାଇ ମାସେ ପୂରିଥିବାବେଳେ ବର୍ଷା ଅଭାବରୁ ତଳି ଶୁଖିବାକୁ ବସିଲାଣି । ଆଗକୁ କିଛିଦିନ ବର୍ଷା ହେବ ବୋଲି ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳୁଥିବାବେଳେ ବର୍ଷା ହେଲେ ମଧ ଆଉ ଭଲ ଧାନ ହେବନି ବୋଲି ଚାଷୀମାନେ କହୁଛନ୍ତି । ଏ ସମ୍ପର୍କରେ କୃଷି ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ୨ଦିନ ମଧ୍ୟରେ ବର୍ଷା ନ ହେଲେ ଗଜା ମରୁଡ଼ି ହେବା ନିଶ୍ଚିତ । ଯାହାକୁ ନେଇ ଏବେ ଚାଷୀ ଚିନ୍ତାରେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟରେ କିଛି ବର୍ଷ ହେଲା ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁ ଚାଷୀ ସବୁଠାରୁ ଅଧିକ କ୍ଷତି ସହୁଛନ୍ତି ଏବଂ ବହୁ ଚାଷୀ ମୃତ୍ୟୁକୁ ଆପଣାଇବାକୁ ବାଧ ହେଉଥିବା ଦେଖିବାକୁ ମିଳୁଛି ।



ବର୍ଷାକୁ ଚାହିଁ ରହିଛନ୍ତି ଚାଷୀ ।

# ଜୁଲାଇ ଶେଷ ସୁଦ୍ଧା ବୀମାଭୁକ୍ତ ହେବେ ଜିଲାର ସମସ୍ତ ଚାଷୀ

**ପାରଳାଖେମୁଣ୍ଡି, ୧୮।୭ (ସ୍ୱ.ପ୍ର.)**

ଫସଲବୀମା ସପ୍ତାହ ଉପଲକ୍ଷେ ଜିଲା ଅଗ୍ରଣୀ ବ୍ୟାଙ୍କ ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ ଗୃହରେ ଚାଷୀଙ୍କ ଫସଲବୀମା ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମବାୟ ସଂସ୍ଥାର ସହକାରୀ ରେଜିଷ୍ଟ୍ରାର ଟି.ଭି. ପ୍ରସାଦ ରାଓ ଯୋଗ ଦେଇ ପ୍ରଧାନମନ୍ତ୍ରୀଙ୍କ ଫସଲବୀମା ଯୋଜନା ଦ୍ୱାରା ଚାଷୀ କିପରି ଉପକୃତ ହୋଇପାରିବେ ସେ ସମ୍ପର୍କରେ ବୁଝାଇଥିଲେ । ସେହିପରି ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ କିଶୋର ଚନ୍ଦ୍ର ନାଇକ ଯୋଗଦେଇ କିପରି ଅଧିକରୁ ଅଧିକ ଚାଷୀ ଫସଲବୀମାରେ ଅନ୍ତର୍ଭୁକ୍ତ ହୋଇପାରିବେ ଏବଂ ଏଥିପାଇଁ ବ୍ୟାଙ୍କଗୁଡିକର ଭୂମିକା ବିଷୟରେ କହିଥିଲେ । ଜୁଲାଇ ୩୧ ତାରିଖ ସୁଦ୍ଧା ଜିଲାର ସମସ୍ତ ଚାଷୀଙ୍କୁ ବୀମାଭୁକ୍ତ କରିବା ଦିଗରେ ସମସ୍ତେ ସମନ୍ୱୟ ରକ୍ଷା କରି କାର୍ଯ୍ୟକରିବା ଆବଶ୍ୟକ ବୋଲି ସେ ମତ ରଖିଥିଲେ । ଏଥିରେ ଓରିଏଣ୍ଟାଲ ଇନ୍ସ୍ୟୁରାନ୍ସର ମାନସ ରଂଜନ ମଲ୍ଲିକ ଯୋଗ ଦେଇ ସମସ୍ତ ବ୍ୟାଙ୍କ ପରିଚାଳକ ଓ ବ୍ୟାଙ୍କ ଅଧିକାରୀମାନଙ୍କୁ ଫସଲବୀମା ର ଅନ୍‌ଲାଇନ୍ ପଞ୍ଜିକରଣ ସମ୍ପର୍କରେ ତାଲିମ ଦେଇଥିଲେ । କାର୍ଯ୍ୟକ୍ରମରେ ଓରିଏଣ୍ଟାଲ୍ ଇନ୍ସ୍ୟୁରାନ୍ସର ଜଗନ ମହାପାତ୍ର ସହଯୋଗ କରିଥିଲେ ।

## ଫସଲବୀମା ଯୋଜନା ସମ୍ପର୍କିତ ତାଲିମ





କାର୍ଯ୍ୟକ୍ରମରେ ଉପସ୍ଥିତ ତାଲିମ୍‌ଦାତା ଓ ବ୍ୟାଙ୍କ ଅଧିକାରୀ ଓ ଅନ୍ୟମାନେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୋଡ଼ା ଦଉଡ଼ି ଦଉଡ଼ି ଯେଉଁଠି,**
**ହାତୀ ପାହୁଣ୍ଡ ପକାଇ ସେଇଠି ।**

ଲକ୍ଷ୍ୟହୀନ ବ୍ୟକ୍ତି କୌଣସି କାର୍ଯ୍ୟରେ ସଫଳ ହୋଇପାରି ନ ଥାନ୍ତି । ତେବେ ବୁଦ୍ଧି ବା ଲକ୍ଷ୍ୟ ଠିକ୍ ଥିଲେ ଜଣେ ଧୀର ହେଲେ ମଧ କର୍ମକ୍ଷେତ୍ରରେ ବେଶ୍ ଅଗ୍ରଗତି କରିପାରିବା ସହ ସଫଳତା ହାତେଇପାରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଘରେ କୁଲା ଦେଇ ଓଷା,**
**ଦାଣ୍ଡରେ ବସି ନିଶରେ ଘିଅ ହାତ ଘଷା ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଇଥାଏ । ତେବେ ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ ଏଭଳି ଆତ୍ମବଡ଼ିମା ଆଦୌ ଶୋଭା ପାଇ ନ ଥାଏ । ଏପରିସ୍ଥଳେ ଅଭାବଗ୍ରସ୍ତ ବ୍ୟକ୍ତି ବାହାରେ ନିଜର ଚାତର ପ୍ରକାଶ କରି ଲୋକହସା ହେବା ସାର ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ଛତୁଚାଷ ତାଲିମ ଶିବିର ଉଦ୍‌ଯାପିତ

### ପରିଶ୍ରମ ଦ୍ୱାରା ସ୍ୱାବଲମ୍ବୀ, ସ୍ୱାଧୀନ ହୋଇପାରିବେ





ତାଲିମ୍‌ପ୍ରାପ୍ତ ମହିଳାମାନେ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି ।

**ପାରଳାଖେମୁଣ୍ଡି, ୧୮।୭ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ୍ ପ୍ରତିଷ୍ଠାନ ପରିସରରେ ଚାଲିଥିବା ଛତୁ ଚାଷ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ପ୍ରତିଷ୍ଠାନର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ବ୍ରହ୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଦେବେନ୍ଦ୍ରନାଥ କର ଯୋଗ ଦେଇ ତାଲିମ୍ ତାଲିମ୍‌ପ୍ରାପ୍ତଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଏଠାରେ ସମସ୍ତ ତାଲିମପ୍ରାପ୍ତଙ୍କୁ ପରିଶ୍ରମ କରି ସ୍ୱାବଲମ୍ବୀ ଓ ସ୍ୱାଧୀନଭାବେ ଚଳିପାରିବେ ବୋଲି ପରାମର୍ଶ ଦିଆଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ପ୍ରତିଷ୍ଠାନର ପାଠ୍ୟ ସଂଯୋଜକ ଦିଲ୍ଲୀପ କୁମାର ତନ୍ତୀ ପରିଚାଳନା କରିଥିଲେ ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ–1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡ଼ା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

## ସଂକ୍ଷେପରେ

### ମିଳୁନି କାଳିଆ ଟଙ୍କା

ଚନ୍ଦାହାଣ୍ଡି, ୧୮।୭(ଡି.ଏନ.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଚାଷୀମାନେ କାଳିଆ ଟଙ୍କା ପାଇବା ଆଶାରେ ଜମାଖାତା ଅପଡେଟ ପାଇଁ ବିଭିନ୍ନ ବ୍ୟାଙ୍କକୁ ଦୌଡୁଛନ୍ତି। ଘଣ୍ଟା ଘଣ୍ଟା ଧରି ଧାଡିରେ ଛିଡା ହୋଇ ଖାତା ଚେକ୍ କରି ଟଙ୍କା ଜମା ହୋଇ ନ ଥିବାରୁ ଶୁଖିଲା ମୁହଁରେ ଫେରୁଥିବା ଦେଖାଯାଇଛି। ରାଜ୍ୟ ସରକାର ଶପଥ ପାଠ ଦିନ ହିଁ କାଳିଆ ଟଙ୍କା ପ୍ରଥମ ଓ ଦ୍ୱିତୀୟ କିସ୍ତି ମିଳିବ ବୋଲି ବିଭିନ୍ନ ନିର୍ବାଚନୀ ସଭାରେ ଘୋଷଣା କରିଥିଲେ। ସରକାର ଗଠନ କରିବାର ଦୁଇମାସ ବିତିଯାଇଥିଲେ ହେଁ କାଳିଆ ଟଙ୍କା ମିଳିବାର ନା ଗନ୍ଧ ନାହିଁ । ଏବେ ଚାଷୀ ଖରିଫ ଚାଷରେ ଲାଗି ପଡିଥିବାବେଳେ ଧାନରୁଆ ବେଉଷଣ କରିବା ପାଇଁ ସମସ୍ତଙ୍କୁ ଟଙ୍କାର ଆବଶ୍ୟକ ରହିଛି । କାଳେ ଜମାଖାତାରେ ଏହି ଟଙ୍କା ଜମା ହୋଇଥିବ ଏବଂ ଉକ୍ତ ଟଙ୍କା ଉଠାଇ ଚାଷରେ ଲଗାଇବେ ଭାବି ବାରମ୍ବାର ବ୍ୟାଙ୍କକୁ ଦୌଡି ଖାତା ଯାଞ୍ଚ କରି ନିରାଶ ହୋଇ ଘରକୁ ଫେରୁଛନ୍ତି । ଚାଷୀଙ୍କୁ ଗତ ଖରିଫ ଋତୁର ମରୁଡି କ୍ଷୟକ୍ଷତି ଇନପୁଟ ସବସିଡି ଟଙ୍କା ଏବଂ ଇନସୁରାନ୍ସ ଟଙ୍କା ମଧ ମିଳି ନଥିବା ଅଞ୍ଚଳର ବହୁଚାଷୀ ଅଭିଯୋଗ କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଚାଷୀଙ୍କ କାଳିଆ ଏବଂ ମରୁଡି କ୍ଷୟକ୍ଷତି ଇନପୁଟ ସବସିଡି ସହ ଇନସୁରାନ୍ସ ଟଙ୍କା ଶୀଘ୍ର ଯୋଗାଇ ଦେବାକୁ ଚାଷୀ ଦାବି କରିଛନ୍ତି।

### ସାହିତ୍ୟିକ ରାମନାଥ ପାଣିଗ୍ରାହୀଙ୍କ ବିୟୋଗରେ ଶୋକସଭା

ନବରଙ୍ଗପୁର,୧୮।୭(ବି.ପ୍ର.) ସାହିତ୍ୟିକ ରାମନାଥ ପାଣିଗ୍ରାହୀଙ୍କ ବିୟୋଗରେ ଉତ୍କଳ ପରିଷଦ ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜୟ କୁମାର ଚୌଧୁରୀ ସଭାପତିତ୍ୱ କରିଥିଲେ । ପରିଷଦର କର୍ମକର୍ତ୍ତା ଜଗନ୍ନାଥ ବେହେରା, ଜଗଦିଶ ତ୍ରିପାଠୀ, ଜାହ୍ନବୀ ପଣ୍ଡା, ପ୍ରଭାସିନି ମହାନ୍ତି, ପ୍ରେମଚାନ୍ଦ ପଟ୍ଟନାୟକ, ତପନ ବିଷୋୟୀ, ମନୋଜ ପଟ୍ଟନାୟକ, ରବିକାନ୍ତ ରଘୁରାମ ସମେତ ଅନ୍ୟାନ୍ୟ ସଭ୍ୟା ସଭ୍ୟ ଉପସ୍ଥିତ ରହି ନୀରବ ପ୍ରାର୍ଥନା ସହ ସ୍ମୃତି ଚାରଣ କରିଥିଲେ । ସ୍ୱାଗତ ପାଣିଗ୍ରାହୀ ଏକାଧାରରେ ଜଣେ ଶିକ୍ଷାବିତ, ସାହିତ୍ୟିକ ଓ ସଙ୍ଗୀତଜ୍ଞ ଥିଲେ । ତାଙ୍କ ଲିଖିତ ବ୍ୟଙ୍ଗ ବାଇଦ ପାଠକ ମାନଙ୍କ ନିକଟରେ ଆଦୃତ ଲାଭ କରିଥିଲା ।

ସେହିପରି କୁଞ୍ଜବିହାରୀ ପାଠାଗାର ଆନୁକୂଲ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପାଠାଗାରର ସଭାପତି ନାରାୟଣ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ ଶୋକସଭାରେ ଗୋପବନ୍ଧୁ ବିଷୋଇ, କୁମୁଦ ଚନ୍ଦ୍ର ପଟ୍ଟନାୟକ, ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ଶଶିଧର ପଣ୍ଡା, ଲକ୍ଷ୍ମୀକାନ୍ତ ମିଶ୍ର, ବୈଦେହି ପଣ୍ଡା, ଜାହ୍ନବୀ ପଣ୍ଡା, ସରୋଜ କୁମାର ତ୍ରିପାଠୀ, ତ୍ରିବିକ୍ରମ ନନ୍ଦ, ମୁରଲୀଧର ପଟ୍ଟନାୟକ, ଡ. ରାଧାନାଥ ବେହେରା, ସମ୍ପାଦକ ରଜନୀ ପାତ୍ର ଯୋଗ ଦେଇଥିଲେ। ସ୍ୱର୍ଗତ ରାମନାଥଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

■ ଭାଇକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଲେ ଭଉଣୀ

# ଶ୍ମଶାନରୁ ପୋତା ମୃତଦେହ କଢ଼ାଗଲା

ଉମରକୋଟ,୧୮।୭(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅନ୍ତର୍ଗତ ବୁର୍ଜା ପଞ୍ଚାୟତର ପଦିଆଗୁଡା ଗ୍ରାମର କିଶୋର ମାଝି(୧୮)ଙ୍କ ଗତ ୨ଦିନ ତଳେ ମୃତ୍ୟୁ ଘଟିଥିଲା। ସାପ କାମୁଡାରେ ତାଙ୍କର ମୃତ୍ୟୁ ହୋଇଛି ବୋଲି ପରିବାର ଲୋକ କହି ଗାଁ ଶ୍ମଶାନରେ ପୋତି ଦେଇଥିଲେ । ତେବେ କିଶୋରଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ଭଉଣୀ ଥାନାରେ ଅଭିଯୋଗ କରିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ଗୁରୁବାର ଶ୍ମଶାନରୁ ମୃତଦେହ କାଢିଥିଲା । ପରେ ମୃତଦେହ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପାଇଁ ପୋଲିସ ପଠାଇଥିଲା। ପଦିଆଗୁଡା ଗ୍ରାମର କିଶୋର ମାଝି ବାପା, ମା' ଛେଉଣ୍ଡ । ସେ ବଡବାପା ରାମ ମାଝିଙ୍କ ଘରେ ରହିଆସୁଥିଲେ। ୨ ଦିନ ତଳେ ତାଙ୍କର ମୃତ୍ୟୁ ଘଟିଥିଲା। ସାପ କାମୁଡାରେ କିଶୋରଙ୍କ ମୃତ୍ୟୁ ହୋଇଥିବା ରାମ କହିଥିଲେ । ପରେ ଗ୍ରାମବାସୀଙ୍କ ସହାୟତାରେ କିଶୋରଙ୍କ ମୃତଦେହ ଶ୍ମଶାନରେ ପୋତି ଦିଆଯାଇଥିଲା । କିନ୍ତୁ ଘଟଣାର ଗୋଟିଏ ଦିନ ପରେ କିଶୋରଙ୍କ ବଡଭଉଣୀ କିସନ୍ତି ମାଝି ଉମରକୋଟ ଥାନାରେ ଅଭିଯୋଗ କରିଥିଲେ ଯେ ତାଙ୍କ ଭାଇଙ୍କୁ ହତ୍ୟା କରାଯାଇଛି । ରାମ ଓ ତାଙ୍କ ଦୁଇ ପୁଅ ବିନାୟକ ଓ ସଞ୍ଜିବ ମିଶି ସୋମବାର ରାତିରେ ବିଭିନ୍ନ ମାରଣାସ୍ତ୍ର ସାହାଯ୍ୟରେ ଭାଇ କିଶୋରଙ୍କୁ ଆକ୍ରମଣ କରିଥିଲେ । ଫଳରେ ଭାଇର ମଙ୍ଗଳବାର ସକାଳେ ମୃତ୍ୟୁ ହୋଇଥିଲା । ଜମିବାଡିକୁ ଭିତ୍ତିକରି ତାଙ୍କୁ ମାରି ଦିଆଯାଇଛି ବୋଲି କିସନ୍ତି ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଉମରକୋଟ ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ ସ୍ଥାନୀୟ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଧର୍ମରାଜ ମାଝିଙ୍କ ଉପସ୍ଥିତିରେ ଶ୍ମଶାନରେ ପୋତା ଯାଇଥିବା ମୃତଦେହକୁ କାଢି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ । ବ୍ୟବଚ୍ଛେଦ ପରେ ମୃତଦେହକୁ ପୁଣି ଆଣି ସେହି ସ୍ଥାନରେ ପୋତା ଯାଇଥିଲା। ଅନ୍ୟପକ୍ଷେ ଘର ଲୋକଙ୍କ କହିବା ଅନୁଯାୟୀ କିଶୋର ଓ ତାଙ୍କ ଜଣେ ସାଙ୍ଗ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ କିଶୋରଙ୍କ ସାଙ୍ଗ ଗୋଡରେ ଏକ ସାପ ଗୁଡାଇ ହୋଇଯାଇଥିଲା। ଏହି ସାପକୁ କିଶୋର ବାହାର କରି ନିଜ ପକେଟ ଭିତରେ ରଖି ଘରକୁ ଆସିଥିଲେ। ଘରେ ବଡବାପା ରାମ ଏହା ଦେଖି କିଶୋରଙ୍କୁ ଗୋଟିଏ ଚାପୁଡା ମାରିଥିଲେ । କିଶୋରଙ୍କ ପକେଟରେ ଥିବା ସାପ କାମୁଡାରେ ତାଙ୍କର ମୃତ୍ୟୁ ହୋଇଛି । ଅନ୍ୟପକ୍ଷରେ ଗ୍ରାମବାସୀ ଏ ସମ୍ପର୍କରେ ମୁହଁ ଖୋଲୁ ନାହାନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ ଏତଲାକୁ ଭିତ୍ତି କରି ପ୍ରାଥମିକ ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ। ମୃତଦେହ କାଢିବା ସମୟରେ ଘର ଲୋକ ସାହାଯ୍ୟ କରି ନଥିଲେ । ବରଂ ଘରେ ତାଲା ପକାଇ କୁଆଡେ ଲୁଚି ପଳାଇ ଯାଇଥିଲେ। ଏମିତିକି ଗାଁ ଲୋକ ମଧ ସାହାଯ୍ୟ କରି ନ ଥିଲେ।

## ସ୍କୁଲ ପ୍ରତିଷ୍ଠା ଦିବସରେ ଚାରାରୋପଣ


ଚାରାରୋପଣ କରାଯାଉଛି।

ଚନ୍ଦାହାଣ୍ଡି,୧୮।୭(ଡି.ଏନ.ଏ)

ଚନ୍ଦାହାଣ୍ଡି ବ୍ଲକ ଦେଓବନ୍ଧ ସ୍ଥିତ ବନଦୁର୍ଗା ହାଇସ୍କୁଲର ୨୮ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏହାକୁ ନିଆରା ଢଙ୍ଗରେ ଶିକ୍ଷକ, ଛାତ୍ରୀଛାତ୍ର ପାଳନ କରିଛନ୍ତି। କୌଣସି ଧୁମଧାମ କାର୍ଯ୍ୟକ୍ରମ ଦେଖିବାକୁ ମିଳିନଥିଲା। ପ୍ରଧାନଶିକ୍ଷକ ରଞ୍ଜନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଏବଂ ସହକାରୀ ଶିକ୍ଷକମାନେ ବିଭିନ୍ନ ପ୍ରକାରର ୨୦୦ଟି ଚାରା ସ୍କୁଲ ପରିସର ଓ ବାହାରେ ଲଗାଇଥିଲେ। ନିଆରା ଢଙ୍ଗରେ ପ୍ରତିଷ୍ଠା ଦିବସ ପାଳନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଧୁମଧାମରେ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ କରିଥିଲେ ଅର୍ଥ ବ୍ୟୟ ହୋଇଥାନ୍ତା । ଏହା କୌଣସି କାର୍ଯ୍ୟରେ ଲାଗି ନ ଥାନ୍ତା । ଦିନକୁ ଦିନ ବୃକ୍ଷ ଲୋପ ପାଇବାକୁ ଯାଉଥିବାରୁ ସବୁଜ ବଳୟ ସୃଷ୍ଟି କରିବା ପାଇଁ ବିଦ୍ୟାଳୟ ପରିସର ଓ ବାହାରେ ଚାରା ରୋପଣ କରିବାକୁ ନିଷ୍ପତ୍ତି ନେଲୁ ବୋଲି ଶିକ୍ଷକ ଓ ଛାତ୍ରୀଛାତ୍ରମାନେ କହିଛନ୍ତି। କାର୍ଯ୍ୟକ୍ରମରେ ଶିକ୍ଷକ ସମିର କୁମାର ଜେନା, ଶଶାଙ୍କ ଶେଖର ପାତ୍ର, ଭୁଜବଳ ମେହେର, ପ୍ରଭାକର ଦାସ, ତୁଳାରାମ ପାରୀ, ଦିଲୀପ କୁମାର ଦାସ, ବାସୁଦେବ ଚଣ୍ଡି, ଭୁବନେଶ୍ୱର ନାଗ, ଉଲେଶ୍ୱର ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଗୃହ ନିର୍ମାଣ ସମ୍ପୂର୍ଣ୍ଣ ନ ହେଉଣୁ ଛାତରୁ ଗଳୁଛି ପାଣି


ନିର୍ମାଣାଧୀନ ଅଙ୍ଗନୱାଡି କେନ୍ଦ୍ର ଆଗରେ ଗ୍ରାମବାସୀ ।


ପାଚିକାଙ୍କ ଘରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର।

**ଚନ୍ଦ୍ରପୁର ଅଙ୍ଗନୱାଡି କେନ୍ଦ୍ର**

ନବରଙ୍ଗପୁର/ଉମରକୋଟ, ୧୮।୭(ବି.ପ୍ର./ଡି.ଏନ.ଏ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଚନ୍ଦ୍ରପୁର ଅଙ୍ଗନୱାଡି କେନ୍ଦ୍ରର କୋଠାଘର ନିର୍ମାଣକାର୍ଯ୍ୟ ଶେଷ ନ ହେବା ପୂର୍ବରୁ ଏହାର କାନ୍ଥ ଭୁଶୁଡିବା ସହ ଛାତରୁ ପାଣି ଗଳୁଛି। ନିମ୍ନମାନର କାର୍ଯ୍ୟକୁ ବିରୋଧ କରି ଗ୍ରାମବାସୀ କାର୍ଯ୍ୟ ବନ୍ଦ କରିବା ସହ ଏକ ନୂତନ କୋଠାଘର ନିର୍ମାଣ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଉମରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଜଣାଇବା ସହ ଏହା ନକଲ ଜିଲାପାଳଙ୍କ ନିକଟକୁ ପଠାଇଛନ୍ତି। ଉମରକୋଟ ବ୍ଲକ ଚନ୍ଦ୍ରପୁର ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ କୋଠାର କାନ୍ଥ ଭାଙ୍ଗିଯାଇଥିଲା। ଫଳରେ କେନ୍ଦ୍ରଟି ପାଚିକାଙ୍କ ଘରକୁ ସ୍ଥାନାନ୍ତରିତ ହୋଇଥିଲା। ସାତ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଗୃହ ନିର୍ମାଣ ଆରମ୍ଭ କରାଯାଇଥିଲା। ତେବେ ତାହା ଏଯାଏ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଛାତ ପଡି ସାରିଛି । କିନ୍ତୁ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଉନୁ ଗୃହର କାନ୍ଥରେ ଫାଟ ସୃଷ୍ଟି ହେବା ସହ ଗୋଟିଏ ପଟ କାନ୍ଥ ଭୁଶୁଡି ପଡିଲାଣି । ଛାତରୁ ପାଣି ଗଳିବା ଆରମ୍ଭ ହୋଇଛି । କାର୍ଯ୍ୟ କେତେ ନିମ୍ନମାନର ହୋଇଛି ଏଥିରୁ ଅନୁମେୟ । ନିର୍ମାଣ କାର୍ଯ୍ୟ ନିକଟରେ ସହକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତି ଲାଗି ଏହି ଭଳି ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି । ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପୂର୍ବରୁ କୋଠାର ଏହିଭଳି ଅବସ୍ଥା । ସେଥିପାଇଁ ଉକ୍ତ ଗୃହରେ ଅଙ୍ଗନୱାଡି କେନ୍ଦ୍ର ପରିଚାଳିତ ହେଲେ ଅଭିଭାବକ କିଭଳି ଶିଶୁମାନଙ୍କୁ ଛାଡିବେ ସେ ନେଇ ଏବେଠାରୁ ଚିନ୍ତାରେ ରହିଛନ୍ତି। ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରି ଏହାର ଯାଞ୍ଚ କରାଯିବାକୁ ଗ୍ରାମର ସତ୍ୟଜିତ ଦାସ, ହରିଲାଲ ଦାସ, ସନ୍ତୋଷ ଦାସ, ଶଙ୍କର ଦାସ, ରାଇମୋହନ ଦାସ ପ୍ରମୁଖ ଦାବି କରିଛନ୍ତି।

## ଦାଦନ ଶ୍ରମିକ ଉଦ୍ଧାର ଘଟଣା, ୨ ଗିରଫ

ନବରଙ୍ଗପୁର,୧୮।୭(ବି.ପ୍ର.)

ନବରଙ୍ଗପୁର ପୋଲିସ ବୁଧବାର ରାତିରେ ଉମରକୋଟ ବିଶାଖାପାଟଣା ସରକାରୀ ବସରୁ ସ୍ଥାନୀୟ ମଙ୍ଗଳମ ଟିମ୍ବର ଛକ ନିକଟରୁ ୧୪ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି । କଳାହାଣ୍ଡି, ଉମରକୋଟ, ଝରିଗାଁ ଓ ତେନ୍ତୁଲିଖୁଣ୍ଟି ବ୍ଲକର ଯୁବକ ଯୁବତୀମାନଙ୍କୁ ନେଇ ଝରିଗାଁ ବ୍ଲକ ସଂସାରୀ ଗାଁର ଆର. ମୃତ୍ୟୁରାଜ(୪୦) ଓ ତେନ୍ତୁଲିଖୁଣ୍ଟି ବ୍ଲକର ଶାନ୍ତନୁ ବାଘ(୨୪) ଚୋନ୍ନାଇର ତିରିପୁରା ଗାଁକୁ ନେଉଥିଲେ । ଯୁବତୀ ମାନେ ଏକ ସିଲେଇ କମ୍ପାନୀରେ କାମ କରିବାକୁ ଯାଉଥିବା ବେଳେ ଯୁବକ ମାନେ ଏକ ନଳକୂପ ଖନନ କାର୍ଯ୍ୟରେ ନିୟୋଜିତ ହୋଇ ଥାନ୍ତେ ବୋଲି କହିଛନ୍ତି । ଏ ନେଇ ନବରଙ୍ଗପୁର ଥାନାରେ ନଂ.୧୪୫/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଶ୍ରମିକ ଚାଲାଣ କରୁଥିବା ଅଭିଯୋଗରେ ମୃତ୍ୟୁରାଜ ଓ ଶାନ୍ତନୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏସଆଇ ନିଳିମା ପାଣିଗ୍ରହୀ ଘଟଣାର ତଦନ୍ତ କରୁଛନ୍ତି ।

## ରାସ୍ତା ନିର୍ମାଣ ବେଳେ ମୋରମ ପରିବର୍ତ୍ତେ ପଡ଼ିଲା ମାଟି


ଦଳେଇଗୁଡାଠାରୁ ପଣ୍ଡିକୋଟ ପର୍ଯ୍ୟନ୍ତ ରାସ୍ତା କାଦୁଅରେ ଭର୍ତ୍ତି ।

■ ଅଳ୍ପ ବର୍ଷାରେ ରାସ୍ତା କାଦୁଅ

■ ଯାନାବାହନ, ଆମ୍ବୁଲାନ୍ସ ଯାତାୟାତ ବନ୍ଦ

ନବରଙ୍ଗପୁର,୧୮।୭(ବି.ପ୍ର.)

ନବରଙ୍ଗପୁର ଗ୍ରାମ୍ୟ ନିର୍ମାଣ ବିଭାଜନ ୧ ଅଧିନରେ ରହିଥିବା ଦଳେଇଗୁଡା ଠାରୁ ପଣ୍ଡିକୋଟ ପର୍ଯ୍ୟନ୍ତ ରାସ୍ତାରେ ଲୋକମାନେ ଯାତାୟାତ କରି ପାରୁ ନାହାନ୍ତି। ରାସ୍ତା କାମ ବେଳେ ମୋରମ ପରିବର୍ତ୍ତେ ମାଟି ପକାଯାଇଥିବାରୁ ସାମାନ୍ୟ ବର୍ଷାରେ ରାସ୍ତା କାଦୁଅରେ ଭର୍ତ୍ତି ହୋଇପଡିଛି। ଫଳରେ ଏହି ରାସ୍ତାରେ ଯାନାବାହାନ ଚଳାଚଳ କରିପାରୁ ନାହିଁ। ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା କାମ ଆରମ୍ଭ ହୋଇଛି । କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଧାର୍ଯ୍ୟ ତାରିଖରୁ ୩ ମାସ ଅଧିକ ହୋଇ ସାରିଲାଣି କିନ୍ତୁ କାମ ଶେଷ ହୋଇପାରୁନି । ୨ କୋଟି ୬୫ ଲକ୍ଷ ୪୦ ହଜାର ୮୦୪ଟଙ୍କା ବ୍ୟୟରେ ୭.୭୪୦ କିମି ରାସ୍ତା ପିଚୁ ହେବ । ୨୦୧୮ ମେ ୧୪ ତାରିଖରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା । କାର୍ଯ୍ୟ ଶେଷ ତାରିଖ ୨୦୧୯ ଏପ୍ରିଲ ୧୪ ତାରିଖ ରହିଥିଲା । ପ୍ରଥମ ପର୍ଯ୍ୟାୟରେ ରାସ୍ତା କାମ ଆରମ୍ଭରେ ମେଟାଲ ମୋରମ ପକାଯିବାକୁ ନିୟମ ରହିଥିଲେ ହେଁ ପକାଯାଇଛି ମାଟି । ଏହା ଦ୍ୱାରା ବର୍ଷାରେ ରାସ୍ତାରେ ଲୋକମାନେ ଯିବା ଆସିବା କରି ପାରୁ ନାହାନ୍ତି । ପଣ୍ଡିକୋଟ ପଞ୍ଚାୟତ ସଦର ମହକୁମାକୁ ଯିବା ପାଇଁ ଦଳେଇଗୁଡା, ମିରିଗୁଡା, ଖାଡୁଗୁଡା, ଲାବାନ୍ୟଗୁଡା ଓ ଚନ୍ଦନା ପାଲା ଗାଁର ଲୋକ ଉକ୍ତ ରାସ୍ତା ଉପରେ ନିର୍ଭର କରିଆସୁଛନ୍ତି । ଏହି ରାସ୍ତା ଏବେ ପାଦଚଲା ରାସ୍ତା ଭାବେ ମଧ ବ୍ୟବହାର କରାଯାଇ ପାରୁ ନାହିଁ ଆମ୍ବୁଲାନ୍ସ ଯିବା କଷ୍ଟ ସାଧ ହୋଇ ପଡିଛି । କୌଣସି ଜରୁରୀ କାଳୀନ କାର୍ଯ୍ୟରେ ଲୋକ ମାନେ ପଞ୍ଚାୟତ ତଥା ବ୍ଲକ ସଦର ମହକୁମା ତଥା ଡାକ୍ତରଖାନାକୁ ଆସିବାକୁ ସମସ୍ୟା ଭୋଗୁଛନ୍ତି । ଛାତ୍ରୀ ଛାତ୍ର ମାନେ କଲେଜ ଯିବା ଆସିବାରେ ବହୁ କଷ୍ଟ ହେଉଛି । ଗାଁ ମାନଙ୍କୁ ବସ ସୁବିଧା ନଥିବାରୁ ଅଟୋ ଭରଷା ସାଜିଥାଏ । ଅଟୋ ମଧ ଯାତାୟତ ହୋଇ ପାରୁ ନାହିଁ । ଏନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ସହ ନିମ୍ନମାନର କାର୍ଯ୍ୟର ତଦନ୍ତ କରାଯିବାକୁ ଦାବି ହେଉଛି ।

## ଓୟୁଜେ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର


ଜିଲାପାଳଙ୍କୁ ଓୟୁଜେର ସଦସ୍ୟମାନେ ସ୍ମାରକପତ୍ର ଦେଉଛନ୍ତି ।

ନବରଙ୍ଗପୁର,୧୮।୭(ବି.ପ୍ର.)

ଓଡିଶା ୟୁନିୟନ ଅଫ ଜର୍ନାଲିଷ୍ଟ ସଂଘ ନବରଙ୍ଗପୁର ଶାଖା ପକ୍ଷରୁ ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଜିଲା ସଂଘ ସଭାପତି ଶୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଓୟୁଜେର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ୩ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କେନ୍ଦ୍ରାପଡା ଏସପି ନୀତି ଶେଖର ଖବରଦାତାଙ୍କ ପ୍ରତି ଦୁର୍ବ୍ୟବହାର ଘଟଣାକୁ ସଂଘ ନିନ୍ଦା କରିବା ସହ ଏସପିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଗୁରୁବାର ସଂଘର ସଦସ୍ୟମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରବି ନାରାୟଣ ପଟ୍ଟନାୟକ, ଉପ ସଭାପତି କିଶୋର ପଟ୍ଟନାୟକ , ସଂପାଦକ ଶିବ ଶଙ୍କର ପାଢୀ, ଲକ୍ଷ୍ମୀକାନ୍ତ ପଣ୍ଡା, ସ୍ୱାଧିନ କୁମାର ପଣ୍ଡା, ପ୍ରଦୀପ କୁମାର ପାଢୀ , ସୁମିତ କୁମାର ଘଣ୍ଟ, ଅଜିତ କୁମାର ନାୟକ , ସି. ଏଚ. ଈଶ୍ୱର ରାଓ, ବାବୁଲି ଗଣ୍ଡ, ଟୁକୁନା ଖୋରା, ଏନ. ଜନାର୍ଦ୍ଦନ ରାଓ, ତରୁଣ କୁମାର ବିଷୋୟୀ , ଶୁଶାନ୍ତ କୁମାର ଗୌଡ ପ୍ରମୁଖ ଖବରଦାତା ଉପସ୍ଥିତ ଥିଲେ।

■ ବିସ୍କୁଟ ଖାଇ ଛାତ୍ରୀ ଅସୁସ୍ଥ ଘଟଣା

# ଜିଲା ମଙ୍ଗଳ ଅଧିକାରୀ କଲେ ତଦନ୍ତ

ଚନ୍ଦାହାଣ୍ଡି,୧୮।୭(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦଳବେଡା କନ୍ୟାଶ୍ରମର ଅନ୍ତେବାସୀ ବୁଧବାର ସନ୍ଧ୍ୟାରେ ବିସ୍କୁଟ ଖାଇ ୩୨ ଜଣ ଛାତ୍ରୀ ଅସୁସ୍ଥ ହୋଇ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ । ସେଠାରେ ଛାତ୍ରୀଙ୍କ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ହେବାରୁ ହଷ୍ଟେଲକୁ ଅଣାଯାଇଥିଲା । ସ୍ୱାସ୍ଥ୍ୟବିଭାଗର ଏକ ଟିମ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିଥିଲେ। ଗୁରୁବାର ମଧ ଜଣେ ଛାତ୍ରୀ ଅସୁସ୍ଥ ହେବାରୁ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ କନ୍ୟାଶ୍ରମରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି । ଅନ୍ତେବାସୀଙ୍କୁ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ପ୍ରଧାନଶିକ୍ଷକ ଗଣେଶ୍ୱର ବିଶ୍ୱାଳ ଉକ୍ତ ବିସ୍କୁଟ ଚନ୍ଦାହାଣ୍ଡି ସଦର ମହକୁମାର ଏକ ଦୋକାନରୁ ଆଣିଥିଲେ ବୋଲି କହିଥିଲେ। ଉକ୍ତ ଦୋକାନୀ ନକଲି ବିସ୍କୁଟ ଦେଇ ଥାଇ ପାରେ ବୋଲି ଜିଲା ମଙ୍ଗଳ ଅଧିକାରୀ କହିଥିଲେ। ଚନ୍ଦାହାଣ୍ଡିର କୌଣସି ଦୋକାନରୁ ବିଦ୍ୟାଳୟ ପାଇଁ ସାମଗ୍ରୀ ନ ଆଣିବା ପାଇଁ ପ୍ରଧାନଶିକ୍ଷକଙ୍କୁ କହିଥିଲେ। ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଘଟଣା ସମ୍ପର୍କରେ ଡାକ୍ତରଙ୍କୁ ପଚାରି ବୁଝିଥିଲେ। ବିସ୍କୁଟ ଖାଇବାରୁ ଛାତ୍ରୀମାନେ ଅସୁସ୍ଥ ହୋଇଥିବା ଡାକ୍ତର କହିଥିଲେ। ଜିଲା ମଙ୍ଗଳ ଅଧିକାରୀ ଏ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରି ଫୁଡ ଇନ୍ସପେକ୍ଟରଙ୍କୁ ପଠାଇ ବିସ୍କୁଟ ମାନ ପରୀକ୍ଷା କରାଯିବ ବୋଲି କହିଛନ୍ତି। ଗୁରୁବାର ଚନ୍ଦାହାଣ୍ଡି ଭାଜପାର ଏକ ପ୍ରତିନିଧି ଦଳ ଜିଲା ସଭାପତି ଗୋବିନ୍ଦ ଜୈନଙ୍କ ନେତୃତ୍ୱରେ ଚନ୍ଦାହାଣ୍ଡି ମଣ୍ଡଳ ସଭାପତି ପ୍ରତାପ ବାଘ, ମାଲଗାଁ ମଣ୍ଡଳ ସଭାପତି ଡମ୍ବୁରୁଧର ମାଝି, ମୁକେଶ ସାହୁ ପ୍ରମୁଖ ବିଦ୍ୟାଳୟ ପହଞ୍ଚି ଛାତ୍ରୀଙ୍କୁ ଦିଆଯାଇଥିବା ଖାଦ୍ୟର ମାନ ଯାଞ୍ଚ କରିଛନ୍ତି। ପୋକ ସାଲୁବାଲୁ ଚାଉଳରେ ରୋଷେଇ ହେଉଥିବା ଅଳ୍ପ ପାଣିଆ ଡାଲି ଦିଆଯାଉଥିବା ଅଭିଯୋଗ କରିଛନ୍ତି।

■ ନୀତି ଆୟୋଗ ଅଧିକାରୀଙ୍କ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

# ସମସ୍ୟା ସମ୍ପର୍କରେ ଅବଗତ କଲେ ସଙ୍ଗଠନ, ବୁଦ୍ଧିଜୀବୀ

ଉମରକୋଟ, ୧୮।୭(ଡି.ଏନ.ଏ)


ନୀତି ଆୟୋଗ ଅଧିକାରୀଙ୍କୁ ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି।

ନୀତି ଆୟୋଗର ଯୁବ ବ୍ୟାପାର ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ବିଭାଗ ଅଧିକାରୀ ଖୁସବୁ ସାୟାଦ ଗୁରୁବାର ଉମରକୋଟ ବ୍ଲକ ଗସ୍ତ କରିଛନ୍ତି। ସେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୃଷି ବିଜ୍ଞାନ କେନ୍ଦ୍ର, ଏସ.ଏସ. ନୋଡାଲ ସ୍କୁଲ ଏବଂ ମୁର୍ତ୍ତମାସ୍ଥିତ ଭାରତମାତା ଏସଏଚଜି ସଦସ୍ୟାଙ୍କୁ ଭେଟିଛନ୍ତି । ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ବେଳେ ଖୁସବୁ ସାୟାଦଙ୍କୁ ବଜରଙ୍ଗଦଳ, ଉମରକୋଟ ୟୁଥ ଆସୋସିଏଶନ ଓ ଯୁବକ ସଂଘର ସଭ୍ୟମାନେ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ । ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ଷ୍ଟାଫନର୍ସ ଅଭାବ ଲାଗି ରହିଛି। ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସବଡିଭିଜିନାଲ ହସ୍ପିଟାଲ ମାନ୍ୟତା ଏ ପର୍ଯ୍ୟନ୍ତ ମିଳିନାହିଁ। ଏହାକୁ ସବଡିଭିଜିନାଲ ଚିକିତ୍ସାଳୟର ମାନ୍ୟତା ଦେବାକୁ ଦାବି କରିଥିଲେ। ଏଠାରେ ବ୍ଲଡବ୍ୟାଙ୍କ ନିମନ୍ତେ ବହୁଦିନ ଧରି ଦାବି ହୋଇଆସୁଥିଲେ ସୁଦ୍ଧା ବ୍ଲଡ ବ୍ୟାଙ୍କର ସୁବିଧା କରାଯାଇନାହିଁ । ନବରଙ୍ଗପୁର ଯାଇ ବ୍ଲଡ ଆଣିବା ରୋଗୀଙ୍କ ପାଇଁ କଷ୍ଟସାଧ ହେଉଛି । ଜଣେ ମେଡିସିନ ସ୍ପେଶିଆଲିଷ୍ଟଙ୍କୁ ନିଯୁକ୍ତି ଦେବାକୁ କହିଥିଲେ। ମୃତଦେହକୁ ରଖିବା ନିମନ୍ତେ ଏକ ଫ୍ରିଜର ନ ଥିବା ଯୋଗୁ ମୃତଦେହକୁ ମୂଷା ଖଣ୍ଡିଆ କରିବା ଭଳି ଘଟଣା ବିଗତ ଦିନରେ ଘଟିଥିବା କଥା ନୀତି ଆୟୋଗ ଅଧିକାରୀଙ୍କ ନଜରକୁ ଆଣିଥିଲେ। ଡାକ୍ତରଖାନାରେ ମିଳୁଥିବା ଔଷଧ ଡାକ୍ତରମାନେ ପ୍ରେସକ୍ରିପସନରେ ଲେଖୁ ନାହାନ୍ତି। ଫଳରେ ଗରିବ ଲୋକମାନଙ୍କୁ ବାହାରୁ ଔଷଧ କିଣିବାକୁ ପଡୁଛି ବୋଲି ଅଭିଯୋଗ କରିଥିଲେ। ସମସ୍ତ ଅଭିଯୋଗକୁ ଖୁସବୁ ଲେଖିକି ନେଇଥିଲେ। ଅଧିକାରୀମାନଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବି ବୋଲି କହି ଥିଲେ । ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରି ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଲେ। ଏହି ଦାବିଗୁଡିକ ଦେବା ନିମନ୍ତେ ଡାକ୍ତରଖାନାରେ ବିଭିନ୍ନ ସଙ୍ଗଠନର ସଦସ୍ୟ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ । ବଜରଙ୍ଗ ଦଳର ସଭାପତି ସୁରଜ ତ୍ରିପାଠୀ, ପିଙ୍କୁ ଜେନା, ବିଶ୍ୱଜିତ ସରକାର, କୁନାଲ ସମଜଦାର, ମୁନା ପାଢୀ, ଅଜିତ ସ୍ୱାଇଁ, ନରେନ୍ଦ୍ର ନାୟକ, ଲଳିତ ସେଠିଆ, ଅନିଲ ମହାରଣା, ଚମନ ତିୱାରି, ଅମିତ ଦାସ, ନେତ୍ର ହରିଜନଙ୍କ ସହ ୟୁଥ ଆସୋସିଏଶନର ଯୁବକମାନେ ଉପସ୍ଥିତ ରହି ଦାବି ସମ୍ପର୍କରେ ଜଣାଇଥିଲେ ।

## ବୈଜ୍ଞାନିକ ପଦ୍ଧତିରେ ହେଉଥିବା କନ୍ଦମୂଳ, ହରଡ ଚାଷ ଦେଖିଲେ

ନବରଙ୍ଗପୁର,୧୮।୭(ବି.ପ୍ର.)– ନୀତି ଆୟୋଗର ଯୁବ ବ୍ୟାପାର ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ବିଭାଗର ଅଧିକାରୀ ଖୁସବୁ ସାୟାଦ ନବରଙ୍ଗପୁର ତିନିଦିନିଆ ଗସ୍ତରେ ଆସିଛନ୍ତି। ଦ୍ୱିତୀୟ ଦିନ ଉମରକୋଟ, ପାପଡାହାଣ୍ଡି, ନବରଙ୍ଗପୁର ବ୍ଲକର ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଛନ୍ତି । ପାପଡାହାଣ୍ଡି ବ୍ଲକର ପାଜାଆଗୁଡା ଠାରେ କନ୍ଦମୂଳ, ହରଡ ଓ ଦେଶୀ ଆଳୁ ଚାଷ କିଭଳି ନୂତନ ବୈଜ୍ଞାନିକ କୌଶଳ ବ୍ୟବହାର କରି କରାଯାଉଛି ତାହା ଦେଖିଥିଲେ । ଚାଷୀଙ୍କ ସହ ଆଲୋଚନା କରିଥିଲେ । କୃଷି ବିଭାଗ ଠିକ ସମୟରେ ପରାମର୍ଶ ଦେଉଛନ୍ତି ବୋଲି ଚାଷୀ କହିଥିଲେ । ପାପଡାହାଣ୍ଡି ବ୍ଲକର ମହେନ୍ଦ୍ରୀ ଚେକ ଡ୍ୟାମ ପରିଦର୍ଶନ କରିଛନ୍ତି । ଜଳ ସଂରକ୍ଷଣ ଓ ଚେକଡ୍ୟାମ ଚାଷୀଙ୍କ ପାଇଁ କିଭଳି ସହାୟକ ହୋଇଛି ସେ ନେଇ ପଚାରି ବୁଝିଥିଲେ । ସେହିଭଳି ନବରଙ୍ଗପୁର ବ୍ଲକର କେସିରିଗୁଡା ଠାରେ ଛତୁଆ ପ୍ରସ୍ତୁତକାରୀ ମାଆ ଠାକୁରାଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ସାକ୍ଷାତ କରିବା ସହ ଛତୁଆ ପ୍ରସ୍ତୁତ କିଭଳି କରାଯାଉଛି ତାହା ଦେଖିଥିଲେ । କ୍ଷେତ୍ର ପରିଦର୍ଶନ ପରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ସହ ଆଲୋଚନା କରିଥିଲେ । ଏହି କ୍ଷେତ୍ର ପରିଦର୍ଶନ ସମୟରେ ଏପିଡି ସୂର୍ଯ୍ୟକାନ୍ତ ବେହେରା, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ (ଆତ୍ମା) କମଳଲୋଚନ ନାୟକ ଉପସ୍ଥିତ ଥିଲେ । ଏହା ସମେତ ବିଭାଗୀୟ ଅଧିକାରୀ ମଧ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଜଣାଇଥିଲେ ।



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।
-କନ୍‌ଫୁସିଅସ୍



## ସଂକ୍ଷେପରେ

### ଘାଟିରେ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ



ପଟ୍ଟାଙ୍ଗି,୧୮।୭(ଡି.ଏନ୍.ଏ.): ପଟ୍ଟାଙ୍ଗି ଥାନା ତଥା ସୁଙ୍କି ଫାଣ୍ଡି ଅଧୀନ ରାଲେଗଡ଼ା ପଞ୍ଚାୟତ ଯୋଡ଼ିମାଦିଲି ଘାଟିରେ ଗୁରୁବାର ବ୍ରେକ୍ ଫେଲ୍ ହୋଇଯିବାରୁ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହା ଜାତୀୟ ରାଜପଥ କଡ଼ରେ ଥିବା ପାହାଡ଼କୁ ଧକ୍କା ଦେବା ଫଳରେ ଡ୍ରାଇଭର ଲକ୍ଷ୍ମୀପ୍ରସାଦ ଓ ହେଲପର ଅଜୟ ଯାଦବ ଆହତ ହୋଇଛନ୍ତି। ପ୍ରଥମେ ସେମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲ ସ୍ଥାନାନ୍ତର କରାଯାଇଛି। ଛତିଶଗଡ଼ରୁ ଆଇରନ ଲୋଡ କରି ବିଶାଖାପାଟଣା ଅଭିମୁଖେ ଯାଉଥିବା ଏକ ଟ୍ରକ୍ (ସିଜି୧୦ ଆର୍ ୦୮୪୧) ହଠାତ୍ ବ୍ରେକ୍ ଫେଲ୍ କରିବା ଯୋଗୁ ଏହା ଭାରସାମ୍ୟ ହରାଇ ଘାଟି ରାସ୍ତାର ପାହାଡ଼କୁ ଧକ୍କା ଦେଇଥିଲା।

### ଦଶମନ୍ତପୁରରେ ସର୍ବାଧିକ ୫୦ ମିମି ବର୍ଷା

କୋରାପୁଟ,୧୮।୭(ସ୍ୱ.ପ୍ର.): କୋରାପୁଟ ଜିଲାରେ ଗୁରୁବାର ମୋଟ ୨୬୧.୫ ମିମି ବର୍ଷା ହୋଇଥିବାବେଳେ ଦଶମନ୍ତପୁର ବ୍ଲକରେ ସର୍ବାଧିକ ୫୦ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ ଜଣାପଡ଼ିଛି। ଜିଲାର ଜୟପୁର ବ୍ଲକରେ ୪୮.୬ ମିମି, ନନ୍ଦପୁର ବ୍ଲକରେ ୪୧.୨ ମିମି, ବୋରିଗୁମ୍ମା ବ୍ଲକରେ ୩୨.୬ ମିମି, କୋଟପାଡ଼ ବ୍ଲକରେ ୨୪ ମିମି, କୋରାପୁଟ ବ୍ଲକରେ ୧୦ ମିମି, ଲମତାପୁଟ ବ୍ଲକରେ ୧୭.୨ ମିମି, ପଟ୍ଟାଙ୍ଗି ବ୍ଲକରେ ୧୪.୩ ମିମି, ସେମିଳିଗୁଡ଼ା ବ୍ଲକରେ ୨ ମିମି, କୁନ୍ଦୁରା ବ୍ଲକରେ ୧୦.୬ ମିମି, ବୈପାରିଗୁଡ଼ା ବ୍ଲକରେ ୧୧ ମିମି ବର୍ଷା ରେକର୍ଡ଼ କରାଯାଇଛି। ନାରାୟଣପାଟଣା, ବନ୍ଧୁଗାଁ ଓ ଲକ୍ଷ୍ମୀପୁର ବ୍ଲକରେ ଆଦୌ ବର୍ଷା ହୋଇ ନଥିବା ଜଣାପଡ଼ିଛି।

### ବିକ୍ରମଦେବ କଲେଜରେ ମର୍ଣ୍ଣିଂ କ୍ଲବ ପକ୍ଷରୁ ଚାରାରୋପଣ

ଜୟପୁର,୧୮।୭(ନି.ପ୍ର.): ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ମର୍ଣ୍ଣିଂ କ୍ଲବ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କ୍ଲବର ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ସାମାଜିକ କର୍ମୀ ସୁବାସ ପାଇକରାୟଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ଔଷଧୀୟ ଚାରା ରୋପଣ କରାଯାଇଥିଲା। କ୍ଲବର ସଦସ୍ୟମାନେ ପ୍ରତିଦିନ ଲଗାଯାଇଥିବା ଚାରାର ରକ୍ଷଣାବେକ୍ଷଣ ଦାୟିତ୍ୱ ତୁଲାଇବେ ବୋଲି ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବର ସାଧାରଣ ସମ୍ପାଦକ ରବି ପଟ୍ଟନାୟକ, ଆଇନ ଉପଦେଷ୍ଟା ମନୋଜ କୁମାର ପଟ୍ଟନାୟକ, ଦିଲିପ ଦୋରା, ପ୍ରିନ୍ସ ଖିଲାଡି, ନରେନ୍ଦ୍ର ମହାନ୍ତି, ନିଲୁ ପଟ୍ଟନାୟକ, ଟି. ଗୌରୀଶଙ୍କର, ଗଗନ ପଟ୍ଟନାୟକ, ତ୍ରିନାଥ ପାଣିଗ୍ରାହୀ, ରାଜେନ୍ଦ୍ର ଗୌଡ଼, ଗୋବିନ୍ଦ ପାତ୍ର, ବିବେକ ପାଢ଼ୀ, ଶ୍ରୀକାନ୍ତ ସାବତ, ଅହମ୍ମଦ ଖାନ୍, ଭିକି, ଜନ୍ ସାମିଲ ଥିଲେ।

### ୨ ଘଣ୍ଟା ବର୍ଷାରେ ବିଦ୍ୟୁତ ସେବା ବ୍ୟାହତ

କୋରାପୁଟ,୧୮।୭(ସ୍ୱ.ପ୍ର.):କୋରାପୁଟ ସହର ତଥା ଆଖପାଖ ଅଞ୍ଚଳରେ ଗୁରୁବାର ଅପରାହ୍ନ ୪ଟାରୁ ୬ଟା ଯାଏ ହୋଇଥିବା ପ୍ରବଳ ବର୍ଷା ଯୋଗୁ ବିଦ୍ୟୁତ ସେବା ବ୍ୟାହତ ହୋଇଛି। ପ୍ରବଳ ବର୍ଷା ଓ ଘଡଘଡି ଯୋଗୁ ବିଭିନ୍ନ ସ୍ଥାନ ଜଳାର୍ଣ୍ଣବ ହୋଇଥିବାବେଳେ ସୁନାବେଡ଼ାସ୍ଥିତ ଗ୍ରୀଡ ଷ୍ଟେସନରେ ଏକ ଟାୱାର କ୍ଷତିଗ୍ରସ୍ତ ହୋଇଛି। ଏଥିଯୋଗୁ ସହର ସମେତ ଡୁମୁରିପୁଟ, ସୁନାବେଡ଼ା, ସେମିଳିଗୁଡ଼ା, ପୋଡ଼ାଗଡ଼ ଆଦି ବିଭିନ୍ନ ଅଞ୍ଚଳ ଅନ୍ଧକାର ହୋଇଛି। ବର୍ତ୍ତମାନ ବିଦ୍ୟୁତ ବିଭାଗର ଅଧିକାରୀ ଓ କର୍ମଚାରୀ ଯୁଦ୍ଧକାଳୀନ ଭିତ୍ତିରେ ଟାୱାର ମରାମତି କାର୍ଯ୍ୟରେ ଲାଗିଛନ୍ତି। ଖୁବ୍ ଶୀଘ୍ର ବିଦ୍ୟୁତ ସେବା ସ୍ୱାଭାବିକ ହେବ ବୋଲି ଜିଲା ଜରୁରୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ପ୍ରକାଶ କରିଛନ୍ତି।

■ ଖାଉଟି କାର୍ଡ଼ରେ ଆଧାର ଲିଙ୍କ୍ ପାଇଁ ପ୍ରଶାସନିକ ତତ୍ପରତା

# ୧୫ ଦିନରେ ୭୬,୯୧୫ ସଂଯୋଗ

ଜୟପୁର,୧୮।୭(ଡି.ଏନ୍.ଏ.)

ଖାଦ୍ୟ ସୁରକ୍ଷା ଆଇନରେ ଅଧିକ ସ୍ୱଚ୍ଛତା ପାଇଁ କାର୍ଡଧାରୀଙ୍କ ପରିବାର ଓ ବ୍ୟକ୍ତିଗତ ଭାବେ ଆଧାର ସଂଯୋଗ ପାଇଁ କଡ଼ା ନିର୍ଦ୍ଦେଶ ପରେ ଜିଲା ପ୍ରଶାସନ ଓ ଯୋଗାଣ ବିଭାଗ ତତ୍ପର ହୋଇପଡ଼ିଛି। ସରକାରଙ୍କ ଏହି ନିର୍ଦ୍ଦେଶକୁ ଅବହେଳା କରିଥିବା ଅଭିଯୋଗରେ ରାଜ୍ୟର ୭ଜଣ ଯୋଗାଣ ନିରୀକ୍ଷକ (ଏମ୍‌ଆଇ)ଙ୍କୁ ଯୋଗାଣ ସଚିବ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। କୋରାପୁଟ ଜିଲା ଏଥିରେ ଧିମେଇ ଯାଇଥିବା ଯୋଗୁ ଚଳିତ ମାସ ପ୍ରଥମ ସପ୍ତାହରେ ସମୀକ୍ଷା ବେଳେ ବୈପାରୀଗୁଡ଼ା ଓ ନନ୍ଦପୁର ବ୍ଲକର ଏମ୍‌ଆଇଙ୍କୁ ନିଲମ୍ବନ କରାଯାଇଥିଲା। ବିଭାଗୀୟ ସଚିବଙ୍କ କଡ଼ା ତାଗିଦ ପରେ କୋରାପୁଟ ଜିଲାପାଳ ଓ ଯୋଗାଣ ଅଧିକାରୀ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇଛନ୍ତି।

ଏଯାବତ୍ ଜିଲାର କାର୍ଡଧାରୀଙ୍କ ମଧ୍ୟରୁ ୯୧.୩ ପ୍ରତିଶତ ପରିବାର ଓ ୮୨.୮ ପ୍ରତିଶତ ବ୍ୟକ୍ତିଗତ କାର୍ଡଧାରୀଙ୍କୁ ସଂପୃକ୍ତ କରାଯାଇଛି। କେବଳ ଜୁଲାଇ ମାସର ପ୍ରଥମ ୧୫ଦିନରେ ୮,୨୮୨ ପରିବାର ଏବଂ ୬୮,୬୩୩ ବ୍ୟକ୍ତିଗତଙ୍କୁ ଆଧାର ସଂଯୋଗ କରାଯାଇଛି। ଜିଲାର ୧୪ଟି ବ୍ଲକ, ୨ଟି ପୌରସଂସ୍ଥା, ୨ଟି ଏନ୍‌ଏସିରେ ୩ ଲକ୍ଷ ୩୯ ହଜାର ୮୬ଜଣ ହିତାଧିକାରୀ ଏନ୍‌ଏଫ୍‌ଏସ୍ ଏବଂ ଷ୍ଟେଟ୍ ଏଫ୍‌ଏସ୍ କାର୍ଡଧାରୀ ପରିବାର ରହିଛନ୍ତି। ବ୍ୟକ୍ତିଗତ ଅନ୍ତ୍ୟୋଦୟ ଯୋଜନାରେ ୧୧ ଲକ୍ଷ ୭୪ ହଜାର ୧୬୮ ଜଣ ରହିଛନ୍ତି। ସେଥିରୁ ୩ ଲକ୍ଷ ୯ ହଜାର ୫୮୫ ଜଣ ପରିବାର ଆଧାର ସଂଯୋଗ କରିଥିବା ବେଳେ ବ୍ୟକ୍ତିଗତ ୯ଲକ୍ଷ ୭୨ହଜାର ୧୧୦ ଜଣଙ୍କ ଅଦ୍ୟାବଧି ଆଧାର ସଂଯୋଗ କରାଯାଇଛି। ସେଥିରୁ ବୋରିଗୁମ୍ମା ବ୍ଲକରେ ୩୯୧୭୬ କାର୍ଡଧାରୀଙ୍କ ମଧ୍ୟରୁ ସର୍ବାଧିକ ୩୭୭୧୩ (୯୬.୨୭ ପ୍ରତିଶତ) ଜଣଙ୍କ ସଂଯୋଗ କରାଯାଇଥିବା ବେଳେ ଦଶମନ୍ତପୁର ବ୍ଲକରେ ୨୪୩୦୮ କାର୍ଡଧାରୀଙ୍କ ମଧ୍ୟରୁ ସର୍ବନିମ୍ନ ୧୯୬୯୩ (୮୧.୦୧ ପ୍ରତିଶତ) ଜଣଙ୍କ ସଂଯୋଗ ହୋଇଛି। ସେହିପରି ବ୍ୟକ୍ତିଗତ କାର୍ଡଧାରୀଙ୍କ ମଧ୍ୟରୁ ସୁନାବେଡ଼ା ଏନ୍‌ଏସିରେ ୨୬୬୪୭ ଜଣଙ୍କ ମଧ୍ୟରୁ ସର୍ବାଧିକ ୨୪୧୯୮ (୯୦.୮୧ ପ୍ରତିଶତ) ଏବଂ ଦଶମନ୍ତପୁର ବ୍ଲକରେ ୮୩୨୯୩ରୁ ସର୍ବନିମ୍ନ ୫୫୩୪୮ (୬୬.୪୫ ପ୍ରତିଶତ) ଜଣଙ୍କ ଆଧାର ସଂଯୋଗ କରାଯାଇଛି। ବନ୍ଧୁଗାଁ ବ୍ଲକରେ ପରିବାର ୮୭.୦୧ ଓ ବ୍ୟକ୍ତିଗତ ୮୧.୩୮ ପ୍ରତିଶତ କାର୍ଡଧାରୀଙ୍କ ସଂଯୋଗ କରାଯାଇଛି। ବୈପାରିଗୁଡ଼ାର ୯୨.୬୪ ଓ ୮୪.୦୮, ଜୟପୁର ୯୪.୨୪ ଓ ୮୫.୩୬, କୋରାପୁଟ ୯୩.୧୩ ଓ ୮୩.୪୧, କୋଟପାଡ଼ ୯୪.୫୭ ଓ ୮୬.୮୮, କୁନ୍ଦୁରା ୯୫.୪୮ ଓ ୮୫.୪୭, ଲମତାପୁଟ ୯୨.୫୯ ଓ ୮୬.୦୬, ଲକ୍ଷ୍ମୀପୁର ୮୮.୩୬ ଓ ୭୯.୭୪, ନନ୍ଦପୁର ୮୫.୨୧ ଓ ୭୩.୯୧, ନାରାୟଣପାଟଣା ୮୫.୫୪ ଓ ୭୮.୦୧, ପଟ୍ଟାଙ୍ଗି ୮୯.୩୦ ଓ ୭୯.୮୬, ସେମିଳିଗୁଡ଼ା ୯୪.୨୮ ଓ ୮୯.୪୫, ଜୟପୁର ପୌରସଂସ୍ଥା ୯୩.୦୮ ଓ ୮୪.୪୭, କୋରାପୁଟ ପୌରସଂସ୍ଥା ୯୪ ଓ ୮୮.୭୧, କୋଟପାଡ଼ ଏନ୍‌ଏସି ୯୨.୨୩ ଓ ୮୪.୯୮ ଏବଂ ସୁନାବେଡ଼ା ଏନ୍‌ଏସିରେ ୯୫.୧୬ ପରିବାର ଏବଂ ୯୦.୮୧ ବ୍ୟକ୍ତିଗତ କାର୍ଡଧାରୀଙ୍କୁ ଆଧାର ସଂଯୋଗ କରାଯାଇଛି।





ଡିପିଏସ୍‌ର ପ୍ରତିଷ୍ଠା ଦିବସରେ ଆୟୋଜିତ ରକ୍ତଦାନ ଶିବିର।

## ଡିପିଏସ୍ ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର

ଦାମନଯୋଡ଼ି,୧୮।୭(ସ୍ୱ.ପ୍ର.)

ସ୍ଥାନୀୟ ଦିଲ୍ଲୀ ପବ୍ଲିକ ସ୍କୁଲର ୩୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଗୁରୁବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ନାଲକୋ ମହାପ୍ରବନ୍ଧକ ରମେଶ ଚନ୍ଦ୍ର ଯୋଶୀ ଏହାକୁ ଉଦ୍‌ଘାଟନ କରିବା ସହ ନିଜ ପରିବାରର ୪ଜଣ ସଦସ୍ୟଙ୍କ ସମେତ ନିଜେ ରକ୍ତଦାନ କରିଥିଲେ। ଉକ୍ତ ଶିବିରରେ ସିଆଇଏସ୍‌ଏଫ୍‌ର ୩୧ ଜଣଙ୍କ ସମେତ ୧୦୨ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ସିଆଇଏସ୍‌ଏଫ୍ ସିନିୟର କମାଣ୍ଡାଣ୍ଟ ଆଲୋକ କୁମାର ଏବଂ ଡିପିଏସ୍ ଅଧ୍ୟକ୍ଷା ଦିପାନ୍ୱିତା ଦାସ ଉପସ୍ଥିତ ଥିଲେ। କୋରାପୁଟ ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ରତିକାନ୍ତ ଖଟୁଆଙ୍କ ନେତୃତ୍ୱରେ ଭି. ଗଙ୍ଗାଧର, ବୁଲୁ ଗୌଡ଼, ଟଙ୍କଧର ବେହେରା ଓ ବିଶୋୟୀ ନାୟକ ରକ୍ତ ସଂଗ୍ରହ କରିଥିଲେ। ଡିପିଏସ୍‌ର ଏସ୍.ପି. ପାଇକରାୟ, ରଣବୀର ସିଂ, ଜିଲା ଯୁବ ରେଡକ୍ରସ ସଂଯୋଜକ ଡାକ୍ତର ନରେଶ ଚନ୍ଦ୍ର ଶିବିର ପରିଚାଳନା କରିଥିଲେ। ସ୍କାଉଟ ଓ ଗାଇଡର ଛାତ୍ରୀଛାତ୍ର ଏଥିରେ ସହଯୋଗ କରିଥିଲେ।

## ସମୟ ପୂର୍ବରୁ ବନ୍ଦ ହେଉଛି ସ୍କୁଲ

■ ୬୦ ଶିକ୍ଷକଙ୍କୁ କୈଫିୟତ ମାଗିଲେ ଏବିଇଓ

ପଟ୍ଟାଙ୍ଗି,୧୮।୭(ଡି.ଏନ୍.ଏ.)

ଖରା ଛୁଟି ପରେ ଜୁନ୍ ୨୨ ତାରିଖ ରାଜ୍ୟର ସମସ୍ତ ସ୍କୁଲ ଖୋଲିଥିଲା। କିନ୍ତୁ ପାଠପଢ଼ାରେ କମ୍ ସମୟ ଦେଇ ଛୁଟି ହେବାର ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍କୁଲ ବନ୍ଦ କରିଦେଉଥିଲେ ଶିକ୍ଷୟିତ୍ରୀ ଶିକ୍ଷକ। ସେମାନେ ଘରକୁ ସଅଳ ଫେରିବା ପାଇଁ ରାଜପଥ କଡ଼ରେ ଗାଡ଼ିକୁ ଅପେକ୍ଷା କରି ରହୁଥିବାର ଦୃଶ୍ୟ ପଟ୍ଟାଙ୍ଗି ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ଏବିଇଓ ରଜନୀକାନ୍ତ ବଡ଼ନାୟକଙ୍କ ଦୃଷ୍ଟିକୁ ଆସିଥିଲା। ଏହାପରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କୈଫିୟତ ତଲବ କରିବା ସହ ସ୍କୁଲ ପରିଦର୍ଶନ କରି ବିନା ଦରଖାସ୍ତରେ ଅନୁପସ୍ଥିତ ରହିଥିବା ଶିକ୍ଷକଙ୍କ ବିରୋଧରେ କଡ଼ା ପଦକ୍ଷେପ ନେଇଛନ୍ତି। ଉପରୋକ୍ତ ତାରିଖ ପରଠାରୁ ବର୍ତ୍ତମାନ ସୁଦ୍ଧା ୧୪ଟି ପଞ୍ଚାୟତ ସ୍ତରରେ ରହିଥିବା ସ୍କୁଲର ୬୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସେ କୈଫିୟତ ମାଗିସାରିଛନ୍ତି। ବ୍ଲକର କୋଟିଆ, ନୂଆଗାଁ, ଦେଓପଟ୍ଟାଙ୍ଗି, ସମ୍ପାଇ, ପୁକାଲି, ଚନ୍ଦକା ଓ ରାଲେଗଡ଼ା ପଞ୍ଚାୟତର ଅଧିକାଂଶ ସ୍କୁଲରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ନିୟମିତ ଆସୁ ନଥିବା ବେଳେ ସମୟ ପୂର୍ବରୁ ସ୍କୁଲ ଛୁଟି କରିଦେଇ ଫେରିଯାଉଥିବା ନିଜ ଗସ୍ତ ସମୟରେ ଏବିଇଓ ଦେଖିବାକୁ ପାଇଥିଲେ। ଅନ୍ୟପକ୍ଷରେ ସିଆରସିସି ଓ ଏବିଇଓଙ୍କ ଉପରେ ଚାପ ପକାଇ ସ୍କୁଲ ଯାଉ ନଥିବା କେତେକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ ସେମାନଙ୍କ ପ୍ରଭାବଶାଳୀ ପରିବାର ଧମକ ଦେଉଛନ୍ତି। ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଜରିଆରେ ଚାପ ମଧ୍ୟ ପକାଉଥିବା ଜଣେ ସିଆରସିସି ନାମ ଗୋପନ ରଖି ପ୍ରକାଶ କରିଛନ୍ତି।

## ବାଣିଜ୍ୟକର ବିଭାଗ ଚଢ଼ାଉ

■ ୪ ବ୍ୟବସାୟୀଙ୍କଠାରୁ ୨.୪୨ ଲକ୍ଷ ଜରିମାନା ଆଦାୟ

କୋରାପୁଟ/ ନାରାୟଣପାଟଣା
୧୮।୭ (ସ୍ୱ.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ଅଞ୍ଚଳରେ ବାଣିଜ୍ୟକର ବିଭାଗ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ଏଥିରେ ୪ ଜଣ ବ୍ୟବସାୟୀଙ୍କଠାରୁ ୨ ଲକ୍ଷ ୪୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଜୟପୁରସ୍ଥିତ ବାଣିଜ୍ୟକର ବିଭାଗର ସିଟିଓ ଜୁମୁରୁ ମାଝି, ଏସିଟିଓ ବସନ୍ତ ଦାସ ଓ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ଦଳ ଗୁରୁବାର ପୂର୍ବାହ୍ନରେ ନାରାୟଣପାଟଣା ସଦର ମହକୁମାରେ ପହଞ୍ଚି ବାଣିଜ୍ୟକର ଫାଙ୍କୁଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ାଉ କରିଥିବାବେଳେ ୪ ଜଣ ବ୍ୟବସାୟୀଙ୍କ ଉପରେ ଜରିମାନା ପକାଇଛନ୍ତି। ସେଥିରେ ଏସ୍. ଗୋବିନ୍ଦାଙ୍କୁ ୧ ଲକ୍ଷ ୧୨ ହଜାର ଟଙ୍କା, ଗୁଡ଼ା ବୈକୁଣ୍ଠଙ୍କୁ ୫୦ ହଜାର ଟଙ୍କା, ପି. ଜନାର୍ଦ୍ଦନ ସୁବୁଦ୍ଧିଙ୍କୁ ୩୦ ହଜାର ଟଙ୍କା, ଜାମି ବୈକୁଣ୍ଠଙ୍କୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ।

## ରନ୍ଧା ମଦ ଜବତ ଜଣେ ଗିରଫ

ଆସିକା,୧୮।୭(ଡି.ଏନ୍.ଏ.)

ଆସିକା ଥାନା ଅନ୍ତର୍ଗତ ତୁମ୍ବାଠେଙ୍ଗାପଲ୍ଲି ଏରଗୋଲା ବସା ଉପରେ ଗୁରୁବାର ସକାଳେ ପୋଲିସ ଚଢ଼ାଉ କରି ୧୦ଲିଟର ରନ୍ଧା ମଦ ଜବତ କରିଛି। ଏହି ମାମଲାରେ ସେହି ବସାର ଡି. କସ୍ତୁରିଙ୍କୁ ଗିରଫ କରାଯାଇଛି। ଘଟଣାସମ୍ପର୍କରେ ଆସିକା ଥାନାରେ ନଂ.୨୩୦/୧୯ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।



ଦୁର୍ଘଟଣାଗ୍ରସ୍ତ କାର୍।

■ କାର୍-ମ୍ୟାକ୍ସ ପିକ୍‌ଅପ୍ ମୁହାଁମୁହିଁ

## ପୁଅ ମୃତ, ମାଆ ଗୁରୁତର

କୋରାପୁଟ/ଦଶମନ୍ତପୁର,୧୮।୭
(ସ୍ୱ.ପ୍ର./ଡି.ଏନ୍.ଏ.)

କୋରାପୁଟ ସହର ଉପକଣ୍ଠ ବାଗ୍ରାଛକରେ ବୁଧବାର ମ୍ୟାକ୍ସ ପିକ୍‌ଅପ୍ ଓ ମାରୁତି ୮୦୦ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ପୁଅର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ମାଆ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତିକରାଯାଇଥିବା ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଏକ ମ୍ୟାକ୍ସ ପିକ୍‌ଅପ୍ (ଓଆର୧୦ ଜେ ୦୭୪୭) ରାୟଗଡ଼ାରୁ କୋରାପୁଟ ଆସୁଥିବାବେଳେ ମାରୁତି ୮୦୦ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ମାରୁତି (ଏପି୩୧ ଏନ୍ ୨୪୪୨) କାର୍‌ରେ ଆଶପା ଖରା (୪୦) ଓ ତାଙ୍କ ମାଆ ଥିଲେ। ବଡ଼ଭାଇ ସଞ୍ଜୀବ ଖରାଙ୍କ ସ୍ତ୍ରୀ ଯିଏ ଗର୍ଭବତୀ ଥାଇ ପ୍ରସବ ପାଇଁ କୋରାପୁଟ ମେଡିକାଲରେ ଥିଲେ, ତାଙ୍କୁ ରକ୍ତଦେଇ ରାତି ୧୧ଟାରେ ନିଜ ଗ୍ରାମ ଦଶମନ୍ତପୁର ପୋଡ଼ାଗଡ଼ ପଞ୍ଚାୟତ ସୁକୁକୁ ଫେରୁଥିଲେ ଆଶପା ଖରା। କିନ୍ତୁ ଦୁର୍ଘଟଣାରେ ସେ ଘଟଣାସ୍ଥଳରେ ଆଖି ବୁଜିଥିବା ବେଳେ ତାଙ୍କ ମାଆ ଗୁରୁତର ହୋଇଥିଲେ। ପିକ୍‌ଅପ୍ ଡ୍ରାଇଭର ସାମାନ୍ୟ ଆହତ ହୋଇଥିବାବେଳେ ଗାଡ଼ି ମାଲିକ ଗୁରୁତର ହୋଇ କୋରାପୁଟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ପରେ ବ୍ୟବଚ୍ଛେଦ କରାଯାଇଥିଲେ ମଧ୍ୟ କ୍ଷତିପୂରଣ ଦାବିକରି ମୃତକଙ୍କ ସମ୍ପର୍କୀୟ ଓ ଶତାଧିକ ଗ୍ରାମବାସୀ ମେଡିକାଲ କଲେଜରେ ଆଶପାଙ୍କ ମୃତଦେହ ରଖି ଧାରଣାରେ ବସିଥିଲେ। ଫଳରେ ଦୁର୍ଘଟଣା ଘଟାଇଥିବା ଗାଡ଼ିର ମାଲିକ ଜି. ମଦନ ୨୦ ହଜାର ଟଙ୍କାର କ୍ଷତିପୂରଣ ପ୍ରଦାନ କରିଛନ୍ତି। ଏହାପରେ କୋରାପୁଟ ମେଡିକାଲରେ ମୃତକଙ୍କ ପରିବାର ପକ୍ଷରୁ ଚଳାଇଥିବା ଧାରଣା ବନ୍ଦ ହୋଇଥିଲା। ମୃତକଙ୍କ ପରିବାରକୁ ଜିଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କାର ସହାୟତା ଦିଆଯାଇଛି।

■ ଗୋଚର ଜମିକୁ ପ୍ଲଟିଂ କରୁଛନ୍ତି ମାଫିଆ

## ଶତାଧିକ ମହିଳା ପ୍ରଶାସନର ଦ୍ୱାରସ୍ଥ

ସେମିଳିଗୁଡ଼ା,୧୮।୭(ସ୍ୱ.ପ୍ର.)

ସେମିଳିଗୁଡ଼ା ସହରରେ ଦିନକୁ ଦିନ ସରକାରୀ ଜମି ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିବା ସହ ଜବରଦଖଲ ବୃଦ୍ଧି ପାଉଛି। ଏନେଇ ତହସିଲ ଚୁପ୍ ବସିଥିବା ବେଳେ ସ୍ଥାନୀୟ ମହିଳାମାନେ କିନ୍ତୁ ଏହାକୁ ରୋକିବା ପାଇଁ ଅଣ୍ଟା ଭିଡ଼ି ବାହାରିଛନ୍ତି। ସେମିଳିଗୁଡ଼ାସ୍ଥିତ ଆମ୍ବେଦକର ନଗର ନିକଟସ୍ଥ ପାହାଡ଼ରେ ଜମି ପ୍ଲଟିଂ ବାହାନାରେ ଗୋଚର ଜମିକୁ ଜବରଦଖଲ କରାଯାଉଥିବା ଅଭିଯୋଗ ଧରି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଶତାଧିକ ମହିଳା। ସେମାନେ କହିଛନ୍ତି, ଦୀର୍ଘ ଦିନ ଧରି ଏହି ଗୋଚର ଜମିକୁ କବଜା କରାଯାଇଥିବା ବେଳେ ଏହାକୁ ବନ୍ଦ କରିବା ପାଇଁ ମହିଳାମାନେ ଚେଷ୍ଟା କରିଥିଲେ ମଧ୍ୟ ସେମାନଙ୍କ ନାଁରେ ପାଲଟାମାମଲା କରାଯାଉଛି। ପୋଲିସଓ ତହସିଲ ସେମାନଙ୍କ ଅଭିଯୋଗ ଶୁଣୁନାହିଁ। ଉକ୍ତ ଗୋଚର ଜମିରେ ସରକାର ଏକ ରାସ୍ତା ଦେଇଥିବା ବେଳେ କମ୍ୟୁନିଟି ଘର, ଶୌଚାଳୟ, ପିଇବା ପାଣି ଟାଙ୍କି ନିର୍ମାଣ କରାଯାଇଛି। ଏବେ ଉକ୍ତସ୍ଥାନକୁ ମାଫିଆମାନେ ମେଶିନ ଦ୍ୱାରା ପ୍ଲଟିଂ କରିବାକୁ ଚେଷ୍ଟା କରୁଛନ୍ତି। ସେହି ଜମିକୁ ଚିହ୍ନଟ କରି ପଟ୍ଟା ଦିଆଯିବା ସହ ଗୋଚର ଜମି ବାହାରିଲେ, ତାହା ଗ୍ରାମବାସୀଙ୍କ ବ୍ୟବହାର ପାଇଁ ଦେବା ଲାଗି ମହିଳାମାନେ ଦାବି କରିଛନ୍ତି। ପ୍ରଶାସନ ଏ ଦିଗରେ ଚୁପ୍ ରହିଲେ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି। ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ ସେମିଳିଗୁଡ଼ା ତହସିଲଦାରଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି ମହିଳାମାନେ।

# ପାହାଡ଼ ଜମିରେ ହସିଲା ପରିବା, ଫଳଚାଷ

■ ଦିନ ମଜୁରିଆରୁ ଚାଷକରି ସ୍ୱାବଲମ୍ବୀ ହେଲେ ପରମା କୁଲେସିକା

**ଅରବିନ୍ଦ ନାୟକ**
**ଦଶମନ୍ତପୁର,୧୮।୭**

ଏକଦା ପଡ଼ିଆ ପଡ଼ିଥିବା ୨ ଏକର ପାହାଡ଼ିଆ ଜମି ଏବେ ସବୁ ପ୍ରକାର ପନିପରିବା ଓ ଫଳଗଛରେ ହସୁଛି। ଚାଷର ଏହି ସବୁଜ ହସ ପରମା କୁଲେସିକାଙ୍କ ପରି ଜଣେ ଦିନ ମଜୁରିଆଙ୍କ କେବଳ ସ୍ୱାବଲମ୍ବୀ କରିନାହିଁ, ବରଂ ତାଙ୍କ ପରିବାର ମୁହଁରେ ବି ହସ ଫୁଟାଇପାରିଛି। ନିଜ ପରିଶ୍ରମ ବଳରେ ସେ ପାହାଡ଼ିଆ ଜମିକୁ ଅମଳକ୍ଷମ କରାଇ ଅନ୍ୟ ଚାଷୀଙ୍କ ପାଇଁ ଉଦାହରଣ ସାଜିଛନ୍ତି।

ଦଶମନ୍ତପୁର ପଞ୍ଚାୟତ ଅଧୀନ ଚାଉଳକନ୍ତି ଗ୍ରାମରେ ସ୍ତ୍ରୀ ଓ ୬ ଝିଅଙ୍କୁ ନେଇ ପରମା କୁଲେସିକାଙ୍କ ପରିବାର। ଦିନ ତମାମ ମୁଲ ଲାଗି ଯାହା ଆଣନ୍ତି, ତହିଁରେ ପରିବାର ଚଳେଇବା କାଠିକର ପାଠ ଥିଲା। ଜମି ବୋଲି କହିଲେ ଗାଁଠାରୁ ୫ଶହ ମିଟର ଦୂରରେ ପାହାଡ଼ିଆ ଜମି। ଦୁଃଖ ଓ ଅଭାବ ଭିତରେ ଦିନ କାଟୁଥିବା ପରମା ଦିନେ ବ୍ୟକ୍ତିଗତ କାମରେ ପରଜା ବାରିକଣ୍ଠା ଗ୍ରାମକୁ ଯାଇଥିଲେ। ସେଠାରେ ସଫଳ ୱାଡି ଚାଷୀ ପତି ଜାନୀଙ୍କ ସହ ତାଙ୍କର ଭେଟ ହୋଇଥିଲା। ଅଗ୍ରଗାମୀ ଦ୍ୱାରା ସଫଳ ଚାଷ ପଦ୍ଧତି ବିଷୟରେ ତାଙ୍କଠାରୁ ଜାଣିବା ପରେ ପରମା ଅଗ୍ରଗାମୀ କାର୍ଯ୍ୟାଳୟରେ ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ ନାୟକଙ୍କ ସହ ଆଲୋଚନା କରିଥିଲେ। ପରମାଙ୍କ ଅନୁରୋଧ ପରେ ନାୟକ ତାଙ୍କ ପଡ଼ିଆ ପଡ଼ିଥିବା ୨ ଏକର ଜମି ବୁଲି ଦେଖିଥିଲେ। ପାଖରେ ଜଳ ବ୍ୟବସ୍ଥା ନଥିଲା। ତାଙ୍କରି ପରାମର୍ଶରେ



ସଫଳ ଚାଷୀ ପରମା କୁଲେସିକା।

ପରମା ପାହାଡ଼ ଜମିରେ ବଡ଼ ପରିଶ୍ରମ କରି ନାଳ ବନାଇ ପାଣି ଆଣିବାରେ ସଫଳ ହୋଇଥିଲେ। ପରମା ଏବଂ ତାଙ୍କ ସ୍ତ୍ରୀ ଦୀର୍ଘ ମାସ ପରେ ପାହାଡ଼ିଆ ଜମିକୁ ଚାଷଜମିରେ ପରିଣତ କରିଥିଲେ। ତାଙ୍କର ଅକ୍ଲାନ୍ତ ପରିଶ୍ରମ ଦେଖି ୨୦୧୦ରେ ପ୍ରଥମେ ନାବାର୍ଡ ଓ ଅଗ୍ରଗାମୀ ପରମାଙ୍କୁ ସହଯୋଗର ହାତ ବଢ଼ାଇଥିଲା। ପ୍ରଥମେ ପରମାଙ୍କ ୨ ଏକର ଜମିରେ ୨୫ଟି ଆମ୍ବ, ୧୦ କାଜୁ ଓ ୧୫ଟି କଦଳୀ ଚାରା ଲଗାଯାଇଥିଲା। ପରମା ପରିବାର ସହ ଚାଷର ଯତ୍ନ ନେବା ପାଇଁ ବାଡିରେ ଏକ ଝାଟିମାଟି କୁଡିଆ କରି ରହିଥିଲେ। କିଛି ବର୍ଷ ପରେ ବାଡିରେ ଭଲ ଅମଳ ହୋଇଥିଲା। ପରେ ପରମା ନିଜ ଜମିରେ ପୁଣି ବାଇଗଣ, ଟମାଟୋ, ମରିଚ, ମୂଳା ଭଳି ବିଭିନ୍ନ କିସମର ପନିପରିବା ଚାଷ କଲେ। ସେଥିରେ ବି ଭଲ ଅମଳ ହେବାକୁ ଲାଗିଲା। ପ୍ରତ୍ୟେକ ସାପ୍ତାହିକ ହାଟରେ ଦମ୍ପତି ନିଜ ଅମଳ ପରିବା ଓ ଫଳ ବିକ୍ରି କରି ଭଲ ରୋଜଗାର କରିବା ସହ ସେହି ଚାଷ ପଇସାରେ ଏକ ଅଟୋ କିଣିଛନ୍ତି। ସେଥିରେ ଫଳମୂଳ ଓ ପରିବା ନେଇ ବଜାରକୁ ବିକ୍ରି କରିବାପାଇଁ ଯାଉଛନ୍ତି। ପରମା ଏବେ ଚାଷରେ ସ୍ୱାବଲମ୍ବୀ ହେବା ସହ ପିଲାଙ୍କୁ ଭଲ ବିଦ୍ୟାଳୟରେ ପାଠ ପଢ଼ାଉଛନ୍ତି। ପନିପରିବାରେ ବର୍ଷକୁ ୪୦ ହଜାର ରୋଜଗାର କରୁଥିବା ବେଳେ ଆମ୍ବ, କଦଳୀପରି ଫଳରେ ବାର୍ଷିକ ୬୦ ହଜାର ଟଙ୍କା ରୋଜଗାର ହେଉଥିବା ସେ ପ୍ରକାଶ କରିଛନ୍ତି।

# ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ

ଭୁବନେଶ୍ୱର,୧୮।୭(ବ୍ୟୁରୋ)

## ଆଗରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ

- ନାମ ଲେଖାଇବେ ୧ଲକ୍ଷ ୮୮ହଜାର ୨୨୨ ଛାତ୍ରୀଛାତ୍ର
- କଳାରେ ୧,୧୩,୬୬୮, ବିଜ୍ଞାନରେ ୫୦,୮୯୧, ବାଣିଜ୍ୟରେ ୧୮,୬୨୪
- ୭୧.୯୧ ପ୍ରତିଶତ ସିଟ୍ ପାଇଁ ଛାତ୍ରୀଛାତ୍ର ମନୋନୀତ
- ପୂର୍ବବର୍ଷ ଅପେକ୍ଷା କମିଲା ଛାତ୍ରୀଛାତ୍ରଙ୍କ ସଂଖ୍ୟା

ରାଜ୍ୟରେ ଥିବା ୧୦୪୭ଟି ଯୁକ୍ତ ୩ ଡିଗ୍ରୀ/ସ୍ୱୟଂଶାସିତ କଲେଜ, ସେଲ୍ଫ ଫାଇନାନ୍ସିଂ ଡିଗ୍ରୀ କଲେଜ, ସଂସ୍କୃତି(ଶାସ୍ତ୍ରୀ) କଲେଜରେ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ତାଲିକା ଗୁରୁବାର ପ୍ରକାଶ ପାଇଛି। ତାଲିକାରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଶୀର୍ଷରେ ରହିଛି। କଳା ବିଭାଗର ଭୂଗୋଳ ବିଷୟରେ ଏଠାରେ ସର୍ବାଧିକ କଟ୍ ଅଫ୍ ମାର୍କ ୮୯ ପ୍ରତିଶତ ହୋଇଛି। ଫିଜିକାଲ ସାଇନ୍ସ ବିଭାଗର ଗଣିତରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର କଟ୍ ଅଫ୍ ମାର୍କ ୯୩.୫ ପ୍ରତିଶତ, ବାୟୋଲୋଜିକାଲ ସାଇନ୍ସର ପ୍ରାଣୀବିଜ୍ଞାନ ବିଷୟରେ ସର୍ବାଧିକ ୯୧.୫ ପ୍ରତିଶତ ଓ ବାଣିଜ୍ୟରେ କଟ୍ ଅଫ୍ ମାର୍କ ୮୫.୮୩ ପ୍ରତିଶତ ରହିଛି। ସେହିଭଳି ସେଲ୍ଫ ଫାଇନାନ୍ସିଂ ବିଭାଗର କମ୍ପ୍ୟୁଟର ସାଇନ୍ସ ପାଠ୍ୟକ୍ରମରେ ଚଳିତବର୍ଷ ଏହି କଲେଜର କଟ୍ ଅଫ୍ ମାର୍କ ସର୍ବାଧିକ ୮୨.୪ ପ୍ରତିଶତ ରହିଛି।

ଚଳିତବର୍ଷ ନାମଲେଖା ଲାଗି ମୋଟ ୨ଲକ୍ଷ ୧୦ହଜାର ୪୪୬ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୧ଲକ୍ଷ ୮୮ ହଜାର ୨୨୨ଜଣ ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଛନ୍ତି। କଳାରେ ୧ଲକ୍ଷ ୧୩ ହଜାର ୬୬୮ଜଣ, ଫିଜିକାଲ ସାଇନ୍ସରେ ୨୯,୨୯୪, ବାୟୋଲୋଜିକାଲ ସାଇନ୍ସରେ ୨୧,୫୯୭ ଓ ବାଣିଜ୍ୟରେ ୧୮,୬୨୪ଜଣ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିଭଳି ସଂସ୍କୃତରେ ୩,୭୬୫ ଓ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମରେ ୧,୨୭୪ଜଣ ନାମ ଲେଖାଇପାରିବେ। ଏମାନଙ୍କ ମଧ୍ୟରେ ୮୪,୪୫୬ଜଣ ଛାତ୍ର ଓ ୧ ଲକ୍ଷ ୩ ହଜାର ୭୬୨ଜଣ ଛାତ୍ରୀ ରହିଛନ୍ତି। ସେହିଭଳି ଅନ୍ୟ ବର୍ଗରୁ ୪ଜଣ ରହିଛନ୍ତି। ମୋଟ ସିଟ୍ ମଧ୍ୟରୁ ଏହା ୭୧.୯୧ ପ୍ରତିଶତ ବୋଲି ଜଣାପଡିଛି। ତେବେ ୨୦୧୮-୧୯ ଶିକ୍ଷାବର୍ଷ ତୁଳନାରେ ଏଥର ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିଛି। ଗତ ଶିକ୍ଷାବର୍ଷରେ ୨ଲକ୍ଷ ୨୧ ହଜାର ୨୮୯ଜଣ ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୮୮ ହଜାର ୯୬୦ଜଣ ଚୟନ ହୋଇଥିଲେ। ଚଳିତବର୍ଷ ଯୁକ୍ତ ୨ରେ ପାସ୍ ହାର କମିଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

| କଲେଜ | ବିଷୟ | କଟ୍ ଅଫ୍ ମାର୍କ (%) |
|---|---|---|
| **କଳା ବିଭାଗ** | | |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ଭୂଗୋଳ | ୮୯ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ଅର୍ଥନୀତି | ୮୫ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ଇଂଲିଶ | ୮୩.୬୭ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ରାଜନୀତି ବିଜ୍ଞାନ | ୮୩.୫ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ସମାଜ ବିଜ୍ଞାନ | ୮୦.୫ |
| ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ବଲାଙ୍ଗୀର | ଓଡ଼ିଆ | ୭୯.୩୩ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ମନସ୍ତତ୍ତ୍ୱ ବିଜ୍ଞାନ | ୭୮.୬ |
| ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ବଲାଙ୍ଗୀର | ହିନ୍ଦୀ | ୭୮.୩୩ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ନୃତତ୍ତ୍ୱ ବିଜ୍ଞାନ | ୭୬.୫ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ଶିକ୍ଷା | ୭୬.୫ |
| ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର | ଗଣିତ | ୭୩.୬୭ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ସଙ୍ଗୀତ | ୭୨.୬୭ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ଇତିହାସ | ୭୧.୮୩ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ପରିସଂଖ୍ୟାନ | ୭୧.୮୩ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ଦର୍ଶନ ଶାସ୍ତ୍ର | ୭୧.୫ |
| ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ | ସଂସ୍କୃତ | ୭୧ |
| ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁର | ଗୃହ ବିଜ୍ଞାନ | ୬୨.୫ |
| **ବିଜ୍ଞାନ (ଫିଜିକାଲ ସାଇନ୍ସ)** | | |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ଗଣିତ | ୯୩.୫ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ପଦାର୍ଥ ବିଜ୍ଞାନ | ୯୨.୬୭ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ରସାୟନ ବିଜ୍ଞାନ | ୯୦.୮ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ପରିସଂଖ୍ୟାନ | ୮୭.୬୭ |
| ଷ୍ଟୁଆର୍ଟ ସାଇନ୍ସ କଲେଜ, କଟକ | ଭୂତତ୍ତ୍ୱ ବିଜ୍ଞାନ | ୮୬ |
| ଷ୍ଟୁଆର୍ଟ ସାଇନ୍ସ କଲେଜ, କଟକ | କମ୍ପ୍ୟୁଟର ସାଇନ୍ସ | ୭୨ |
| ଅମିତ କଲେଜ, ବରୁଣେଇ ହିଲ୍ | ଆଇଟି | ୬୧ |
| ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା | ଇଲେକ୍ଟ୍ରୋନିକ୍ସ | ୬୦ |
| ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା | ଭୂଗୋଳ | ୫୮ |
| ପଞ୍ଚାୟତ ପ୍ରହ୍ଲାଦ ଡିଗ୍ରୀ କଲେଜ, ନିଶ୍ଚିନ୍ତକୋଇଲି | ଜେନେରାଲ | ୫୦ |
| **ବିଜ୍ଞାନ (ବାୟୋଲୋଜିକାଲ୍ ସାଇନ୍ସ)** | | |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ପ୍ରାଣୀ ବିଜ୍ଞାନ | ୯୧.୫ |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ଉଦ୍ଭିଦ ବିଜ୍ଞାନ | ୮୮ |
| ସରକାରୀ ମହିଳା ମହାବିଦ୍ୟାଳୟ, ଢେଙ୍କାନାଳ | ବାୟୋଟେକ୍ନୋଲୋଜି | ୬୦ |
| ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ବ୍ରହ୍ମପୁର | ଆନ୍ଥ୍ରୋପୋଲୋଜି | ୬୦ |
| ମନ୍ଦାରୀ ଡିଗ୍ରୀ କଲେଜ, ମନ୍ଦାରୀ | ସାଧାରଣ | ୪୮ |
| ରୋହି ଦାସ ସୋରେନ ଡିଗ୍ରୀ କଲେଜ, କୁଣ୍ଡାବାଇ | ମାଇକ୍ରୋବାୟୋଲୋଜି | ୪୪.୮୩ |
| ରଘୁନାଥ ଜୀଉ ଡିଗ୍ରୀ କଲେଜ, ଦେଉଳିସାହି | ଏନ୍ଭାଇରନମେଣ୍ଟାଲ ପଲ୍ୟୁଶନ ଆଣ୍ଡ ଟକ୍ସିକୋଲୋଜି | ୪୨.୬୭ |
| ଗୋପାଳପୁର ଡିଗ୍ରୀ କଲେଜ, ଗୋପାଳପୁର, ଗଞ୍ଜାମ | ମେରାଇନ୍ ସାଇନ୍ସ | ୩୭.୩୩ |
| **ବାଣିଜ୍ୟ ବିଭାଗ** | | |
| ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର | ବାଣିଜ୍ୟ | ୮୫.୮୩ |
| ଏରୋନଟିକ୍ସ ଡିଗ୍ରୀ କଲେଜ, ସୁନାବେଡ଼ା | ଜେନେରାଲ | ୭୨.୬୭ |

# ତଦନ୍ତରେ ସଫଳତା ପାଇଥିବା ୪୦ ଆଇଓ ସମ୍ବର୍ଦ୍ଧିତ



କ୍ରାଇମ ବ୍ରାଞ୍ଚ ସମ୍ମିଳନୀ କକ୍ଷରେ ଡିଜିପି ଡ. ଆର୍.ପି. ଶର୍ମା ଓ ବରିଷ୍ଠ ଅଧିକାରୀଙ୍କ ଗହଣରେ ଉପସ୍ଥିତ ସମ୍ବର୍ଦ୍ଧିତ ହୋଇଥିବା ପୋଲିସ ଅଧିକାରୀମାନେ।

କଟକ ଅଫିସ,୧୮।୭

କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ କ୍ଷେତ୍ରରେ ସଫଳତା ପାଇଥିବା ୪୦ ଜଣ ତଦନ୍ତକାରୀ ଅଧିକାରୀ(ଆଇଓ)ଙ୍କୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ବଳାତ୍କାର, ହତ୍ୟା ଭଳି ଜଘନ୍ୟ ଆପରାଧିକ ମାମଲାରେ ଠିକ୍ ତଦନ୍ତ କରିଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛ। ସମ୍ବର୍ଦ୍ଧିତ ହୋଇଥିବା ଅଫିସରମାନେ ହେଲେ କୋରାପୁଟ ଏସ୍‌ପି କନୱାର ବିଶାଳ ସିଂ, କ୍ରାଇମବ୍ରାଞ୍ଚ ଏସ୍‌ପି ମଡକର ସନ୍ଦୀପ ସମ୍ପଓ, ଏସ୍‌ଟିଏଫ୍‌ର ଡିଏସ୍‌ପି ପ୍ରିୟରଞ୍ଜନ ଶତପଥୀ, ଏଚ୍ଆରପିସି ଡିଏସ୍‌ପି ରଞ୍ଜିତ୍ ନାୟକ, ମୟୂରଭଞ୍ଜ ଜିଲା ଉଦଳା ଏସ୍‌ଡିପିଓ ସ୍ୱପ୍ନା ରଞ୍ଜନ ମହାପାତ୍ର। ସେହିପରି ଇନ୍ସପେକ୍ଟର ର୍ୟାଙ୍କର କମିଶନରେଟ୍ ପୋଲିସ ଭୁବନେଶ୍ୱରର ଗିରିଜା ଶଙ୍କର ଚକ୍ରବର୍ତ୍ତୀ, ନୟାଗଡ ପୋଲିସ ଜିଲାର ନିରଞ୍ଜନ ଧୀର, ଦେଓଗଡର ସୁରେନ୍ଦ୍ର ନାୟକ, ବୌଦ୍ଧର ଗୋପୀନାଥ ପ୍ରଧାନ, ଭୁବନେଶ୍ୱର ଭିଜିଲାନ୍ସ ସେଲ୍‌ର ରୂପାଧର ନାୟକ, କନ୍ଧମାଳର ପି. ଶ୍ୟାମସୁନ୍ଦର ରାଓ, କଟକ ଭିଜିଲାନ୍ସ ଡିଭିଜନର ଅନୁପମା ସାହୁ, ରାଉରକେଲା ଭିଜିଲାନ୍ସର ରୀତାଞ୍ଜଳି ପ୍ରଧାନ, ମାଲକାନଗିରିର ରଞ୍ଜନ ସାହୁ, ନୂଆପଡାର ସୁଧୀର ସାହୁ, ଜଗତ୍‌ସିଂହପୁର ରଜନୀକାନ୍ତ ମିଶ୍ର, ମୟୂରଭଞ୍ଜର ମୁକ୍ତି କୁମାର କୁଲ୍ଲୁ, ବଲାଙ୍ଗୀରର ସଂଗ୍ରାମ କିଶୋର ପଟ୍ଟନାୟକ, ପୁରୀର ଅଭିମନ୍ୟୁ ନାୟକ, ଅନୁଗୋଳର ପ୍ରୀତିମଞ୍ଜରୀ ମେଣ୍ଡୁଲି, କେନ୍ଦୁଝରର ମାନସ ରଞ୍ଜନ ବାରିକ, କୋରାପୁଟର ଗୌରହରି ସାହୁ, ରାୟଗଡାର ସୁଜ୍ଞାନୀ ସାହୁ, କମିଶନରେଟ ପୋଲିସ କଟକର ଅନୀତା ସାହୁ, ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ସରିତା ତ୍ରିପାଠୀ, ରାଉରକେଲାର ସନ୍ତୋଷ ଜେନା, କମିଶନରେଟ ପୋଲିସ ଭୁବନେଶ୍ୱରର ଜୟଦେବ ବିଶ୍ୱଜିତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ସେହିପରି ଏସ୍ଆଇ ର୍ୟାଙ୍କର ଯାଜପୁରର ଜିନିମା ସାମଲ, ଅନୁଗୋଳର ଯୁଗୋଳ କିଶୋର ଦାସ, ଗଜପତିର ଆଲୋକ ରଞ୍ଜନ ଜଗଦଲ, ଦେଓଗଡର ସଞ୍ଜୀବ ରଣଭିଁଶା, ଇଓଡବ୍ଲ୍ୟୁର ସୁଶାନ୍ତ ବଡେଇ, ଗଞ୍ଜାମର ସୁଶାନ୍ତ ପ୍ରଧାନ, ବାଲେଶ୍ୱରର ମନୋରମା ବାରିକ, ନୂଆପଡାର ସଦାନନ୍ଦ ନାୟକ, ଗଞ୍ଜାମର ବିୟୁଟି ମହାନ୍ତି, ଭଦ୍ରକର ସୁଜାତା ଖମାରି, କେନ୍ଦୁଝରର ପ୍ରତିଭା ମଞ୍ଜରୀ ସାହୁ, ବାଲେଶ୍ୱରର ପ୍ରଶାନ୍ତ ଜେନା, କେନ୍ଦ୍ରାପଡାର ତ୍ରିଲୋଚନ ବେହେରା ସମ୍ବର୍ଦ୍ଧିତ ହୋଇଛନ୍ତି। କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରତିବର୍ଷ ଏଭଳି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେଉଛି। ଏହାଦ୍ୱାରା ଆଇଓମାନଙ୍କର ତଦନ୍ତକ୍ଷେତ୍ରରେ ଆଗ୍ରହ ବଢ଼ିବ ବୋଲି ଡିଜିପି କହିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ, ଆଇଜି ଅରୁଣ ବୋଥ୍ରା ଉପସ୍ଥିତ ଥିଲେ।

# ଖନନ ହେବ ୨୦ ହଜାର ଗଭୀର ନଳକୂପ

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

ବଲାଙ୍ଗୀର ଜିଲାକୁ ଜଳସେଚନ ସୁବିଧା ମିଳୁ ନାହିଁ। ରାଜ୍ୟ ସରକାର ସବୁ ବ୍ଲକକୁ ୩୫ ପ୍ରତିଶତ ଜଳସେଚନ ସୁବିଧା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ବଲାଙ୍ଗୀର ଜିଲାର ଅନେକ ବ୍ଲକରେ ୧ ପ୍ରତିଶତ ଜଳସେଚନ ମଧ୍ୟ ହୋଇନାହିଁ। ଲୋୟର ସୁକ୍‌ତେଲ ପ୍ରକଳ୍ପ ଦୀର୍ଘବର୍ଷ ହେବ ଶେଷ ହୋଇପାରୁନାହିଁ। ଏହି ଜିଲାର କେଉଁ ବ୍ଲକକୁ କେତେ ଜଳସେଚନ କରାଯାଇଛି, ସେନେଇ ସରକାର ଜବାବ ଦିଅନ୍ତୁ ବୋଲି କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଗୁରୁବାର ପ୍ରଶ୍ନୋତ୍ତର କାଳରେ ଦାବି କରିଥିଲେ। ମନ୍ତ୍ରୀ ଦେଇଥିବା ଲିଖିତ ଉତ୍ତରରେ ସେ ସନ୍ତୁଷ୍ଟ ହୋଇ ନ ଥିଲେ। ଭାଜପା ସଭ୍ୟ ମୋହନ ଚରଣ ମାଝି ରାଜ୍ୟର କେତୋଟି ନିଅଣ୍ଟିଆ ବ୍ଲକକୁ ୩୫ ପ୍ରତିଶତ ଜଳସେଚନ ଯୋଗାଇ ଦିଆଯାଇଛି ବୋଲି ପଚାରିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି କୋରାପୁଟ ଜିଲା ମୁନିଗୁଡ଼ା ବ୍ଲକର ୫/୭ଟି ପଞ୍ଚାୟତକୁ ପାଣିଯାଉନି। ମେଗା ଲିଫ୍ଟ ପଏଣ୍ଟ କରି ଜଳସେଚନ ସୁବିଧା ହେବ କି ବୋଲି ପଚାରିଥିଲେ। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ ଲୋୟର ସୁକ୍‌ତେଲ ପ୍ରୋଜେକ୍ଟ କେବେ ଶେଷ ହେବ ଓ ଏଥିରେ କେତେ ଜମିକୁ ଜଳସେଚନ ଯୋଗାଇ ଦିଆଯିବ ବୋଲି ପଚାରିଥିଲେ। ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ଅନୁପସ୍ଥିତିରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ ଯେ, ୨୦୦୯ ମାର୍ଚ୍ଚ ଶେଷସୁଦ୍ଧା ୨୮.୬୯ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଦିଆଯାଇଥିଲା। ୨୦୧୯ ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ମୋଟ ୪୧.୮୯ ଲକ୍ଷ ହେକ୍ଟର ଚାଷଜମିରେ ଜଳସେଚନ ସୁବିଧା କରାଯାଇଛି। ତେବେ ରାଜ୍ୟର ବିଭିନ୍ନ ଜିଲାରେ ୧୫ଟି ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ, ୨୩ଟି କ୍ଷୁଦ୍ର, ୧୭ଟି ବୃହତ୍ ଉଠା ଜଳସେଚନ, ୮୩୨ଟି ଆଡ଼ିବନ୍ଧ ଏବଂ ୧୪୫୦ଟି ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି। ଆହୁରି ୧୫ଟି ନୂତନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଚଳିତବର୍ଷ ଆରମ୍ଭ କରାଯିବ। ଏହାଛଡ଼ା ରାଜ୍ୟରେ ୨୦ ହଜାର ଗଭୀର ନଳକୂପ ଓ ୬୦୦ ଅଗଭୀର ନଳକୂପ ଖନନ କରାଯିବ। ୩୫ ପ୍ରତିଶତ କରିବା ପାଇଁ ଲୋୟର ସୁକ୍‌ତେଲ, ଲୋୟର ଇନ୍ଦ୍ର, ୩୯ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ୩୭ଟି ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଚଳିତ ବର୍ଷ ୧୫ ଶହ ଗଭୀର ନଳକୂପ ଖୋଳାଯିବ ବୋଲି ମନ୍ତ୍ରୀ କହିଥିଲେ।

# କ୍ଷତିପୂରଣ ପାଉନାହାନ୍ତି ହୀରାକୁଦ ବିସ୍ଥାପିତ

**ଭୁବନେଶ୍ୱର, ୧୮।୭(ବ୍ୟୁରୋ):** ହୀରାକୁଦ ବନ୍ଧ ନିର୍ମାଣ ହେବାର ୭୦ ବର୍ଷ ପରେ ମଧ୍ୟ ବିସ୍ଥାପିତଙ୍କୁ ଏଯାଏ କ୍ଷତିପୂରଣ ମିଳିନାହିଁ। ସେମାନେ ରହୁଥିବା ପଡ଼ା ଗ୍ରାମକୁ ଏ ପର୍ଯ୍ୟନ୍ତ ରାଜସ୍ୱ ଗ୍ରାମର ମାନ୍ୟତା ମିଳିନାହିଁ। ଫଳରେ ଉକ୍ତଅଞ୍ଚଳର ଲୋକମାନେ କୌଣସି ସୁବିଧା ସୁଯୋଗ ପାଇପାରୁନାହାନ୍ତି। ଏପରିକି ଜମି ପଟ୍ଟା ମଧ୍ୟ ସେମାନଙ୍କୁ ମିଳୁନାହିଁ। ସରକାର ତୁରନ୍ତ ବିସ୍ଥାପିତଙ୍କୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଅନ୍ତୁ ବୋଲି ପଶ୍ଚିମ ଓଡ଼ିଶାର ବିଧାୟକମାନେ ଦାବି କରିଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ତଥା ବିଜେଡି ସଭ୍ୟ କିଶୋର କୁମାର ମହାନ୍ତି ବିସ୍ଥାପିତଙ୍କୁ ରାଜସ୍ୱ ଗ୍ରାମର ମାନ୍ୟତା କାହିଁକି ଦିଆଯାଉନାହିଁ ବୋଲି ପଚାରିଥିଲେ। ବିଜେଡି ସଭ୍ୟ ଦେବେଶ ଆଚାର୍ଯ୍ୟ ମଧବରଗଡ଼, ଅତାବିରା, ଭଟ୍ଲିଅଞ୍ଚଳରେ ରହୁଥିବା ଲୋକଙ୍କୁ କ୍ଷତିପୂରଣ ଦିଆଯାଉନାହିଁ ବା ସେମାନଙ୍କ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳୁ ନାହିଁ ବୋଲି କହିବା ସହ ତୁରନ୍ତ ଏକ କମିଟି ଗଠନ କରି ଏହି ସମସ୍ୟାର ସମାଧାନ କରାଯାଉ ବୋଲି ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଜେଡି ସଭ୍ୟ ରୋହିତ ପୂଜାରୀ ହୀରାକୁଦ ଓ ରେଙ୍ଗାଲିଠାରେ ବସବାସ କରୁଥିବା ବିସ୍ଥାପିତଙ୍କୁ କୌଣସି ସହାୟତା ମିଳୁନାହିଁ ବୋଲି କହିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଥିଲେ ଯେ, ହୀରାକୁଦ ନଦୀବନ୍ଧ ହେବା ବେଳେ ୪୬ଟି ରାଜସ୍ୱ ଗ୍ରାମ ଜଳମଗ୍ନ ହୋଇଥିଲା। ସଂପୃକ୍ତ ବାସିନ୍ଦାଙ୍କୁ ୩୨ଟି ଗ୍ରାମରେ ଥଇଥାନ କରାଯାଇଥିଲା। ସେହି ଗ୍ରାମଗୁଡିକୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯାଇଛି। ଝାରସୁଗୁଡ଼ା ଜିଲାର ୧୯ଟି ରାଜସ୍ୱ ଗ୍ରାମ ଜଳମଗ୍ନ ହୋଇଥିଲା। ବିସ୍ଥାପିତଙ୍କୁ ୧୯ଟି ବସତିରେ ଥଇଥାନ କରାଯାଇଛି। ସେଥିରୁ ଝାରସୁଗୁଡ଼ା ତହସିଲର ଭୁରଶୁଣ୍ଡ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଛି। ଅବଶିଷ୍ଟ ପଡ଼ାଗ୍ରାମଗୁଡିକ ରାଜସ୍ୱ ଆଇନ ପରିସରରେ ଆସୁ ନ ଥିବାରୁ ସେଗୁଡ଼ିକୁ ରାଜସ୍ୱ ଗ୍ରାମ ଘୋଷଣା କରାଯାଇ ପାରିନାହିଁ। ଏ ସମ୍ବନ୍ଧରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ। ପଶ୍ଚିମ ଓଡ଼ିଶା ବିଧାୟକମାନଙ୍କ ଉଦ୍‌ବେଗକୁ ଦେଖି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ହୀରାକୁଦ ବନ୍ଧ ଚାରିପଟେ ରହିଥିବା ଲୋକଙ୍କ ସମସ୍ୟା ଦୂର କରିବା ପାଇଁ ଅଫିସରମାନଙ୍କୁ ଡାକି ଆଲୋଚନା କରନ୍ତୁ ବୋଲି ରାଜସ୍ୱ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମନ୍ତ୍ରୀ କହିଥିଲେ, ବିଧାନସଭା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରେ ଏ ନେଇ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ।

# ସିବିଆଇ ଏସ୍‌ପି ହେଲେ ସୁଧା ସିଂ

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ତଥା ଜଗତ୍‌ସିଂହପୁର ଏସ୍‌ପି ସୁଧା ସିଂ କେନ୍ଦ୍ରୀୟ ଡେପୁଟେଶନରେ ଯାଇଛନ୍ତି। ତାଙ୍କୁ ସିବିଆଇ ଏସ୍‌ପି ଭାବେ ନବନିଯୁକ୍ତି ମିଳିଛି। ଏହି ଦାୟିତ୍ୱରେ ସେ ୪ବର୍ଷ ରହିବେ ବୋଲି ଜଣାପଡିଛି। ଡେପୁଟେଶନରେ ଯିବା ପାଇଁ ତାଙ୍କୁ ରାଜ୍ୟ ସରକାର ଅନୁମତି ଦେଇଥିଲେ। ୨୦୦୬ ବ୍ୟାଚର ଏହି ଆଇପିଏସ୍ ଅଫିସର ପୂର୍ବରୁ ଭିଜିଲାନ୍ସ ଏସ୍‌ପି ଭାବେ ଦାୟିତ୍ୱ ତୁଲାଇଥିଲେ। ତେବେ ତାଙ୍କ ସ୍ଥାନରେ ଜଗତ୍‌ସିଂହପୁରର ନୂଆ ଏସ୍‌ପି ଭାବେ କାହାକୁ ନିଯୁକ୍ତି ମିଳିନି। ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡିଛି।

# ସ୍ୱାଧୀନତା ସଂଗ୍ରାମୀ ବୀରଭଦ୍ର ଆଚାରୀଙ୍କ ପରଲୋକ



**ଓଡ଼ଗାଁ,୧୮।୭(ସ୍ୱ.ପ୍ର.):** ନୟାଗଡ଼ ଜିଲାର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ବୀରଭଦ୍ର ଆଚାରୀଙ୍କ ଓଡ଼ଗାଁ ବ୍ଲକ ବଡପୁଟ ଗ୍ରାମସ୍ଥିତ ତାଙ୍କ ବାସଭବନରେ ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୩ ବର୍ଷ ବୟସ ହୋଇଥିଲା। ସେ ନୟାଗଡ଼ ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦେଇ ୩ ମାସ କାରାବରଣ କରିଥିଲେ। ୧୯୮୧ରେ ନନ୍ଦିଘୋର ପଞ୍ଚାୟତ ଅନ୍ତର୍ଗତ ଆରଡା ଆର୍ଯ୍ୟ ସମାଜର ସେ ପ୍ରତିଷ୍ଠାତା ସଦସ୍ୟ ରହିଥିବା ବେଳେ ଅନ୍ଧ ବିଶ୍ୱାସ ବିରୋଧରେ ଲୋକଙ୍କୁ ବୁଝାଉଥିଲେ। ସଂଗ୍ରାମୀ ବୀରଭଦ୍ରଙ୍କ ଶେଷ ଇଚ୍ଛା ଅନୁସାରେ ନିଜ ଗ୍ରାମ ବଡପୁଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଜ୍ୟେଷ୍ଠ ପୁତ୍ର ଜଗଦୀଶ ଚନ୍ଦ୍ର ମୁଖାଗ୍ନି ଦେଇଥିଲେ । ତାଙ୍କ ପରଲୋକରେ ନୟାଗଡ଼ ଜିଲା ଆର୍ଯ୍ୟ ସମାଜର ସଦସ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।


OFFICE OF THE PRINCIPAL, S.B.R.G.
WOMEN'S COLLEGE, BERHAMPUR, GANJAM

No.1369 **QUOTATION CALL NOTICE** Date: 17.07.19

Sealed quotations are invited from registered mans Service providing firms for supply of lady Security personnel to be engaged in the S.B.R.G. Women's College ladies Hostel. The Sealed Quotation should reach the undersigned on or before 24.07.2019 positively. For details contact office of the Superintendant, S.B.R.G. Women's College, Hostel Berhampur.

Sd./- Principal

ଆସିକା ବ୍ଲକ୍‌ରେ ବିହନ ବିଶୋଧନ ଅଭିଯାନ ଖରିଫ୍-୨୦୧୯

ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ୍ ଯୋଜନା ୨୦୧୮-୧୯ ମାଧ୍ୟମରେ ଚଳିତ ଖରିଫ୍ ଋତୁରେ ଆସିକା ବ୍ଲକର ନିମ୍ନଲିଖିତ ଗ୍ରାମରେ ଜୁଲାଇ ୦୭ ତାରିଖଠାରୁ ଅଦ୍ୟାବଧି ବିହନ ବିଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଉକ୍ତ କାର୍ଯ୍ୟକ୍ରମରେ ବିହନ ବିଶୋଧନ ପ୍ରଣାଳୀ ସମ୍ବନ୍ଧରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅବଗତ କରାଇବା ସହିତ ତାଲିମ୍ ଓ ବିହନ ବିଶୋଧନ ପ୍ରଣାଳୀ ପ୍ରଦର୍ଶନ କରାଯାଉଅଛି। ଏହି ଅଭିଯାନରେ ସାମିଲ ହୋଇ ନିଜ ନିଜ ବିହନକୁ ବୁଣିବା ବା ତଳି ପକାଇବା ପୂର୍ବରୁ ବିଶୋଧନ କରି ଫସଲକୁ ରୋଗପୋକ ଦାଉରୁ ସୁରକ୍ଷିତ ରଖିବା ନିମନ୍ତେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ। ଗ୍ରାମର ନାମ: ପଥରା, ଖଣ୍ଡଦେଉଳୀ, ବାବନପୁର, ମଙ୍ଗଳପୁର, ବାଲିସିରା, ଆମ୍ବପୁଆ, କେ.ନୁଆପଲ୍ଲୀ, ରାଙ୍କୁଡ଼ା, ଅଡ଼ଭାଗ, ହୁମୁକି, ସାନଖୋଲି।

ସହକାରୀ କୃଷି ଅଧିକାରୀ, ଆସିକା (ଗଞ୍ଜାମ)

ODISHA TOURISM DEVELOPMENT CORPORATION LIMITED
(A GOVT. OF ODISHA UNDERTAKING
PANTHANIVAS (OLD BLOCK): LEWIS ROAD: BHUBANESWAR-14
INVITATIONS FOR BIDS (IFB)

NOTICE INVITATION FOR BIDS (NIFB)
e-Procurement Notice No. BP -I/03/2019-20 dt.17.07.2019

1. Nature of Work : Furnishin wor & Electrical work
2. Total No.of Works : 2 Nos.
3. Value of Works : Rs. 24.94 lakhs to 39.44 lakhs
4. Bid Security : 1% of the amount put to tender
5. Class of Contractor : C, B & H.T Electrical Contractor
6. Period of Completion: 1 (One) months to 6(Six) months
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of opening of Tender |
|---|---|---|---|---|
| Executive Engineer, B.P.Division No. I, OTDC Ltd. | BP-I/03/2019-20 dt. 17.07.2019 | From 19.07.2019 | To 29.07.2019 | 11.30 Hours of dt.30.07.2019 in the office of the Executive Engineer B.P. Division No.I), OTDC Ltd, Bhubaneswar |

*Further details can be seen from the Govt. Website* ***www.tenderodisha.gov.in***

No. CAD-205

Sd/- ***Executive Engineer***
***B.P.Division No. I***

37002/11/0004/1920

ଜିଲ୍ଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ, ସୁନ୍ଦରଗଡ଼
DISTRICT MINERAL FOUNDATION, SUNDARGARH
(1st Floor, DMF Office), District Rural Development Agency
Email: dmfsundergarh@gmail.com, Sundargarh-770001
Tel./Fax No. 06622-273846

No. 356/(DMF) Dated 18.07.2019

**EXPRESSION OF INTEREST**

The Collector and Chairperson, District Mineral Foundation, Sundargarh invites Expression of Interest (EoI) from the Chartered Accountants empanelled with C&AG (Comptroller and Auditor General of India) for statutory Audit of District Mineral Foundation, Sundargarh for the financial year 2018-19.

Interested CA firms are requested to download the EoI documents from the website www.sundergarh.nic.in. Last date of receipt of EoI documents is 29.07.2019 upto 5.30PM. Bid documents are to be submitted by Speed Post / Registered Post (India Post) only.

*Sd./- Collector & Chairperson*
*DMF, Sundargarh*

**Capital Region Urban Transport**
Block-1, 2nd Floor, BMC Bhawani Mall, Saheed Nagar Bhubaneswar ,
E-mail: crutbbsr@gmail.com, Phone No. 0674- 2395155

Notice No. 1442/CRUT Date. 18/07/2019

**EXPRESSION OF INTEREST (EOI)**
**FOR EMPANELMENT OF AGENCIES**
**FOR COLLECTION OF FARE BOX REVENUE FROM THE CITY BUS SERVICES OPERATED BY CAPITAL REGION URBAN TRANSPORT (CRUT)**

1. Capital Region Urban Transport (CRUT) invites interested agencies for the above mentioned purpose. Please refer the EOI document for details.
2. The EOI document shall be available from **19/07/2019** onwards in following web portals: www.capitalregiontransport.in,www.bda.in & www.bmc.gov.in. **Any further intimation (i.e. Corrigendum/ Addendum/ Responses to the queries/ Clarifications) shall be uploaded in the above websites only.**
3. Applicants are required to submit duly filled Proposal as per the prescribed formats on or before **17/08/2019 by 4:00 PM**. The Proposals received shall be opened at **5:00 PM** on **17/08/2019**.
4. A pre-bid meeting shall be organised for the same on **31/07/2019 at 4:00 PM** in Conference Hall of CRUT.
5. In case of any queries/clarifications, please contact: 0674-2395155 or e-mail at crutbbsr@gmail.com
6. CRUT reserves the right to accept or reject bid process without assigning any reasons thereof.

Sd/-
Managing Director
Capital Region Urban Transport

ODISHA STATE ROAD TRANSPORT CORPORATION
(A GOVT. OF ODISHA UNDERTAKING)
PARIBAHAN BHAWAN
SACHIBALAYA MARG,P.O.-ASHOK NAGAR
CAD-208 BHUBANESWAR-751009

EXPRESSION OF INTEREST(EOI) FOR GST AUDIT
No 8190 /OSRTC/TZE(A)-33/19/DT.18.07.2019

OSRTC invites 'Expression of Interest (EOI) from Service Providers towards empanelment for supply of man power as and when required by OSRTC.

The EOI documents and further details regarding requirement of man power and terms & conditions, please visit our website: www.osrtc.in

Sd/-
F.A. & Chief Accounts Officer,
OSRTC, Bhubaneswar.

38002/11/0001/1920



**ସଦ୍ୟସମାପ୍ତ ଆଇସିସି ବିଶ୍ୱକପ୍ ସବୁ ଦୃଷ୍ଟିକୋଣରୁ ଐତିହାସିକ ସାବ୍ୟସ୍ତ ହୋଇଛି। କ୍ରିକେଟର ଜନକ କୁହାଯାଉଥିବା ଇଂଲଣ୍ଡ ପ୍ରଥମଥର ପାଇଁ ଟାଇଟଲ ଜିତିବାକୁ ସକ୍ଷମ ହୋଇଛି। ସେହିପରି ଗତଥରର ରନର୍ସଅପ୍ ନ୍ୟୁଜିଲାଣ୍ଡ ପୁଣି ଥରେ ଅଳ୍ପକେ ଫାଇନାଲରେ ପରାସ୍ତ ହୋଇଛି। ବିଶ୍ୱକପ୍‌ର ଦୃଢ଼ ଦାବିଦାର କୁହାଯାଉଥିବା ଭାରତ ଓ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ଫାଇନାଲର ରୋମାଞ୍ଚ ବିଶ୍ୱବ୍ୟାପୀ କ୍ରିକେଟପ୍ରେମୀଙ୍କୁ ବେଶ୍ ଆମୋଦିତ କରିଥିଲା।**

# ନୂଆ ଚାମ୍ପିୟନ





ନିର୍ମଳ କୁମାର ମିଶ୍ର

କ୍ରିକେଟ୍ ଜଗତକୁ ମିଳିଛି ନୂଆ ବିଶ୍ୱ ଚାମ୍ପିୟନ। ଦୀର୍ଘ ୪୪ବର୍ଷ ପରେ କ୍ରିକେଟ୍‌ର ସୃଷ୍ଟିକର୍ତ୍ତା ଇଂଲଣ୍ଡର ସ୍ୱପ୍ନ ସାର୍ଥକ ହୋଇଛି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଏକଦିବସୀୟ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣରେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଅନଲକି ନ୍ୟୁଜିଲାଣ୍ଡକୁ ଏକ ଉତ୍କଣ୍ଠାପୂର୍ଣ୍ଣ ତଥା ରୋମାଞ୍ଚକ ଫାଇନାଲ ମ୍ୟାଚରେ ହରାଇ ଚାମ୍ପିୟନ ହୋଇ ଇତିହାସ ସୃଷ୍ଟି କରିଛି। ସବୁ ଦୃଷ୍ଟିକୋଣରୁ ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ ଟାଇଟଲର ଦୃଢ଼ ଦାବିଦାର ରୂପେ ଗଣାଯାଉଥିବା ଶକ୍ତିଶାଳୀ ଇଂଲଣ୍ଡ ମ୍ୟାଚ୍ ଟାଇ, ସୁପର ଓଭର ଟାଇ ହେବା ସହିତ ତାର ଇନିଂସରେ ଅପେକ୍ଷାକୃତ ଅଧିକ ୨୬ଟି ବାଉଣ୍ଡରି ମାରିଥିବାରୁ ଚାମ୍ପିୟନ ହୋଇଛି। ଅନ୍ୟପଟେ ନ୍ୟୁଜିଲାଣ୍ଡ ପୂରା ଇନିଂସ ଅବସରରେ ୧୭ଟି ବାଉଣ୍ଡରିରେ ସୀମିତ ରହିଥିବାରୁ ଟାଇଟଲ ମୁକାବିଲାରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। କ୍ରିକେଟ୍‌ର ମକ୍କା ରୂପେ ପରିଚିତ ଲର୍ଡ୍ସ ଗ୍ରାଉଣ୍ଡରେ ଫାଇନାଲ ମ୍ୟାଚ ଦେଖୁଥିବା ଦର୍ଶକ ଏବଂ ସମଗ୍ର ବିଶ୍ୱର କ୍ରିକେଟ୍ ପ୍ରେମୀମାନେ ଏହି ରୋମାଞ୍ଚକ ମ୍ୟାଚ ଦେଖି ଆତ୍ମବିଭୋର ହୋଇଛନ୍ତି। ନାଟକୀୟ ମୁହୂର୍ତ୍ତରେ ପରିପୂର୍ଣ୍ଣ ଏହି ହାଇପ୍ରୋଫାଇଲ୍ ମ୍ୟାଚରେ ଶେଷରେ କ୍ରିକେଟ୍‌ର ବିଜୟ ହୋଇଛି। ପଏଣ୍ଟ ଟେବୁଲରେ ୩ୟ ଏବଂ ୪ର୍ଥ ସ୍ଥାନରେ ଥିବା ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବା ଆଶ୍ଚର୍ଯ୍ୟଜନକ ଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଚାମ୍ପିୟନ ହେବାର ଦୃଢ଼ଦାବିଦାର ଟିମ୍ ଇଣ୍ଡିଆ ଏବଂ ଅଷ୍ଟ୍ରେଲିଆ ଦଳ ସମାନ ଅବସ୍ଥାରେ ଫାଇନାଲ ଟିକେଟ ହାସଲ କରିବାରେ ବିଫଳ ହୋଇଥିଲେ। ଷଷ୍ଠ ଟାଇଟଲ ଲକ୍ଷ୍ୟରେ ଥିବା ଅଷ୍ଟ୍ରେଲିଆ ଏବଂ ତୃତୀୟ ଟାଇଟଲ ଲକ୍ଷ୍ୟରେ ଥିବା ଟିମ୍ ଇଣ୍ଡିଆକୁ ନିଜର ଗେମ ପ୍ଲାନ୍‌ରେ ତ୍ରୁଟି ଯୋଗୁଁ ନିରାଶ ହେବାକୁ ପଡ଼ିଛି। ଚାମ୍ପିୟନ ଇଂଲଣ୍ଡକୁ ୪୦ଲକ୍ଷ ଆମେରିକୀୟ ଡଲାର ମିଳିଥିବା ବେଳେ ରନର୍ସଅପ୍ ନ୍ୟୁଜିଲାଣ୍ଡକୁ ୨୦ଲକ୍ଷ ଡଲାର ମିଳିବା ସହିତ ମୋଟ ୧ କୋଟି ଡଲାରର ପୁରସ୍କାର ରାଶି ଆଇସିସି ଦ୍ୱାରା ପ୍ରଦାନ କରାଯାଇଛି।

ଲିଗ୍ ପର୍ଯ୍ୟାୟରୁ ଆରମ୍ଭ କରି ସେମିଫାଇନାଲ ପର୍ଯ୍ୟନ୍ତ ପଏଣ୍ଟ ଟେବୁଲରେ ନିଜର ଆଧିପତ୍ୟ ବିସ୍ତାର କରିଥିବା ୪ଟି ଦଳ ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ପରିଶେଷରେ ସେମିଫାଇନାଲ ଖେଳିଥିଲେ। ପଏଣ୍ଟ ଓ ନେଟ୍ ରନ୍‌ରେଟ୍ ଦୃଷ୍ଟିରୁ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିଲା। ପ୍ରଥମ ସେମିଫାଇନାଲରେ ଶକ୍ତିଶାଳୀ ଏବଂ ଚାମ୍ପିୟନ ହେବାର ଦୃଢ଼ ଦାବିଦାର ଭାରତକୁ ଏକ ରୋମାଞ୍ଚକର ମ୍ୟାଚରେ ହରାଇ ନ୍ୟୁଜିଲାଣ୍ଡ ଫାଇନାଲରେ ପ୍ରବେଶ କରିଥିଲା, ଫଳରେ ବିଶ୍ୱକପ୍‌ର ଆକର୍ଷଣରେ ଅବନତି ପରିଲକ୍ଷିତ ହୋଇଥିଲା। ସେହିପରି ଇଂଲଣ୍ଡ ଦଳ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିବା ଦ୍ୱାରା ସମଗ୍ର କ୍ରିକେଟ୍ ଜଗତ ଏକ ନୂତନ ଚାମ୍ପିୟନ ପାଇବାର ପଥ ପରିଷ୍କାର ହୋଇଥିଲା। ଫଳରେ ଦୁଇ ଦଳ ଫାଇନାଲରେ ଏକ ରୋମାଞ୍ଚକର ମ୍ୟାଚ ଖେଳିବା ସହିତ ସମଗ୍ର କ୍ରିକେଟ୍ ଜଗତର ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହେଲେ। ଅନଲକି ନ୍ୟୁଜିଲାଣ୍ଡ ଅଳ୍ପକେ ଟାଇଟଲ ଦୌଡ଼ରୁ ବଞ୍ଚିତ ହୋଇଥିଲେ ମଧ୍ୟ ସମଗ୍ର ବିଶ୍ୱର କ୍ରିକେଟ୍ ପ୍ରେମୀଙ୍କ ହୃଦୟ ଜିତିବାକୁ ସକ୍ଷମ ହୋଇଛି।

ଭାରତ ବିଶ୍ୱକପର ତୃତୀୟ ଥର ଚାମ୍ପିୟନ ହେବା ପାଇଁ ଦୃଢ଼ ଦାବିଦାର ରହିଥିବା ବେଳେ ଦୁର୍ବଳ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହେବାକୁ କ୍ରୀଡ଼ାପ୍ରେମୀ, ପୁରାତନ ଖେଳାଳିମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଅଭ୍ୟାସ ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହେବାର ଚାପ ସହିତ ଗ୍ରୁପ ପର୍ଯ୍ୟାୟରେ ବର୍ଷାଯୋଗୁଁ ପଏଣ୍ଟ ଭାଗ କରିବା ବେଶ ମହଙ୍ଗା ପଡ଼ିବା ସହିତ ପୁନର୍ବାର ସେମିଫାଇନାଲରେ ନ୍ୟୁଜିଲାଣ୍ଡର ଗେମ୍‌ପ୍ଲାନକୁ ଠିକ୍ ରୂପେ ବୁଝି ନ ପାରିବା ଯୋଗୁଁ ଭାରତକୁ ବହୁମୂଲ୍ୟ ଦେବାକୁ ହେଲା। ସେମିଫାଇନାଲ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁକାବିଲା। ଏହି ମ୍ୟାଚରେ ହିସାବ ଅଲଗା ଏବଂ ଚାପ ମଧ୍ୟ ଭିନ୍ନ ହୋଇଥାଏ। ଟିମ୍‌ଇଣ୍ଡିଆ ଯଦିଓ ଫାଇନାଲ ଖେଳିବାରୁ ବଞ୍ଚିତ ହେଲା ତଥାପି ଯଶପ୍ରୀତ ବୁମରାଙ୍କ ବୋଲି ଏବଂ ହିଟ୍‌ମ୍ୟାନ ରୋହିତ ଶର୍ମାଙ୍କ ବ୍ୟାଟିଂ ବେଶ୍ ଆକର୍ଷଣୀୟ ତଥା ପ୍ରଶଂସନୀୟ ହୋଇଥିଲା। ବିଶ୍ୱକପରେ ଗୋଟିଏ ସଂସ୍କରଣରେ ୫ଟି ଶତକ ହାସଲ କରି ରୋହିତ ସର୍ବାଧିକ ୬୪୮ରନ୍ କରିବା ବେଶ୍ ଉଲ୍ଲେଖନୀୟ ଘଟଣା ଥିଲା। ଫାଇନାଲରେ ଇଂଲଣ୍ଡର ଷ୍ଟାର ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ମ୍ୟାନ ଅଫ୍ ଦି ମ୍ୟାଚ ହେବା ସହିତ ନ୍ୟୁଜିଲାଣ୍ଡର ଅଧିନାୟକ କେନ୍ ଉଇଲିୟମସନ୍ ୪ର୍ଥ ସର୍ବାଧିକ ସ୍କୋର ୫୭୮ ରନ୍ ସହିତ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସେହିପରି ଅଷ୍ଟ୍ରେଲିଆର ଷ୍ଟାର ବୋଲର ମିଚେଲ ଷ୍ଟାର୍କ ସର୍ବାଧିକ ୨୭ଟି ଉଇକେଟ୍ ନେଇ ସର୍ବାଗ୍ରେ ରହିଛନ୍ତି।

ଚଳିତ ବିଶ୍ୱକପ୍‌ରେ ସର୍ବାଧିକ ୪ଟି ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଏହା ଏକ ରେକର୍ଡ ସାବ୍ୟସ୍ତ ହେବା ସହିତ ପଏଣ୍ଟ ଟେବୁଲରେ ତା'ର ପ୍ରଭାବ ଦେଖିବାକୁ ମିଳିଥିଲା। ନଚେତ୍ ସେମିଫାଇନାଲ ଲାଇନ୍ ଅପ୍‌ର ରୂପରେଖ ନିଶ୍ଚିତ ଭାବେ ଅଲଗା ହୋଇଥାନ୍ତା। ଚଳିତ ବିଶ୍ୱକପ୍‌ରେ ୨ଟି ହ୍ୟାଟ୍ରିକ୍ ହୋଇଥିବା ବେଳେ ଆଫଗାନିସ୍ତାନ ବିପକ୍ଷରେ ଭାରତର ମହମ୍ମଦ ସାମି ଏବଂ ନ୍ୟୁଜିଲାଣ୍ଡ ଟ୍ରେଣ୍ଟ ବୋଲ୍ଟ ଅଷ୍ଟ୍ରେଲିଆ ବିପକ୍ଷରେ ଏହି ସଫଳତା ଅର୍ଜନ କରିଥିଲେ।

ପ୍ରଥମରୁ ଇଂଲଣ୍ଡ ଏଣ୍ଡ ୱେଲସ୍ କ୍ରିକେଟ୍ ବୋର୍ଡ (ଇସିବି) ତରଫରୁ ବିଶ୍ୱକପ୍‌ରରେ ଅଧିକାଂଶ ମ୍ୟାଚରେ ଗୋଟିଏ ଦଳ ୫୦୦ରୁ ଅଧିକ ରନ ହେବ ବୋଲି ଦାବି କରାଯାଇଥିଲା। ତେବେ କୌଣସି ମ୍ୟାଚରେ ଗୋଟିଏ ଦଳ ୫୦୦ରନ୍ ଅତିକ୍ରମ କରିବା ଦେଖାଯାଇ ନ ଥିଲା। ଟୁର୍ନାମେଣ୍ଟ ସର୍ବାଧିକ ଦଳୀୟ ସ୍କୋର ୩୯୭ ରନ୍ ରହିଥିଲା। ସେହିପରି ଇଂଲଣ୍ଡ ପିଚ୍‌ଗୁଡ଼ିକରେ ଅଭୂତପୂର୍ବ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ଅଧିକାଂଶ ପିଚ୍‌ରେ ଘାସ ନଥିବା ବେଳେ ସେଗୁଡ଼ିକ ସ୍ଲୋ ଏବଂ ଶୁଖିଲା ରହିଥିଲା। ସୁଇଙ୍ଗ୍ କଣ୍ଡିଶନ ରହିଥିବା ବେଳେ ବଲ ସୁଇଙ୍ଗ୍ କରିବାର ଆଦୌ ଦେଖାଯାଇ ନ ଥିଲା। ମ୍ୟାଚ ସମୟରେ ପିଚ୍‌ଗୁଡ଼ିକ ଶୁଖିଲା ଯୋଗୁଁ ଧୂଳି ଉଡ଼ୁଥିବାର ଲକ୍ଷ୍ୟ କରାଯାଇଥିଲା। ସମସ୍ତ ପେଶ୍ ବୋଲରମାନଙ୍କୁ ସ୍ଲୋ ବାଉନସର ବୋଲି ମନେ କରି ପ୍ରତିପକ୍ଷ ବ୍ୟାଟସମ୍ୟାନ ସମସ୍ୟାରେ ପଡ଼ିଥିଲେ।

ଏଥର ବିଶ୍ୱକପ୍‌ରେ ୨୭ ଥର ୩୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ ବିଭିନ୍ନ ଦଳ ପକ୍ଷରୁ କରାଯାଇଥିଲା। ଇଂଲଣ୍ଡ ୬ଥର ୩୦୦ରୁ ଅଧିକ ରନ୍ ଅତିକ୍ରମ କରିଛି। ଆଫଗାନିସ୍ତାନ ବିପକ୍ଷରେ ଇଂଲଣ୍ଡ ୬ ଉଇକେଟ ହରାଇ ୩୯୭ ରନ ସଂଗ୍ରହ କରିଥିଲା। ଏହା ବିଶ୍ୱକପ୍‌ର ସର୍ବୋଚ୍ଚ ଦଳୀୟ ସ୍କୋର ସାବ୍ୟସ୍ତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରନର୍ସଅପ୍ ନ୍ୟୁଜିଲାଣ୍ଡ କୌଣସି ଦଳ ବିପକ୍ଷରେ ୩୦୦ ରନ୍ କରି ନ ଥିଲା। ତେବେ ନ୍ୟୁଜିଲାଣ୍ଡର ସର୍ବାଧିକ ସ୍କୋର ୨୯୧ ରନ୍ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ରହିଛି। ଚଳିତ ବିଶ୍ୱକପ୍‌ର ୪୮ଟି ମ୍ୟାଚରେ ମୋଟ ୨୯ଟି ଶତକ ବିଭିନ୍ନ ଦଳର ଖେଳାଳିମାନଙ୍କ ଦ୍ୱାରା ଅର୍ଜନ କରାଯାଇଛି। ଅଷ୍ଟ୍ରେଲୀୟ ବିସ୍ଫୋରକ ଓପନର ଡେଭିଡ୍ ୱାର୍ନର ବାଂଲାଦେଶ ବିପକ୍ଷରେ ସର୍ବାଧିକ ୧୬୬ରନ୍‌ର ଶତକୀୟ ପାଳି ଖେଳିଥିଲେ। ଇଂଲଣ୍ଡର ଅଧିନାୟକ ଇଅନ ମୋର୍ଗାନ୍ ଗୋଟିଏ ଇନିଂସରେ ୧୭ଟି ଛକା ମାରି ୧୪୮ରନ୍ କରିବା ମଧ୍ୟ ଏକ ରେକର୍ଡ ଅଟେ। ଏଥି ସହିତ ଇଂଲଣ୍ଡ ତରଫରୁ ବିଭିନ୍ନ ବ୍ୟାଟ୍ସମ୍ୟାନ ୭ଟି ଶତକ ଚଳିତ ବିଶ୍ୱକପ୍‌ରେ ହାସଲ କରିଥିବା ବେଳେ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ୩୫୩ଟି ଛକା ବିଭିନ୍ନ ମ୍ୟାଚରେ ମରା ଯାଇଛି। ୧୦ଜଣ ବୋଲର ଗୋଟିଏ ଇନିଂସ୍‌ରେ ୫ରୁ ଊର୍ଦ୍ଧ୍ୱ ଉଇକେକେଟ୍ ନେଇଛନ୍ତି। ବିଶ୍ୱକପ୍‌ର ଅନ୍ୟଏକ ବିଶେଷତ୍ୱ ହେଲା ଯେ ବିଭିନ୍ନ ଦେଶର ଅନେକ ଷ୍ଟାର ଖେଳାଳି କ୍ରିକେଟ୍‌କୁ ଅଲବିଦା କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଦକ୍ଷିଣ ଆଫ୍ରିକାର ଇମ୍ରାନ୍ ତାହିର, ଜେପି ଡୁମିନି, ପାକିସ୍ତାନର ସୋଏବ ମଲ୍ଲିକ, ଶ୍ରୀଲଙ୍କାର ଲସିଥ୍ ମାଲିଙ୍ଗା ଏବଂ ବାଂଲାଦେଶର ମଶ୍ରାଫି ମୋର୍ତ୍ତାଜା। ଏପରି କି ଭାରତର ଅଭିଜ୍ଞ ଉଇକେଟ୍‌କିପର ମହେନ୍ଦ୍ର ସିଂ ଧୋନୀଙ୍କ ନାମ ମଧ୍ୟ ଏହି ତାଲିକାରେ ରହିଛି। ତେବେ ଅଦ୍ୟାବଧି ଧୋନୀ ଏ ବିଷୟରେ ନୀରବ ରହିଛନ୍ତି। ଭାରତ ସେମିରେ ପରାସ୍ତ ହୋଇ ବିଦାୟ ନେଇଥିଲେ ମଧ୍ୟ ଯଶପ୍ରୀତ୍ ବୁମରା ବୋଲିଂରେ ଏବଂ ହିଟ୍ ମ୍ୟାନ୍ ରୋହିତ ଶର୍ମା କ୍ରିକେଟ୍ ପ୍ରେମୀମାନଙ୍କ ହୃଦୟ ଜିଣିବାକୁ ସକ୍ଷମ ହୋଇଛନ୍ତି।

## ଆଇସିସି ବିଶ୍ୱକପ୍

ତାରିଖ: ୩୦ ମେ'ରୁ ୧୪ ଜୁଲାଇ
ଆୟୋଜକ: ଇଂଲଣ୍ଡ
ଚାମ୍ପିୟନ: ଇଂଲଣ୍ଡ
ରନର୍ସଅପ୍: ନ୍ୟୁଜିଲାଣ୍ଡ
ଦଳ: ୧୦
ମ୍ୟାଚ୍: ୪୮
ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ: କେନ୍ ୱିଲିୟମସନ
ମ୍ୟାନ୍ ଅଫ୍ ଦି ଫାଇନାଲ: ବେନ୍ ଷ୍ଟୋକ୍ସ
ସର୍ବାଧିକ ରନ: ରୋହିତ ଶର୍ମା (୬୪୮)
ସର୍ବାଧିକ ଉଇକେଟ: ମିଚେଲ ଷ୍ଟାର୍କ (୨୭)

## ପୁରସ୍କାର ରାଶି

(ଆମେରିକୀୟ ଡଲାର)
ଚାମ୍ପିୟନ: ୪, ୦୦୦,୦୦୦
ରନର୍ସଅପ୍: ୨,୦୦୦,୦୦୦
ସେମିରେ ହାରିଥିବା ଦଳ: ୮,୦୦,୦୦୦

# ଶିଖରରେ ସିମୋନା



ସିମୋନା ହାଲେପ ରୋମାନିଆର ପ୍ରଥମ ମହିଳା ଖେଳାଳି ଭାବେ ୱିମ୍ବଲଡନ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ୨୭ ବର୍ଷୀୟା ହାଲେପ ଫାଇନାଲରେ ଅଭିଜ୍ଞ ଆମେରିକୀୟ ତାରକା ସେରେନା ୱିଲିୟମ୍ସଙ୍କୁ ପରାସ୍ତ କରି ବାଜି ମାରିଛନ୍ତି। ଏଥିସହିତ ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ବିଶ୍ୱ ରେକର୍ଡ ସମକକ୍ଷ ଲକ୍ଷ୍ୟରେ ଥିବା ସେରେନାଙ୍କ ଆଶା ଧୂଳିସାତ୍ ହୋଇଛି।

ରୋମାନିଆର ସାଇମୋନା ହାଲେପ ଏଥର ୱିମ୍ବଲଡ଼ନ ଟାଇଟଲ ହାସଲ କରି ବିରଳ ସଫଳତା ହାସଲ କରିଛନ୍ତି। ବର୍ଷର ଏହି ହାଇପ୍ରୋଫାଇଲ ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡ଼ନ ଫାଇନାଲରେ ହାଲେପ ୩୭ ବର୍ଷୀୟା ଆମେରିକାର ସେରେନା ଉଇଲିୟମ୍ସଙ୍କୁ ପରାସ୍ତ କରିଛନ୍ତି। ଏଥିସହିତ ରୋମାନିଆର ପ୍ରଥମ ମହିଳା ଖେଳାଳିଭାବେ ସେ ଏହି ଟାଇଟଲ ଅର୍ଜନ କରିଛନ୍ତି। ପୂର୍ବରୁ ସେରେନା ଏହି ଟୁର୍ନାମେଣ୍ଟରେ ୭ଥର ଟାଇଟଲ ହାସଲ କରିଥିଲେ। ସେରେନାଙ୍କୁ ଚକ୍‌ମା ଦେଇ ହାଲେପ୍ ଦ୍ୱିତୀୟଥର ପାଇଁ ଗ୍ରାଣ୍ଡସ୍ଲାମ ଟାଇଟଲ ଅର୍ଜନ କରିଛନ୍ତ। ଏହା ପୂର୍ବରୁ ଗତବର୍ଷ ସେ ଫ୍ରେଞ୍ଚ ଓପନ ଟାଇଟଲ ହାସଲ କରି କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଅର୍ଜନ କରିଥିଲେ। ଫାଇନାଲରେ ସେରେନାଙ୍କୁ ମାତ୍ର ୫୬ ମିନିଟ୍‌ରେ ୬-୨,୬-୨ ସିଧାସଳଖ ସେଟ୍‌ରେ ହରାଇ ବାଜି ମାରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ କରି ଟାଇଟଲ ଜିତିଥିବାରୁ ହାଲେପଙ୍କୁ ରୋମାନିଆର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କୁ 'ଷ୍ଟାର ଅଫ୍ ରୋମାନିଆ' ପ୍ରଦାନ କରାଯାଇଥିବା ବେଳେ ଅର୍ଥୋଡକ୍ସ ଚର୍ଚ୍ଚ ତାଙ୍କୁ ପାଟ୍ରିଆର୍ଚିଆଲ କ୍ରସ୍ ପ୍ରଦାନ କରିଛି।

ସେରେନା ଫାଇନାଲ ମ୍ୟାଚ୍ ଜିତିଥିଲେ ବିଶ୍ୱରେକର୍ଡର ସମକକ୍ଷ ହୋଇଥାନ୍ତେ। ସଫଳ ହୋଇଥିଲେ ୩୭ ବର୍ଷୀୟା ସେରେନା ଅଷ୍ଟ୍ରେଲିଆର କିମ୍ବଦନ୍ତୀ ମହିଳା ଖେଳାଳି ମାର୍ଗାରେଟ କୋର୍ଟଙ୍କ ସର୍ବକାଳୀନ ରେକର୍ଡ ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟ ହାସଲ ରେକର୍ଡର ସମକକ୍ଷ ହୋଇଥାନ୍ତେ।

ରୋମାନିଆର ଅନ୍ୟତମ ପୁରାତନ ତଥା ଐତିହାସିକ ସହର କଷ୍ଟାନା ବା ଟୋମିସ୍ ସହରରେ ହାଲେପ ଜନ୍ମଗ୍ରହଣ କରିଥିଲେ। ମାତ୍ର ୪ବର୍ଷରୁ ସେ ଟେନିସ ଖେଳିବା ଆରମ୍ଭ କରିଥିଲେ। ୬ବର୍ଷରେ ସେ ସବୁଦିନ ଅଭ୍ୟାସ କରୁଥିଲେ। ଟେନିସ କ୍ୟାରିୟରକୁ ଆଗକୁ ବଢ଼ାଇବା ପାଇଁ ସେ ବୁକାରେଷ୍ଟକୁ ସ୍ଥାନାନ୍ତର ହୋଇଥିଲେ। ବେଲଜିୟମର ଜଷ୍ଟିନ୍ ହେନିନ୍ ଓ ରୋମାନିଆର ପୂର୍ବତନ ଟେନିସ ଖେଳାଳି ଅଣ୍ଡ୍ରେଇ ପାଭେଲଙ୍କୁ ସେ ତାଙ୍କର ଆଦର୍ଶ ଖେଳାଳି ରୂପେ ବିବେଚନା କରନ୍ତି। ୫ ଫୁଟ ୬ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ହାଲେପ ଡାହାଣ ହାତରେ ମୁଖ୍ୟତଃ ଟେନିସ ଖେଳିଥାନ୍ତି। ତେବେ ବ୍ୟାକ୍‌ହ୍ୟାଣ୍ଡ ଶଟ୍ ଖେଳିବା ବେଳେ ସେ ଦୁଇହାତରେ ଶଟ୍ ଖେଳିଥାନ୍ତି। ସିଙ୍ଗଲ୍ସ କ୍ୟାରିୟରରେ ତାଙ୍କର ସଫଳତା ହାର ୭୦.୧ ପ୍ରତିଶତ ରହିଛି। ୪୮୬ଟି ସିଙ୍ଗଲ୍ସ ମ୍ୟାଚ୍ ଜିତିଥିବା ବେଳେ ୨୦୭ଟି ମ୍ୟାଚ୍‌ରେ ସେ ପରାଜୟ ବରଣ କରିଛନ୍ତି। କ୍ୟାରିୟରରେ ସେ ମୋଟ ଉପରେ ୧୯ଟି ଡବ୍ଲ୍ୟୁଟିଏ ଟାଇଟଲ ଅର୍ଜନ କରିଛନ୍ତି। ସେହିପରି ସେ ୬ଟି ଆଇଟିଏଫ୍ ଟାଇଟଲ ମଧ୍ୟ ଜିତିଛନ୍ତି। ବର୍ତ୍ତମାନ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ରେ ହାଲେପ ୪ ନମ୍ବର ସ୍ଥାନରେ ରହିଛନ୍ତି। ତେବେ ୨୦୧୭ ଅକ୍ଟୋବର ୯ ତାରିଖରେ ସେ ନଂ ୧ ସ୍ଥାନ ହାସଲ କରିଥିଲେ। ଗ୍ରାଣ୍ଡସ୍ଲାମରେ ତାଙ୍କର ପ୍ରଦର୍ଶନ ସେତେଟା ଉତ୍ସାହଜନକ ନ ଥିଲେ ମଧ୍ୟ ସେ ୱିମ୍ବଲଡ଼ନ ସହ ଗତ ବର୍ଷ ଫ୍ରେଞ୍ଚ ଓପନ୍ ଟାଇଟଲ ଜିତିଥିଲେ। ସେହିପରି ୨୦୧୮ ଅଷ୍ଟ୍ରେଲିଆନ୍ ଓପନ୍‌ର ଫାଇନାଲରେ ପ୍ରବେଶ କରିଥିଲେ। ଏହାପୂର୍ବରୁ ସେ ୨୦୧୫ରେ ବର୍ଷର ଅନ୍ତିମ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ।

ଡବଲ୍ସରେ ତାଙ୍କର ସଫଳତା ହାର ୫୦ ପ୍ରତିଶତ ରହିଛି। ସେ ଗୋଟିଏ ଡବ୍ଲ୍ୟୁଟିଏ ଡବଲ୍ସ ଟାଇଟଲ ଜିତିଥିବା ବେଳେ ୪ଟି ଆଇଟିଏଫ୍ ଟାଇଟଲ ମଧ୍ୟ ହାସଲ କରିଛନ୍ତି। ଗ୍ରାଣ୍ଡସ୍ଲାମ ମହିଳା ଡବଲ୍ସରେ ଅବଶ୍ୟ ସେ ସେତେଟା ସଫଳତା ହାସଲ କରିପାରି ନାହାନ୍ତି। ୨୦୧୫ରେ ୟୁଏସ୍ ଓପନ ମିକ୍ସଡ ଡବଲ୍ସରେ ସେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ୨୦୧୪-୧୫ରେ ହାଲେପ ଡବ୍ଲ୍ୟୁଟିଏ ମୋଷ୍ଟ ପପୁଲାର ଅଫ୍ ଦି ଇୟର ପୁରସ୍କାର ହାସଲ କରିଥିଲେ। ୨୦୧୭, ୨୦୧୮ରେ ସେ ଡବ୍ଲ୍ୟୁଟିଏ ଫ୍ୟାନ ଫେଭରାଇଟ ସିଙ୍ଗଲ୍ସ ପ୍ଲେୟାର ବିବେଚିତ ହୋଇଥିଲେ। ସେହିପରି ୨୦୧୮ରେ ସେ ଡବ୍ଲ୍ୟୁଟିଏ ପ୍ଲେୟାର ଅଫ୍ ଦି ଇୟର ଭାବେ ପୁରସ୍କୃତ ହୋଇଥିଲେ। ରୋମାନିଆର ତୃତୀୟ ମହିଳା ଖେଳାଳି ଭାବେ ସେ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ର ଟପ୍ ୧୦ରେ ପ୍ରବେଶ କରିଥିଲେ। ସେ ମଧ୍ୟ ଇଏସ୍‌ପିଏନ୍‌ର ମୋଷ୍ଟ ଡୋମିନାଣ୍ଟ ଟେନିସ ଖେଳାଳି ଭାବେ ବିବେଚିତ ହୋଇଥିଲେ। ହାଲେପଙ୍କ ପିତା ଜଣେ ଲିଗ୍ ସ୍ତରୀୟ ଫୁଟବଲ ଖେଳାଳିଥିଲେ। ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସେ ଜଣେ ବଡ଼ ପ୍ରଶଂସିକା।

## ସଂକ୍ଷେପରେ......

ଦେଶ: ରୋମାନିଆ
ଜନ୍ମ: ୨୭ ସେପ୍ଟେମ୍ବର ୧୯୯୧
ବୟସ: ୨୭
କୋଚ୍: ଡାରେନ କାହିଲ (୨୦୧୬-୨୦୧୮), ଡାନିଏଲ ଡୋବ୍ରେ (୨୦୧୯)
ଉଚ୍ଚତା: ୫ ଫୁଟ ୬ ଇଞ୍ଚ୍
ଏବେକାର ର୍‍ୟାଙ୍କିଙ୍ଗ: ନମ୍ବର ୪
ଉଚ୍ଚତମ ର୍‍ୟାଙ୍କିଙ୍ଗ୍: ନଂ ୧ (୯ ଅକ୍ଟୋବର, ୨୦୧୭)
ଫ୍ରେଞ୍ଚ୍ ଓପନ ଚାମ୍ପିୟନ: ୨୦୧୮
ୱିମ୍ବଲଡ଼ନ ଚାମ୍ପିୟନ: ୨୦୧୯
ସିଙ୍ଗଲ୍ସ ଟାଇଟଲ: ୧୯ ଡବ୍ଲ୍ୟୁଟିଏ, ୬ ଆଇଟିଏଫ୍

## ପ୍ରଥମ

ନ୍ୟୁଜିଲାଣ୍ଡକୁ ଭଣ୍ଡେଇ ଇଂଲଣ୍ଡ
ମୁଣ୍ଡକୁ ପକାଇ ମୁଣ୍ଡ
ଚୌରାଳିଶ ବର୍ଷ ପରେ ୱାର୍ଲ୍ଡକପ୍
କ୍ରିକେଟରେ ହେଲା ଷଣ୍ଢ
ବିରାଟ ବାହିନୀ ଭାଣ୍ଡ
ସେମିରେ ଟୁ ଫର୍ଟି କରିପାରିଲାନି
ଡମ୍ଫ ହୋଇ ହେଲା ଧଣ୍ଡ ।।।୧

ବିଶ୍ୱକପ୍ ଫାଇନାଲରେ ପ୍ରଥମ
ସୁପର ଓଭର ଏଇ
ୱାର୍ଲ୍ଡକପ୍ କ୍ରିକେଟ ଇତିହାସରେ ଏ
ଫାଇନାଲ ମ୍ୟାଚ୍ ଟାଇ
ଫାଷ୍ଟଥର ପୁଣି ସୁପର ଓଭର
ଟାଇ ଲେଖିରଖ ଭାଇ
ୱିଲିୟମସନ ଶୋଇ
କହେ ଭାଗ୍ୟସାଥ ଦେଉନି ହାରୁଛୁ
ଫାଇନାଲ ଦି' ଥର ଯାଇ ।।।୨



ୱିନରକୁ ଟ୍ରଫି ସହ କ୍ୟାଶମନି
ସାଢ଼େ ଅଠେଇଶ କୋଟି
ରନର୍ସଅପ୍‌କୁ ଅଧା ଏ ଟଙ୍କାର
ଗିଫ୍ଟ ପୁଣି ପେଟିପେଟି
ସୁନା ପାଲଟିଲା ମାଟି
ଯୁଦ୍ଧ ବେଳେ ଟିମ୍ ଶୌଚାଳୟ ଯାଏ
ଲିଷ୍ଟ ରହିଅଛି ବେଟି ।।।୩

–ସୁବାସ ଚନ୍ଦ୍ର ପ୍ରଧାନ

ସ୍ମାର୍ଟଫୋନ ଇନ୍‌ଷ୍ଟଲେଶନ କ୍ଷେତ୍ରରେ ଏଣ୍ଟରଟେନମେଣ୍ଟ ଆପ୍ ଭାବେ ହଟ୍‌ଷ୍ଟାର ୪୯ ବଜାର ଅଂଶ ସହ ସର୍ବାଗ୍ରେ ରହିଛି।
–ଫୈଜଲ କାଉସା, ଟେକ୍‌ଏଆର୍‌ସି ପ୍ରତିଷ୍ଠାତା



ନୂଆ ଡାଇରେକ୍ଟ ଟ୍ୟାକ୍ସ କୋଡ୍ ନେଇ ଗଠିତ ଟାସ୍କଫୋର୍ସ ଚଳିତ ମାସ ସୁଦ୍ଧା ସେମାନଙ୍କର ରିପୋର୍ଟ ଦେବ।
–ନିର୍ମଳା ସୀତାରାମନ୍, କେନ୍ଦ୍ର ଅର୍ଥମନ୍ତ୍ରୀ



## ସଂକ୍ଷେପରେ

### ପାର୍ଲାମେଣ୍ଟରେ ଉପସ୍ଥାପନ ହେବ ଆଇବିସି ସଂଶୋଧନ ବିଲ୍

ନୂଆଦିଲ୍ଲୀ,୧୮-୭: କେନ୍ଦ୍ର ସରକାର ସୋମବାର ପାର୍ଲାମେଣ୍ଟରେ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ ସଂଶୋଧନ ବିଲ୍ ଉପସ୍ଥାପନ କରିବେ ବୋଲି କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ପ୍ରକାଶ କରାଯାଇଛି। ବିଲ୍‌ରେ ହୋଇଥିବା ସଂଶୋଧନ ବର୍ତ୍ତମାନ ଚାଲୁଥିବା ସମସ୍ତ ଆଇବିସି ମାମଲାରେ କାର୍ଯ୍ୟକାରୀ ହେବ। ସେହିପରି ବିଚାରାଧୀନ ଥିବା ସମସ୍ତ ମାମଲାରେ ମଧ ସଂଶୋଧନ ଲାଗୁ ହେବ। ଆଇବିସି ବିଲ୍‌ର ୭ ଧାରାରେ ୮ ସଂଶୋଧନ କରାଯାଇଛି। ଏହି ସଂଶୋଧନ ଯୋଗୁ ଏକାଧିକ ଋଣ ପ୍ରଦାନକାରୀ ଥିବା ଅବସ୍ଥାରେ ଭୋଟିଂରେ ଦେଖାଦେଉଥିବା ବାଧା ଦୂର ହେବ। ବୁଧବାର କେନ୍ଦ୍ର କ୍ୟାବିନେଟ ଆଇବିସି ସଂଶୋଧନ ବିଲ୍‌କୁ ଅନୁମୋଦନ କରିଥିଲେ।

### ଭାରତର ଜିଡିପି ଅନୁମାନ ୭%କୁ ହ୍ରାସ କଲା ଏଡିବି

ନୂଆଦିଲ୍ଲୀ,୧୮-୭: ଏସିଆନ ଡେଭଲପ୍‌ମେଣ୍ଟ ବ୍ୟାଙ୍କ(ଏଡିବି) ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ଅଭିବୃଦ୍ଧି ହାର ଅନୁମାନକୁ ୭.୨ରୁ ୭%କୁ ହ୍ରାସ କରିଛି। ଗୁରୁବାର ଏଡିବି ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଛି ଯେ, ବିକଶିତ ଦେଶଗୁଡ଼ିକର ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଇବା କାରଣରୁ ଭାରତର ଜିଡିପି ଅନୁମାନ କମାଯାଉଛି। ଏହାସତ୍ତ୍ୱେ ଭାରତ ବିଶ୍ୱର ସର୍ବାଧିକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବେ ଆଗେଇ ଯିବ ବୋଲି ଏଡିବି କହିଛି। ଅର୍ଥନୀତି ଅଭିବୃଦ୍ଧି କ୍ଷେତ୍ରରେ ଏହା ଚାଇନାଠାରୁ ଆଗରେ ରହିବ।


### ଜୁନିୟର କର୍ମଚାରୀଙ୍କୁ ୧ ଲକ୍ଷ ଲେଖାଏ ବୋନସ୍ ଦେଲା ୱିପ୍ରୋ

ବେଙ୍ଗାଲୁରୁ,୧୮-୭: ଦେଶର ଅନ୍ୟତମ ପ୍ରମୁଖ ଆଇଟି କମ୍ପାନୀ ୱିପ୍ରୋ ଲିମିଟେଡ ଏହାର ଜୁନିୟର କର୍ମଚାରୀଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ବୋନସ୍ ପ୍ରଦାନ କରିଛି। ୱିପ୍ରୋରେ ନିଜର କ୍ୟାରିୟର ଆରମ୍ଭ କରିଥିବା ଏବଂ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ରହିଛି ସେମାନଙ୍କୁ କମ୍ପାନୀ ଏହି ବୋନସ୍ ଦେଇଛି। କମ୍ପାନୀ ଗତ କିଛିବର୍ଷ ହେବ ଏହି ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ ଯୋଜନା ଆପଣାଇଛି। କମ୍ପାନୀର ହ୍ୟୁମାନ ରିସୋର୍ସେସ୍ ଡିପାର୍ଟମେଣ୍ଟ ଅଧକ୍ଷ ସୌରଭ ଗୋଭିଲ କହିଛନ୍ତି, ଏହାକୁ ରିଟେନ୍‌ସନ ବୋନସ୍ କୁହାଯାଉଛି ଏବଂ ଏହା ଏକ ବର୍ଷ ପାଇଁ କାର୍ଯ୍ୟକାରୀ ହୋଇଥାଏ। ସେ କହିଛନ୍ତି ଯେ, ୩ରୁ୪ ବର୍ଷର ଅଭିଜ୍ଞତା ଥିବା କର୍ମଚାରୀଙ୍କୁ ୧୦ ପ୍ରତିଶତ ଏବଂ ଅଧିକ ଦରମା ଏବଂ ଡିଜିଟାଲ ସ୍କିଲ୍ ଥିବା କର୍ମଚାରୀଙ୍କୁ ସିଙ୍ଗଲ ଡିଜିଟ୍‌ରୁ ଡବଲ ଡିଜିଟ ପର୍ଯ୍ୟନ୍ତ ଦରମା ବୃଦ୍ଧି କରାଯାଇଛି।

### ଡିଜିଟାଲ ଟ୍ରାଞ୍ଜାକ୍‌ସନ ୫୧% ବୃଦ୍ଧି

ନୂଆଦିଲ୍ଲୀ,୧୮-୭: ଦେଶରେ ଡିଜିଟାଲ ଟ୍ରାଞ୍ଜାକ୍‌ସନ ୨୦୧୮-୧୯ରେ ୫୧% ବୃଦ୍ଧି ପାଇ ୩,୧୩୩.୫୮ କୋଟି ଟଙ୍କାରେ ପହଞ୍ଚିଛି ବୋଲି ସରକାର ଗୁରୁବାର ପାର୍ଲାମେଣ୍ଟରେ ପ୍ରକାଶ କରିଛନ୍ତି। ରାଜ୍ୟ ସଭାରେ ବିଭିନ୍ନ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷର ପ୍ରଥମ ମାସରେ ଡିଜିଟାଲ ଟ୍ରାଞ୍ଜାକ୍‌ସନ ପ୍ରାୟ ୩୧୩ କୋଟି ଟଙ୍କାରେ ଛୁଇଁଛି। ତେବେ ବିକଳ୍ପ ଦେୟ ପ୍ରଦାନ ନେଇ ଶିକ୍ଷା ପ୍ରତିଷ୍ଠାନ ତଥା ପଲିସି ଇନ୍‌ଷ୍ଟିଚ୍ୟୁଶନ ସହ ସରକାରଙ୍କ କୌଣସି ପ୍ରକାର ସହଯୋଗ ହେବାର ସମ୍ଭାବନା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ବନ୍ଦ ହୋଇଯିବ ଗରିବ ରଥ ଏକ୍ସପ୍ରେସ



### ଶସ୍ତାରେ ଏସି ଟ୍ରେନ ଯାତ୍ରା ସୁବିଧା ଶେଷ

- ଗରିବ ରଥ ସ୍ଥାନରେ ଗଡ଼ିବ ସୁପରଫାଷ୍ଟ ଏକ୍ସପ୍ରେସ
- ଟ୍ରେନରେ୧୨ ସ୍ଥାନରେ ୧୬ ଡବା ଲାଗିବ
- ଭଡ଼ା ବଢ଼ିଲା
- ଏସି ସହ ସ୍ଲିପର, ସାଧାରଣ ବଗି ରହିବ
- ରକ୍ଷଣାବେକ୍ଷଣ ଖର୍ଚ୍ଚ ଅଧିକ ଯୋଗୁ କ୍ଷତି ବୃଦ୍ଧି
- ଏବେ ଚାଲୁଛି ୨୬ ଯୋଡା ଟ୍ରେନ
- ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ

ନୂଆଦିଲ୍ଲୀ,୧୮-୭

ଗରିବଙ୍କୁ ଶସ୍ତାରେ ଏସି ଟ୍ରେନରେ ଯାତ୍ରା କରିବାର ଆନନ୍ଦ ଦେବା ଲାଗି ତତ୍କାଳୀନ ରେଳମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ପକ୍ଷରୁ ଗରିବ ରଥ ଏକ୍ସପ୍ରେସ୍‌କୁ ଆରମ୍ଭ କରାଯାଇଥିଲା। ବର୍ତ୍ତମାନର ଏନ୍‌ଡିଏ ୨.୦ ସରକାର ଏହାକୁ ବନ୍ଦ କରିଦେବେ। ପ୍ରଥମ ପଦକ୍ଷେପ ସ୍ୱରୂପ ୨ଟି ଟ୍ରେନ୍‌କୁ ସୁପରଫାଷ୍ଟ ଟ୍ରେନରେ ପରିବର୍ତ୍ତନ କରାଯାଇସାରିଲାଣି।

ପୂର୍ବତନ ରେଳମନ୍ତ୍ରୀ ଲାଲୁ ଯାଦବଙ୍କ ଦ୍ୱାରା ୨୦୦୬ରେ ଆରମ୍ଭ କରାଯାଇଥିବା ଗରିବ ରଥ ଏକ୍ସପ୍ରେସ୍‌କୁ ବନ୍ଦ କରିବା ଲକ୍ଷ୍ୟରେ ରେଳ ମନ୍ତ୍ରଣାଳୟ କାଠଗୋଦାମ-ଜମ୍ମୁତ ୱି ଏବଂ କାଠଗୋଦାମ-କାନପୁର ସେଣ୍ଟ୍ରାଲ ଗରିବରଥ ଏକ୍ସପ୍ରେସକୁ ଚଳିତ ମାସ ୧୬ରୁ ବଦଳାଇଦେଇଛି। ଅର୍ଥାତ ଏହି ରୁଟ୍‌ରେ ଗରିବ ରଥର ଶସ୍ତା ଯାତ୍ରା ବନ୍ଦ ହୋଇଯାଇଛି। ଏହି ରୁଟ୍‌ରେ ଏବେ ମେଲ୍ ଅଥବା ଏକ୍ସପ୍ରେସ ଟ୍ରେନ ଚଳାଚଳ ଆରମ୍ଭ କରିଛି। ଗରିବ ରଥ ଏକ୍ସପ୍ରେସରେ ପୂର୍ବରୁ ୧୨ ଡବା(ସମସ୍ତ ଏସି) ଥିଲା ବେଳେ ଏବେ ନୂଆ ସୁପରଫାଷ୍ଟ ଟ୍ରେନରେ ୧୬ ଡବା ଲଗାଯାଇଛି। ନୂଆ ବ୍ୟବସ୍ଥାରେ ଗୋଟିଏ ବର୍ଗଙ୍କୁ ସୁବିଧା ମିଳିବାକୁ ଯାଉଥିବା ବେଳେ ଅନ୍ୟ ଏକ ବର୍ଗ ଏସି ସୁବିଧା ହରାଇବାକୁ ଯାଉଛନ୍ତି। ଏଥିରେ ଜେନେରାଲ, ସ୍ଲିପର ଓ ଏସି କୋଚ୍ ରହିଛି। ଏଥିସହିତ ରେଳ ମନ୍ତ୍ରଣାଳୟ ଟ୍ରେନ ଭଡା ମଧ ବଢ଼ାଇ ଦେଇଛନ୍ତି। ପୂର୍ବରୁ କାଠଗୋଦାମ-ଜମ୍ମୁତ ୱି ଗରିବ ରଥରେ ଏସି କୋଚ୍ ଭଡା ୭୫୫ ଟଙ୍କା ଥିଲା, ଯାହା ଏବେ ସୁପରଫାଷ୍ଟ ହେବା କାରଣରୁ ୧୦୭୦ ଟଙ୍କାକୁ ବୃଦ୍ଧିପାଇଛି। ଏହି ଟ୍ରେନର ସ୍ଲିପର କୋଚ୍‌ର ଭଡା ୩୯୦ ଟଙ୍କା ରଖାଯାଇଛି। ସେହିପରି କାଠଗୋଦାମ-କାନପୁର ଗରିବ ରଥର ଏସି ଭଡାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହା ୬୭୫ ଟଙ୍କାରେ ଅପରିବର୍ତ୍ତିତ ରହିଛି। ଏହାର ସ୍ଲିପର କୋଚ୍ ଭଡ଼ା ୨୫୦ ଟଙ୍କା ଧାର୍ଯ୍ୟ ହୋଇଛି। ଗରିବ ରଥର ଡବା ନିର୍ମାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଅର୍ଥାତ୍ ବର୍ତ୍ତମାନ ଚାଲୁଥିବା ସମସ୍ତ ଡବା ପ୍ରାୟ ୧୩ରୁ ୧୪ ବର୍ଷ ପୁରୁଣା। ପୁରୁଣା ଡବାଗୁଡ଼ିକର ରକ୍ଷଣାବେକ୍ଷଣ ଖର୍ଚ୍ଚ ଅଧିକ ହେଉଥିବାରୁ ରେଲୱେ ଦୈନନ୍ଦିନ କ୍ଷତି ବଢ଼ିବାରେ ଲାଗିଛି। ଏଣୁ ଏହି ବଗି ସ୍ଥାନରେ ଏବେ ନୂଆ ତଥା ଅତ୍ୟାଧୁନିକ ଡବା ନିର୍ମାଣ ହେଉଛି। ଏହି କାରଣରୁ ଗରିବ ରଥର ଡବାଗୁଡ଼ିକୁ ଏବେ ମେଲ୍ ଅଥବା ଏକ୍ସପ୍ରେସ୍‌ରେ ବଦଳାଯାଉଛି। ଏହି କାର୍ଯ୍ୟ ଇତିମଧ୍ୟରେ ଆରମ୍ଭ ହୋଇଗଲାଣି। ଦେଶରେ ଏବେ ପ୍ରାୟ ୨୬ ଯୋଡା ଗରିବ ରଥ ଏକ୍ସପ୍ରେସ ଟ୍ରେନ ଚାଲୁଛି। ଯାହାକୁ ପର୍ଯ୍ୟାୟକ୍ରମେ ବନ୍ଦ କରିଦିଆଯିବ ଏବଂ ଏହା ସ୍ଥାନରେ ସୁପରଫାଷ୍ଟ ଟ୍ରେନ ଚାଲିବ। ଲାଲୁ ଯାଦବଙ୍କ ଦ୍ୱାରା ଗରିବ ରଥ ପ୍ରଚଳନ ନେଇ ଘୋଷଣା ହେବା ପରେ ମଧ୍ୟବିତ୍ତ ଶ୍ରେଣୀ ଏହାକୁ ସ୍ୱାଗତ କରିଥିଲେ। କାରଣ ଅଳ୍ପ ଭଡାରେ ଏସି ଟ୍ରେନରେ ଯାତ୍ରା କରିବାର ସ୍ୱପ୍ନ ସେତେବେଳେ ସାକାର ହୋଇଥିଲା। ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ ପ୍ରଚଳନ ଯୋଗୁ ଏଣିକି ମଧ୍ୟବିତ୍ତଙ୍କୁ ଅଧିକ ଭଡା ଗଣିବାକୁ ହେବ। ଗରିବ ରଥ ସର୍ବାଧିକ ୧୪୦କିମି ବେଗରେ ଗତି କରିବାରେ ସକ୍ଷମ ଥିଲାବେଳେ ଏହାର ସମସ୍ତ ଡବା ଥାର୍ଡ ଏସିଯୁକ୍ତ ଥିଲା। କିନ୍ତୁ ଏହାର ଭଡା ସାମାନ୍ୟ ଥାର୍ଡ ଏସିଯୁକ୍ତ ଟ୍ରେନ ତୁଳନାରେ ୪୦ ପ୍ରତିଶତ କମ ରହିଛି। ଉଦାହରଣ ସ୍ୱରୂପ ଆନନ୍ଦବିହାର ଠାରୁ ପାଟନା ଜଙ୍କ୍‌ଶନ ଗରିବ ରଥ ଟ୍ରେନର ଭଡା ପ୍ରାୟ ୯୦୦ ଟଙ୍କା ହୋଇଥିବା ବେଳେ ଏହି ରୁଟ୍‌ରେ ମେଲ୍ ଏକ୍ସପ୍ରେସ୍ ଟ୍ରେନର ଏସି-୩ କ୍ଲାସ୍‌ର ଭଡା ୧୩୦୦ ଟଙ୍କା ରହିଛି। ଅର୍ଥାତ୍ ପ୍ରାୟ ୪୦୦ ଟଙ୍କା ଫରକ ରହିଛି। ଯାତ୍ରୀଙ୍କୁ ଖାଦ୍ୟପେୟ ଓ ବେଡ୍ ରୋଲ୍ ଲାଗି ସ୍ୱତନ୍ତ୍ର ଭାବେ ଅର୍ଥ ପ୍ରଦାନ କରିବାକୁ ପଡୁଛି। ଗୋଟିଏ ବେଡ୍ ରୋଲ ପାଇଁ ଯାତ୍ରୀଙ୍କ ଠାରୁ ୨୫ ଟଙ୍କା ଆଦାୟ କରାଯାଉଛି। ଏଥିରେ ଗୋଟିଏ ତକିଆ, ଗୋଟିଏ କମ୍ବଳ ଓ ଦୁଇଟି ଚାଦର ଦିଆଯାଉଛି। ପ୍ରଥମ ଗରିବ ରଥ ଏକ୍ସପ୍ରେସ ଟ୍ରେନ ସହର୍ସା-ଅମୃତସର ମଧ୍ୟରେ ଚାଲିଥିଲା। ଏହାକୁ ୨୦୦୬ ଅକ୍ଟୋବର ୫ରେ ତତ୍କାଳୀନ ରେଳମନ୍ତ୍ରୀ ଲାଲୁ ଯାଦବ ପ୍ରଚଳନ କରିଥିଲେ।

## ବଜାଜର ନୂଆ ପ୍ଲାଟିନା, ସିଟି ୧୧୦




ଭୁବନେଶ୍ୱର, ୧୮-୭

ବଜାଜ ଅଟୋ ପକ୍ଷରୁ ନୂଆ ପ୍ଲାଟିନା ୧୧୦ ଏଚ୍-ଗିୟର ଏବଂ ସିଟି ୧୧୦ ମଡେଲ ବଜାରକୁ ଆସିଛି। ହାଇୱେ ରାଇଡିଂକୁ ନଜରରେ ରଖି ନୂଆ ପ୍ଲାଟିନାକୁ ପ୍ରସ୍ତୁତ କରାଯାଇଛି। ଏଥିରେ ଡିଜିଟାଲ କନସୋଲ ଏବଂ ଗିୟରସିଫ୍ଟ ଗାଇଡ ସ୍ଥାନିତ ହୋଇଛି। ସେହିଭଳି ଗ୍ରାହକମାନେ ଆଣ୍ଟି ସ୍କିଡ ବ୍ରେକିଂ ସିଷ୍ଟମ, କମ୍ଫରଟେକ ଟେକ୍ନୋଲୋଜି, ନାଇଟ୍ରକ୍ସ ଏସ୍‌ଓଏସ୍ ସସ୍‌ପେନ୍‌ଶନ, ବ୍ରଡର ରବର ଫୁଟପ୍ୟାଡ୍, ଲମ୍ବା ସିଟ୍,ଟ୍ୟୁବଲେସ ଟାୟାର, ୩ଡି ଲୋଗୋ, ନୂଆ ଡେକାଲ ଭଳି ଅନ୍ୟ ଫିଚର ପାଇପାରିବେ। ଏହାର ଡ୍ରମ ଭାରିଆଣ୍ଟ ବଜାର ଦର ୫୩,୩୭୬ ଟଙ୍କା ଏବଂ ଡିସ୍କ ଭାରିଆଣ୍ଟ ବଜାର ଦର ୫୫,୩୭୩ ଟଙ୍କା ରହିଛି। ଇବୋନି ବ୍ଲାକ ସହ ବ୍ଲୁଡେକାଲ , ଇବୋନି ବ୍ଲାକ ସହ ରୟାଲ ବରଗଣ୍ଡି ଡେକାଲ ଏବଂ କକଟେଲ ୱାଇନ ରେଡ ରଙ୍ଗରେ ଆସୁଛି। ଏହି ମଡେଲଟିରେ ଗ୍ରାହକ ଆରାମ, ମାଇଲେଜ, ପିକଅପ୍ ଏବଂ ଷ୍ଟାଇଲ ପାଇପାରିବେ ବୋଲି କମ୍ପାନୀର ମୋଟର ସାଇକେଲ ବାଣିଜ୍ୟ ସଭାପତି ସାରଙ୍ଗ କନାଦେ କହିଛନ୍ତି।

ସେହିଭଳି ନୂଆ ସିଟି ୧୧୦ ଏଣ୍ଟ୍ରି ଲେଭଲ ମୋଟର ସାଇକେଲ କ୍ଷେତ୍ରରେ ବେଷ୍ଟ ଭାଲ୍ୟୁ ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାର ଏକ୍ସ ଶୋ'ରୁମ୍ ଦିଲ୍ଲୀ ମୂଲ୍ୟ ୩୭,୯୯୭ ଟଙ୍କା ରହିଛି। ଏଥିରେ ୧୧୫ ସିସି ଡିଟିଏସ୍‌ଆଇ ଇଞ୍ଜିନ, ଉନ୍ନତ ମାଇଲେଜ, ଉନ୍ନତ ଗ୍ରାଉଣ୍ଡ କ୍ଲିୟରାନ୍ସ, ଦୃଢ କ୍ରାସ୍ ଗାର୍ଡ ସହ ଉନ୍ନତ ବୈଶିଷ୍ଟ୍ୟ ରହିଛି। ଏହାର କିକ୍ ଷ୍ଟାର୍ଟ ଭାରିଆଣ୍ଟ ମୂଲ୍ୟ ୩୭,୯୯୭ ଟଙ୍କା ହୋଇଥିବା ବେଳେ ଇଲେକଟ୍ରିକ ଷ୍ଟାର୍ଟ ବଜାର ଦର ୪୪,୪୮୦ ଟଙ୍କା ରହିଛି। ମେଟ ଅଲିଭ୍ ଗ୍ରୀନ ସହ ହଳଦୀ ରଙ୍ଗର ଡେକାଲ୍ସ, ଗ୍ଲସି ଇବୋନି ବ୍ଲାସ ସହ ନୀଳ ଡେକାଲ୍ସ, ଗ୍ଲସ୍ ଫ୍ଲେମ ରେଡ୍ ସହ ବ୍ରାଇଟ ରେଡ ଡେକାଲ୍ସ ରଙ୍ଗରେ ଏହା ଆସୁଛି। ଗ୍ରାହକ ଏହି ମଡେଲରେ ଗୁଣବତ୍ତା ସହ ଶକ୍ତି,ମାଇଲେଜ ଏବଂ ଆକର୍ଷଣୀୟ ମୂଲ୍ୟ ଲାଭ କରିପାରିବେ ବୋଲି କନାଦେ କହିଛନ୍ତି।

## ରେଲୱେ ବୋର୍ଡରେ ଯୋଗଦେଲେ ପୂର୍ଣ୍ଣେନ୍ଦୁ ମିଶ୍ର

ଭୁବନେଶ୍ୱର, ୧୮-୭,(ବ୍ୟୁରୋ)



ରେଲୱେ ବୋର୍ଡ ଯାତାୟାତ ସଦସ୍ୟ (ମେମ୍ବର ଟ୍ରାଫିକ) ଭାବେ ପୂର୍ଣ୍ଣେନ୍ଦୁ ମିଶ୍ର ଯୋଗ ଦେଇଛନ୍ତି। ସେ ଭୁବନେଶ୍ୱର ବାସିନ୍ଦା ଅଟନ୍ତି। ଏହା ପୂର୍ବରୁ ସେ କଲିକତାଠାରେ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ ଏବଂ ସ୍ୱଳ୍ପ ସମୟ ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଛନ୍ତି । ୧୯୮୨ ମସିହାରେ ସେ ଭାରତୀୟ ରେଳବାଇ ଟ୍ରାଫିକ ସେବାରେ ଯୋଗ ଦେଇଥିଲେ। ରେଲୱେ ଯାତାୟାତ ପରିଚାଳନାରେ ସେ ଦୀର୍ଘ ଦିନର ଅଭିଜ୍ଞତା ହାସଲ କରିଛନ୍ତି। ସେହିଭଳି ରେଳବାଇ ବୋର୍ଡ ନିରାପତ୍ତା ଉପଦେଷ୍ଟା ଏବଂ କର୍ପୋରେଟ କମ୍ୟୁନିକେଶନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ରାୟପୁର ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଓ ମୁମ୍ବାଇସ୍ଥିତ ପଶ୍ଚିମ ରେଳପଥର ପ୍ରମୁଖ ପରିଚାଳନା ପ୍ରବନ୍ଧକ ଭାବେ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସେ ଏପରି ସ୍ଥିତିରେ ରେଳବାଇ ବୋର୍ଡରେ ନିର୍ଣ୍ଣାୟକ ପଦବୀରେ ଯୋଗଦାନ କରିଛନ୍ତି ଯେତେବେଳେ ବହୁ ଗୁରୁତ୍ୱ ବହନ କରୁଥିବା ପ୍ରକଳ୍ପଗୁଡ଼ିକର ନିର୍ମାଣ ଓ ସମାପ୍ତ ଅଥବା କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି। ରେଳପଥରେ ଭିତ୍ତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ନିମନ୍ତେ ପୂର୍ବତଟ ରେଳପଥ ସହିତ ଏହି ଅଞ୍ଚଳରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଅଂଶୀଦାର ବା ସହଭାଗୀ ଉପଭୋକ୍ତା ଏବଂ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷାକରି ପ୍ରକଳ୍ପଗୁଡ଼ିକୁ ଆଗେଇ ନେବା ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବ ବୋଲି ଆଶା କରାଯାଉଛି।

## ଫେବୃୟାରୀରେ ମାଲ୍ୟାଙ୍କ ପ୍ରତ୍ୟର୍ପଣ ମାମଲାର ଶୁଣାଣି

ନୂଆଦିଲ୍ଲୀ,୧୮-୭

ଆସନ୍ତାବର୍ଷ ଫେବୃୟାରୀ ୧୧ରୁ ତିନିଦିନ ଧରି ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ପ୍ରତ୍ୟର୍ପଣ ମାମଲାର ଶୁଣାଣି କରାଯିବ ବୋଲି ବ୍ରିଟେନ ହାଇକୋର୍ଟ ପକ୍ଷରୁ ଗୁରୁବାର ପ୍ରକାଶ କରାଯାଇଛି। ଏଥିପୂର୍ବରୁ ଚଳିତ ମାସ ୨ରେ ଲଣ୍ଡନ ହାଇକୋର୍ଟ ମାଲ୍ୟାଙ୍କ ପ୍ରତ୍ୟର୍ପଣ ବିରୋଧରେ ଆଗତ ଅପିଲକୁ ଗ୍ରହଣ କରି ସମ୍ପୂର୍ଣ୍ଣ ଶୁଣାଣି ପାଇଁ ଅନୁମତି ଦେଇଛନ୍ତି। ହାଇକୋର୍ଟରୁ ମାଲ୍ୟାଙ୍କୁ ଆଶ୍ୱସ୍ତି ମିଳି ନ ଥିଲେ ତାଙ୍କୁ ତୁରନ୍ତ ଭାରତକୁ ପ୍ରତ୍ୟର୍ପଣ କରାଯାଇଥାନ୍ତା। କିଙ୍ଗଫିଶର ଏୟାରଲାଇନ୍ସର ପ୍ରମୋଟରଙ୍କୁ ପୂର୍ବରୁ ପଳାତକ ଆର୍ଥିକ ଅପରାଧୀ ଭାବେ ଘୋଷଣା କରାଯାଇସାରିଛି। ମାଲ୍ୟା ମଧ ଏହାକୁ ଚ୍ୟାଲେଞ୍ଜ କରି ବମ୍ବେ ହାଇକୋର୍ଟରେ ଅପିଲ କରିଛନ୍ତି, ଯାହାର ଶୁଣାଣି ଆରମ୍ଭ ହୋଇଛି। ସୂଚନାଥାଉ କି, ଭାରତର ଏକାଧିକ ବ୍ୟାଙ୍କରୁ ପ୍ରାୟ ୯ହଜାର କୋଟି ଟଙ୍କା ନେଇ ମାଲ୍ୟା ବ୍ରିଟେନ ପଳାଇଥିଲେ। ତାଙ୍କ ବିରୋଧରେ ମନିଲଣ୍ଡରିଂ ଅଭିଯୋଗ ହୋଇଛି।

## କିଆ ସେଲ୍‌ଟସର ବୁକିଂ ଆରମ୍ଭ

- ଦିନକରେ ୬ ହଜାର ୟୁନିଟ ଟପିଲା



ନୂଆଦିଲ୍ଲୀ,୧୮-୭

କିଆ ମୋଟର୍ସର ନୂଆ ମଡେଲ ସେଲ୍‌ଟସର ବୁକିଂ ଆରମ୍ଭ ହୋଇଛି। ପ୍ରଥମ ଦିନରେ କମ୍ପାନୀ ଏହି ମଡେଲର ୬,୦୪୬ ୟୁନିଟ୍ ଲାଗି ବୁକିଂ ହାସଲ କରିଛି। ଭାରତୀୟ ଅଟୋମୋବାଇଲ ଇଣ୍ଡଷ୍ଟ୍ରି ଲାଗି ଏହା ଏକ ରେକର୍ଡ। ଏହି ରେକର୍ଡ ବ୍ରାଣ୍ଡ ପ୍ରତି ଗ୍ରାହକଙ୍କ ଭଲ ପାଇବା ଦର୍ଶାଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ମଙ୍ଗଳବାର କମ୍ପାନୀର ଅନ୍‌ଲାଇନ ସାଇଟ ୨ ଲକ୍ଷ ହିଟ୍ ହାସଲ କରିଥିବା ବେଳେ ଦିନକରେ ୧୬୨୮ ଅନଲାଇନ ବୁକିଂ ଆସିଛି। କିଆ ମୋଟର୍ସ ଇଣ୍ଡିଆ ଦେଶର ୧୬୦ ଡିଲରଶିପରେ ସେଲଟସ୍ ଲାଗି ପ୍ରିବୁକିଂ ଗ୍ରହଣ କରୁଛି।

ଗ୍ରାହକଙ୍କଠାରୁ ଏଭଳି ରେସପନ୍ସ ଲାଭ କରି ଅତ୍ୟନ୍ତ ଖୁସି ବୋଲି କିଆ ମୋଟର୍ସ ଇଣ୍ଡିଆର ସେଲ୍‌ସ ମାର୍କେଟିଂ ଉପସଭାପତି ତଥା ମୁଖ୍ୟ ମନୋହର ଭଟ୍ଟ କହିଛନ୍ତି। ଭାରତୀୟ ଗ୍ରାହକଙ୍କୁ ସର୍ବୋତ୍ତମ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଯୋଗାଣ ନେଇ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ଏହା ବିଏସ୍-୬ ଇଞ୍ଜିନ ଯୁକ୍ତ ମଧ୍ୟମବର୍ଗ ଏସ୍‌ୟୁଭି, ପେଟ୍ରୋଲ ଏବଂ ଡିଜେଲ ଭାରିଆଣ୍ଟରେ ଆସୁଛି। ସମସ୍ତ ପାୱାର ଟ୍ରେନରେ ଏହାର ମାନୁଆଲ ଏବଂ ଅଟୋମେଟିକ ବିକଳ୍ପ ଉପଲବ୍ଧ କରାଯାଉଛି। ଭାରତରୁ ଏହି ମଡେଲଟି ବିଶ୍ୱ ବଜାରରେ ପ୍ରବେଶ କରିଛି। ଡିଜାଇନ,ଗୁଣବତ୍ତା ଏବଂ ବିଶ୍ୱସ୍ତରୀୟ ବୈଶିଷ୍ଟ୍ୟ ଦୃଷ୍ଟି କୋଣରୁ ଏହା ଗ୍ରାହକଙ୍କ ଧ୍ୟାନ ଆକର୍ଷଣ କରିଛି। ଗ୍ରାହକଙ୍କ ଆକାଂକ୍ଷା ଏହାକୁ ବହୁପ୍ରତୀକ୍ଷିତ କାର ଭାବେ ରୂପାନ୍ତରିତ କରିଛି। ଏହା ଟେକ୍ ଲାଇନ ଏବଂ ଜିଟି ଲାଇନ ଭଳି ୨ ଟ୍ରିମରେ ଆସିଛି।

### ମଡେଲର ଅନ୍ୟ ପ୍ରମୁଖ ଫିଚର

- ୮.୦ ହେଡ ଅପ୍ ଡିସ୍‌ପ୍ଲେ
- ୧୦.୨୫ ଏଚ୍‌ଡି ଟଚ୍‌ସ୍କ୍ରିନ
- ହାଇଟେକ ସାଉଣ୍ଡମୋଡ ଲ୍ୟାମ୍ପ,ରିୟର ଶେଡ୍ କର୍ଟେନ
- ୩୬୦ ଡିଗ୍ରୀ ଭିୟୁ ମନିଟର,ବ୍ଲାଇଣ୍ଡ ସ୍ପଟ ମନିଟରିଂ
- ୱାର୍ଲଡ ଫାଷ୍ଟ କନେକ୍ଟ ଏୟାର ପ୍ୟୁରିଫାୟର
- ୟୁଭିଓ କନେକ୍ଟ ସିଷ୍ଟମ, ୱେରଲେସ୍ କମ୍ୟୁନିକେଶନ
- ୮ ସ୍ପିକର ବୋସ୍ ହାଇଫାଇ ସିଷ୍ଟମ

# ଓଡ଼ିଶାରେ ୪ଜି ସେବା ପାଇଁ ବିଏସ୍‌ଏନ୍‌ଏଲ୍‌ର ଯୋଜନା




ଭୁବନେଶ୍ୱର, ୧୮-୭,(ବ୍ୟୁରୋ)

ଚଳିତ ବର୍ଷ ଶେଷ ସୁଦ୍ଧା ସାରା ଦେଶରେ ୪-ଜି ଇଣ୍ଟରନେଟ ସେବା ଯୋଗାଣ ଲାଗି ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ଯୋଜନା ରଖିଛି। ଏପରି ସ୍ଥିତିରେ ଓଡ଼ିଶାରେ କମ୍ପାନୀ ସେବା ଯୋଗାଣ ଲାଗି ମଧ ଲକ୍ଷ୍ୟ ରଖିଛି। ଏଥିପାଇଁ ରାଜ୍ୟରେ ପ୍ରାୟ ୫୦୦ କୋଟି ଟଙ୍କା ନିବେଶ ହୋଇପାରେ ବୋଲି ବିଏସ୍‌ଏନ୍‌ଏଲ୍ ଓଡ଼ିଶା ସର୍କଲ ସିଜିଏମ୍ ଉଦୟ ଶଙ୍କର ପଣ୍ଡା ଗୁରୁବାର କହିଛନ୍ତି। ଏଠାରେ ଅନୁଷ୍ଠିତ ଏକ ଖବରଦାତା କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ, ଆଗାମୀ ଦିନରେ ଅଲ୍ଟ୍ରା ହାଇସ୍ପିଡ୍ ୫-ଜି ସେବା ଯୋଗାଣ ଦିଗରେ କାର୍ଯ୍ୟକ୍ରମ ହାତକୁ ନିଆଯିବ। କମ୍ପାନୀ କେତେକ ଅଂଶୀଦାରଙ୍କ ସହ ଚୁକ୍ତି କରିଛି। ଏହି ଅବସରରେ ଭୁବନେଶ୍ୱରରେ ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ଆଧାର ସେବା କେନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଛନ୍ତି। ରାଜ୍ୟର କମନ ସର୍ଭିସ ସେଣ୍ଟରଗୁଡ଼ିକରେ ଏଭଳି ୯୫ ସେଣ୍ଟର ଆଧାର ସେବା ପ୍ରଦାନ କରାଯିବ। ସାରା ଦେଶରେ ୩୦୦୦ ସେଣ୍ଟରରେ ଏହି ସେବା ପ୍ରଦାନ ନେଇ ଯୋଜନା ରଖାଯାଇଛି। ଏଥିପାଇଁ ୯୦ କୋଟି ଟଙ୍କା ଖର୍ଚ୍ଚ ହେବ। ଓଡ଼ିଶାରେ ୩ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ରାଜ୍ୟରେ ଥିବା କମ୍ପାନୀର ଆସେଟ ମନେଟାଇଜେଶନ ନେଇ ପ୍ରସ୍ତାବ ରହିଥିବା ପଣ୍ଡା କହିଛନ୍ତି।

## ଏୟାର ଇଣ୍ଡିଆ ବିକ୍ରି ମନ୍ତ୍ରିଗୋଷ୍ଠୀର ନେତୃତ୍ୱ ନେବେ ଅମିତ୍ ଶାହ

ନୂଆଦିଲ୍ଲୀ,୧୮-୭

କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଏୟାର ଇଣ୍ଡିଆ ବିକ୍ରି(ପୁଞ୍ଜି ପ୍ରତ୍ୟାହାର) ସଂକ୍ରାନ୍ତ ପୁନର୍ଗଠିତ ମନ୍ତ୍ରିଗୋଷ୍ଠୀର ନେତୃତ୍ୱ ନେବେ। ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଏଥିରୁ ହଟାଇ ଦିଆଯାଇଛି। ଗୁରୁବାର ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଏହି ମନ୍ତ୍ରିଗୋଷ୍ଠୀ ଏୟାର ଇଣ୍ଡିଆକୁ ବିକ୍ରି କରିବାର ପନ୍ଥାପଦ୍ଧତି ନିର୍ଦ୍ଧାରଣ କରିବେ। ଏହି ଗୋଷ୍ଠୀରେ ୪ କେନ୍ଦ୍ରମନ୍ତ୍ରୀ ଶାହ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ବାଣିଜ୍ୟ ଏବଂ ରେଳମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ରହିଛନ୍ତି। ସୂଚନାଥାଉ କି, ୨୦୧୭ ଜୁନ୍‌ରେ ପ୍ରଥମ ମନ୍ତ୍ରିଗୋଷ୍ଠୀ ଗଠନ କରାଯାଇଥିଲା। ଏହାକୁ ଏୟାର ଇଣ୍ଡିଆ ସ୍ୱତନ୍ତ୍ର ବିକଳ୍ପ ବ୍ୟବସ୍ଥା (ଏଆଇଏସ୍‌ଏମ୍) ନାମ ଦିଆଯାଇଥିଲା।

## ଭାରତନେଟ୍‌କୁ ମିଳିଲା ୨୦,୪୩୧ କୋଟି

### ଅଢ଼େଇ ଲକ୍ଷ ଗାଁରେ ପହଞ୍ଚିବ ହାଇସ୍ପିଡ୍ ଇଣ୍ଟରନେଟ୍

ନୂଆଦିଲ୍ଲୀ,୧୮-୭

କେନ୍ଦ୍ର ସରକାର ଭାରତନେଟ୍ ପ୍ରକଳ୍ପ ଲାଗି ଅଦ୍ୟାବଧି ୨୦,୪୩୧ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ଏହି ଅର୍ଥ ବ୍ୟୟ କରି ଦେଶର ୨.୫ ଲକ୍ଷ ଗାଁକୁ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ ନେଟ୍‌ୱାର୍କ ସହ ଯୋଡାଯିବ ବୋଲି ସରକାର ପ୍ରକାଶ କରିଛନ୍ତି। ଟେଲିକମ୍ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଗୁରୁବାର ରାଜ୍ୟ ସଭାରେ ଏକ ଲିଖିତ ଜବାବରେ କହିଛନ୍ତି ଯେ, ଦୁଇଟି ପର୍ଯ୍ୟାୟର ଭାରତନେଟ୍ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ମୋଟ ୪୫ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପ୍ରକଳ୍ପ ଅଧୀନରେ ଦେଶର ୨.୫ ଲକ୍ଷ ଗ୍ରାମପଞ୍ଚାୟତକୁ ୱାଇ-ଫାଇ ଅଥବା ଅନ୍ୟ କୌଣସି ଉଚିତ୍ ବ୍ରଡବ୍ରାଣ୍ଡ ଟେକ୍ନୋଲୋଜି,ଇଣ୍ଟରନେଟ ସେବା ସହ ଯୋଡାଯିବ। ୱାଇ-ଫାଇ ଜରିଆରେ ଦେଶରେ ଜଣେ ଗ୍ରାହକ ହାରାହାରି ପ୍ରାୟ ୫୨ ଏମ୍‌ବି ଡାଟା ପ୍ରତି ମାସରେ ବ୍ୟବହାର କରିଥାଏ ବୋଲି ସେ କହିଛନ୍ତି। ୨୦୧୮ ଜୁଲାଇ ୪ ସୁଦ୍ଧା ଦେଶରେ ପ୍ରାୟ ୩,୪୫,୭୭୯ କିମି ଅପ୍ଟିକାଲ ଫାଇବର କେବଲ ବିଛା ଯାଇଛି। ଏହାଦ୍ୱାରା ୧,୩୧,୩୯୨ ଗ୍ରାମପଞ୍ଚାୟତକୁ ଯୋଡାଯାଇଛି। ଏଥିମଧ୍ୟରୁ ୧,୨୦,୫୬୨ ଗାଁରେ ଇଣ୍ଟରନେଟ୍ ସେବା ମିଳିବାକୁ ଯାଉଛି। ସେ କହିଛନ୍ତି ଯେ, ଭାରତନେଟ୍ ପ୍ରକଳ୍ପ ଅଧୀନରେ ସାଟେଲାଇଟ ମିଡିଆ ଜରିଆରେ ପ୍ରାୟ ୩୬୨୦ ଗ୍ରାମପଞ୍ଚାୟତକୁ ଯୋଡିବାର ଯୋଜନା ରହିଛି। ଏହି ଗାଁଗୁଡ଼ିକ ଅରୁଣାଚଳ ପ୍ରଦେଶ, ମେଘାଳୟ, ମଣିପୁର, ମିଜୋରାମ୍, ଝାଡ଼ଖଣ୍ଡ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ରହିଛି। ଏହି ଗାଁଗୁଡ଼ିକୁ ଜିସାଟ୍-୧୧ ଜରିଆରେ ଇଣ୍ଟରନେଟ୍ ସଂଯୋଗ ଦିଆଯିବ ବୋଲି ପ୍ରସାଦ ସ୍ପଷ୍ଟ କରିଛନ୍ତି।

## ବାଣିଜ୍ୟ ବିବାଦ ସମାଧାନ ଲାଗି ଆମେରିକା ଯିବେ ଗୋୟଲ

ନୂଆଦିଲ୍ଲୀ,୧୮-୭

କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ ଆସନ୍ତା ମାସରେ ଆମେରିକା ଯିବେ। ୱାଶିଂଟନରେ ପହଞ୍ଚିବା ପରେ ଆମେରିକା ବାଣିଜ୍ୟ ପ୍ରତିନିଧି(ୟୁଏସ୍‌ଟିଆର୍) ମୁଖ୍ୟ ରବର୍ଟ ଲାଇଟହାଇଜରଙ୍କୁ ସେ ଭେଟିବେ। ଦୁଇ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ବାଣିଜ୍ୟ ବିବାଦର ସମାଧାନ ଏହି ବୈଠକର ମୁଖ୍ୟ ପ୍ରସଙ୍ଗ ହେବ ବୋଲି ଗୁରୁବାର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଗୋୟଲ ଅଗଷ୍ଟ ୭,୮ ଓ ୯ରେ ତାଙ୍କର ସମକକ୍ଷଙ୍କ ସହ ଦୁଇ ଦେଶର ବାଣିଜ୍ୟ ନେଇ ଆଲୋଚନା କରିବେ। ଆମେରିକା ଓ ଭାରତ ବିଭିନ୍ନ ସାମଗ୍ରୀ ଉପରେ ଟାରିଫ ବୃଦ୍ଧି କରିଥିବାରୁ ଦୁଇଦେଶର ବାଣିଜ୍ୟକୁ ନେଇ ଏବେ ମତଭେଦ ସୃଷ୍ଟି ହୋଇଛି। ଏହି କାରଣରୁ ଗୋୟଲଙ୍କ ବୈଠକ ବେଶ୍ ଗୁରୁତ୍ୱ ବହନ କରୁଛି।

" ମୁଁ ଚର୍ମ କର୍କଟ ରୋଗରେ ପୀଡ଼ିତ ଥିଲେ ମଧ୍ୟ ଆସନ୍ତା ମାସରେ ହେବାକୁ ଥିବା ଆଶେସ ସିରିଜ ବେଳକୁ କମେଣ୍ଟ୍ରି ଦେବା ପାଇଁ ଫିଟ୍ ହୋଇଯାଇଥିବି ।

–ଇଆନ ଚାପେଲ, ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ



" ନଭେମ୍ବରରେ ଟୋକିଓ ଅଲିମ୍ପିକ କ୍ୱାଲିଫାୟର୍ସ ଫାଇନାଲ ରାଉଣ୍ଡ ପୂର୍ବରୁ ଆସନ୍ତା ୩ ମାସ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

–ମନପ୍ରୀତ ସିଂ, ଭାରତୀୟ ହକି ଦଳ ଅଧିନାୟକ



## ସଂକ୍ଷେପରେ

### ପିଟି ଉଷା ଆଇଏଏଫ୍‌ର ଭେଟେରାନ ପିନ୍ ମନୋନୀତ

ନୂଆଦିଲ୍ଲୀ,୧୮।୭(ପିଟି): ଦେଶର ଟ୍ରାକ୍ ଓ ଫିଲ୍ଡ କିମ୍ବଦନ୍ତୀ ପି.ଟି. ଉଷାଙ୍କୁ ଅନ୍ତର୍ଜାତୀୟ ଆସୋସିଏଶନ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ (ଆଇଏଏଏଫ୍)ର ଭେଟେରାନ ପିନ ଭାବେ ମନୋନୀତ କରାଯାଇଛି। ଉଷା ଭାରତର ଅନ୍ୟତମ ଶ୍ରେଷ୍ଠ ଧାବିକା। ଟ୍ରାକ୍‌ରେ ଚମକପ୍ରଦ କ୍ୟାରିୟର ଯୋଗୁ ତାଙ୍କୁ କୁଇନ୍ ଅଫ ଟ୍ରାକ୍ ଓ ଫିଲ୍ଡ କୁହାଯାଉଥିଲା। ୧୦୦ ମିଟର, ୨୦୦ମି., ୪୦୦ ମି. ଦୌଡ଼, ୪୦୦ ମି. ବାଧା ଦୌଡ଼ ଓ ୪ ଗୁଣା ୪୦୦ ରିଲେ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୯୮୫ରେ ଜାକର୍ତ୍ତାଠାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ଅର୍ଜନ କରିଥିଲେ। ୫୫ ବର୍ଷୀୟା ପୂର୍ବତନ ଧାବିକାଙ୍କୁ ଜାକର୍ତ୍ତାଠାରେ ଆସନ୍ତା ସେପ୍ଟେମ୍ବରରେ ହେବାକୁ ଥିବା ପୁରସ୍କାର ବିତରଣ ଉତ୍ସବକୁ ଆମନ୍ତ୍ରଣ କରାଯାଇଛି। ୫୨ତମ ଆଇଏଏଏଫ୍ କଂଗ୍ରେସ ବୈଠକ ବେଳେ ହେବାକୁ ଥିବା ପୁରସ୍କାର ବିତରଣ ଉତ୍ସବରେ ଯୋଗଦେବା ଆମନ୍ତ୍ରଣ ପାଇବା ମୋ ପାଇଁ ଖୁସିର ବିଷୟ। ଉଲ୍ଲେଖଥାଉ କି, ୧୯୮୪ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ପ୍ରଥମ ଭାରତୀୟ ଭାବେ ୪୦୦ ମି. ବାଧା ଦୌଡ଼ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିବା ଉଷାଙ୍କ କ୍ୟାରିୟରର ସବୁଠୁ ସ୍ମରଣୀୟ ସଫଳତା। ସେଠାରେ ଏକ ସେକେଣ୍ଡରୁ ଆହୁରି କମ୍ ସମୟରେ ସେ ବ୍ରୋଞ୍ଜ ପଦକ ହାତଛଡ଼ା କରିଥିଲେ।

### ହଲ୍ ଅଫ୍ ଫେମ୍ ଓପନରୁ ରାମକୁମାର ବିଦା

ନ୍ୟୁପୋର୍ଟ(ୟୁଏସ୍ଏ),୧୮।୭(ପିଟି)-ଏଠାରେ ଚାଲିଥିବା ହଲ୍ ଅଫ୍ ଫେମ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ରାଉଣ୍ଡରୁ ରାମକୁମାର ରମାନାଥନ ସିଧାସଳଖ ସେଟ୍‌ରେ ଫ୍ରାନ୍ସର ଉଗୋ ହମବର୍ଟଙ୍କଠାରୁ ପରାଜୟ ବରଣ କରିଛନ୍ତି। ଗତବର୍ଷ ଏଠାରେ ରନର୍ସଅପ୍ ହୋଇଥିବା ରାମକୁମାର ୬(୫)-୭, ୦-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଏହି ପରାଜୟ ତାଙ୍କ ର୍‌ୟାଙ୍କିଙ୍ଗ୍‌କୁ ନିଶ୍ଚିତ ପ୍ରଭାବିତ କରିବ। ବର୍ତ୍ତମାନ ଏଟିପି ର୍‌ୟାଙ୍କିଙ୍ଗ୍‌ର ୧୩୪ତମ ସ୍ଥାନରେ ଥିବା ରମାନାଥନ ୧୮୧ତମ ମାନ୍ୟତାକୁ ଖସି ଯାଇପାରନ୍ତି। ଅନ୍ୟପକ୍ଷରେ ଭେଟେରାନ ଲିଆଣ୍ଡର ପେସ ଓ ତାଙ୍କ ନ୍ୟୁଜିଲାଣ୍ଡ ସାଥୀ ମାର୍କୁସ ଡାନିଏଲ ପୁରୁଷ ଡବଲ୍ସ ବର୍ଗରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପେସ ଓ ଡାନିଏଲ ୨-୬, ୬-୨, ୧୦-୫ ସେଟ୍‌ରେ ଅଷ୍ଟ୍ରେଲିଆର ଲୁକ ସାଭିଲେ ଓ ମ୍ୟାକ୍ସ ପରସେଲଙ୍କୁ ହରାଇଛନ୍ତି। ଇଣ୍ଡୋ-ନ୍ୟୁଜିଲାଣ୍ଡ ଯୋଡ଼ି ପରବର୍ତ୍ତୀ ରାଉଣ୍ଡରେ ମାଥ୍ୟୁ ଇବଡେନ ଓ ରବର୍ଟ ଲିଣ୍ଡଷ୍ଟଟଙ୍କୁ ଭେଟିବେ।





କଟକରେ ଚାଲିଥିବା ରାଜ୍ୟ ଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍‌ରେ ଗୁରୁବାର ମହିଳା ବିଭାଗରେ ଭାରତର ଅର୍ଚ୍ଚନା କାମାଥ ଓ ମାଲେସିଆର ଟି ଆଇ ଜିନ୍ ଏବଂ ପୁରୁଷ ବିଭାଗରେ ଶ୍ରୀଲଙ୍କାର ମିଲିନ୍ଦା ଲଖିଥା ଓ ଭାରତର ମାନବ ଠକ୍କରଙ୍କ ମଧ୍ୟରେ ମୁକାବିଲା।

# ରାଜ୍ୟ ଟିଟିର ସ୍ରଷ୍ଟା ଏବେ ଅଲୋଡ଼ା

**ଗ୍ୟାଲେରିରେ ସନ୍ନ୍ୟାସୀ ବେଶରେ ସୁଢ଼ଳ**

କଟକ ଅଫିସ,୧୮।୭

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଛି ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ପ୍ରତିଯୋଗିତା। ଗ୍ୟାଲେରିର ୯ନଂ ବ୍ଲକର ଶେଷ ଚେୟାରରେ ବସିଥାନ୍ତି ଜଣେ ବ୍ୟକ୍ତି, ଯାହାଙ୍କର ବେଶଭୂଷା ଷ୍ଟାଡିୟମର କ୍ରୀଡ଼ା ମାହୋଲକୁ ଆଦୌ ସୁହାଉ ନ ଥାଏ। ମୁଣ୍ଡରେ କପଡ଼ା ବାନ୍ଧିବା ସହ ଗେରୁଆ ବସ୍ତ୍ର ପରିଧାନ କରିଥାନ୍ତି ସେ। ମୁହଁରେ ଦାଢ଼ି ରଖିଥିବା ଏହି ବ୍ୟକ୍ତିଙ୍କୁ ଯିଏ ବି ଦେଖିବ ଜଣେ ସନ୍ନ୍ୟାସୀ ବୋଲି ହିଁ ଅନୁମାନ କରିବ। ହେଲେ ତାଙ୍କ ନିକଟକୁ ଯିବା ବେଳେ ସେ ହଠାତ୍ ଇଂରାଜୀରେ କଥାବାର୍ତ୍ତା କରିବା ଆରମ୍ଭ କରିଥିଲେ। ଏପରିକି ଖେଳାଳିମାନେ ଭଲ ଖେଳିପାରୁନାହାନ୍ତି ବୋଲି ମଧ୍ୟ ସେ କହିଥିଲେ। ତାଙ୍କ ପରିଚୟ ଜାଣିବାକୁ ଚେଷ୍ଟା କରିବା ବେଳେ ଯାହା ଜଣାପଡ଼ିଲା ତାହା ଚକିତ କରିଥିଲା। ଏହି ବ୍ୟକ୍ତି ଜଣଙ୍କ ଥିଲେ ରାଜ୍ୟ ଟେବୁଲ ଟେନିସ କ୍ରୀଡ଼ାର ସ୍ରଷ୍ଟା, ରାଜ୍ୟ ମହିଳା କ୍ରିକେଟର ଜନକ, ରାଜ୍ୟ ଟେବୁଲ ଟେନିସ କ୍ରୀଡ଼ାର ପୂର୍ବତନ ସମ୍ପାଦକ, ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆର ପୂର୍ବତନ ଟେକ୍ନିକାଲ କମିଟି ଅଧ୍ୟକ୍ଷ ସୁଢ଼ଳ ମହାନ୍ତି। ରାଜ୍ୟ କ୍ରୀଡ଼ା ଜଗତର ବେତାଜ ବାଦଶାହା ବୋଲି ସୁଢ଼ଳ କ୍ରୀଡ଼ା ସଙ୍ଗଠକମାନଙ୍କ ମଧ୍ୟରେ ପରିଚିତ ।

୮୨ ବର୍ଷରେ ପଦାର୍ପଣ କରିସାରିଥିବା ଏହି କ୍ରୀଡ଼ା ସଙ୍ଗଠକଙ୍କର ଏପରି ଅବସ୍ଥା ଦୁଃଖଦାୟକ ମଧ୍ୟ ଥିଲା। ପରିଣତ ବୟସରେ ଠିକରେ ସେ ଚଲାବୁଲା କରି ପାରୁନାହାନ୍ତି। ହେଲେ ଟେବୁଲ ଟେନିସ ଟୁର୍ଣ୍ଣାମେଣ୍ଟ ଦେଖିବାକୁ ସେ ରାଜ୍ୟର ସବୁ ଭେନ୍ୟୁରେ ପହଞ୍ଚନ୍ତି। ତାଙ୍କ ସହ କିଛି ସମୟର କଥାବାର୍ତ୍ତାରୁ ଜଣାପଡ଼ିଥିଲା ଯେ, ସେ ଏକ ଦୀକ୍ଷା ନେଇଛନ୍ତି। ଏହି ଦୀକ୍ଷା ଅନୁସାରେ ତାଙ୍କୁ ଗୋଟିଏ ସ୍ଥାନରେ ରହିବା ବାରଣ ହୋଇଛି। ଏଣୁ ସେ କେତେବେଳେ ଗଡ଼ଗଡ଼େଶ୍ୱର ମନ୍ଦିରରେ ତ କେତେବେଳେ ଚହଟା ଘାଟ ପାଖରେ। ଏ ପରିକି ଷ୍ଟେଶନ ବାରଣ୍ଡାରେ ମଧ୍ୟ ଜୀବନଯାପନ କରୁଛନ୍ତି। ଇଂଲିଶରେ ପ୍ରଗାଢ଼ ଜ୍ଞାନ ଥିବା ସୁଢ଼ଳଙ୍କ ଘର ହେଉଛି ସୁକିନ୍ଦା ଅଞ୍ଚଳରେ। କ୍ରୀଡ଼ା ପ୍ରତି ଆଗ୍ରହ ଥିବା ଯୋଗୁ ସତୁରୀ ଦଶକରେ ସେ ଏହି ଦୁନିଆରେ ପାଦ ଥାପିଥିଲେ। କଟକରେ ଟେବୁଲ ଟେନିସ ଖେଳ ଆରମ୍ଭ କରିବା କ୍ଷେତ୍ରରେ ଯେଉଁ କେତେଜଣ ବ୍ୟକ୍ତିବିଶେଷଙ୍କ ନାମ ଆସେ, ସେମାନଙ୍କ ମଧ୍ୟରେ ସୁଢ଼ଳ ଅନ୍ୟତମ। ଏପରି କି ସୁଢ଼ଳଙ୍କ ପ୍ରଚେଷ୍ଟାରେ ଭାରତ-କୋରିଆ ବିପକ୍ଷ ଟିଟି ଟୁର୍ଣ୍ଣାମେଣ୍ଟ କଟକରେ କରାଯାଇଥିଲା। ପରେ ମହିଳା କ୍ରିକେଟ ମଧ୍ୟ ସୁଢ଼ଳଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା। ୧୯୯୦ ପରଠାରୁ ସୁଢ଼ଳଙ୍କୁ ଷ୍ଟାଡିୟମରେ ଦେଖିବାକୁ ମିଳୁନି ବୋଲି ଜଣେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ କହିଛନ୍ତି। ସେ ଏ କଥା ବି କହିଥିଲେ, ସୁଢ଼ଳଙ୍କ ସ୍ୱାଭିମାନ ହିଁ ତାଙ୍କୁ ସନ୍ନ୍ୟାସୀ କରିବାକୁ ବାଧ କରିଛି । ସୁଢ଼ଳ କାହା ଆଗରେ ମୁଣ୍ଡ ନୁଆଁଉ ନ ଥିଲେ। ପରବର୍ତ୍ତୀ ସମୟରେ ଯେଉଁମାନେ କ୍ରୀଡ଼ା ସଙ୍ଗଠକ ଭାବେ ଆଗକୁ ଆସିଥିଲେ ସେମାନଙ୍କ ସହ ସୁଢ଼ଳଙ୍କର ଆଚରଣ ଖାପ ଖାଉ ନ ଥିଲା। ସଚ୍ଚୋଟ କାର୍ଯ୍ୟ ଯୋଗୁ ସୁଢ଼ଳ ଅନେକ ବିରୋଧର ସମ୍ମୁଖୀନ ହୋଇଥିଲେ। ମିଶନ ସ୍କୁଲରେ ଟେବୁଲ ପକାଇ ଟିଟି ଟୁର୍ଣ୍ଣାମେଣ୍ଟ ଏହି ବ୍ୟକ୍ତି ଜଣଙ୍କ ଆରମ୍ଭ କରିଥିଲେ। ଦିନେ ସନ୍ଧ୍ୟାରେ ସୁଢ଼ଳଙ୍କୁ କିଛି କ୍ରୀଡ଼ା ସଙ୍ଗଠକ ନିର୍ଦ୍ଧୁମ ମାଡ଼ ମାରିଥିଲେ ବୋଲି ମଧ୍ୟ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଜଣଙ୍କ କହିଛନ୍ତି। ହେଲେ ସୁଢ଼ଳଙ୍କ ଉପରେ ହୋଇଥିବା ଅନ୍ୟାୟର ସାକ୍ଷୀ କେହି ବି ଜଣେ ନାହାନ୍ତି। ସେବେଠାରୁ ସୁଢ଼ଳ କ୍ରୀଡ଼ା ଦୁନିଆରୁ ଦୂରେଇ ଯାଇଛନ୍ତି ବୋଲି ସେ କୁହନ୍ତି ।



ଅନ୍ୟପକ୍ଷରେ ଗୁରୁବାର ସୁଢ଼ଳ ଷ୍ଟାଡିୟମରେ ପହଞ୍ଚି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ାଙ୍କୁ ଭେଟିବାକୁ ଯାଇଥିଲେ। ଗେଟ୍ ପାଖରେ ପୋଲିସମାନେ ତାଙ୍କୁ ଭିତରକୁ ଯିବାକୁ ଦେଇ ନ ଥିଲେ। ରବୀନ୍ଦ୍ର ଘଟଣା ସମ୍ପର୍କରେ ଜାଣି ତୁରନ୍ତ ଆସି ତାଙ୍କର ଖାଦ୍ୟପେୟ, ମ୍ୟାଚ୍ ଦେଖିବାର ବ୍ୟବସ୍ଥା କରିବା ସହ ଯିବା ପାଇଁ ଗାଡ଼ି ଭଡ଼ା ମଧ୍ୟ କରିଦେଇଥିବା ଦେଖିବାକୁ ମିଳିଥିଲା ।

# ସେମିରେ ଭାରତ

**ରାଜ୍ୟଗୋଷ୍ଠୀ ଟିଟି**

କଟକ ଅଫିସ,୧୮।୭

ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା ୨୧ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ସୁପର ଏଇଟ୍ ପ୍ରତିଯୋଗିତାରେ ଭାରତର ଦୁଇଟି ଯାକ ବିଭାଗର ଦଳ ଚମତ୍କାର ପ୍ରଦର୍ଶନ କରିବା ସହ ସହଜ ବିଜୟ ହାସଲ କରିଥିଲେ। ସୁପର ଏଇଟ୍‌ରେ ଭାରତ ପୁରୁଷ ଦଳ ଏଫ ଗ୍ରୁପରେ ସ୍ଥାନ ପାଇଥିଲା। ପ୍ରଥମ ରାଉଣ୍ଡରେ ଦଳ ଶ୍ରୀଲଙ୍କାକୁ ୩-୦ ସେଟରେ ପରାସ୍ତ କରିଥିଲା। ଏ ଅମଲ ରାଜ, ଜି ସାଥିୟାନ ଓ ମାନଭ ଠାକର ଭାରତ ପକ୍ଷରୁ ଏହି ରାଉଣ୍ଡରେ ପ୍ରତିନିଧିତ୍ୱ କରୁଥିଲେ। ଏ ଅମଲ ରାଜ, ଶରଥ କମଲ ଓ ହରମିତ ଦେଶାଇଙ୍କ ନେତୃତ୍ୱରେ ଭାରତ ଦ୍ୱିତୀୟ ରାଉଣ୍ଡରେ ମାଲେସିଆକୁ ମଧ୍ୟ ୩-୦ ସେଟରେ ହରାଇଥିଲା। ସୁପରଏଇଟରେ ଭାରତୀୟ ମହିଳା ଦଳ ମଧ୍ୟ ଗ୍ରୁପ-ଏଫରେ ସ୍ଥାନ ପାଇଥିଲା। ମାଧୁରିକା ପାଟେକର, ଅର୍ଚ୍ଚନା କାମଥ ଓ ଆହିକା ମୁଖାର୍ଜୀ ପ୍ରଥମ ରାଉଣ୍ଡରେ ୱେଲସକୁ ୩-୦ ସେଟରେ ପରାସ୍ତ କରିଥିଲେ। ଏହି ରାଉଣ୍ଡରେ ମାଧୁରିକା ପାଟେକରଙ୍କର ୱେଲସର ଖେଳାଳି ଚାରଲୋଟ କ୍ୟାରେଙ୍କ ସହ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ହୋଇଥିଲା। ଦ୍ୱିତୀୟ ରାଉଣ୍ଡରେ ଭାରତ ୩-୦ ସେଟରେ ମାଲେସିଆକୁ ପରାସ୍ତ କରିଛି। ଅର୍ଚ୍ଚନା କାମଥ, ମାଧୁରିକା ପାଟେକର ଓ ମନିକା ବାତ୍ରା ଦ୍ୱିତୀୟ ରାଉଣ୍ଡରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ମହିଳା ବିଭାଗରେ ସିଙ୍ଗାପୁର, ଇଂଲଣ୍ଡ ଓ ନାଇଜେରିଆ ମଧ୍ୟ ସେମିରେ ସ୍ଥାନ ସୁରକ୍ଷିତ କରିଛନ୍ତି।

# ସ୍ୱଦେଶ ଫେରିଲେ ନ୍ୟୁଜିଲାଣ୍ଡ ଖେଳାଳି

ଅକ୍‌ଲାଣ୍ଡ, ୧୮।୭

ଆଇସିସି ବିଶ୍ୱକପ୍‌ର ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡ ନିକଟରୁ ବାଉଣ୍ଡାରୀ ବ୍ୟବଧାନରେ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିବା ନ୍ୟୁଜିଲାଣ୍ଡ ଦଳ ଗୁରୁବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି। ସିନିୟର ଖେଳାଳି ତଥା ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟଙ୍କ ସମେତ ଟିମ୍ ସୌଦୀ, ଅଲ୍‌ରାଉଣ୍ଡର କଲିନ୍ ଡି ଗ୍ରାଣ୍ଡହୋମ୍, ସ୍ପିନର ମିଚେଲ ସାଣ୍ଟନରଙ୍କ ସମେତ ୭ଜଣ କିୱି ଖେଳାଳି ଅକ୍‌ଲାଣ୍ଡ ବିମାନବନ୍ଦରରେ ଓହ୍ଲାଇଛନ୍ତି। 'ଏହିଭଳି ଏକ ଚମତ୍କାର ବିଶ୍ୱକପ୍ ଫାଇନାଲ ଖେଳିବା ଅଭୂତପୂର୍ବ ଅଭିଜ୍ଞତା ଥିଲା। ମ୍ୟାଚ୍‌ର ୫୦ତମ ଓଭରରେ ମୋ ବଲ୍‌ରେ ଛକା ହୋଇଥିଲା। ବେନ୍ ଷ୍ଟୋକ୍ସ ଓ ଜୋ ରୁଟ୍ ଚମତ୍କାର ପାର୍ଟନରଶିପ୍ କରିଥିଲେ। ବିଜୟୀ ଲାଗି ଇଂଲଣ୍ଡ ଦଳକୁ ଅଭିନନ୍ଦନ' ବୋଲି ବୋଲ୍ଟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ଅକ୍‌ଲାଣ୍ଡରେ ପହଞ୍ଚିବା ପରେ ଖେଳାଳିମାନେ ସେଲ୍‌ଫି ନେଉଛନ୍ତି।

# ୩ ବର୍ଷର ବ୍ୟବଧାନ ପରେ ଡୁରାଣ୍ଡ କପ୍

କୋଲକାତା, ୧୮।୭

ବିଶ୍ୱର ୩ୟ ତଥା ଏସିଆର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୨୯ତମ ସଂସ୍କରଣ ଅଗଷ୍ଟ ୨ରୁ ସ୍ଥାନୀୟ ସଲ୍ଟଲେକ୍ ଷ୍ଟାଡିୟମଠାରେ ଆରମ୍ଭ ହେବ। ଉଦ୍‌ଘାଟନୀ ଦିବସରେ କୋଲକାତାର ଦୁଇ ଜଣାଶୁଣା କ୍ଲବ ମୋହନ ବାଗାନ ଓ ମହମ୍ମଡାନ ସ୍ପୋର୍ଟିଂ ପରସ୍ପରକୁ ଭେଟିବେ। ତିନି ବର୍ଷର ବ୍ୟବଧାନ ପରେ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ପୁଣିଥରେ ଆରମ୍ଭ ହୋଇଛି। ଶେଷଥର ପାଇଁ ୨୦୧୬ରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ନେରୋକା ଏଫ୍‌ସିକୁ ପରାସ୍ତ କରି ଆର୍ମି ଗ୍ରୀନ୍ ଟାଇଟଲ୍ ବିଜୟୀ ହୋଇଥିଲା। ଚଳିତଥର ଆଇ-ଲିଗ୍ ଓ ଆଇଏସ୍ଏଲ୍‌କୁ ମିଶାଇ ମୋଟ୍ ୧୬ ଟିମ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଚାମ୍ପିୟନ ଦଳକୁ ୪୦ ଲକ୍ଷ ଏବଂ ରନର୍ସଅପ୍ ଦଳକୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିଭଳି ସେମିଫାଇନାଲରୁ ବିଦାୟ ନେଇଥିବା ଦୁଇ ଦଳ ୫ ଲକ୍ଷ ଲେଖାଏ ଟଙ୍କା ପାଇବେ। ୧୮୮୮ରେ ପ୍ରଥମଥର ଲାଗି ଆର୍ମି କପ୍ ଭାବେ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା। ପରେ ଏଥିରେ ଅନ୍ୟସବୁ କ୍ଲବକୁ ଖେଳିବାର ସୁଯୋଗ ମିଳିଥିଲା।

# ଚୟନ କମିଟି ବୈଠକ ଘୁଞ୍ଚିଲା

**ୱେଷ୍ଟଇଣ୍ଡିଜ ଟୁର୍**

ନୂଆଦିଲ୍ଲୀ, ୧୮।୭ (ପି.ଟି.)

ୱେଷ୍ଟଇଣ୍ଡିଜ ଟୁର୍ ପାଇଁ ଭାରତୀୟ କ୍ରିକେଟ ଦଳ ମନୋନୟନ ଲାଗି ହେବାକୁଥିବା ସିଲେକ୍ସନ କମିଟି ବୈଠକକୁ ସ୍ଥଗିତ ରଖାଯାଇଛି। ସମ୍ପାଦକଙ୍କ ପରିବର୍ତ୍ତେ ପ୍ୟାନେଲର ଚେୟାରମ୍ୟାନଙ୍କ ଆବାହକତ୍ୱରେ ଏହି ବୈଠକ ହେବ ବୋଲି ପ୍ରଶାସକ କମିଟି(ସିଓଏ)ର ନିର୍ଦ୍ଦେଶ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକ ପ୍ରକୃତରେ ଶୁକ୍ରବାର ବସିବାର ଥିଲା। ମାତ୍ର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନୂଆ ସମ୍ବିଧାନ ଅନୁସାରେ ନିୟମରେ ପରିବର୍ତ୍ତନ କରାଯାଇଛି। ଏଥିଲାଗି ଆଇନଗତ କାଗଜପତ୍ର ପ୍ରସ୍ତୁତ ହେବା ଦରକାର। ଖେଳାଳିମାନଙ୍କ ଫିଟ୍‌ନେସ୍ ରିପୋର୍ଟ ମଧ୍ୟ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଉପଲବ୍ଧ ହେବ। ବୈଠକଟି ଶନିବାର କିମ୍ବା ରବିବାର ହେବ। ପୁନଶ୍ଚ ନିୟମ ଅନୁସାରେ ବୈଠକ ଲାଗି ଅଧିନାୟକଙ୍କ ଉପଲବ୍ଧି ସମ୍ପର୍କରେ ବିସିସିଆଇର କ୍ରିକେଟ ଅପରେଶନ୍ସ ଟିମ୍ ଚେୟାରମ୍ୟାନଙ୍କୁ ଅବଗତ କରାଇବା ଆବଶ୍ୟକ ବୋଲି ବିସିସିଆଇର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ପୂର୍ବରୁ ପ୍ରଶାସକ କମିଟି ଏକ ୪ ଦଫା ସମ୍ବଳିତ ନିର୍ଦ୍ଦେଶାବଳୀ ଜାରିକରିଛି। ତଦନୁସାରେ ସମ୍ପାଦକ ଅମିତାଭ ଚୌଧାରୀ ସିଲେକ୍ସନ କମିଟି ବୈଠକରେ ବସିପାରିବେ ନାହିଁ। ଏହାଛଡ଼ା କ୍ରିକେଟ ସମ୍ପର୍କିତ କୌଣସି ନିଷ୍ପତ୍ତି ଲାଗି ତାଙ୍କ ଅନୁମୋଦନର ଆବଶ୍ୟକ ପଡ଼ିବ ନାହିଁ।

# ନିଶାମଙ୍କ ଛକା ସମୟରେ ଚାଲିଗଲା କୋଚ୍‌ଙ୍କ ଜୀବନ

ଅକ୍‌ଲାଣ୍ଡ, ୧୮।୭ (ପି.ଟି.)

ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଆଇସିସି ବିଶ୍ୱକପ୍‌ର ରୋମାଞ୍ଚକଭରା ଫାଇନାଲରେ ଉଭୟ ମ୍ୟାଚ୍ ଓ ସୁପର ଓଭର ଟାଇ ରହିବା ପରେ ଅଧିକ ବାଉଣ୍ଡାରୀ ଭିତ୍ତିରେ ଇଂଲଣ୍ଡକୁ ଚାମ୍ପିୟନ ଘୋଷିତ କରାଯାଇଥିଲା। ତେବେ ସୁପର୍ ଓଭରରେ ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୧୬ ରନର ଟାର୍ଗେଟ୍‌କୁ ପିଛା କରୁଥିବାବେଳେ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ଜିମ୍ମି ନିଶାମ ଏକ ଛକା ମାରିଥିଲେ। ନିଶାମଙ୍କ ଏହି ଛକା ସମୟରେ ତାଙ୍କ ପିଲାଦିନର ହାଇସ୍କୁଲ ଶିକ୍ଷକ ତଥା କୋଚ୍ ଡେଭିଡ୍ ଗର୍ଡନଙ୍କ ହାର୍ଟ ଆଟାକ୍‌ରେ ଜୀବନ ଚାଲିଯାଇଥିବା ଘଟଣା ଏବେ ଜଣାପଡ଼ିଛି। ଗର୍ଡନଙ୍କ ଝିଅ ଲିଓନି ଏ ସମ୍ପର୍କରେ କହିଛନ୍ତି ଯେତେବେଳେ ସୁପର୍ ଓଭରରେ ନ୍ୟୁଜିଲାଣ୍ଡ ୧୬ ରନର ଟାର୍ଗେଟ୍‌କୁ ପିଛା କରୁଥିଲା ବାପା ସେତେବେଳେ ହସ୍ପିଟାଲ ବେଡ୍‌ରେ ରହିଥିଲେ। ନିଶାମ ସୁପର୍ ଓଭରର ୨ୟ ବଲ୍‌ରେ ଏକ ଛକା ମାରିଥିଲେ। ସେହି ସମୟରେ ପିତାଙ୍କ ଦେହାନ୍ତ ହୋଇଥିଲା। 'ଜଣେ ନର୍ସ ସୁପର୍ ଓଭର ସମୟରେ ଆସି କହିଥିଲେ ତାଙ୍କ ବାପାଙ୍କ ହୃତ୍‌ସ୍ପନ୍ଦନ ବଦଳୁଛି। ବୋଧ ହୁଏ ନିଶାମଙ୍କ ଛକା ପରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି' ବୋଲି ଏକ ଗଣମାଧ୍ୟମକୁ ସାକ୍ଷାତକାର ଅବସରରେ ଲିଓନି ଏହା ପ୍ରକାଶ କରିଛନ୍ତି। ଏହି ଘଟଣାରେ କୋଚ୍ ଗର୍ଡନଙ୍କୁ ନିଶାମ ଗୁରୁବାର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। 'ଡେଭିଡ୍ ଗର୍ଡନ, ମୋ ହାଇସ୍କୁଲ ଶିକ୍ଷକ, କୋଚ୍, ବନ୍ଧୁ। ଏହି ଖେଳ ପ୍ରତି ଆପଣଙ୍କ ଅଗାଧ ଭଲ ପାଇବା ଥିଲା। ଯେଉଁମାନେ ଆପଣଙ୍କ ତତ୍ତ୍ୱାବଧାନରେ ଖେଳିଛନ୍ତି ସେମାନେ ସମସ୍ତେ ଭାଗ୍ୟବାନ। ଆଶା କରୁଛି ଆପଣ ସେଥିଲାଗି ଗର୍ବ ଅନୁଭବ କରୁଥିବେ। ଏତେସବୁ ଦେଇଥିବାରୁ ଆପଣଙ୍କୁ ଧନ୍ୟବାଦ। ସ୍ୱର୍ଗରେ ଆପଣଙ୍କ ଆତ୍ମାକୁ ଶାନ୍ତି ମିଳୁ' ବୋଲି ନିଶାମ ତାଙ୍କ ଟୁଇଟର୍ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି।



ଜିମ୍ମି ନିଶାମ ଓ ଡେଭିଡ୍ ଗର୍ଡନ


# କଟକ ସାଇ ହଷ୍ଟେଲରୁ ଭଲିବଲ ବାଦ୍

**୧୨ ଓଡ଼ିଆ ଖେଳାଳିଙ୍କୁ ଝାଡ଼ଖଣ୍ଡ ପଠାଯିବ**

କଟକ ଅଫିସ,୧୮।୭

ରାଜ୍ୟ ଭଲିବଲ କ୍ରୀଡ଼ା ପ୍ରତି ଘନେଇଛି ବଡ଼ ଧରଣର ସଙ୍କଟ। ଓଡ଼ିଶାକୁ ଭାରତୀୟ କ୍ରୀଡ଼ାର କେନ୍ଦ୍ରସ୍ଥଳ ବୋଲି ବିବେଚନା କରାଯାଉଥିବା ବେଳେ ଭଲିବଲ ଭଳି ଏକ ଅଲିମ୍ପିକ କ୍ରୀଡ଼ାକୁ କଟକ ସାଇ ହଷ୍ଟେଲରୁ ବାଦ ଦେବା ପାଇଁ ଏବେ ନିର୍ଦ୍ଦେଶ ଆସିଛି। ଦେଶର ୨୮ଟି ସାଇ ହଷ୍ଟେଲ ଏହି ନିର୍ଦ୍ଦେଶନାମାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ପ୍ରତ୍ୟେକ ସାଇ ହଷ୍ଟେଲରେ ଅତିକମରେ ୨ଟି ଓ ଅତିବେଶିରେ ୩ଟି କ୍ରୀଡ଼ାକୁ ସାମିଲ କରାଯିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ତେବେ କଟକ ସାଇ ହଷ୍ଟେଲରୁ ଭଲିବଲ କ୍ରୀଡ଼ାକୁ ଉଠାଇ ଦିଆଗଲେ ଏହା ରାଜ୍ୟ ଭଲିବଲର ବିକାଶରେ ବଡ଼ ଧରଣର ପ୍ରଭାବ ପକାଇବ ବୋଲି ଖେଳାଳିମାନେ କହିଛନ୍ତି। ଗତ କିଛିବର୍ଷ ହେବ ରାଜ୍ୟ ଭଲିବଲ ବିକାଶର ପଥରେ ରହିଛି। ଏଣୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଉକ୍ତ ନିଷ୍ପତ୍ତିକୁ ଗ୍ରହଣ କରିବା ରାଜ୍ୟ ଭଲିବଲ ଖେଳାଳିଙ୍କ ପାଇଁ ସହଜ ହୋଇନି। ଏପରିକି ଏବେ କଟକ ସାଇ ହଷ୍ଟେଲରେ ରହୁଥିବା ୧୨ଜଣ ଅନ୍ତେବାସୀଙ୍କୁ ଝାଡ଼ଖଣ୍ଡ ସାଇ ହଷ୍ଟେଲକୁ ପଠାଇ ଦେବାକୁ କୁହାଯାଇଛି।

ଗତ କିଛି ମାସ ପୂର୍ବେ ନୂଆଦିଲ୍ଲୀଠାରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସାଇ ହଷ୍ଟେଲଗୁଡ଼ିକୁ ନୂତନ ଢ଼ଙ୍ଗରେ କାର୍ଯ୍ୟକାରୀ କରିବା ନେଇ ନିଷ୍ପତ୍ତି ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ ବୈଠକରେ କୁହାଯାଇଥିଲା ଯେ, ପ୍ରତ୍ୟେକ ରାଜ୍ୟର ସାଇ ହଷ୍ଟେଲରେ ୨ରୁ ୩ଟି କ୍ରୀଡ଼ାକୁ ରଖାଯିବ। କେଉଁ କ୍ରୀଡ଼ାକୁ ବାଦ ଦିଆଯିବ ସେ ନେଇ ମତାମତ ମଧ୍ୟ ନିଆଯାଇଥିଲା। କଟକ ସାଇ ହଷ୍ଟେଲରେ ମୋଟ ୪ଟି କ୍ରୀଡ଼ା ରହିଛି। ଏହା ହେଲା ଆଥଲେଟିକ, ବାସ୍କେଟବଲ, ଫୁଟବଲ ଓ ଭଲିବଲ। ଭଲିବଲକୁ ବାଦ ଦେଇ ଉପରୋକ୍ତ ଅନ୍ୟ ତିନି କ୍ରୀଡ଼ା ସୁରକ୍ଷିତ ରହିଛି। ଗତ ୩ବର୍ଷ ତଳେ ଭଲିବଲ ସାଇ ହଷ୍ଟେଲ ସହ ଯୋଡ଼ି ହୋଇଥିଲା। କଟକ ସାଇ ହଷ୍ଟେଲରେ ୧୦୧ଜଣ ଅନ୍ତେବାସୀ ରହିବା ନିମନ୍ତେ ବ୍ୟବସ୍ଥା ହୋଇଛି। ଏହି ୧୦୧ଜଣ ପ୍ରାଧିକରଣର ରେସିଡେନ୍ସିଆଲ ନିୟମ ଅନୁଯାୟୀ ଅବସ୍ଥାପିତ ହୋଇଛନ୍ତି, ଯେଉଁମାନେ ଏଠାରେ ରହିବା ସହ ଖେଳିବାର ସୁଯୋଗ ପାଇବେ। ପୂର୍ବରୁ କଟକ ସାଇ ହଷ୍ଟେଲରେ ନନ-ରେସିଡେନ୍ସିଆଲ ବ୍ୟବସ୍ଥା ମଧ୍ୟ ଥିଲା। ଯେଉଁ ନିୟମ ଅନୁଯାୟୀ, ଖେଳାଳିମାନେ ଘରେ ରହି ହଷ୍ଟେଲର ଦକ୍ଷ କୋଚ୍‌ଙ୍କ ପାଖରେ ପ୍ରଶିକ୍ଷଣ ନେଇ ପାରିବେ। କିଛି ବର୍ଷ ହେବ ଏଠାରୁ ନନ-ରେସିଡେନ୍ସିଆଲ ବ୍ୟବସ୍ଥାକୁ ଉଠାଇ ଦିଆଯାଇଛି। ଭଲିବଲକୁ ବାଦ ଦେବା ପାଇଁ ନିର୍ଦ୍ଦେଶ କରାଯିବା ପରେ ମଧ୍ୟ ୧୦୧ଜଣ ଖେଳାଳି ରହିବେ ବୋଲି ସ୍ପଷ୍ଟ କରାଯାଇଛି। ହେଲେ ନିୟମରେ ଏକ ପରିବର୍ତ୍ତନ ଆସିଛି। ବାଳିକା ଓ ବାଳକ ଖେଳାଳି ସମାନ ସଂଖ୍ୟାରେ ରଖିବାକୁ ପ୍ରାଧିକରଣ ନିର୍ଦ୍ଦେଶ ଦେଇଛି। ହେଲେ ଭଲିବଲ ଖେଳକୁ ବାଦ ଦେବା ପଛରେ ଭଲିବଲ କୋଚ୍ ଓ ପ୍ରାଧିକରଣର ଅଧିକାରୀଙ୍କ ମଧ୍ୟରେ ବିବାଦ ହିଁ କାରଣ ବୋଲି ରାଜ୍ୟ ଭଲିବଲ ସଂଘର ଜଣେ ପୂର୍ବତନ କର୍ମକର୍ତ୍ତା କହିଛନ୍ତି। ରାଜ୍ୟ ଭଲିବଲ ସଂଘର ସମ୍ପାଦକ ଡ. ଗଗନେନ୍ଦୁ ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ଭଲିବଲକୁ ସାଇ ହଷ୍ଟେଲରୁ ଉଠାଇ ଦିଆଗଲେ ରାଜ୍ୟ ଭଲିଭଲ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ଉପରେ ପ୍ରଭାବ ପଡ଼ିବ। ଏହି ନିଷ୍ପତ୍ତିକୁ ଆମେ ବିରୋଧ କରୁ ବୋଲି ଗଗନେନ୍ଦୁ କହିଥିଲେ।



“ ବ୍ରିଟିଶ ବକ୍ସର ଅମିର ଖାଁଙ୍କ ସହିତ ଲଢେଇ ପାଇଁ ଭୟ କରୁଛି ବୋଲି ଯାହା କୁହାଯାଉଛି ଠିକ୍ ନୁହେଁ, ଚ୍ୟାଲେଞ୍ଜ ଲାଗି ମୁଁ ପ୍ରସ୍ତୁତ।

–ବିଜେନ୍ଦର ସିଂ, ଭାରତୀୟ ପ୍ରଫେସନାଲ ବକ୍ସର




“ ବାଉଣ୍ଡାରି ସଂଖ୍ୟା ଭିତ୍ତିରେ ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍ ଫାଇନାଲରେ ପରାଜୟଜନିତ କଷ୍ଟ ଭୁଲିବା ଲାଗି ଅତିକମ୍‌ରେ ୨ବର୍ଷ ଲାଗିବ।

–ଟ୍ରେଣ୍ଟ ବୋଲ୍ଟ, ନ୍ୟୁଜିଲାଣ୍ଡ ପେସ୍ ବୋଲର

## ସଂକ୍ଷେପରେ

### ହିରୱାନୀ ମହିଳା ଦଳର ସ୍ପିନ୍ ବୋଲିଂ ପରାମର୍ଶଦାତା



ନୂଆଦିଲ୍ଲୀ, ୧୮।୭ (ପି.ଟି.): ପୂର୍ବତନ ଭାରତୀୟ କ୍ରିକେଟର ତଥା ଜାତୀୟ କ୍ରିକେଟ୍ ଏକାଡେମୀ (ଏନ୍‌ସିଏ) ସ୍ପିନ କୋଚ୍ ନରେନ୍ଦ୍ର ହିରୱାନୀଙ୍କୁ ଗୁରୁବାର ନୂଆ ଦାୟିତ୍ୱ ମିଳିଛି। ସେ ଭାରତୀୟ ମହିଳା କ୍ରିକେଟ୍ ଦଳର ସ୍ପିନ ବୋଲିଂ ପରାମର୍ଶଦାତା ଭାବେ ନିଯୁକ୍ତି ପାଇଛନ୍ତି। ଫଳରେ ଆସନ୍ତା ସେପ୍ଟେମ୍ବରରୁ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯିବାକୁ ଥିବା ଦ୍ୱିପାକ୍ଷିକ ସିରିଜରେ ସେ ଭାରତୀୟ ଦଳ ସହ ରହିବା ସ୍ପଷ୍ଟ ହୋଇଛି। ୫୦ ବର୍ଷ ବୟସ ଏହି ପୂର୍ବତନ ଲେଗ୍-ସ୍ପିନର ଜାତୀୟ ଦଳ ପକ୍ଷରୁ ୧୭ ଟେଷ୍ଟ ଓ ୧୮ ଦିନିକିଆ ମ୍ୟାଚ୍ ଖେଳି ଯଥାକ୍ରମେ ୬୬ ଓ ୨୩ ଉଇକେଟ୍ ଅକ୍ତିଆର କରିଛନ୍ତି। ଦଳରେ ଅଧିକ ସ୍ପିନର ରହିଥିବାରୁ ଜଣେ ସ୍ପିନ ବୋଲିଂ କୋଚ୍‌ଙ୍କ ଆବଶ୍ୟକତା ରହିଛି ବୋଲି ନିକଟରେ ଭାରତୀୟ ଟି୨୦ ଦଳର ଅଧିନାୟିକା ହର୍ମନପ୍ରୀତ୍ କୌର କହିଥିଲେ। ଭାରତୀୟ ଦଳରେ ବର୍ତ୍ତମାନ ପୁନମ ଯାଦବ, ଏକତା ବିଷ୍ଟ ଓ ଦୀପ୍ତି ଶର୍ମାଙ୍କ ରୂପରେ ୩ଜଣ ସ୍ପିନର ରହିଛନ୍ତି। ‘ହିରୱାନୀ ଜାତୀୟ କ୍ରିକେଟ ଏକାଡେମୀ ସହ ବ୍ୟସ୍ତ ରହୁଥିବାରୁ ଏହା ଏକ ପୂର୍ଣ୍ଣକାଳୀନ ଦାୟିତ୍ୱ ନୁହେଁ। ସେ ଦଳ ସହିତ ଗସ୍ତ କରିବେ। ସେହିଭଳି ନିକଟରେ ଏନ୍‌ସିଏରେ ଚାଲିଥିବା ଟିମ୍‌ର କ୍ୟାମ୍ପରେ ମଧ୍ୟ ସେ କାର୍ଯ୍ୟ କରିବେ’ ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଧିକାରୀ କହିଛନ୍ତି। ଗତ ମାର୍ଚ୍ଚ ମାସରୁ ପ୍ରତିଦ୍ୱନ୍ଦ୍ୱୀତାମୂଳକ କ୍ରିକେଟ୍ ଖେଳି ନ ଥିବା ଭାରତୀୟ ଦଳ ସେପ୍ଟେମ୍ବରରେ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି।

### ଏଚ୍‌ସିଏ ସଭାପତି ପ୍ରାର୍ଥୀ ହେବେ ଆଝାରୁଦ୍ଦିନ

ହାଇଦ୍ରାବାଦ,୧୮।୭(ପିଟି): ପୂର୍ବତନ ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ହାଇଦ୍ରାବାଦ୍ କ୍ରିକେଟ ଆସୋସିଏଶନ (ଏଚ୍‌ସିଏ) ସଭାପତି ପଦ ପାଇଁ ପ୍ରାର୍ଥୀ ହେବେ ବୋଲି ଗୁରୁବାର କହିଛନ୍ତି। ଏପର୍ଯ୍ୟନ୍ତ ଏଚ୍‌ସିଏ ନିର୍ବାଚନ ସମ୍ପର୍କରେ ଘୋଷଣା ହୋଇନାହିଁ। ଆସନ୍ତା ୨୧ ତାରିଖରେ ଆନୁଆଲ ଜେନେରାଲ ବୈଠକ (ଏଜିଏମ୍) ଅନୁଷ୍ଠିତ ହେବ। ଏଥିରେ ନିର୍ବାଚନ ସମ୍ପର୍କରେ ଆଲୋଚନା କରାଯିବ ବୋଲି ଆଶା କରାଯାଉଛି।

# ମୁଖ୍ୟ ଚୟନକର୍ତ୍ତା ଡକାଇବେ କମିଟି ବୈଠକ

ନୂଆଦିଲ୍ଲୀ,୧୮।୭(ପି.ଟି.)

ଏଥର ଚୟନ କମିଟି ବୈଠକ ଡକାଇବେ ମୁଖ୍ୟ ଚୟନକର୍ତ୍ତା ବା କମିଟିର ଅଧ୍ୟକ୍ଷ। କ୍ରିକେଟ ପ୍ରଶାସକ କମିଟି (ସିଓଏ) ଏ ନେଇ ନିର୍ଦ୍ଦେଶ ଦେବା ପରେ ପୁରୁଣା ନିୟମରେ ପରିବର୍ତ୍ତନ ହୋଇଛି। ପୂର୍ବରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସାଧାରଣ ସମ୍ପାଦକ ଏହି ବୈଠକ ଡକାଉଥିଲେ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଷ୍ଟିସ ଆର.ଏମ. ଲୋଧା ପ୍ୟାନେଲ ଦ୍ୱାରା ନିଆଯାଇଥିବା ସଂସ୍କାରମୂଳକ ପଦକ୍ଷେପ ସ୍ୱରୂପ ସିଓଏ ଏହି ନିୟମରେ ପରିବର୍ତ୍ତନ କରି ଚୟନ କମିଟିମୁଖ୍ୟଙ୍କୁନୂଆ ଦାୟିତ୍ୱପ୍ରଦାନକରିଛି।

ବିଦେଶ ଗସ୍ତ ପାଇଁ ଆଡମିନିଷ୍ଟ୍ରେଟିଭ ମ୍ୟାନେଜର ବା ପ୍ରଶାସନିକ ପ୍ରବନ୍ଧକ ଏହି

### ନିୟମ ବଦଳିଲା

ବୈଠକ ଡକାଇପାରିବେ ବୋଲି ସିଓଏ ତରଫରୁ ନିର୍ଦ୍ଦେଶ ଜାରି କରାଯାଇଛି। ଏବେଠାରୁ ବୋର୍ଡ ସମ୍ପାଦକ ଏହି ଚୟନ କମିଟି ବୈଠକ ଡକାଇପାରିବେ ନାହିଁ ବୋଲି ସ୍ପଷ୍ଟ ଭାବେ କୁହାଯାଇଛି। ଦଳ ଚୟନରେ କିମ୍ବା ଖେଳାଳି ପରିବର୍ତ୍ତନରେ ମଧ୍ୟ ସମ୍ପାଦକଙ୍କ କୌଣସି ଭୂମିକା ରହିବ ନାହିଁ ବୋଲି ସିଓଏ ସ୍ପଷ୍ଟ କରିଛି। ସିଓଏର ଏହି ନିଷ୍ପତ୍ତି ସମ୍ପାଦକଙ୍କ ସ୍ଥିତିକୁ ଦୁର୍ବଳ କରିବ। ବୋର୍ଡର ପୁରୁଣା ସମ୍ବିଧାନ ଅନୁଯାୟୀ ସମ୍ପାଦକ ହିଁ ଚୟନ କମିଟିର ବୈଠକ ଡକାଇବାର ଅଧିକାର ହାସଲ କରିଥିଲେ। ଲୋଧା ପ୍ୟାନେଲଙ୍କ ସଂସ୍କାରମୂଳକ ନୀତି ଅନୁଯାୟୀ କ୍ରିକେଟ ସମ୍ପର୍କିତ ମାମଲାରେ ସ୍ୱତନ୍ତ୍ର ଅଭିଜ୍ଞତା ଥିବା ବ୍ୟକ୍ତି ବା ସ୍ପେଶାଲିଷ୍ଟମାନେ ନିଷ୍ପତ୍ତି ନେଇପାରିବେ। ତେବେ ଯଦି ଆବଶ୍ୟକ ହୁଏ ବିଦେଶ ଗସ୍ତ ପାଇଁ ପ୍ରଶାସନିକ ପ୍ରବନ୍ଧକ ବୈଠକ ଡକାଇପାରିବେ ବୋଲି କୁହାଯାଇଛି। ତେବେ ନୂଆ ସମ୍ବିଧାନ ଲାଗୁ ହେବା ପରେ ମଧ୍ୟ ସମ୍ପାଦକ ପୂର୍ବପରି ଚୟନ କମିଟି ବୈଠକରେ ଯୋଗ ଦେଇପାରିବେ ବୋଲି କୁହାଯାଇଛି।

V-GUARD
Stylish and efficient Fans.
To beat the heat.
Fan
Contact : 9937038335

ତେବେ ବୋର୍ଡ ସମ୍ପାଦକଙ୍କୁ ଚୟନ କମିଟି ମେଲ୍ କରିବା ଜାରି ରଖିବ। ଦଳରେ କୌଣସି ପରିବର୍ତ୍ତନ କରାଗଲେ ସମ୍ପାଦକଙ୍କ ଅନୁମତି ନିଆଯାଇପାରିବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ନୂଆ ସମ୍ବିଧାନ ଅନୁସାରେ ବୋର୍ଡ କାର୍ଯ୍ୟ ଚାଲୁ ରହିବ ବୋଲି ସିଓଏ ତରଫରୁ କୁହାଯାଇଛି। ବିଦେଶ ଗସ୍ତକୁ ବାଦ୍ ଦେଲେ ପୁରୁଷ ଦଳ ଚୟନ କମିଟି, ଜୁନିୟର ଚୟନ କମିଟି ଓ ମହିଳା ଚୟନ କମିଟି ବୈଠକ କମିଟି ଅଧ୍ୟକ୍ଷ ଡକାଇପାରିବେ। ଏହି କମିଟି ବୈଠକରେ କୌଣସି ପଦାଧିକାରୀ ବା ମୁଖ୍ୟକାର୍ଯ୍ୟ ନିର୍ବାହୀ କୌଣସି କମିଟି ବୈଠକରେ ଯୋଗ ଦେଇପାରିବେ ନାହିଁ। ତେବେ ସବୁ ବୈଠକ ବିସ୍ତୃତ ବିବରଣୀ କମିଟି ଅଧ୍ୟକ୍ଷଙ୍କୁ ନିଜ ହସ୍ତାକ୍ଷର ସହ ସମ୍ପାଦକଙ୍କୁ ଦେବାକୁ ହେବ। ଦଳରେ କୌଣସି ପରିବର୍ତ୍ତନ ବା ଚୟନ ସଂକ୍ରାନ୍ତରେ ଚୟନ କମିଟି ସ୍ୱାଧୀନ ଭାବେ ନିଷ୍ପତ୍ତି ନେଇପାରିବ ଓ ଏଥିପାଇଁ ମୁଖ୍ୟକାର୍ଯ୍ୟ ନିର୍ବାହୀଙ୍କଠାରୁ ଅନୁମତି ନେବାର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି। ମ୍ୟାଚ୍ ଦେଖିବା ପାଇଁ ଚୟନକର୍ତ୍ତାଙ୍କ ଯାତ୍ରା ସମ୍ପର୍କିତ ଓ ଅନ୍ୟାନ୍ୟ ବନ୍ଦୋବସ୍ତ ମୁଖ୍ୟକାର୍ଯ୍ୟ ନିର୍ବାହୀ କରିବେ। ତେବେ ଏ ସମ୍ପର୍କରେ ମୁଖ୍ୟକାର୍ଯ୍ୟ ନିର୍ବାହୀଙ୍କୁ ମେଲ୍ କରାଯିବାକୁ କୁହାଯାଇଛି।

## ଜୁନିୟର ଶୁଟିଂ ବିଶ୍ୱକପ୍: ସରବ୍‌ଜୋତ୍‌ଙ୍କୁ ସ୍ୱର୍ଣ୍ଣ

ସୁଲ୍(ଜର୍ମାନୀ),୧୮।୭(ପିଟି)

ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ଜୁନିୟର ଶୁଟିଂ ବିଶ୍ୱକପ୍‌ରେ ଭାରତୀୟ ଦଳର ସ୍ୱର୍ଣ୍ଣ ପଦକ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ଗୁରୁବାର ଅନୁଷ୍ଠିତ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସରବଜୋତ୍ ସିଂ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ପଦକ ରାଉଣ୍ଡରେ ସର୍ବାଧିକ ୨୩୯.୬ ସ୍କୋର କରିଥିଲେ। ସରବଜୋତ୍‌ଙ୍କ ସଫଳତା ଯୋଗୁ ଉଭୟ ମହିଳା ଓ ପୁରୁଷ ୧୦ ମି. ଏୟାର ପିସ୍ତଲ ଇଭେଣ୍ଟରେ ଭାରତ ଶୀର୍ଷ ସ୍ଥାନ ପୋଛିନେଇଛି। ୧୪ ବର୍ଷୀୟା ଇଶା ସିଂ ବୁଧବାର ମହିଳା ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପ୍ରତିଯୋଗିତା ଶେଷହେବାକୁ ଗୋଟିଏ ଦିନ ବାକି ଥିବାବେଳେ ଭାରତ ୯ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୪ ବ୍ରୋଞ୍ଜ ମୋଟ ୨୨ ପଦକ ସହ ତାଲିକା ଶୀର୍ଷରେ ରହିଛି।



ଜାମାଇକା ବିପକ୍ଷ ଦୃଷ୍ଟିହୀନ କ୍ରିକେଟ୍ ସିରିଜ ପାଇଁ ଭାରତୀୟ ଦଳରେ ସାମିଲ ହୋଇଥିବା ଓଡ଼ିଶାର ଦୁଇ କ୍ରିକେଟର ଜାଫର ଇକ୍‌ବାଲ ଓ ପଙ୍କଜ ଭୁଏ।

## କେନିଆ ଧାବିକା ୮ବର୍ଷ ବାସନ୍ଦ

ନାଇରୋବି, ୧୮।୭ (ଏଏଫ୍‌ପି)

କେନିଆର ମାରାଥନ ଧାବିକା ସାଲୋମ୍ ବିଓଟ ୮ବର୍ଷ ପାଇଁ ସସ୍‌ପେଣ୍ଡ ହୋଇଛନ୍ତି। ଦ୍ୱିତୀୟ ଥର ଡୋପ୍ ଟେଷ୍ଟରେ ଧରାପଡ଼ିଥିବାରୁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି। ଜୁନ୍‌ରେ ସାଓପଲୋ ଇଣ୍ଟରନ୍ୟାଶନାଲ ମାରାଥନରେ ଭାଗନେବା ସମୟରେ ଏହି ୩୬ ବର୍ଷୀୟା ଧାବିକାଙ୍କ ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରୁ ନିଷିଦ୍ଧ ଆନାବୋଲିକ୍ ଷ୍ଟେରଏଡ୍‌ର ମାତ୍ରା ଦେଖିବାକୁ ମିଳିଥିଲା। ପୂର୍ବରୁ ୨୦୧୨ରେ ନାଇରୋବି ମାରାଥନ ଜିତିବା ପରେ ବିଓଟ୍ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ତାଙ୍କ ସାମ୍ପଲରୁ ସମାନ ନିଷିଦ୍ଧ ଦ୍ରବ୍ୟ ଠାବ କରାଯାଇଥିଲା। ଏଥିପାଇଁ ତାଙ୍କୁ ଦୁଇବର୍ଷ ବାସନ୍ଦ ଦଣ୍ଡ ଭୋଗିବାକୁ ହୋଇଥିଲା। ବିଓଟ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୨୦୧୬ ହମବର୍ଗ ମାରାଥନରେ କରିଥିଲେ। ତାଙ୍କର ଟାଇମିଂ ୨ଘଣ୍ଟା ୩୦ ମିନିଟ୍ ଓ ୪୭ ସେକେଣ୍ଡ ରହିଥିଲା। ଡୋପିଙ୍ଗ ପାଇଁ ଲମ୍ବା ସମୟ ବାସନ୍ଦ ହେବାରେ ବିଓଟ ହେଉଛନ୍ତି କେନିଆର ତୃତୀୟ ଆଥଲେଟ୍। ଅନ୍ୟ ଦୁଇଜଣ ହେଲେ ରିଓ ଅଲିମ୍ପିକ ଚାମ୍ପିୟନ ଜେମିମା ସମ୍‌ଗଙ୍ଗ୍ ଏବଂ ଲିଲିଆନ୍ ମୋରା ମାରିଟା। ସୂଚନାଯୋଗ୍ୟ, ବିଓଟଙ୍କୁ ମିଶାଇ ଏଆଇୟୁ ଚଳିତ ବର୍ଷ ଡୋପ୍ ଅପରାଧ ପାଇଁ କେନିଆର ୧୦ ଏଲିଟ୍ ଆଥଲେଟଙ୍କୁ ସସ୍‌ପେଣ୍ଡ କରିସାରିଲାଣି।

# ଏକାଧିକ ମହିଳାଙ୍କ ସହ ସମ୍ପର୍କ ରଖିଥିବା ସ୍ୱୀକାର କଲେ ରଜାକ

ନୂଆଦିଲ୍ଲୀ, ୧୮।୭

ଆଇସିସି ବିଶ୍ୱକପ୍ ସମୟରେ ଭାରତୀୟ କ୍ରିକେଟର୍ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବାକୁ ଅଫର୍ କରି ଚର୍ଚ୍ଚାକୁ ଆସିଥିଲେ ପୂର୍ବତନ ପାକିସ୍ତାନ ଅଲ୍‌ରାଉଣ୍ଡର ଅବଦୁଲ ରଜାକ। ପାଣ୍ଡ୍ୟାଙ୍କୁ ପ୍ରଶିକ୍ଷଣ ଦେବା ସହ ତାଙ୍କୁ ବିଶ୍ୱର ଶ୍ରେଷ୍ଠ ଅଲ୍‌ରାଉଣ୍ଡର ବନାଇବାକୁ ଚାହୁଁଛନ୍ତି ବୋଲି ରଜାକ ବିଶ୍ୱକପ୍ ସମୟରେ କହିଥିଲେ। ଏବେ କିନ୍ତୁ ସର୍ବସାଧାରଣ ସ୍ଥାନରେ ଏକ ବିବାଦୀୟ ବୟାନ ଦେଇ ବେଶ୍ ଚର୍ଚ୍ଚାକୁ ଆସିଛନ୍ତି ପାକିସ୍ତାନର ଏହି ୩୯ ବର୍ଷୀୟ ଅଲ୍‌ରାଉଣ୍ଡର।

ନିକଟରେ ଏକ ଟିଭି ଶୋ’ ଅବସରରେ ରଜାକ ନିଜ ବିଷୟରେ ଏମିତି କିଛି ମତ ରଖି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ବିବାହ ପରେ ୫-୬ ମହିଳାଙ୍କ ସହ ସମ୍ପର୍କ ରଖିଥିବା ନେଇ ଏକ ଟିଭି ପ୍ରୋଗ୍ରାମରେ ରଜାକ ସର୍ବସମ୍ମୁଖରେ ଏହା କହିଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ସହ ଦେଢ଼ବର୍ଷ ଧରି ସମ୍ପର୍କ ରଖିଥିବା ଏହି ପାକିସ୍ତାନ ଭେଟେରାନ କ୍ରିକେଟର୍ ସ୍ୱୀକାର କରିଛନ୍ତି। ବିବାହ ପୂର୍ବରୁ ଏହିସବୁ ଘଟଣା ଘଟିଥିଲା ବୋଲି ଶୋ’ ପରିଚାଳନା କରୁଥିବା ପରିଚାଳିକା ପ୍ରଶ୍ନ କରିବାରୁ ରଜାକ ବୈବାହିକ ଜୀବନ ଆରମ୍ଭ ହେବାପରେ ଏହା ହୋଇଥିଲା ବୋଲି କହିଥିଲେ। ଏହି ଟିଭି ଶୋ’ର ଏକ ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି। ପାଣ୍ଡ୍ୟାଙ୍କୁ କାହିଁକି ପ୍ରଶିକ୍ଷଣ ଦେବାକୁ ରଜାକ ଇଚ୍ଛୁକ ଥିଲେ ତାହାର କାରଣ ଏବେ ମିଳିଯାଇଛି ବୋଲି କେତେକେ ଟୁଇଟର୍‌ରେ ଉଲ୍ଲେଖ କରିଛନ୍ତି। ଏଠାରେ ସ୍ମରଣଯୋଗ୍ୟ, ପୂର୍ବରୁ ଏହିଭଳି ଏକ ଟିଭି ଶୋ’ ଅବସରରେ ପାଣ୍ଡ୍ୟା ସମାନ ଧରଣର ବୟାନ ଦେଇ ବେଶ୍ ବିବାଦୀୟ ହୋଇଥିଲେ। ଏଥିଲାଗି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାଙ୍କୁ ବାସନ୍ଦ କରିବା ସହ ଅର୍ଥଦଣ୍ଡରେ ଦଣ୍ଡିତ କରିଥିଲା। ରଜାକ ପାକିସ୍ତାନ ପକ୍ଷରୁ ୪୬ ଟେଷ୍ଟ, ୨୬୫ ଦିନିକିଆ ଓ ୩୨ ଟି୨୦ ମ୍ୟାଚ୍ ଖେଳି ପାଖାପାଖି ସାଢ଼େ ସାତ ହଜାର ରନ୍ ସଂଗ୍ରହ କରିବା ସହ ୩ ଫର୍ମାଟରେ ୩୮୯ ଉଇକେଟ୍ ଅକ୍ତିଆର କରିଛନ୍ତି।

# ସିନ୍ଧୁ କ୍ୱାର୍ଟର ଫାଇନାଲରେ

ଜାକର୍ତ୍ତା, ୧୮।୭ (ପି.ଟି.)

ଭାରତର ଟପ୍ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପି. ଭି. ସିନ୍ଧୁ ଏଠାରେ ଚାଲିଥିବା ଇଣ୍ଡୋନେସିଆନ ଓପନ୍ ମହିଳା ସିଙ୍ଗଲ୍ସ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ସେ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଅଣ ସିଡ୍ ତଥା ଡେନମାର୍କର ମିଆ ବ୍ଲିଚଫିଲ୍‌ଡେଟ୍‌ଙ୍କୁ ୨୧-୧୪, ୧୭-୨୧, ୨୧-୧୧ରେ ହରାଇ ଦେଇଛନ୍ତି। ବିଶ୍ୱର ଏହି ୧୩ ନମ୍ବର ଖେଳାଳିଙ୍କ ବିପକ୍ଷରେ ସିନ୍ଧୁଙ୍କ ତୃତୀୟ ବିଜୟ। ଭାରତୀୟ ଷ୍ଟାର ଖେଳାଳି ଏହା ପୂର୍ବରୁ ଇଣ୍ଡିଆନ ଓପନ୍ ଏବଂ ସିଙ୍ଗାପୁର ଓପନରେ ବ୍ଲିଚଫିଲ୍‌ଡେଟଙ୍କୁ ସିଧାସଳଖ ଗେମ୍‌ରେ ପରାସ୍ତ କରିଥିଲେ। ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୧୦୦୦ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ସିନ୍ଧୁ ମାଲେସିଆର ସୋନିଆ ଚେ କିମ୍ବା ଜାପାନର ତଥା ତୃତୀୟ ସିଡ୍ ନୋଜୋମି ଓକୁହାରାଙ୍କ ସହିତ ମୁକାବିଲା କରିବେ। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ୍ ଶେଟ୍ଟି ଦ୍ୱିତୀୟ ରାଉଣ୍ଡରେ ସ୍ଥାନୀୟ ଯୋଡ଼ି ମାର୍କସ ଫର୍ନାଲ୍‌ଡି ଗିଡେଅନ୍ ଏବଂ କେଭିନ୍ ସଞ୍ଜୟ ସୁକାମୁଲ୍‌ଜୋଙ୍କଠାରୁ ୧୫-୨୧, ୧୪-୨୧ ଗେମ୍‌ରେ ପରାସ୍ତ ହୋଇଯାଇଛନ୍ତି।

# ଟେଷ୍ଟ ପଦାର୍ପଣ କରିବେ ରୟ୍

ଲଣ୍ଡନ, ୧୮।୭ (ଏଏଫ୍‌ପି)





ଇଂଲଣ୍ଡକୁ ବିଶ୍ୱକପ୍ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଷ୍ଟାର୍ ଖେଳାଳି ଜାସନ ରୟ ଟେଷ୍ଟ ପଦାର୍ପଣ କରିବାକୁ ଯାଉଛନ୍ତି। ଆୟର୍ଲାଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍ ଲାଗି ଘୋଷିତ ୧୩ ଜଣିଆ ଇଂଲଣ୍ଡ ଦଳରେ ରୟଙ୍କୁ ସ୍ଥାନ ମିଳିଛି। ଦକ୍ଷିଣ ଆଫ୍ରିକା ଜନ୍ମିତ ରୟ ବିଶ୍ୱକପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ମୋଟ୍ ୪୪୩ ରନ୍ ସଂଗ୍ରହ କରିଥିଲେ। ଏହି ପ୍ରଦର୍ଶନକୁ ଭିତ୍ତି କରି ଇଂଲଣ୍ଡ ଚୟନକର୍ତ୍ତାମାନେ ତାଙ୍କୁ ଟେଷ୍ଟ କ୍ରିକେଟ୍‌ରେ ସୁଯୋଗ ଦେଇଛନ୍ତି। ଫଳରେ ଅଗଷ୍ଟ ୧ରୁ ଏଜବାଷ୍ଟନରେ ଆରମ୍ଭ ହେବାକୁ ଥିବା ଐତିହାସିକ ଆଶେସ ଟେଷ୍ଟ ସିରିଜରେ ମଧ୍ୟ ରୟ ସ୍ଥାନ ପାଇବାର ସମ୍ଭାବନା ସୃଷ୍ଟି ହୋଇଛି। ତେବେ ଡର୍‌ହାମ ଦ୍ରୁତ ବୋଲର ମାର୍କ ଉଡ୍ ଆଘାତଜନିତ ସମସ୍ୟା ଲାଗି ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ସେହିଭଳି ୫ ମ୍ୟାଚ୍‌ବିଶିଷ୍ଟ ଆଶେସ ସିରିଜର ପ୍ରାରମ୍ଭରୁ ମଧ୍ୟ କେତୋଟି ମ୍ୟାଚ୍ ସେ ଖେଳିପାରିବେ ନାହିଁ ବୋଲି ଜଣାପଡ଼ିଛି। ୱର୍କଶାୟର ଯୁବ ଦ୍ରୁତ ବୋଲର ଓଲି ଷ୍ଟୋନଙ୍କୁ ଦଳରେ ସ୍ଥାନ ମିଳିଛି। ଆୟର୍ଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଏକମାତ୍ର ଟେଷ୍ଟ ଜୁଲାଇ ୨୪ରୁ ଲର୍ଡ୍ସରେ ଆରମ୍ଭ ହେବ। ପାଞ୍ଚ ଦିବସ ପରିବର୍ତ୍ତେ ଏହା ୪ଦିନ ଖେଳାଯିବ।

**ଆୟର୍ଲାଣ୍ଡ ମ୍ୟାଚ୍ ଲାଗି ଇଂଲଣ୍ଡ ଦଳ**

ଜୋ ରୁଟ୍ (ଅଧିନାୟକ), ମୋଇନ ଅଲି, ଜିମ୍ମି ଆଣ୍ଡରସନ, ଜନି ବେୟାରଷ୍ଟୋ, ଷ୍ଟୁଆର୍ଟ ବ୍ରଡ୍, ରୋରି ବ୍ରୁନ୍ସ, ସାମ୍ କୁରାନ, ଜୋ ଡେନ୍‌ଲୀ, ଲୁଇସ ଗ୍ରେଗୋରୀ, ଜ୍ୟାକ୍ ଲିଚ୍, ଜାସନ ରୟ, ଓଲି ଷ୍ଟୋନ ଓ କ୍ରିସ୍ ୱୋକ୍ସ।

# ମୋର୍ଗାନ, ୱିଲିୟମସନଙ୍କ ନେତୃତ୍ୱ ଦୃଷ୍ଟାନ୍ତମୂଳକ

କୁମାର ସାଙ୍ଗକାରା

ଟୁର୍ନାମେଣ୍ଟ ପୂର୍ବରୁ ଯେଭଳି ଚର୍ଚ୍ଚା ଓ ଅନୁମାନ କରାଯାଉଥିଲା ଆଇସିସି ବିଶ୍ୱକପ୍ ସେଭଳି ହୋଇ ନ ଥିଲା। ବିଶ୍ୱକପ୍‌ରେ ଛକା ଓ ଚୌକାର ବର୍ଷା ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ କଥା ଅଲଗା ହୋଇଥିଲା। ଲିଗ୍ ପର୍ଯ୍ୟାୟରେ ବର୍ଷା ଓ ଖରାପ ପାଗ କାରଣରୁ କେତୋଟି ମ୍ୟାଚ୍ ପ୍ରଭାବିତ ହୋଇଥିଲା। ତେବେ ଏହା ସତ୍ତ୍ୱେ ପୂର୍ବରୁ କୌଣସି ବିଶ୍ୱକପ୍‌ର ଫାଇନାଲରେ ଏପରି ରୋମାଞ୍ଚ ଓ ଉତ୍କଣ୍ଠା ଦେଖିବାକୁ ମିଳି ନ ଥିଲା। ଏହା ଏକ ଚମତ୍କାର ଫାଇନାଲ ଥିଲା। ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ଉପସ୍ଥିତ ସବୁ ଦର୍ଶକ ଉତ୍କଣ୍ଠାର ସହିତ ମ୍ୟାଚ୍‌ର ଫଳାଫଳକୁ ଅପେକ୍ଷା କରିଥିଲେ। ପ୍ୟାଭିଲିୟନର ବେଞ୍ଚରେ ୧୯୭୫, ୧୯୭୯, ୧୯୮୩ ଓ ୧୯୯୯ ବିଶ୍ୱକପ ଦେଖିଥିବା ବୟସ୍କ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଦର୍ଶକମାନେ ପୁଣି ଥରେ ଏଭଳି ଏକ ଦମ୍‌ଦାର ମ୍ୟାଚ୍ ସମ୍ଭବତଃ ଭବିଷ୍ୟତରେ ଦେଖିବେ ନାହିଁ।

ଇଂଲଣ୍ଡ ଶେଷରେ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଥିଲା। ପ୍ରତିକୂଳ ପରିସ୍ଥିତିରେ ବୋଲରଙ୍କ ସମେତ ଦୁଇଦଳର ବ୍ୟାଟ୍ସମ୍ୟାନ କଡ଼ା ପରୀକ୍ଷାର ସମ୍ମୁଖୀନ ହୋଇଥିଲେ। ନ୍ୟୁଜିଲାଣ୍ଡ କ୍ରମାଗତ ଦ୍ୱିତୀୟଥର ପାଇଁ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ଅଳ୍ପକେ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲେ ମଧ୍ୟ ସାହସିକ ଖେଳ ପ୍ରଦର୍ଶନ କରି ନ୍ୟୁଜିଲାଣ୍ଡ ସାରା ବିଶ୍ୱର ହୃଦୟ ଜିଣିବାରେ ସଫଳ ହୋଇଥିଲା। କ୍ରମାଗତ ଦ୍ୱିତୀୟଥର ଫାଇନାଲରେ ହାରିବା ନିଶ୍ଚିତ ଭାବେ କଷ୍ଟ ଦେଇଥିବ। ଆମ ଦଳ ଶ୍ରୀଲଙ୍କା ମଧ୍ୟ ୨୦୦୭ ଓ ୨୦୧୧ ବିଶ୍ୱକପ୍ ଫାଇନାଲରେ ପରାସ୍ତ ହୋଇ ସମାନ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୋଇଥିଲା। ସେହିପିରି ୨୦୦୯ ଓ ୨୦୧୨ରେ ମଧ୍ୟ ଟି୨୦ ବିଶ୍ୱକପ୍‌ରେ ଆମେ ସମାନ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୋଇଥିଲୁ। ଜଣେ ଖେଳାଳି ହିସାବରେ ଏହାକୁ ହଜମ କରିବା ନିହାତି କଷ୍ଟକର। ତେବେ ନ୍ୟୁଜିଲାଣ୍ଡ ଖେଳାଳିମାନେ ନିଜକୁ ନିଶ୍ଚିତ ଭାବେ ଦାୟୀ କରିଥିବେ। ୨୦୧୫ରେ ଅଷ୍ଟ୍ରେଲିଆର ପ୍ରଭାବ ଦେଖିବାକୁ ମିଳିଥିଲା। ତେବେ ଏଥର ନ୍ୟୁଜିଲାଣ୍ଡ ଭଲ ଖେଳି ଫାଇନାଲରେ ପ୍ରବେଶ କରିଥିଲା।

ଇଂଲଣ୍ଡ ବିଜୟର ହକ୍‌ଦାର ଥିଲେ ଓ ବିଶ୍ୱକପ୍‌ର ହଟ୍ ଫେଭରାଇଟ ବିବେଚିତ ହେଉଥିଲା। ଟୁର୍ନାମେଣ୍ଟ ମଝିରେ କେତୋଟି ମ୍ୟାଚ୍‌ରେ ପରାସ୍ତ ହୋଇ ଇଂଲଣ୍ଡ ବିପଦରେ ପଡିଥିଲା। ତେବେ ଚାପରେ ଲଢୁଆ ଖେଳ ପ୍ରଦର୍ଶନ କରି ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିବାକୁ ସକ୍ଷମ ହୋଇଥିଲା। ଲଢୁଆ ଓ ସାହସିକ କ୍ରିକେଟ ଖେଳି ଇଂଲଣ୍ଡ ତା’ର ଲକ୍ଷ୍ୟ ପୂର୍ବରୁ ସ୍ଥିର କରିସାରିଥିଲା। ୨୦୧୫ ବିଶ୍ୱକପ୍‌ରେ ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡିଥିବା ଇଂଲଣ୍ଡ ଯୋଜନା ଅନୁସାରେ ଖେଳି ବିଶ୍ୱର ଶ୍ରେଷ୍ଠ ଦିନିକିଆ ଦଳ ଭାବେ ପ୍ରତିଷ୍ଠା ଲାଭ କରିଛି। ବିଶ୍ୱକପ୍‌ରେ କିପରି ଖେଳିବାକୁ ହେବ ଇଂଲଣ୍ଡ ପୂର୍ବରୁ ଠିକ୍ କରିସାରିଥିଲା। ଏଥିପାଇଁ ଅଧିନାୟକ ଓ ଖେଳାଳି ଚୟନରେ ଇଂଲଣ୍ଡ ଆଦୌ ହେଳା କରି ନ ଥିଲା।

ଆଗାମୀ ୪ ବର୍ଷରେ ଶ୍ରୀଲଙ୍କା ମଧ୍ୟ ଇଂଲଣ୍ଡର ପଥ ଅନୁସରଣ କରିବା ଉଚିତ। ଭାରତରେ ଖେଳାଯିବାକୁ ଥିବା ୨୦୨୩ ବିଶ୍ୱକପ୍ ପାଇଁ ଶ୍ରୀଲଙ୍କା ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବା ଉଚିତ। ଆଗାମୀ ବିଶ୍ୱକପ୍‌ରେ ଆମ ପାଇଁ ଅବଶ୍ୟ ଅପେକ୍ଷାକୃତ ଅଧିକ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ। ଆଗୁଆ ଯୋଜନା କରି ଆମକୁ ଏକ ଶକ୍ତିଶାଳୀ ଦଳ ଗଠନ ଉପରେ ଧ୍ୟାନ ଦେବାକୁ ହେବ। ଇଂଲଣ୍ଡର ସଫଳତା ପଛରେ ଅଧିନାୟକ ଇଅନ ମୋର୍ଗାନଙ୍କ ନେତୃତ୍ୱକୁ ଶ୍ରେୟ ଦିଆଯିବା ଉଚିତ। ଗତ ୪ ବର୍ଷରେ ଓ ବିଶ୍ୱକପ୍‌ରେ ତାଙ୍କ ନେତୃତ୍ୱ ଦୃଷ୍ଟାନ୍ତମୂଳକ ଥିଲା। ଖେଳାଳିମାନଙ୍କୁ ଆତ୍ମବିଶ୍ୱାସ ଦେବା ସହ ସ୍ୱାଧୀନତା ଦେଇଥିଲେ। ଫଳରେ ଖେଳାଳିମାନେ ମଧ୍ୟ ତାଙ୍କୁ ଯଥେଷ୍ଟ ସମ୍ମାନ ଦେବାରେ ହେଳା କରିନାହାନ୍ତି।

କେନ୍ ୱିଲିୟମସନ ମଧ୍ୟ ଜଣେ ଅସାଧାରଣ ଅଧିନାୟକ ଥିଲେ। ନ୍ୟୁଜିଲାଣ୍ଡ ତରଫରୁ ସର୍ବାଧିକ ରନ ସଂଗ୍ରହ କରି ସେ ଦଳର ଚାପକୁ ନିଜ ମୁଣ୍ଡକୁ ନେଇଥିଲେ। ଅତିସୁନ୍ଦର ଭାବେ ସେ ନେତୃତ୍ୱ ନେଇଥିଲେ। ଦଳକୁ ବିଜୟ ଦେବା ପାଇଁ ସେ ସବୁ ପ୍ରକାର ରଣନୀତି ଆପଣାଇଥିଲେ। ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ପାଇଁ ସେ ବିଶ୍ୱକପର ସବୁଠାରୁ ଯୋଗ୍ୟ ଖେଳାଳି ଥିଲେ ବୋଲି ନିର୍ଦ୍ଦ୍ୱନ୍ଦ୍ୱରେ କୁହାଯାଇପାରେ।

(ଗେମ୍ ପ୍ଲାନ୍)

THE ULTIMATE INVERTER BATTERY
EXIDE
INVATUBULAR

## ଡି’ ଲିଟ୍‌ଙ୍କ ଫି ୭୫ ନିୟୁତ ୟୁରୋ

ରୋମ୍, ୧୮।୭ (ଏଏଫ୍‌ପି)

ଡଚ୍ ସେଣ୍ଟ୍ରାଲ ଡିଫେଣ୍ଡର ମ୍ୟାଥିସ୍ ଡି’ ଲିଟ୍ ୭୫ ନିୟୁତ ୟୁରୋ (୮୪.୨ ନିୟୁତ ଡଲାର) ଫି ବିନିମୟରେ ଆଜାକ୍ସ ଫୁଟ୍‌ବଲ ଟିମ୍‌ରୁ ଆସି ଜୁଭେଣ୍ଟସ୍ ଦଳରେ ଯୋଗଦେଇଛନ୍ତି। ଇଟାଲିଆନ ଚାମ୍ପିୟନ ଦଳ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଜୁଭେଣ୍ଟସ ଇତିହାସରେ ଡି’ ଲିଟ୍ ହେଉଛନ୍ତି ସବୁଠାରୁ ତୃତୀୟ ଦାମୀ ଖେଳାଳି। କ୍ଲବ କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କୁ ସର୍ବାଧିକ ୧୦୫ ନିୟୁତ ୟୁରୋ ଫି’ ବିନିମୟରେ ସ୍ୱାକ୍ଷର କରିଥିବାବେଳେ ଗୋଞ୍ଜାଲେଜ୍ ହିଗୁଏନ୍‌ଙ୍କ ସହିତ ୯୦ ନିୟୁତ ୟୁରୋ ବିନିମୟରେ ଚୁକ୍ତି କରିଥିଲା। ସୂଚନାଯୋଗ୍ୟ, ଗତ ସିଜନରେ ଆଜାକ୍ସ ଦଳକୁ ଚାମ୍ପିୟନ୍ସ ଲିଗ୍ ସେମିଫାଇନାଲରେ ପହଞ୍ଚାଇବାରେ ୧୯ ବର୍ଷୀୟ ଡି’ ଲିଟ୍‌ଙ୍କର ବିଶେଷ ଭୂମିକା ରହିଥିଲା। ତାଙ୍କର ଏହି ପ୍ରଭାବୀ ପ୍ରଦର୍ଶନ ପାଇଁ ୟୁରୋପର ଅଗ୍ରଣୀ କ୍ଲବଗୁଡ଼ିକ ଏହି ଯୁବ ଖେଳାଳିଙ୍କ ସହିତ ଯୋଗାଯୋଗ କରିଥିଲେ। ଡି’ ଲିଟ୍ ଆଜାକ୍ସ ପକ୍ଷରୁ ୧୧୭ଟି ଗେମ୍ ଖେଳିଛନ୍ତି। ସମସ୍ତ ପ୍ରତିଯୋଗିତାରେ ମୋଟ ୧୩ଟି ଗୋଲ ସ୍କୋର କରିଛନ୍ତି।

## ସନରାଇଜର୍ସ କୋଚ୍ ହେବେ ବେଲିସ୍

ନୂଆଦିଲ୍ଲୀ,୧୮।୭(ପିଟି)

ଇଂଲଣ୍ଡର ବିଶ୍ୱକପ୍ ଚାମ୍ପିୟନ କୋଚ୍ ଟ୍ରେଭର ବେଲିସ୍ ଆଇପିଏଲ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦ୍ରାବାଦର ମୁଖ୍ୟ କୋଚ୍ ହେବେ। ସେ ଅଷ୍ଟ୍ରେଲିଆନ ଟମ୍ ମୁଡିଙ୍କ ସ୍ଥାନ ନେବେ ବୋଲି ଗୁରୁବାର ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଛି। ବେଲିସ ଆଗାମୀ ଆଶେସ ସିରିଜ୍ ପରେ ଇଂଲଣ୍ଡ ଦଳର ମୁଖ୍ୟ କୋଚ୍ ପଦ ଛାଡ଼ିବେ। ବହୁ ଚିନ୍ତା କରିବା ପରେ ଦଳ ମୁଡିଙ୍କ ସହ ସମ୍ପର୍କ ଛିନ୍ନ କରିବାକୁ ନିଷ୍ପତ୍ତି ନେଇଛି। ଟ୍ରେଭରଙ୍କ ନେତୃତ୍ୱରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଦୁଇଥର ଆଇପିଏଲ ଚାମ୍ପିୟନ ହୋଇଥିବାବେଳେ ସିଡ୍‌ନୀ ସିକ୍ସର୍ସ ବିଗ୍ ବାଶ ଲିଗ୍ ଜିତିଥିଲା। ଟ୍ରାକ ରେକର୍ଡ ଦେଖି ତାଙ୍କୁ ସନରାଇଜର୍ସ ଦଳକୁ ଆଗକୁ ନେବା ପାଇଁ ନିଯୁକ୍ତ କରାଯାଇଛି। ଆମେ ମୁଡିଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛୁ। ତାଙ୍କ ନେତୃତ୍ୱରେ ଦଳ ୭ ସିଜନରେ ୫ ଥର ପ୍ଲେ ଅଫ୍ ଖେଳିଥିଲା। ୨୦୧୬ରେ ଦଳ ଚାମ୍ପିୟନ ମଧ୍ୟ ହୋଇଥିଲା ବୋଲି ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଛି। ତେବେ ବେଲିସଙ୍କ କାର୍ଯ୍ୟକାଳ ସ୍ପଷ୍ଟ କରାଯାଇନାହିଁ। ଉଲ୍ଲେଖଥାଉ କି, ଚଳିତ ବର୍ଷ ଆଇପିଏଲରେ ହାଇଦ୍ରାବାଦ ଏଲିମିନେଟରରେ ଦିଲ୍ଲୀ କ୍ୟାପିଟାଲ୍ସଠାରୁ ପରାସ୍ତ ହୋଇ ୪ର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶୁକ୍ରବାର, ଜୁଲାଇ ୧୯/୨୦୧୯ Rayagada, Friday, July. 19/ 2019




## ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି

# ଜିଲାର ସମସ୍ତ କୋର୍ଟ ଆଜିଠୁ ବନ୍ଦ

ମାଲକାନଗିରି, ୧୮।୭ (ସ୍ୱ.ପ୍ର.)

ଅବିଭକ୍ତ କୋରାପୁଟରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ମାଲକାନଗିରି ଜିଲା ଓକିଲ ସଂଘ ମଙ୍ଗଳବାରରୁ ୩୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛି। ପିକେଟିଂ କରି କୋର୍ଟ ବନ୍ଦ କରାଯିବାବେଳେ ଜିଲା ଜଜ୍ ଓକିଲଙ୍କ ସହ ଆଲୋଚନା ନ କରି ସିଧା ପୋଲିସକୁ ଡକାଇ ଥିଲେ। ଏହାକୁ ଅବିଭକ୍ତ କୋରାପୁଟ ଜିଲା ଓକିଲ ସଂଘ ସଦସ୍ୟମାନେ ନିନ୍ଦା କରିଛନ୍ତି। ଶୁକ୍ରବାରଠାରୁ ସମସ୍ତ ଅଦାଲତକୁ ଅଚଳ କରାଯିବା ସହ ପିକେଟିଂ କରି ନ୍ୟାୟାଧୀଶମାନଙ୍କୁ ଛଡାଯିବ ନାହିଁ ବୋଲି ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ଅବିଭକ୍ତ କୋରାପୁଟ ଜିଲା ଓକିଲ ସଂଘ ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ୨୪ ତାରିଖରେ ଭେଟି ଦାବି ସମ୍ପର୍କରେ ଜଣାଯିବ ବୋଲି ମଧ୍ୟ ନିଷ୍ପତ୍ତି ନିଆଯାଇଛି। ପ୍ରକାଶଯେ, ଆନ୍ଦୋଳନର ଦ୍ୱିତୀୟ ଦିନରେ ଜିଲା ଜଜ୍ କାର୍ଟକୁ ପିକେଟିଂ କରି ବନ୍ଦ କରାଯାଇଥିଲା। ଜିଲା ଜଜ୍ ଓକିଲ ସଂଘ ସହ ଆଲୋଚନା ନ କରି ସିଧା



ଅବିଭକ୍ତ କୋରାପୁଟ ଓ ମାଲକାନଗିରି ଜିଲା ଓକିଲ ସଂଘ ସଦସ୍ୟମାନେ।

ପୋଲିସକୁ ଡକାଇଥିଲେ ଏବଂ ୪୪୮ ରେ ବୁକ୍ କରିଦେବି ବୋଲି ଓକିଲମାନଙ୍କୁ କହିଥିଲେ। ଜିଲା ଜଜ୍ଙ୍କ ଏତାଦୃଶ୍ୟ କାର୍ଯ୍ୟକଳାପକୁ ବିରୋଧ କରାଯାଇଛି। ଅବିଭକ୍ତ କୋରାପୁଟ

### ୨୪ରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା

ଜିଲା ଓକିଲ ସଂଘ ଆଇନ୍‌ଜୀବୀ ରବିନ୍ଦ୍ର ପାତ୍ର (କନ୍‌ଭେନର), ରମେଶ ପାତ୍ର, ବି.କେ.ଆର. ଜେନା ଦେଓ, ଆନନ୍ଦ ରଥ, ପିଣ୍ଟୁ ମାଝି, ଗିରିଧର ଖରା, ଦିବାକର ଗୌଡ ପ୍ରମୁଖ ୧୫ ଜଣିଆ ଟିମ୍ ଗୁରୁବାର ମାଲକାନଗିରି ଆସିଥିଲେ। ସେମାନେ ଏ ନେଇ ଜିଲା ଜଜ୍ଙ୍କ ସହ ଆଲୋଚନା କରିଥିଲେ। ପୋଲିସକୁ ଟେନ୍‌ସନ୍‌ରେ ଡାକିଥିଲ। ଓକିଲଙ୍କୁ ଗିରଫ କରିବା ଉଦ୍ଦେଶ୍ୟ ନ ଥିଲା ବୋଲି ଜିଲା ଜଜ୍ କହିଥଲେ। ଏହାପରେ କୋର କମିଟି ଓ ମାଲକାନଗିରି ଓକିଲ ସଂଘ ଏକ ସମ୍ମିଳନୀ କକ୍ଷରେ ଏକ ବୈଠକ ହୋଇଥିଲା। ଏହି ବୈଠକରେ ମାଲକାନଗିରି ଓକିଲ ସଂଘ ସଭାପତି ନୃସିଂହ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଆଇନଜୀବୀ ଲମ୍ବୋଧର ଡୁରୁବୁ, ରାମ ପଟ୍ଟନାୟକ, ଗୋବିନ୍ଦ ପାତ୍ର, ଦିଲୀପ ପରିଛା, ବିଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାମୀ ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ

- ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

କାଲିମେଲା, ୧୮।୭(ଡି.ଏନ୍.ଏ.)

ଘରୋଇ କଳହକୁ କେନ୍ଦ୍ର କରି ଟାଙ୍ଗିଆରେ ମାରି ସ୍ତ୍ରୀକୁ ହତ୍ୟା କରିଛି ସ୍ୱାମୀ। ଘଟଣାଟି ଘଟିଛି ମାଲକାନଗିରି ଜିଲା କାଲିମେଲା ଥାନା ଉଣ୍ଡୁକୋଣ୍ଡା ପଞ୍ଚାୟତ ଅଧୀନ ପାଡ଼ଗାନପାଲୀ ଗ୍ରାମରେ। ନିଶାସକ୍ତ ଅବସ୍ଥାରେ ରାମା ମାଡକାମୀ ସ୍ତ୍ରୀ ଭୀମେଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପ୍ରକାଶଯେ, ଗୁରୁବାର ନିଶାଗ୍ରସ୍ତ ଅବସ୍ଥାରେ ରାମା ଘରକୁ ଫେରିଥିଲେ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଘରେ ଥିବା ଏକ ଟାଙ୍ଗିଆରେ ଭୀମେଙ୍କ ମୁଣ୍ଡକୁ ରାମା ଜୋରରେ ଆଘାତ କରିଥିଲେ। ଘଟଣାସ୍ଥଳରେ ହିଁ ଭୀମେ ପ୍ରାଣ ହରାଇଥିଲେ। ଏ ନେଇ ପଡୋଶୀମାନେ କାଲିମେଲା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି। ପୋଲିସ ଅଭିଯୁକ୍ତ ରାମାଙ୍କୁ ଗିରଫ କରିଛି। ଏ ନେଇ କାଲିମେଲା ଥାନାରେ ୧୧୧/୧୯ରେ ଏକ ହତ୍ୟା ମାମଲା ରୁଜୁକରାଯାଇଛିବୋଲିଥାନାଏସ୍‌ଆଇ ସୁନିଲ ସ୍ୱାଇଁ ସୂଚନା ଦେଇଛନ୍ତି।

# ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅତିଥି।

ଚିତ୍ରକୋଣ୍ଡା, ୧୮।୭(ଡି.ଏନ୍.ଏ.)

ଚିତ୍ରକୋଣ୍ଡା ତହସିଲ ଓ ପଞ୍ଚାୟତ ସମିତି ଆନୁକୂଲ୍ୟରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ତହସିଲଦାର ଟି. ପଦ୍ମନାଭ ଦୋରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡ଼ିଓ ଲରିମନ ଖରସେଲ ଓ ଥାନା ଅଧିକାରୀ ରାମ ପ୍ରସାଦ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଧୀନତା ଦିବସ ପୂର୍ବରୁ ସମସ୍ତ ସ୍କୁଲରେ ବିଦ୍ୟାଳୟସ୍ତରୀୟ ଓ ବ୍ଲକସ୍ତରୀୟ ସଙ୍ଗୀତ, ଚିତ୍ରାଙ୍କନ, କୁଇଜ, ନୃତ୍ୟ ଓ କବିତା ଆବୃତି ପ୍ରତିଯୋଗିତା କରାଯିବ। କାର୍ଯ୍ୟକ୍ରମକୁ କିଭଳି ସଫଳ କରାଯିବ ସେ ନେଇ ଆଲୋଚନା କରାଯାଇଛି। ବୈଠକରେ ଚିତ୍ରକୋଣ୍ଡାର ୧୫ ବିଦ୍ୟାଳୟ ଶିକ୍ଷକଙ୍କ ସମେତ ସ୍ଥାନୀୟ ଶିଶୁ ଓ ମହିଳା କଲ୍ୟାଣ ସମିତି, ସାମାଜିକ କର୍ମୀ ଦେବେନ୍ଦ୍ର ଦାସ ଉପସ୍ଥିତ ଥିଲେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

■ ଛାତ୍ରୀନିବାସ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା

# ବାରଣ୍ଡାରେ ପଡ଼ିରହିଛି ଚାଉଳ ବସ୍ତା

ପାରଳାଖେମୁଣ୍ଡି, ୧୮।୭ (ସ୍ୱ.ପ୍ର.)

ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ସିଆଳି ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦୦ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସରେ ଦାୟିତ୍ୱହୀନତାର କାର୍ଯ୍ୟ ଦେଖିବାକୁ ମିଳିଛି। ଏହାର ବାରଣ୍ଡାରେ ଚାଉଳ ବସ୍ତା ଗୁଡ଼ିକ ଅସୁରକ୍ଷିତ ଭାବେ ପଡ଼ିରହିଛି। ହେଲେ ଛାତ୍ରୀ ନିବାସ କର୍ତ୍ତୃପକ୍ଷଙ୍କ ନିକଟରେ ଚାଉଳ ବିଷୟରେ କୌଣସି ଖବର ନାହିଁ କିମ୍ବା ସେମାନେ ଏ ସମ୍ପର୍କରେ କୌଣସି ଉତ୍ତର ରଖିବାକୁ ସମର୍ଥ ହୋଇପାରୁନାହାନ୍ତି । ଏ ସମ୍ପର୍କରେ ସେଠାରେ ଉପସ୍ଥିତଥିବା ଦୁଇ ମହିଳା ରୋଷେୟାଙ୍କୁ ପଚରାଯିବାରୁ ସେମାନେ ଏ ସମ୍ପର୍କରେ କୌଣସି ଉତ୍ତର ରଖି ନ ଥିଲେ । ପରେ ଜଣେ ମହିଳା ଶିକ୍ଷୟିତ୍ରୀଙ୍କୁ ଚାଉଳ ସମ୍ପର୍କରେ ପଚରାଯିବାରୁ ସେ କହିଥିଲେ ଯେ, ଚାଉଳ ବସ୍ତା ଗୁଡ଼ିକ କାଶୀନଗରରୁ ଆସିଛି । ମାତ୍ର ଏହା ଦାୟିତ୍ୱରେ ଥିବା ଶିକ୍ଷକ ଛୁଟିରେ ଅଛନ୍ତି, ସେ ହିଁ ଏହାର ସମ୍ପୂର୍ଣ୍ଣ ଦେଇପାରିବେ। ଏପରିକି ପଡ଼ିରହିଥିବା ଚାଉଳର କୌଣସି ନଥିପତ୍ର ମଧ୍ୟ ନ ଥିବାବେଳେ ସେଗୁଡ଼ିକ ପରେ ଆସିବ ବୋଲି ଶିକ୍ଷୟିତ୍ରୀ କହିଥିଲେ। ତେବେ ଛାତ୍ରୀ ନିବାସ ପାଇଁ ଆସୁଥିବା ଚାଉଳ ଏହିପରି ବାରଣ୍ଡାରେ ପଡ଼ିରହିବା ଏବଂ ଏ ସମ୍ପର୍କରେ କୌଣସି କର୍ମଚାରୀ ସଠିକ ଉତ୍ତର ନ ରଖିବା, ଛାତ୍ରୀମାନଙ୍କ ଖାଦ୍ୟ କେତେ ସୁରକ୍ଷିତ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପକ୍ଷରେ ବର୍ଷା ଦିନରେ ଚାଉଳ ବସ୍ତା ବାହାରେ ପଡ଼ି ଭିଜିଗଲେ ସେଥିପାଇଁ କିଏ ଉତ୍ତରଦାୟୀ ରହିବେ ତାହା ମଧ୍ୟ ବିରାଟ ପ୍ରଶ୍ନ। ଅନ୍ୟପକ୍ଷରେ ଏହି ୧୦୦ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସରେ କେତେ ଜଣ ଛାତ୍ରୀ ରହୁଛନ୍ତି ତାହାର ଉତ୍ତର ମଧ୍ୟ କୌଣସି କର୍ମଚାରୀ ଦେଇପାରିନାହାନ୍ତି । ବିଗତ ଦିନରେ ଖାଦ୍ୟ ଜନିତ କାରଣରୁ ଗଜପତି ଜିଲାର ବିଭିନ୍ନ ହଷ୍ଟେଲରେ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିବା ମଧ୍ୟ ନଜିର ରହିଛି। ତେବେ ଏପରି ବେପରୁଆ ଭାବେ ଛାତ୍ରୀ ନିବାସ ପରିଚାଳନା କରିବାକୁ ନେଇ ଏବେ ପୁଣି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ କାଶୀନଗର ବ୍ଲକ ମଙ୍ଗଳ ଅଧିକାରୀ ଦାୟିତ୍ୱରେ ଥିବା ସଂଜୟ ଲେଙ୍କାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ବିନା ନଥିପତ୍ରରେ ଚାଉଳ ବସ୍ତା ଗ୍ରହଣୀୟ ନୁହେ। ହେଲେ ଉକ୍ତ ଛାତ୍ରୀ ନିବାସରେ ଏପରି ଦାୟିତ୍ୱହୀନ ଘଟଣା କିପରି ଘଟିଛି ତାହାର ତଦନ୍ତ କରାଯିବ।



ଛାତ୍ରୀ ନିବାସ ବାରଣ୍ଡାରେ ଅସୁରକ୍ଷିତ ଭାବେ ପଡ଼ିରହିଥିବା ଚାଉଳ ବସ୍ତା।



ଗ୍ରାମବାସୀ ଅମ୍ବାଝାରୀ ରାସ୍ତା ଅବରୋଧ କରିଛନ୍ତି।

# ନ୍ୟାୟ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ

**ଉରୀଏଲ୍‌ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା**

ଗୁମ୍ମା, ୧୮।୭:

ଗୁମ୍ମା ବ୍ଲକ ଅନ୍ତର୍ଗତ ଅମ୍ବାଝାରି ଗ୍ରାମର ଉରୀଏଲ୍ ଗମାଙ୍ଗଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣାରେ ନ୍ୟାୟ ଦାବି କରି ଗ୍ରାମବାସୀ ଗୁରୁବାର ଅମ୍ବାଝାରି ଠାରେ ରାସ୍ତାରୋକୋ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟଯେ, ଉରୀଏଲ୍ ୬ ତାରିଖରେ ନିଖୋଜ୍ ହୋଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ୭ ତାରିଖରେ ନିକଟସ୍ଥ କାଜୁ ଗଛରୁ ଉରୀଏଲ୍‌ଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଠାବ କରିଥିଲେ। ତେବେ ଯୁବକଙ୍କ ମୃତ୍ୟୁକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଥିଲା। ଏନେଇ ବଡ଼ଭାଇ ଗିଦିଆନ୍ ପାରଳାଖେମୁଣ୍ଡି ଥାନାରେ ଏତଲା ଦେଇଥିଲେ। ଘଟଣାଦିନ ଉରୀଏଲ୍ ଉପର ଆବାସିଂ ଗ୍ରାମର ଆୟୁବ ନାୟକ ଏବଂ ସଞ୍ଜୟ ମଣ୍ଡଳଙ୍କ ସହ ବୁଲୁଥିଲେ। ତେଣୁ ସାନଭାଇର ମୃତ୍ୟୁ ପାଇଁ ଏହି ଦୁଇବ୍ୟକ୍ତି ହିଁ ଦାୟୀ ବୋଲି ସେ ଏତଲାରେ ଉଲ୍ଲେଖ କରିଥିଲେ। ଘଟଣା ସମ୍ପର୍କରେ ପୋଲିସ ତଦନ୍ତ ଜାରି ରହିଥିବା ବେଳେ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉରୀଏଲ୍‌ଙ୍କୁ ଶୀଘ୍ର ନ୍ୟାୟ ଦେବା ପାଇଁ ପରିବାର ଲୋକ ଓ ଗ୍ରାମବାସୀ ଦାବି କରିଛନ୍ତି।

# ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ଫୁଲବାଣୀ ଅଫିସ, ୧୮।୭

ଫୁଲବାଣୀ ବ୍ଲକ ଅଞ୍ଚଳରେ ପୃଥକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବାବେଳେ ଅନ୍ୟଜଣେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ଅଛନ୍ତି। ମୃତକ ହେଲେ ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ ଗଞ୍ଜୁଖୋଲ ଗ୍ରାମର ରାଜୀବ କହଁର। ମିଳିଥିବା ସୂଚନା ଅନୁଯାୟୀ, ଏକ ଟ୍ରାକ୍ଟର (ନଂ.ଓଡି୧୨-୭୩୬୦) ଫୁଲବାଣୀ ବିଶିପଡା ସ୍ଥିତ ସାଲୁଙ୍କି ନଦୀଘାଟରୁ ବାଲି ଲୋଡ କରି ଫେରୁଥିବାବେଳେ ଚକା ଦବି ଯାଇଥିଲା। ରାଜୀବ ପଛପଟକୁ ଯାଇ ଚକ ତଳେ ଇଟା ଦେବା ବେଳେ ହାଇଡ୍ରୋଲିକ ଡାଲା ତାଙ୍କ ମୁଣ୍ଡରେ ପିଟି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଫୁଲବାଣୀ ମେଡିକାଲକୁ ଅଣାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେହପରି ପଞ୍ଚୁଗୁଡା ଗ୍ରାମର ୨ ଯୁବକ ଫୁଲବାଣୀ ଆସି ଘରକୁ ଫେରୁଥିବା ବେଳେ ବରପଦା ପାଖରେ ବାଇକଟି ପୋଲରେ ପିଟି ହୋଇଯାଇଥିଲା। ଚାଳକ ଚକାଡୋଳା ସାହୁ ଆହତ ହୋଇଥିବାବେଳେ ପଛରେ ବସିଥିବା ରଘୁନାଥ ବିଶୋୟୀଙ୍କ ବେକରେ ଗୁରୁତର କ୍ଷତ ହୋଇଥିଲା। ତାଙ୍କୁ ଫୁଲବାଣୀରୁ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଥିବାବେଳେ ଚକାଡୋଳାଙ୍କର ଫୁଲବାଣୀ ମେଡିକାଲରେ ଚିକିତ୍ସା ଚାଲିଛି।

**ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା**





**ସାନ୍‌ଭି ସଲୋନୀ (ପିହୁ)**
ଆପଟ ସାହି, ପ୍ରତାପରୁଦ୍ରପୁର, ବାଲିଅନ୍ତା
ଆଜି ତୁମର ଜନ୍ମଦିବସରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋର ଚଲାପଥ ପୁଷ୍ପିତ ହେବା ସଙ୍ଗେ ସଙ୍ଗେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ, ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ ହେଉ।
ଶୁଭେଚ୍ଛାସହ:
ବାବା, ମାମା, ଅଜା, ଆଇ, ଜେଜେ, ଜେଜେ ମା', ମାମୁ, ମାଇଁ, ବନ୍ଧୁ ଓ ପରିବାରବର୍ଗ
ଧ-୬୭୩୧୬

**ଜନ୍ମଦିନ ଶୁଭେଚ୍ଛା**



ପ୍ରିୟ ସାଜୀ (SAJEE)
ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ତଥା ଭଲପାଇବା।
"ହରିଶ୍"
ଧ-୧୩୪୭୮

# ଗୋରୁପଲ ଉପରେ ମାଡ଼ିଗଲା ଟ୍ରକ୍, ୬ ମୃତ

ହିଞ୍ଜିଳିକାଟୁ,୧୮।୭(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ସହରରେ ବୁଧବାର ବିଳମ୍ବିତ ରାତିରେ ଏକ ସିମେଣ୍ଟ ବୋଝେଇ ଟ୍ରକ ରାସ୍ତା ଉପରେ ଶୋଇଥିବା ଗୋରୁପଲଙ୍କ ଉପରେ ମାଡିଯିବାରୁ ୬ଗୋରୁଙ୍କ ମୃତ୍ୟୁ ଘଟିଛି। ଗୁରୁବାର ରାତିରେ ଏକ ସିମେଣ୍ଟ ବୋଝେଇ ଟ୍ରକ ବ୍ରହ୍ମପୁରରୁ ଆସିକା ଅଭିମୁଖେ ଆସୁଥିଲା। ହିଞ୍ଜିଳିକାଟୁ ସହର ବଇଁଚବଣିଆଠାରେ ଜାତୀୟ ରାଜପଥ ନଂ-୫୯ ଉପରେ ଶୋଇଥିବା ଗୋରୁପଲ ଉପରେ ଟ୍ରକଟି ମାଡି ଯାଇଥିଲା। ଘଟଣାସ୍ଥଳରେ ୬ଗୋରୁଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଟ୍ରକ ଚାଳକ ଆନ୍ଧ୍ରପ୍ରଦେଶର କେ. କାମୟାବଙ୍କୁ ଗିରଫ କରିଛି ।

**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
P.O.: ENGINEERING COLLEGE BURLA, DIST.: SAMBALPUR, ODISHA-768018,
www.vssut.ac.in

No. VSSUT/Estt/5880 Dated: 16.07.2019

**ADVERTISEMENT FOR RECRUITMENT OF TEACHERS AND OFFICERS**

Applications in prescribed format along with required documents are invited from eligible Indian Nationals for recruitment to the posts of Teachers and Officers for Veer Surendra Sai University of Technology, Burla. The details of the number of posts including required qualifications, eligibility criteria, specialisation, scales of pay, reservations, application form and other general information are available at **www.vssut.ac.in**. The applicants for the post of **Dean, Students' Welfare, Professor and Associate Professor** are required to submit Evaluation of Academic Research Score in the prescribed format along with the application forms. The last date for the receipt of applications at VSSUT,Burla is **30.08.2019** during office hours by **Registered/Speed Post** only. University will not be responsible for any kind of postal delay. The qualifications, eligibility criteria, experience, publications and age limit etc. as on the last date of submission of application only will be considered. Incomplete application or applications received after the last date will not be considered. Consequently, the University advertisement **No.VSSUT/Estt/1813** dated **19.05.2018** hereby stand cancelled. However, the candidates who have applied earlier in pursuant to the aforesaid advertisement are required to submit their applications afresh without any application fees. The authority reserves the right to reject any or all the applications or cancel the entire selection process without assigning any reason thereof.

Sd/-
REGISTRAR

**RAMA DEVI WOMEN'S UNIVERSITY**
Vidya Vihar, Bhubaneswar - 751022
www.rdwuniversity.nic.in

**WALK-IN-INTERVIEW**

Application in the prescribed format with CV are invited from desirous organization / persons to act as trainers / counsellors / resource persons in the various programs of career counselling and placement cell of the University for the session 2019-20. Honorarium : Rs.1000/- (Rupees one thousand only/-) per class of 90 minutes duration. Last Date of submission applications is 25.07.2019. For details visit University website www.rdwuniversity.nic.in

Sd./-
Registrar

**RAMA DEVI WOMEN'S UNIVERSITY**
Vidya Vihar, Bhubaneswar - 751022, www.rdwuniversity.nic.in

**WALK IN INTERVIEW**

A Walk-in-Interview will be conducted for the engagement of **Project Assistant (3 Nos.)** at a fellowship of **Rs.22,000/- (Consolidated)** under the "Consolidation of University Research for Innovation and Excellence in Women Universities (CURIE)" project funded by DST, Govt. of India for a period of **3 Years.**

Date of Interview : **03.08.2019**.

Interested candidates are advised to visit Rama Devi Women's University website **www.rdwuniversity.nic.in** for details on minimum qualification and experience.

**Sd./- Prof. Sasmita Mohanty**
**Coordinator**

**GANGADHAR MEHER UNIVERSITY**
**SAMBALPUR-768004, ODISHA**

**RECRUITMENT OF FACULTY**

Gangadhar Meher University invites application from eligible Indian citizens for the following positions :

1. **Assistant Professor [Pay Band of Rs. 15,600-39,100 with AGP of Rs. 6,000.00] - 86 Posts.**

General conditions :

The above positions are available in the following subjects: Anthropology, Biotechnology, Botany, Chemistry, Commerce, Computer Science, Economics, Education, English, Geography, Hindi, History, Library & Information Science, Mathematics, Odia, Philosophy, Physics, Political Science, Psychology, Sanskrit, Sociology, Statistics and Zoology

(i) The Advertisement is for Regular Positions.
(ii) There is an application fee of INR 2750.00 from candidates belonging to General and SEBC Category. The application fee for SC/ST/PwD and Women candidates is INR 1750.00. Those who have applied earlier against the Advertisement No. 001/REC/GMU/FAC: Sambalpur; Dated 28.05.2018 need to pay facilitation charges of INR 250.00 only.
(iii) The link for the detailed advertisement and online application submission module is given herewith: https://recruitment.gmuniversity.ac.in
(iv) The last date for submission of online application complete in all respects is 14th August 2019 at 23.59. The last date of receipt of print copy of the applications with all supporting documents is 24th August 2019 at 17.00. Online submission of application is mandatory.
(v) Application fee is non-refundable. Seven printed copies of the application form will be accepted, when sent through Speed-Post/Registered Post/Courier only.

Advt. No. 002/REC/GMU/FAC; Sambalpur; Dated: 19th July 2019

Sd./- REGISTRAR
GANGADHAR MEHER UNIVERSITY, SAMBALPUR

**ODISHA JOINT ENTRANCE EXAMINATION-2019 (OJEE - 2019)**

No: 352/OJEE19 Date: 18.07.2019

**NOTICE FOR 2ND/Special OJEE FOR B.TECH, Lateral Entry TO B.TECH, MBA, MCA, Lateral Entry TO MCA, B. PHARM and M. PHARM**

Date of Examination: 21.07.2019 (SUNDAY)

2nd / Special OJEE for B.Tech., LE-Tech (Diploma), LE-Tech (B.Sc.), MBA, MCA, LE-MCA, B. Pharm and M. Pharm will be held on 21.07.2019 (SUNDAY) as per the following schedule.

| Date of Examination | Shift and Course | | Type of Examination |
|---|---|---|---|
| | 1st Shift (09.30 AM to 10.30 AM) | 2nd Shift (12.00 Noon to 01.00 PM) | |
| 21.07.2019 (SUNDAY) | B. Tech. B. Pharm | LE-Tech (Dip), LE-Tech (B.Sc.), MBA, MCA, LE-MCA, B.Pharm, M.Pharm | Duration – 1 Hour 60 Questions (Multiple Choice Question Type) |

Candidates are advised to download their Admit Cards for the examination from the OJEE website (**https://ojee.nic.in**).

Candidates are also advised to refer to OJEE websites (**https://ojee.nic.in / https://odishajee.com/**) for complete schedule of activities of 2nd / Special OJEE.

Sd/-
CHAIRMAN, OJEE 2019

Form No. -13
BEFORE THE DEBT RECOVERY TRIBUNAL : CUTTACK : ODISHA
C-71, SECTOR-7, CDA, CUTTACK, ODISHA
O.A. No.37/2019

Allahabad Bank, Bhubaneswar Main Branch ............ Applicant
-Versus-
Dr. Prangya Paramesh Swain ............ Defendant

TO,
Sole Defendant
Dr. Prangya Paramesh Swain, S/o: Ramesh Chandra Swain, Permanent resident of Mahaveer Dental Clinic, Nimapara- 752016, Dist- Puri and at present at Village- Marthapur, PO- Bhanaragarh, PS- Balipatna, Dist- Khurda, Pin Code- 752103.

SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No 37/2019** in the court of Debt Recovery Tribunal, Cuttack for recovery of **Rs.30,91,871/- (Rupees Thirty Lakhs Ninety One Thousand Eight Hundred Seventy One only)** together with current and future interest, costs and other reliefs. The above mentioned defendant is therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within 30 days from the date of publication or on **30.08.2019** at 10.30 A.M as to why reliefs prayed for should not be granted.

Take notice that in case of default, the application will be heard and determined in your absence.

Given under my hand and seal of this Tribunal on this 09th day of July, 2019.

Sd/-
(Manoj Kumar Patnaik)
Registrar

Form No. -13
BEFORE THE DEBT RECOVERY TRIBUNAL : CUTTACK : ODISHA
C-71, SECTOR-7, CDA, CUTTACK, ODISHA
O.A. No.38/2019

Allahabad Bank, Bhubaneswar Main Branch ............ Applicant
-Versus-
Alok Kumar Das and others ............ Defendants

TO,
Defendants
(1) Sri Alok Kumar Das, S/o: Late Satyanarayan Das, Plot No.- N6/176, IRC Village, Nayapalli, Bhubaneswar-751015, Dist- Khordha.
(2) Smt. Sarmistha Mandal, W/o: Sri Alok Kumar Das, Plot No.- N6/176, IRC Village, Nayapalli, Bhubaneswar-751015, Dist- Khordha.
............ Principal Defendants
(3) M/s Basera Designs Private Limited, Plot No.-25(P), Saheed Nagar, Bhubaneswar-751018, Dist- Khordha, represented by its Managing Director, Sri Manoj Kumar Pattnaik, S/o: Nirmal Chandra Pattnaik.
............ Pro-forma Defendant

SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No 38/2019** in the court of Debt Recovery Tribunal, Cuttack for recovery of **Rs.35,35,326/- (Rupees Thirty Five Lakhs Thirty Five Thousand Three Hundred Twenty Six only)** together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within 30 days from the date of publication or on **30.08.2019** at 10.30 A.M as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 09th day of July, 2019.

Sd/-
(Manoj Kumar Patnaik)
Registrar

## ସଂକ୍ଷେପରେ



### ମଦ ଜବତ, ଜଣେ ଗିରଫ

**ରାୟଗଡା ଅଫିସ୍, ୧୮।୭:** ରାୟଗଡା ଟାଉନ ଥାନା ପୋଲିସ ବୁଧବାର ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ବ୍ୟକ୍ତି ଜଣକ ହେଲେ ହାତୀପଥର ରୋଡର ବିନାୟକ ନାଲ୍ଲା । ତାଙ୍କ ନିକଟରୁ ୩୪ଟି ମଦ ବୋତଲ ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ, ବିନାୟକ ଗତ କିଛି ଦିନ ହେବ ଚୋରା ମଦ ବ୍ୟବସାୟ କରି ଆସୁଥିଲେ । ବୁଧବାର ଚୋରାରେ ମଦ ବିକ୍ରି କରିବାକୁ ନିଜ ଘରକୁ ନେଉଥିବା ସମୟରେ ପୋଲିସ ତାଙ୍କୁ ଘର ସମ୍ମୁଖରୁ ଗିରଫ କରିଥିଲା । ଏନେଇ ରାୟଗଡା ଥାନାରେ ଏକ ମାମଲା(ନଂ ୨୨୬/୧୯) ରୁଜୁ କରାଯାଇଥିବା ଆଇଆଇସି ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି ।

### ବୀମା ଟଙ୍କା ମିଳିବାରେ ବିଳମ୍ବ ଅଭିଯୋଗ

**ଚନ୍ଦ୍ରପୁର, ୧୮।୭ (ଡି.ଏନ୍.ଏ.):** ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ଶାଖା ଡାକ କାର୍ଯ୍ୟାଳୟରେ ୨୦୧୨ ମାର୍ଚ୍ଚ ୩ ତରିଖରେ ସ୍ଥାନୀୟ ଅଞ୍ଚଳର ଜଳନ୍ଧର କାଡ୍ରାକା ମାସିକ ୬୬୦ଟଙ୍କା ହିସାବରେ ୭ବର୍ଷ ପାଇଁ ଏକ ଜୀବନ ବୀମା କରାଇଥିଲେ। ପଲିସି ନଂ.୬୪୨୩୮୨ ଅନୁଯାୟୀ ଦୀର୍ଘ ସାତବର୍ଷ ଧରି ଜୀବନ ବୀମା ବାବଦ ଅର୍ଥ ଡାଙ୍ଗସୋରଡା ଡାକ ଶାଖା କାର୍ଯ୍ୟାଳୟରେ ଜମା କରୁଥିଲି। ତଥାପି ଅଦ୍ୟାବଧି ଡାକ ଜୀବନ ବୀମା କାର୍ଯ୍ୟାଳୟ ତରଫରୁ ବୀମା ପଲିସିର ବଣ୍ଡ୍ ମିଳିନି। ପଲିସର ସମ୍ପୂର୍ଣ୍ଣ ଟଙ୍କା ପୈଠକୁ ୬ମାସ ବିତି ଯାଇଥିଲେ ମଧ ଏଯାବତ୍ ତାଙ୍କୁ ନିଜ ଟଙ୍କା ମିଳିନାହିଁ ବୋଲି ଜଳନ୍ଧର କହିଛନ୍ତି। ଉକ୍ତ ଜମାଖାତା ବହିଟି ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ହେଲାଣି ହଜି ଯାଇଥିବା ନେଇ ଗତ ଜାନୁୟାରୀରେ ଏ ଡାଙ୍ଗସୋରଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲି। ଜମା ଟଙ୍କା ରସିଦ୍ ସବୁ ଉକ୍ତ ବହିରେ ରହିଛି ବୋଲି ଜଳନ୍ଧର କହିଛନ୍ତି। ଟଙ୍କା ପାଇଁ ବାରମ୍ବାର କହୁଥିଲେ ମଧ କେହି କର୍ଣ୍ଣପାତ କରୁ ନାହାନ୍ତି। ଟଙ୍କା ପାଇବାକୁ ମୁନିଗୁଡା ପୋଷ୍ଟ ଅଫିସ ଡାକପାଳ ଏବଂ ରାୟଗଡ଼ା ମୁଖ୍ୟ ଡାକ କାର୍ଯ୍ୟାଳୟକୁ ଲିଖିତ ଅଭିଯୋଗ ଦେଇଛନ୍ତି ବୋଲି ଜଳନ୍ଧର କହିଛନ୍ତି। ଡାକ ଜୀବନ ବୀମା ବାବଦରେ ଅର୍ଥ ମିଳିବା ନେଇ ଡାକ ବିଭାଗ ଦୃଷ୍ଟି ଦିଅନ୍ତୁ ବୋଲି ଜମାଖାତାଧାରୀ ଦାବି କରିଛନ୍ତି।

### ଅଦ୍ଭୁତ ମୃତ ଶିଶୁ ଜନ୍ମ

**ଗୁଣପୁର,୧୮।୭(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ବ୍ଲକ ବାଗଶଳା ପଞ୍ଚାୟତ ଦୁଣ୍ଡୁଗୁଡା କୁଡିଆ ଗ୍ରାମର ଜଣେ ମହିଳା ଅଟୋରେ ଏକ ଅଦ୍ଭୁତ ମୃତ ଶିଶୁଙ୍କୁ ଜନ୍ମ ଦେଇଛନ୍ତି । ଗୁରୁବାର ମହିଳାଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ଏକ ଅଟୋରେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଉଥିଲା । ହେଲେ ମହିଳା ଜଣଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପହଁଞ୍ଚିବା ପୂର୍ବରୁ ଅଟୋରେ ଅଦ୍ଭୁତ ମୃତ ଶିଶୁଙ୍କୁ ଜନ୍ମ ଦେଇଥିଲେ । ମହିଳା ଜଣକ ସୁସ୍ଥ ଥିବା ଜଣାପଡିଛି ।

### ଜମିଜମା ବିବାଦ
### ଦୁଇ ଗୋଷ୍ଠୀ ମୁହାଁମୁହିଁ, ୩ ଆହତ

**ବିଷମକଟକ,୧୮।୭:** ରାୟଗଡା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ପାଟବନ୍ଧ ଗ୍ରାମରେ ଜମିଜମା ବିବାଦକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି । ଫଳରେ ୩ ଜଣ ଆହତ ହୋଇଛନ୍ତି । ସେମାନଙ୍କୁ ଗୁରୁତର ଅବସ୍ଥାରେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ପଣସଗୁଡା ଗ୍ରାମର ଅନାଥ କୁଲସିକା ପାଟବନ୍ଧ ଗ୍ରାମ ନିକଟରେ ଥିବା ଏକ ଜମିରେ ଚାଷ କରୁଥିଲେ । ଏହି ସମୟରେ ବିଷମକଟକ ଗ୍ରାମର ମାଳତି ବାଘ ପହଞ୍ଚି ଉକ୍ତ ଜମି ତାଙ୍କର ବୋଲି ଦାବି କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ବିଷମକଟକ ମାର୍କମା ସାହିର ବ୍ରଜସୁନ୍ଦର ପାତ୍ର ଉଭୟଙ୍କୁ ବୁଝାଶୁଝା କରୁଥିବା ବେଳେ ମାଳତି ବାଘ ଏବଂ ତାଙ୍କ ତିନି ପୁଅ ଆସି ଆକ୍ରମଣ କରିଥିଲେ । ଏଥିରେ ବ୍ରଜସୁନ୍ଦର ଓ ଅନାଥ ଆହତ ହୋଇଥିଲେ । ସେହିପରି ମାଳତିଙ୍କ ଜଣେ ପୁଅ ମଧ୍ୟ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଏନେଇ ଉଭୟ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି ।

■ ଏମ୍‌ପିଙ୍କ ପ୍ରଶ୍ନର ଜବାବ ରଖିଲା ରେଳ ମନ୍ତ୍ରଣାଳୟ

# ୫୦% ଅର୍ଥ, ଜମି ଯୋଗାନ୍ତୁ ରାଜ୍ୟ ସରକାର

**ଗୁଣପୁର-ଥେରୁବାଲି ରେଳପଥ**

**ଗୁଣପୁର,୧୮।୭(ଡି.ଏନ.ଏ)**

ବହୁ ଦାବି ପରେ ୨୦୧୭-୧୮ ସାଧାରଣ ବଜେଟରେ ଗୁଣପୁର-ଥେରୁବାଲି ରେଳପଥ ସ୍ଥାନ ପାଇଥିଲା । ଦୀର୍ଘ ୪୭ ବର୍ଷ ପରେ ଏହି ଦାବି ପୂରଣ ହେବାରୁ ଗୁଣପୁର ଅଞ୍ଚଳରେ ଖୁସିର ଲହରି ଖେଳି ଯାଇଥିଲା । ୭୯.୧୫ କିମି ରେଳପଥ ନିମନ୍ତେ ୯୩୫.୭୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା । ବର୍ତ୍ତମାନ ଏହି ରେଳପଥ ପାଇଁ ଅର୍ଥର ଅଭାବ ରହିଛି। ରାଜ୍ୟ ସରକାର ମାଗଣା ଜମି ଯୋଗାଇବା ସହ ୫୦ ପ୍ରତିଶତ ଅର୍ଥ ଯୋଗାଇଲେ ଗୁଣପୁର-ଥେରୁବାଲି ରେଳପଥ କାର୍ଯ୍ୟ ହୋଇ ପାରିବ ବୋଲି ରେଳ ମନ୍ତ୍ରଣାଳୟ କହିଛି । ଗତ ୨ ତାରିଖରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଏହି ରେଳପଥର ଅଗ୍ରଗତି ନେଇ ସଂସଦରେ ପ୍ରଶ୍ନ ଉଠାଇଥିଲେ । ଏହାର ଉତ୍ତରରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଉପୋରକ୍ତ ଜବାବ ବୁଧବାର ଦିଆଯାଇଛି। ରାଜ୍ୟ ଏବଂ କେନ୍ଦ୍ର ସରକାର ଏହାକୁ ଅଗ୍ରାଧିକାର ଏବଂ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଗୁଣପୁର-ଥେରୁବାଲି ମଧ୍ୟରେ ନୂତନ ରେଳପଥ ନିର୍ମାଣ ସହ ଗୁଣପୁର-ନୌପଡା ରେଳପଥର ଭିତ୍ତିଭୂମି ବିକାଶ ହେବ ବୋଲି ୨୦୧୭-୧୮ ସାଧାରଣ ବଜେଟରେ ଘୋଷଣା ହୋଇଥିଲା । ଏଥିପାଇଁ ସବୁଜ ସଙ୍କେତ ମିଳିବା ସହ ଏହାର ନିର୍ମାଣ ପାଇଁ ୯୩୫.୭୨ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିଲା । ବର୍ତ୍ତମାନ ଡିପିଆର୍( ଡିଟେଲ ପ୍ରୋଜେକ୍ଟ ରିପୋର୍ଟ) ପରେ ଏହାର ଖର୍ଚ୍ଚ ବଢି ୧୨୩୭.୭୪ କୋଟି ଟଙ୍କା ହୋଇଛି । ଏହି ରେଳପଥ କୁଜେନ୍ଦ୍ରୀ, ପେଣକାମ, ଦେଉଳା, ରାମନାଗୁଡା ଏବଂ ବାଙ୍କିଲି, କୋଡାଭଡ୍ଡା ଦେଇ ଯିବ। ଏଥିମଧ୍ୟରେ ୮ଟି ବୃହତ୍ ବ୍ରିଜ୍, ୧୧୩ଟି ଛୋଟ ବ୍ରିଜ୍, ଗୋଟିଏ ଓଭର ବ୍ରିଜ୍,୩ଟି ରୋଡ ତଳ ବ୍ରିଜ୍ ଏବଂ ୫୬ଟି ଲେଭଲ କ୍ରସିଂ ପଡିବ । ଏଥିଲାଗି ୫୫୯ ହେକ୍ଟର ଜମି ଆବଶ୍ୟକ ରହିଛି । ଏହାଦ୍ୱାରା ଦାମନଯୋଡିରୁ ଅନୁଗୋଳ ମଧ୍ୟରେ ଆଲୁମିନା ପରିବହନରେ ସୁବିଧା ହେବାସହ ୧୫୦ କିମି ଦୂରତା କମିବ । ଭବିଷ୍ୟତରେ ଜଗଦଲପୁର ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ, ପୁରୀ-ଅହମ୍ମଦାବାଦ, ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟି ତଥା କେତୋଟି ପାସେଞ୍ଜର ଟ୍ରେନ ଏହି ରେଳପଥ ଦେଇ ଯାତାୟାତ ହୋଇପାରିବ। ହେଲେ ରେଳ ମନ୍ତ୍ରଣାଳୟ ଏଥିଲାଗି ଅର୍ଥର ଅଭାବ ରହିଥିବା କହିଛି। ରାଜ୍ୟ ସରକାର ମାଗଣା ଜମି ସହ ୫୦ ପ୍ରତିଶତ ଅର୍ଥ ବିନିଯୋଗ କରିବାକୁ କୁହାଯାଇଛି । ଏହା ରାଜ୍ୟ ସରକାରଙ୍କ ଜବାବ ଅପେକ୍ଷାରେ ରହିଛି ବୋଲି ଏମ୍‌ପିଙ୍କ ପ୍ରଶ୍ନରେ ରେଳ ମନ୍ତ୍ରଣାଳୟ ଉତ୍ତର ରଖିଛି । ୨୦୦୬ ଅଗଷ୍ଟରେ ସର୍ଭେ ହୋଇ ୨୩୨.୩୭ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିଲା। ପରେ ଏହାର ଅଟକଳ ମୂଲ୍ୟ ବୃଦ୍ଧି ପାଇ ୯୩୫.୭୨ କୋଟି ଟଙ୍କାରେ ପହଞ୍ଚିଥିଲା । ଏହି ପ୍ରକଳ୍ପ କାର୍ଯ୍ୟ ୨୦୨୩ ସୁଦ୍ଧା ସରିବା ଲକ୍ଷ୍ୟ ରଖାଯାଇଥିଲା । ଗୁଣପୁର-ନୌପଡ଼ା ରେଳପଥ ବ୍ରଡ୍‌ଗେଜ ହେବା ପରେ ୨୦୧୧ରେ ପ୍ରଥମ ଥର କରି ଗୁଣପୁରରୁ ପୁରୀକୁ ରେଳ ଚଳାଚଳ ଆରମ୍ଭ ହୋଇଥିଲା। ସେହି ସମୟରେ ରାୟଗଡା ଜିଲା ଗୁଣପୁର ସହ ଗଜପତି ଜିଲା ପାଇଁ ଏହା ଗମନାଗମନର ମୁଖ୍ୟ ମାର୍ଗ ରହିଥିଲା। ଏପରି ଏକ ଐତିହାସିକ ତଥା ଶତାୟୁ ରେଳପଥର ବିକାଶ ପାଇଁ ୧୯୭୦ରୁ ଗୁଣପୁରଠାରୁ ଥେରୁବାଲିକୁ ସଂଯୋଗ ପାଇଁ ଦାବି ହୋଇଆସୁଥିଲା । ୧୯୦୨ ମସିହାରେ ପାରଳାଖେମୁଣ୍ଡି ମହାରାଜା ଗଜପତି ଗୌରଚନ୍ଦ୍ର ଦେବ ଆନ୍ଧ୍ର ଓଡିଶା ସୀମାନ୍ତ ମଧ୍ୟରେ ଗମନାଗମନର ସୁବିଧା ପାଇଁ ନୌପଡ଼ା-ପାରଳାଖେମୁଣ୍ଡି ମଧ୍ୟରେ ପ୍ରଥମେ ନିଜସ୍ୱ ଉଦ୍ୟମରେ ନ୍ୟାରୋଗେଜ ସ୍ଥାପନ କରି ରେଳ ଚଳାଚଳ କରିଥିଲେ । ଏହାପରେ ୧୯୩୬ରେ ପାରାଳାଖେମୁଣ୍ଡି - ଗୁଣପୁର ମଧ୍ୟରେ ଓଡିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ କୃଷ୍ଣଚନ୍ଦ୍ର ଗଜପତି ଦେଓଙ୍କ ଉଦ୍ୟମକ୍ରମେ ନ୍ୟାରୋଗେଜ ରେଳପଥ ସ୍ଥାପନ ହୋଇଥିଲା ।



ପରିବା ଚାଷ ପାଇଁ କ୍ଷେତ ପ୍ରସ୍ତୁତ କରାଯାଇଛି।

## ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନୂତନ ପ୍ରଣାଳୀରେ ପରିବା ବଗିଚା ପ୍ରସ୍ତୁତ

**ରାମନାଗୁଡ଼ା,୧୮।୭(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଗୋଗୁପାଡୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନୂତନ ପ୍ରଣାଳୀରେ ପରିବା ବଗିଚା ପ୍ରସ୍ତୁତ କରାଯାଇଛି । ବର୍ଷର ୧୧ ମାସ ଏହି ବଗିଚାରୁ ପରିବା ଅମଳ ହେବ। ବିଶେଷକରି ଶାଗ, ଭେଣ୍ଡି, କଲରା ଜାତୀୟ ପରିବା ଏଠାରୁ ଉତ୍ପାଦନ ହେବ । ଓଡ଼ିଶା ସରକାର, ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ନମୁନା ଭିତ୍ତିରେ ବିଭିନ୍ନ କାର୍ଯ୍ୟାଳୟ ପରିସରରେ ଏହି କାମ ହାତକୁ ନିଆଯାଇଛି । ଆଗାମୀ ଦିନରେ ସ୍ୱୟଂ ସହାୟିକା ଗୋଷ୍ଠୀ, ମହିଳା ଗ୍ରୁପ, ଜୀବିକା ମିଶନ ମାଧ୍ୟମରେ ନିଜ ନିଜର ବାଡ଼ି ବଗିଚାରେ ପରିବା ଉତ୍ପାଦନ କରି ପାରିବେ । ବିଭିନ୍ନ ବିଦ୍ୟାଳୟ ପରିସରରେ ବିଶେଷ କରି ଛାତ୍ରାବାସ ଥିବା ବିଦ୍ୟାଳୟରେ ଏହା ଅଧିକ ପରିମାଣରେ ହାତକୁ ନେବାକୁ ଉଦ୍ୟମ ଜାରି ରହିଛି । ଏହି ପରିବା ଲଗାଇବା ନିମନ୍ତେ ୨ ପ୍ରକାର ବେଡ଼ ପ୍ରସ୍ତୁତ କରାଯାଇଛି । ସମସ୍ତେ ଆୟତାକାର ବେଡ଼ରେ ପରିବା ଅମଳ କରୁଛନ୍ତି । କିନ୍ତୁ ବୃତ୍ତାକାର ବେଡ଼ ପ୍ରଥମ ଥର ନିମନ୍ତେ ପରିକଳ୍ପନା କରାଯାଇଛି । ବୃତ୍ତାକାର ବେଡ଼ର ମଝିରେ କମ୍ପୋଷ୍ଟ ରହିବ । ଚାରିପାଖେ ୭ଟି କ୍ଷେତ୍ରରେ ପରିବାର ଲଗାଯିବ । ମଝିର ଖାଲି ଜାଗାରେ ଚାଉଳ ଧୁଆ ପାଣି, ଘରର ବ୍ୟବହୃତ ପାଣି, ପରିବାର ଚୋପା ପକାଯିବ । ଏହି କାର୍ଯ୍ୟକ୍ରମରେ ବିଡ଼ିଓ ସୁଧାକର ରଇତ, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ସରପଞ୍ଚ ବିଜୟ ମାଣ୍ଡାଙ୍ଗି, ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ଏବଂ ବ୍ଲକର ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ । ଗୋଷ୍ଠୀ ପରିକଳ୍ପନା ପରିଚାଳିକା ଯସ୍ମିନ ମୁଟିକାଙ୍କ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଚାଲିଥିଲା। ଶେଷରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବଂଶୀଧର ସେଠୀ ଧନ୍ୟବାଦ ଦେଇଥିଲେ ।



ରାସ୍ତାରେ ପାଣି ଜମି ରହିଛି ।

## ରାସ୍ତା ଉପରେ ଆଣ୍ଠୁଏ ପାଣି

**କାଶୀପୁର,୧୮।୭(ଡ଼ି.ଏନ.ଏ)**

ରାୟଗଡା ଜିଲା କାଶୀପୁର ବ୍ଲକରେ ଗୁରୁବାର ପ୍ରବଳ ବର୍ଷା ହୋଇଛି । ଫଳରେ ମୁଖ୍ୟରାସ୍ତା ଉପରେ ଆଣ୍ଠୁଏ ପାଣି ପ୍ରବାହିତ ହୋଇଛି। ମୁଖ୍ୟ ରାସ୍ତା କଡ଼ରେ ଥିବା ଡ୍ରେନ ଅଳିଆ ଆବର୍ଜନାରେ ପୋତି ହୋଇଥିବାରୁ ବର୍ଷା ଜଳ ଠିକ୍ ଭାବେ ନିଷ୍କାସନ ହୋଇ ପାରି ନ ଥିଲା । ଫଳରେ ରାସ୍ତା ଉପରେ ବର୍ଷା ପାଣି ଲହଡ଼ି ମାରିଥିଲା । କିଛିଦିନ ତଳେ ପଞ୍ଚାୟତ ପକ୍ଷରୁ ଡ୍ରେନ ସଫେଇ ହୋଇଥିଲେ ମଧ ପୁଣି ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଯାଇଛି । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ।

## ବିପର୍ଯ୍ୟୟ ମୁକାବିଲା ବୈଠକ

**ଜେକେପୁର, ୧୮।୭ (ଡି.ଏନ୍.ଏ.)**

ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ବିପର୍ଯ୍ୟୟ ମୁକାବିଲା ନେଇ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ଼ା ଅତିରିକ୍ତ ଜିଲାପାଳ ସୁଧାକର ଶବର ଅଧ୍ୟକ୍ଷତା କରିଥିଲେ । କାରଖାନା ଓ ବାଷ୍ପିତ୍ର ରାୟଗଡ଼ା ମଣ୍ଡଳର ଉପନିର୍ଦ୍ଦେଶକ ସ୍ୱରୂପ ଜେନା ଜିଲାରେ କାରଖାନା ଏବଂ ରାସ୍ତାରେ ଘଟୁଥିବା ଦୁର୍ଘଟଣାର ମୁକାବିଲା ନେଇ ସମସ୍ତ ପ୍ରସ୍ତୁତି କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲାପାଳ ସମସ୍ତ ପଦାଧିକାରୀଙ୍କୁ ଜିଲାରେ ଗଢ଼ି ଉଠିଥିବା ସଙ୍କଟପ୍ରବଣ କାରଖାନାର ସମସ୍ତ ଜରୁରିକାଳୀନ ତଥ୍ୟ ବିଷୟରେ ଅବଗତ ରହିବା ପାଇଁ ପରାମର୍ଶ ଦେଇଥିଲେ। ଜିଲାର ଆରକ୍ଷୀ ଅଧୀକ୍ଷକ ଶ୍ରବଣ ବିବେକ ଏମ୍ ଜରୁରିକାଳୀନ ପରିସ୍ଥିତିରେ ଉଚିତ ମୁକାବିଲା ପାଇଁ ମକ୍‌ଡ୍ରିଲ୍ ସମୟରେ କାରଖାନା କର୍ତ୍ତୃପକ୍ଷ , ଅଗ୍ନିଶମ, ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସହଭାଗିତା ଉପରେ ମତ ରଖିଥିଲେ। କ୍ରାଇସିସ୍ ଗ୍ରୁପ୍‌ର ସଦସ୍ୟ ସଚିବ ରଞ୍ଜିତ କୁମାର ନାୟକ ଏହି କ୍ରାଇସିସ୍ ଗ୍ରୁପ୍ କାର୍ଯ୍ୟକଳାପ ବିଷୟରେ ଏବଂ ବିଗତ ଦିନରେ ରାସାୟନିକ ଦୁର୍ଘଟଣା ରୋକିବା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ଜିଲାର ୩ଟି ବଡ କାରଖାନା ତଥା ଜେ.କେ. ପେପର, ଉତ୍କଳ ଆଲୁମିନା ଏବଂ ଇମ୍ଫାର କର୍ତ୍ତୃପକ୍ଷ ସେମାନଙ୍କ କାରଖାନାରେ ଜରୁରିକାଳୀନ ପରିସ୍ଥିତିରେ ମୁକାବିଲା ପାଇଁ କାରଖାନାରେ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ।




ବୈଠକରେ ଯୋଗ ଦେଇଥିବା ଅଧିକାରୀମାନେ ।

## ଦୁଇଦିନ ହେଲା ଅନ୍ଧାରରେ ଟିକିରି

**ଟିକିରି,୧୮।୭(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ସବ୍‌ଷ୍ଟେଶନର ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୁଇଦିନ ହେଲା ଟିକିରି ସହିତ ଅନ୍ୟ ଅଞ୍ଚଳ ଅନ୍ଧାରରେ ରହିଛି । ବୁଧବାର ରାତି ୯ଟାରେ ପବନ ବର୍ଷା ହୋଇଥିଲା । ଫଳରେ ବିଦ୍ୟୁତ୍ ସବ୍‌ଷ୍ଟେଶନରେ ଟ୍ରାନ୍ସଫର୍ମରରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ସେବେଠାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି । ଏଥିସହ ସିଗାରାମ ରେଳ ଲାଇନ ବ୍ରିଜ ପାଖରେ କେବୁଲ ଜଳି ଯାଇଥିବା ଜଣାଯାଇଛି । ଯାହାଦ୍ୱାରା ଅଞ୍ଚଳବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି । ଫଳରେ କୌଣସି ପ୍ରକାର ସରକାରୀ ଓ ବେସରକାରୀ କାମ ହୋଇପାରୁ ନାହିଁ । ବିଦ୍ୟୁତ୍ ବିଭାଗର ଆନ୍ତରିକତା ଅଭାବ ଯୋଗୁ ଏହିସବୁ ସମସ୍ୟା ଦେଖା ଦେଇଥିବା ଜଣାଯାଇଛି । ଏ ନେଇ ଜେଇଙ୍କୁ ପଚାରିବାରୁ, ମରାମତି କାମ ଚାଲିଛି । ଖୁବ୍‌ଶୀଘ୍ର ବିଦ୍ୟୁତ୍ ଯୋଗାଇ ଦେବାକୁ ଚେଷ୍ଟା କରୁଛୁ ବୋଲି କହିଛନ୍ତି ।

## ବିଶାଖାପାଟଣାରେ ହେବ ଦକ୍ଷିଣତଟ ରେଳପଥ ମୁଖ୍ୟ କାର୍ଯ୍ୟାଳୟ

**ରାୟଗଡା ଅଫିସ୍, ୧୮।୭**

ପୂର୍ବତଟ ରେଳବାଇର ୱାଲଟର ଡିଭିଜନ ଅଧୀନରେ ଥିବା ରାୟଗଡାକୁ ନୂଆ ଡିଭିଜନ ଭାବେ ଅନୁମୋଦନ ପ୍ରଦାନ କରିଛି । ଏନେଇ ରେଳ ମନ୍ତ୍ରଣାଳୟର ଚିଠି ସଂଖ୍ୟା ୨୦୧୯/ଇଆଣ୍ଡଆର୍/୧(୧)/୧ରେ ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳବାଇର ଜିଏମ୍‌କୁ ଚିଠି ପ୍ରେରଣ କରାଯାଇଛି । ରାୟଗଡାକୁ ପୂର୍ବତଟ ରେଳବାଇର ଏକ ନୂଆ ଡିଭିଜନ ଭାବେ ଗଠନ ପାଇଁ ରେଳ ବିଭାଗ ମଞ୍ଜୁରୀ ପ୍ରଦାନ କରିଛି । ଫଳରେ ବିଶାଖାପାଟଣାଠାରେ ଦକ୍ଷିଣତଟ ରେଳବାଇର ମୁଖ୍ୟ କାର୍ଯ୍ୟାଳୟ ରହିବ । ୱାଲଟର ଡିଭିଜନର କିଛି ଅଂଶ ବିଜୟୱାଡା ଡିଭିଜନରେ ମିଶିବ । ତାହା ଦକ୍ଷିଣତଟ ରେଳବାଇ ଅଧୀନରେ ରହିବ । ଆଉ ବାକି ଅଂଶ ପୂର୍ବତଟ ରେଳବାଇର ରାୟଗଡା ଡିଭିଜନକୁ ଆସିବ । ଯଥାଶୀଘ୍ର ନୂତନ ଭାବେ ଏହି ଡିଭିଜନକୁ କାର୍ଯ୍ୟକ୍ଷମ କରାଇବା ପାଇଁ ରେଳବାଇର ଜଣେ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତି କରିବା ଲାଗି ପୂର୍ବତଟ ରେଳବାଇ ଜିଏମ୍‌କୁ ଚିଠି ହୋଇଛି । ସମ୍ପୃକ୍ତ ନୋଡାଲ ଅଧିକାରୀ ବର୍ତ୍ତମାନ ପୂର୍ବତଟ ରେଳବାଇ ଅଧୀନରେ ଥିବା ୱାଲଟର ଡିଭିଜନର ମୁଖ୍ୟାଳୟ ଏବଂ ଦକ୍ଷିଣତଟ ରେଳବାଇ ଅଧିକାରୀ ଓଏସ୍‌ଡିଙ୍କ ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବେ । ସେହିପରି ନୂଆ ରାୟଗଡା ଡିଭିଜନକୁ ଅତ୍ୟାଧୁନିକ ବିଭିନ୍ନ ସୁବିଧା ଯୋଗାଇ ଦିଆଯାଇ ଅଗଷ୍ଟ ୩୧ ସୁଦ୍ଧା କାର୍ଯ୍ୟକ୍ଷମ କରିବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏହି ସୁବିଧା ହେବାପରେ ରାୟଗଡାରେ ବହୁମାତ୍ରାରେ ଟ୍ରେନଗୁଡିକ ଚଳାଚଳ କରିବା ସହ ଯାତ୍ରୀମାନଙ୍କୁ ଅତ୍ୟାଧୁନିକ ସେବା ମିଳିବ । ଡିଭିଜନ ଗଠନ ଫଳରେ ଏଠାରେ ସ୍କୁଲ, ରାସ୍ତା, ହସ୍‌ପିଟାଲର ଭିତ୍ତିଭୂମି ବିକାଶ ହୋଇପାରିବ ବୋଲି ଜଣାପଡିଛି । ସେହିପରି ବର୍ତ୍ତମାନ ରାୟଗଡା ରେଳ ଷ୍ଟେଶନ୍ ଦେଇ ୬୦ଟି ଏକ୍ସପ୍ରେସ ଟ୍ରେନ ଯାତାୟାତ କରୁଛି । ଯାତ୍ରୀଙ୍କ ସୁବିଧା ନିମନ୍ତେ ପାଦଚଲା ଓଭରବ୍ରିଜ୍ ନିର୍ମାଣ ହୋଇଥିବା ବେଳେ ଦିବ୍ୟାଙ୍ଗ ଓ ବୟସ୍କ ଯାତ୍ରୀଙ୍କ ପାଇଁ ଲିଫ୍ଟ ବ୍ୟବସ୍ଥା ରହିଛି ।

## ବଜ୍ରପାତରେ ୨ ମଇଁଷି ମୃତ

**ବିଷମକଟକ,୧୯।୭**

ବିଷମକଟକ ବ୍ଲକ ଅନ୍ତର୍ଗତ ଡାଲିଆକୁଜି ପଞ୍ଚାୟତର ପୁଶୁଗୁଡା ଗ୍ରାମରେ ବଜ୍ରପାତରେ ୨ ମଇଷିର ମୃତ୍ୟୁ ଘଟିଛି । ଗୁରୁବାର ପ୍ରବଳ ପବନ ସାଙ୍ଗକୁ ବର୍ଷା ହୋଇଥିଲା । ପୁଶୁଗୁଡା ଗ୍ରାମର ନକୁଳ ବିଡିକାଙ୍କ ଦୁଇଟି ମଇଷି ଗଛମୂଳେ ଆଶ୍ରୟ ନେଇଥିଲେ । ଏହି ସମୟରେ ବଜ୍ରପାତ ହେବାରୁ ମଇଷି ୨ଟିର ମୃତ୍ୟୁ ହୋଇଥିଲା । ଖବରପାଇ ରାଜସ୍ୱ ଅଧିକାରୀ ଘଟଣାସ୍ଥଳରେ ପହଁଞ୍ଚି ଘଟଣାର ତଦନ୍ତ କରି ସବିଶେଷ ବିବରଣୀ ତହସିଲଦାରଙ୍କୁ ପ୍ରଦାନ କରିଥିବା ଜଣାଯାଇଛି ।

■ ଆର୍ଥିକ ଅନଟନ

## ନାତିକୁ ବିକିଲେ ଆଈ

**ସୋନପୁର,୧୮ ।୭(ନି.ପ୍ର.)**

ଆର୍ଥିକ ଅନଟନ ଯୋଗୁ ଆଈ ନିଜର ୧ ବର୍ଷର ନାତିକୁ ଝିଅଠାରୁ ଅଲଗା କରି ଅନ୍ୟତ୍ର ବିକ୍ରି କରିବାକୁ ପଛାଇ ନାହାନ୍ତି। ସୁବର୍ଣ୍ଣପୁର ଜିଲା ବିନିକା ଥାନା ବିଶାଳପାଲିରେ ଏଭଳି ଘଟଣା ଘଟିଛି। ଶିଶୁପୁତ୍ର ବିକ୍ରି ହୋଇଥିବା ନେଇ ଶିଶୁର ମା' ସସ୍ମିତା କୁମ୍ଭାର(୨୨) ବିନିକା ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ସେ ଅସୁସ୍ଥ ଥିବା ସମୟରେ ତାଙ୍କ ମା, ତଥା ଶିଶୁର ଆଈ ଜୟନ୍ତୀ ଜଗଦଲା(୪୭) ଶିଶୁକୁ ବିକ୍ରି କରିଛନ୍ତି। ଗତ ୨ମାସ ପୂର୍ବରୁ ଶିଶୁ ବିକ୍ରି ହୋଇଛି। ଏଥିରେ ଜୟନ୍ତୀଙ୍କୁ ସ୍ଥାନୀୟ ବଲାରଙ୍ଗା ଅଞ୍ଚଳର ଦଶରଥ ସୁନା ସହଯୋଗ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ବିନିକା ପୋଲିସ ତଦନ୍ତ ଆରମ୍ଭ କରିଛି। ଜୟନ୍ତୀଙ୍କୁ ପଚରାଉଚୁରା ସମୟରେ ଝିଅ ସସ୍ମିତାଙ୍କ ଜାଣତରେ ରାୟଗଡା ଜିଲାରେ ଶିଶୁକୁ ବିକ୍ରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ତେବେ ପୋଲିସ ଜୟନ୍ତୀଙ୍କୁ ଥାନାରୁ ଛାଡି ଦେଇଛି । ପ୍ରକାଶ ଯେ, ସସ୍ମିତା ନୂଆପଡା ଜିଲା ବାଙ୍ଗିବାହାଲରେ ବିବାହ କରିଥିଲେ। ସ୍ୱାମୀଙ୍କର ମୃତ୍ୟୁ ହେବାରୁ ମା'ଙ୍କ ସହିତ ବିଶାଳପାଲିରେ ରହି ସେ ରାଇସ୍ ମିଲ୍‌ରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ମଜୁରି ଟଙ୍କାରେ ଝିଅ ଆରୁଷୀ(୫) ଓ ପୁଅ ଅମନ(୧)ଙ୍କୁ ପ୍ରତିପୋଷଣ କରୁଥିଲେ। ତେବେ ଦେହ ଖରାପ ହେବାରୁ ସେ ଆଉ କାମ କରିବାକୁ ଯାଇ ପାରୁ ନ ଥିଲେ। ଏହି ସୁଯୋଗରେ ସେ ଘରେ ଶୋଇଥିବା ସମୟରେ ଜୟନ୍ତୀ ନାତିକୁ ବିକ୍ରି କରିଥିବା ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାକୁ ହାଲୁକା ଭାବେ ନେବା ସହିତ ତଦନ୍ତ ଚାଲିଥିବା ଆଳରେ ଗଣମାଧ୍ୟମକୁ କୌଣସି ସୂଚନା ଦେଉନାହିଁ।

## ମ୍ୟାଲେରିଆ, ଡେଙ୍ଗୁ ନେଇ ସଚେତନତା

**ଜେକେପୁର,୧୮।୭(ଡ଼ି.ଏନ.ଏ)**




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀମାନେ ।

ରାୟଗଡ ଜିଲା ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସୌଜନ୍ୟରେ ଗୁରୁବାର ଜେକେପୁରସ୍ଥିତ ସ୍ଥାନୀୟ ଭେଙ୍କଟେଶ୍ୱର ମନ୍ଦିର ପ୍ରାଙ୍ଗଣ ସମ୍ମିଳନୀ କକ୍ଷରେ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ପି.ଗୌରୀଶଙ୍କର ଅଧ୍ୟକ୍ଷତା କରିଥିଲେ । ଏଥିରେ ରାୟଗଡା ଅତିରିକ୍ତ ଜିଲାପାଳ ସୁଧାକର ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାୟଗଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ମାଝି,ଏବିଡିଓ ନୃସିଂହଚରଣ ପଟ୍ଟନାୟକ, ଜିଲା ମ୍ୟାଲେରିଆ ଅଧିକାରୀ ଡାକ୍ତର ବି.ଲକ୍ଷ୍ମୀ ନାରାୟଣ ପୃଷ୍ଟି, ବ୍ଲକ ଅଧକ୍ଷ ପେଦେଣ୍ଟି ରାମୁଲୁ, ଜେକେ କାଗଜ କଳ ଲୋକ ସମ୍ପର୍କ ଅଧିକାରୀ ସୁନୀଲ କୁମାର ନାଥ, ରାୟଗଡ ବ୍ଲକ ସିଡିପିଓ ସୁଶ୍ରୀ ପୁଷ୍ପାଞ୍ଜଳୀ ମିଶ୍ର,'ଏ' ଜୋନର ଜିଲା ପରିଷଦ ସଭ୍ୟା ଅମ୍ବିକା ବିଡିକା, ସ୍ନେହଲତା ପାତ୍ରୀ, ଜେମାଦେଇପେଣ୍ଠ ସିଏଚସି ମେଡିକାଲ ଅଧିକାରୀ ଡାକ୍ତର ପ୍ରଦୀପ୍ତ କୁମାର ସୁବୁଦ୍ଧି ମଞ୍ଚସୀନ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ୫ଟି ପଞ୍ଚାୟତର ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଏଏନ୍‌ଏମ୍, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ଡାକ୍ତର, ସରପଞ୍ଚ, ୱାର୍ଡମେମ୍ବରମାନେ ଯୋଗ ଦେଇଥିଲେ। ବର୍ତ୍ତମାନ ବର୍ଷା ଦିନ ହୋଇଥିବାରୁ ମ୍ୟାଲେରିଆ, ଡେଙ୍ଗୁ ଜ୍ୱରରୁ ମୁକ୍ତି ପାଇବା ପାଇଁ ମଶାରି ବ୍ୟବହାର କରିବା, ନିଜ ଆଖପାଖ ଅଞ୍ଚଳରେ ପାଣି ଜମିବାକୁ ନ ଦେବା, ଖାଇବା ପୂର୍ବରୁ ଓ ପରେ ସାବୁନରେ ହାତ ଧୋଇବା ,ବିଶୁଦ୍ଧ ପାନୀୟ ଜଳ ପିଇବା ଓ ଶୌଚାଳୟ ବ୍ୟବହାର କରିବା ନେଇ ସଚେତନତା କରାଯାଇଥିଲା ।